# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 190 ଭାଗ ୩୪ | ସଂଖ୍ୟା ୧୯୦ | Thursday 1 October 2026 | Page 8 Rs. 5.00 | ଭୁବନେଶ୍ୱର ଗୁରୁବାର, ୧ ଅକ୍ଟୋବର ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା




ୟୁଏଇରୁ ଆସିଲେ ନୀରବଙ୍କ ସହଯୋଗୀ ପୃଷ୍ଠା ୪

# ଶିଶୁ ଶ୍ରମିକ ମୁକ୍ତ ହେବ ଓଡ଼ିଶା

**ଗାନ୍ଧି ଜୟନ୍ତୀରୁ ଆରମ୍ଭ ହେବ ଅଭିଯାନ**

**୪୪ଦିନିଆ ଅଭିଯାନରେ ୪ ବିଭାଗ ସାମିଲ**

**ଗ୍ରାମସଭାରେ ପାରିତ ହେବ ସଂକଳ୍ପ**

**ଶିଶୁ ଦିବସରେ ଶିକ୍ଷା ଅଧିକାର ପାଇଁ ଶପଥ ନେବେ ଛାତ୍ରଛାତ୍ରୀ**

**ସ୍କୁଲକୁ ଫେରିବେ ଅଧାରୁ ପାଠ ଛାଡ଼ିଥିବା ଶିକ୍ଷାର୍ଥୀ ଓ ଶିଶୁ ଶ୍ରମିକ**



ଭୁବନେଶ୍ୱର,୩୦।୯(ସଂଚାର ବ୍ୟୁରୋ): ରାଜ୍ୟର ସବୁ ପଞ୍ଚାୟତକୁ ଶିଶୁ ଶ୍ରମିକ ମୁକ୍ତ କରିବା ପାଇଁ ରାଜ୍ୟ ସରକାର ବଡ଼ ଯୋଜନା କରିଛନ୍ତି। ଗାନ୍ଧି ଜୟନ୍ତୀରୁ ଏନେଇ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହେବ। ଏଥିପାଇଁ ସବୁ ଗାଁରେ ଗ୍ରାମସଭା ଓ ପଲ୍ଲୀସଭା। ଏହି ସଭାରେ ପଞ୍ଚାୟତିରାଜ ପ୍ରତିନିଧି, ବିଦ୍ୟାଳୟ ପରିଚାଳନା କମିଟି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ ଓ ଗ୍ରାମବାସୀମାନେ ଏକତ୍ରିତ ହୋଇ ପଞ୍ଚାୟତକୁ ଶିଶୁ ଶ୍ରମିକ ମୁକ୍ତ ପାଇଁ ସାମୂହିକ ସଂକଳ୍ପ ନେବେ। ଗ୍ରାମାଞ୍ଚଳରୁ ଶିଶୁ ଶ୍ରମିକ ପ୍ରଥାକୁ ସମ୍ପୂର୍ଣ୍ଣ ମୂଳପୋଛ କରିବା ଓ ପ୍ରତ୍ୟେକ ଶିଶୁଙ୍କୁ ସ୍କୁଲ ସହ ଯୋଡ଼ିବା ଲକ୍ଷ୍ୟ ନେଇ ରାଜ୍ୟ ସରକାର ଗୁରୁତ୍ୱପୂର୍ଣ୍ଣ ଯୋଜନା ହାତକୁ ନେଇଛନ୍ତି। ଆସନ୍ତା ୨୦୨୯ ସୁଦ୍ଧା ରାଜ୍ୟର ପ୍ରତିଟି ଗ୍ରାମପଞ୍ଚାୟତକୁ ଶିଶୁ ଶ୍ରମିକମୁକ୍ତ କରିବା ନିମନ୍ତେ ରୋଡମ୍ୟାପ୍ ପ୍ରସ୍ତୁତ କରିବା ସହ ଆସନ୍ତା ଗାନ୍ଧି ଜୟନ୍ତୀରୁ ରାଜ୍ୟସ୍ତରୀୟ ଅଭିଯାନ ଆରମ୍ଭ ପାଇଁ ନିଷ୍ପତ୍ତି ନେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ଅକ୍ଟୋବର ୨ ତାରିଖ ଗାନ୍ଧି ଜୟନ୍ତୀରୁ ନଭେମ୍ବର ୧୪ ତାରିଖ ଶିଶୁ ଦିବସ ପର୍ଯ୍ୟନ୍ତ ଏହି ଅଭିଯାନ ଚାଲିବ।

ସରକାରଙ୍କ ୪ଟି ବିଭାଗର ମିଳିତ ସହଭାଗିତାରେ ଏହି ରାଜ୍ୟସ୍ତରୀୟ ଅଭିଯାନକୁ ସଫଳ କରିବା ନିମନ୍ତେ ଗ୍ରାମସଭା ଓ ପଲ୍ଲୀସଭାର ଆୟୋଜନ କରାଯିବ ଓ ସାମୂହିକ ସଂକଳ୍ପ ପାରିତ ସହ ସଚେତନତା ପଦଯାତ୍ରା ମଧ୍ୟ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ରାଜ୍ୟ ଶ୍ରମ ବିଭାଗ, ପଞ୍ଚାୟତିରାଜ ବିଭାଗ, ସ୍କୁଲ ଓ ଗଣଶିକ୍ଷା ବିଭାଗ ଏବଂ ମିଶନ ଶକ୍ତି ବିଭାଗର ସଚିବମାନେ ମିଳିତ ଭାବେ ଏନେଇ ଜିଲ୍ଲାପାଳମାନଙ୍କୁ ଚିଠି ଲେଖି ଏହି ରାଜ୍ୟସ୍ତରୀୟ ଅଭିଯାନକୁ ସଫଳ କରିବା ନିମନ୍ତେ ସେମାନଙ୍କ ବିଭାଗର କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଛନ୍ତି। ଆଉ ଏହି ମିଳିତ ଅଭିଯାନରେ ପଞ୍ଚାୟତକୁ କେନ୍ଦ୍ରବିନ୍ଦୁ ରଖାଯାଇଛି।

ଏହି ଅଭିଯାନ ନିମନ୍ତେ ଗାନ୍ଧି ଜୟନ୍ତୀ ଅବସରରେ ରାଜ୍ୟର ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା ଓ ପଲ୍ଲୀସଭା ଅନୁଷ୍ଠିତ ହେବ। ଏହି ସଭାରେ ପଞ୍ଚାୟତିରାଜ ପ୍ରତିନିଧି, ବିଦ୍ୟାଳୟ ପରିଚାଳନା କମିଟି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ ଓ ଗ୍ରାମବାସୀମାନେ ଏକତ୍ରିତ ହୋଇ ପଞ୍ଚାୟତକୁ ଶିଶୁ ➪ପୃଷ୍ଠା-୬

## ଫ୍ଲାଏ ଦୁବାଇ ବିମାନ କକ୍‌ପିଟ୍‌ରେ ପାଇଲଟ୍‌ଙ୍କୁ ଛୁରାମାଡ଼




**୧୮୦ ଯାତ୍ରୀଙ୍କ ଜୀବନ ବଞ୍ଚାଇଲେ ଭାରତୀୟ ପାଇଲଟ୍**

**ବିମାନ ଅପହରଣ ଯୋଜନା ଥିବା ସନ୍ଦେହ**

ଦୁବାଇ,୩୦।୯: ଦୁବାଇରୁ ତେଲ ଅଭିଭ ଯାଉଥିବା ଫ୍ଲାଏ ଦୁବାଇ ବିମାନ ଅପହରଣ ଖବର ସମଗ୍ର ଇସ୍ରାଏଲ ଓ ବିଶ୍ୱରେ ଭୟଙ୍କର ପରିସ୍ଥିତି ସୃଷ୍ଟି କରିଥିଲା। ବିମାନଟିରେ ୧୮୦ ଜଣ ଯାତ୍ରୀ ଥିଲେ, ଯାହାଙ୍କ ମଧ୍ୟରୁ ଅଧିକାଂଶ ଇସ୍ରାଏଲୀ ନାଗରିକ ରହିଥିଲେ। ଅପହରଣ ଖବର ସେମାନଙ୍କ ଜୀବନକୁ ବିପଦରେ ପକାଇଥିଲା। ପରେ ଜଣାପଡିଲା ଯେ ଜଣେ ପାଇଲଟ୍ ବିମାନର ନିୟନ୍ତ୍ରଣ ନେବାକୁ ଚେଷ୍ଟା କରି ପ୍ରଥମ ପାଇଲଟ୍‌ଙ୍କୁ ଛୁରି ଭୁସି ହତ୍ୟା କରିବାକୁ ଚେଷ୍ଟା କରିଥିଲେ ଓ ଏହାକୁ ସିଧାସଳଖ ଭୂମିରେ ଖସାଇ ଦେବାକୁ ଉଦ୍ୟମ କରିଥିଲେ। ଏହି ଘଟଣା ସମୟରେ ବିମାନଟି ହଠାତ୍ ୧୪ ➪ପୃଷ୍ଠା-୬

**ପିଏମଜିଏସୱାଇ ପ୍ରକଳ୍ପ ଉଦ୍‌ଘାଟନ ବିବାଦ**

## ସାଂସଦ ଓ ବିଧାୟକଙ୍କୁ ନିମନ୍ତ୍ରଣ ବାଧ୍ୟତାମୂଳକ




**କେନ୍ଦ୍ରର ଗାଇଡଲାଇନ ପରେ ସବୁ ଯନ୍ତ୍ରୀଙ୍କୁ ଚିଠି**

ଭୁବନେଶ୍ୱର,୩୦।୯(ସଂଚାର ବ୍ୟୁରୋ): ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା (ପିଏମଜିଏସୱାଇ) ପ୍ରକଳ୍ପ ଉଦଘାଟନରେ ସାଂସଦଙ୍କ ଉପସ୍ଥିତି ବାଧ୍ୟତାମୂଳକ। କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ବିଭାଗର ଗାଇଡଲାଇନ୍ ଜାରି ପରେ ରାଜ୍ୟ ସରକାର ତତ୍ପରତା ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ଅଧୀନରେ ଅନୁମୋଦିତ ପ୍ରକଳ୍ପଗୁଡ଼ିକର ଭିତ୍ତିପ୍ରସ୍ତର ସ୍ଥାପନ ବା ଉଦଘାଟନୀ ଉତ୍ସବ ହେଉ। ସବୁଥିରେ ସାଂସଦମାନଙ୍କୁ ନିମନ୍ତ୍ରଣ କରାଯିବା ବାଧ୍ୟତାମୂଳକ ରହିବ।

କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ବିଭାଗ ନଜରକୁ ଆସିଛି ଯେ ବହୁ ସ୍ଥାନରେ ଏହାର ଉଲ୍ଲଂଘନ ହେଉଛି। ଯେଉଁଥିପାଇଁ ସାଂସଦମାନଙ୍କ ପକ୍ଷରୁ ମନ୍ତ୍ରାଳୟ ପାଖରେ ବହୁ ସମୟରେ ଅଭିଯୋଗ କରାଯାଉଛି। ➪ପୃଷ୍ଠା-୬

**ମୋଦି କ୍ୟାବିନେଟ୍‌ର ବଡ଼ ନିଷ୍ପତ୍ତି**

## ୬ ରବି ଫସଲର ଏମ୍‌ଏସ୍‌ପି ବଢ଼ିଲା

**ଗ୍ରୀନ୍ ଏନର୍ଜି କରିଡରକୁ ମଞ୍ଜୁରୀ**



ନୂଆଦିଲ୍ଲୀ,୩୦।୯: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଆଜି ବସିଥିବା କେନ୍ଦ୍ର କ୍ୟାବିନେଟ୍ ବୈଠକରେ କୃଷି ଓ ଅକ୍ଷୟ ଶକ୍ତି କ୍ଷେତ୍ରକୁ ନେଇ ଏକାଧିକ ନିଷ୍ପତ୍ତି ନିଆଯାଇଛି। ବିଶେଷକରି ୨୦୨୭-୨୮ ମାର୍କେଟିଂ ସିଜନ୍ ପାଇଁ ୬ଟି ରବି ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି) ବୃଦ୍ଧିକୁ ଅନୁମୋଦନ ମିଳିଛି।

କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ଅନୁସାରେ, ଗହମର ଏମଏସପି କ୍ୱିଣ୍ଟାଲ ପିଛା ୨୫ ଟଙ୍କା ବଢ଼ି ୨,୬୧୦ ଟଙ୍କା ହୋଇଛି। ସେହିପରି ବାର୍ଲିର ଏମଏସପି ୧୩୬ ଟଙ୍କା ବଢ଼ି ୨,୨୮୬ ଟଙ୍କା, ଚଣା ୮୩ ଟଙ୍କା ➪ପୃଷ୍ଠା-୬

## ଦ୍ୱିଶତକରେ ଗିଲ୍ ଦ୍ରୁତତମ



ଗୌହାଟୀ,୩୦।୯: ଭାରତୀୟ ଦିନିକିଆ ଦଳର ଅଧିନାୟକ ଶୁବମାନ ଗିଲ୍ ଆଜି ଏଠାରେ ଖେଳାଯାଇଥିବା ୱେଷ୍ଟଇଣ୍ଡିଜ୍ ବିପକ୍ଷ ଦ୍ୱିତୀୟ ଦିନରେ ଅପରାଜିତ ୨୨୩ ରନ୍ କରିବା ଅବସରରେ ଏକାଧିକ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ସେ ମାତ୍ର ୧୧୭ଟି ବଲ୍‌ରେ ଦ୍ୱିଶତକ ପୂରଣ କରି ଦିନିକିଆ କ୍ରିକେଟ୍‌ରେ ଏ କ୍ଷେତ୍ରରେ ଦ୍ରୁତତମ ସାବ୍ୟସ୍ତ ହୋଇଛନ୍ତି। ଏ କ୍ଷେତ୍ରରେ ସେ ଭାରତର ଈଶାନ୍ କିଶନ୍‌ଙ୍କୁ ପଛରେ ପକାଇଛନ୍ତି, ଯିଏକି ୧୨୬ଟି ବଲ୍‌ରେ ଦ୍ୱିଶତକ କରିଥିଲେ। ଏଥିସହ ଗିଲ୍ ପ୍ରଥମ ଅଧିନାୟକ ଭାବେ ଦୁଇଟି ଦ୍ୱିଶତକ କରିବାର ରେକର୍ଡ ମଧ୍ୟ ନିଜ ନାମରେ କରିଛନ୍ତି। ସେହିପରି ମାତ୍ର ୬୨ଟି ବଲ୍‌ରେ ଶତକ କରି ଭାରତୀୟ ଅଧିନାୟକ ଭାବେ ଏ ➪ପୃଷ୍ଠା-୬

## ଭିଆରଏସ ପାଇଁ ସିଇଓ ଆର ସନ୍ଥଗୋପାଳନଙ୍କ ଆବେଦନ

**ଅବସରର ଦୁଇ ବର୍ଷ ପୂର୍ବରୁ ଚାକିରି ଛାଡୁଛନ୍ତି ସନ୍ଥଗୋପାଳନ**

**ସର୍ବଭାରତୀୟ ସେବା ଅଧିକାରୀ ଭିଆରଏସ ନେବାର ନୂଆ ପରମ୍ପରା**



ବରିଷ୍ଠ ଆଇଏଏସ୍ ଅଫିସର ଆର ସନ୍ଥଗୋପାଳନ ସ୍ୱେଚ୍ଛାକୃତ ଅବସର (ଭିଆରଏସ୍) ପାଇଁ ଆବେଦନ କରିଛନ୍ତି। ଆଜି ମୁଖ୍ୟ ସଚିବ ଅନୁ ଗର୍ଗଙ୍କୁ ଭେଟି ବ୍ୟକ୍ତିଗତ କାରଣ ପାଇଁ ସେ ଭିଆରଏସ ନେବାକୁ ଆଗ୍ରହୀ ଥିବା ଜଣାଇଛନ୍ତି। ତାଙ୍କ ଚାକିରି କାଳ ଆହୁରି ପ୍ରାୟ ଦୁଇବର୍ଷ ଥିବାବେଳେ ତାଙ୍କର ଏହି ଅପ୍ରତ୍ୟାଶିତ ନିଷ୍ପତ୍ତିକୁ ନେଇ

ଭୁବନେଶ୍ୱର,୩୦।୯(ସଂଚାର ବ୍ୟୁରୋ): ଜାତୀୟ ସ୍ତରରେ ଏସଆଇଆର ବିବାଦ ତୀବ୍ର ହୋଇଥିବା ବେଳେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ଥିବା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ତଥା ୨୦୦୧ ବ୍ୟାଚର ପ୍ରଶାସନିକ କରିଡ଼ରରେ କଳ୍ପନାଜଳ୍ପନା ପ୍ରକାଶ ପାଇଛି।

୨୦୨୪ ଜୁଲାଇ ମାସରେ ସିଇଓ ଭାବେ ସେ ଦାୟିତ୍ୱ ନେଇଥିଲେ। ନିକଟରେ ତାଙ୍କ ନେତୃତ୍ୱରେ ରାଜ୍ୟ ନିର୍ବାଚନ କମିଶନଙ୍କ ➪ପୃଷ୍ଠା-୬

## ଆଜି ତୁଟିବ ମହାନଦୀ ବିବାଦ!

**ଗୃହମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବୈଠକ**



ଭୁବନେଶ୍ୱର,୩୦।୯(ସଂଚାର ବ୍ୟୁରୋ): ଗୁରୁବାର ମହାନଦୀ ନେଇ ଆଲୋଚନା। କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହଙ୍କ ମଧ୍ୟସ୍ଥତାରେ ଦୁଇ ମୁଖ୍ୟମନ୍ତ୍ରୀଙ୍କ ବୈଠକ ହେବା ସମ୍ଭାବନା ସବୁଥିରେ ଅଛି, ଏମିତି ଅଡୁଆ ସୂତାକୁ ଠିକ କରାଯିବ ବୋଲି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ମହାନଦୀ ପ୍ରସଙ୍ଗରେ ଅମିତ ଶାହ ମଧ୍ୟସ୍ଥତା କରିଛନ୍ତି, ଦୁଇ ମୁଖ୍ୟମନ୍ତ୍ରୀ ରାଜି ଅଛନ୍ତି ନିଶ୍ଚୟ ସମାଧାନ ହେବ ବୋଲି ମନମୋହନ ସାମଲ କହିଛନ୍ତି। କେସ୍ କରି ଓଡ଼ିଶାର ବିକାଶ ବନ୍ଦ କରିବାକୁ ଚେଷ୍ଟା କରୁଥିଲେ ବିରୋଧୀ। ଅମିତ ଶାହ ମଧ୍ୟସ୍ଥତା କରିଛନ୍ତି, ଦୁଇ ମୁଖ୍ୟମନ୍ତ୍ରୀ ରାଜି ଅଛନ୍ତି ନିଶ୍ଚୟ ସମାଧାନ ହେବ।

ସେପଟେ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ଦୁଇ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ମହାନଦୀ ବିବାଦ ସମାଧାନ ନେଇ ବସିବାକୁ ଥିବା ବୈଠକକୁ ନେଇ ପ୍ରସନ୍ନ ଆଚାର୍ଯ୍ୟ ➪ପୃଷ୍ଠା-୬

**ଛାତ୍ର ସଂସଦ ନିର୍ବାଚନ**

## ଅଡୁଆରେ ଛାତ୍ର ସଂଘ

**ଏବିଭିପି ପାଇଁ ସମ୍ମାନର ପ୍ରଶ୍ନ**

**ଦୁଇ ବିରୋଧୀ ଛାତ୍ରସଂଘର ନାହିଁ ପ୍ରସ୍ତୁତି**



ଭୁବନେଶ୍ୱର,୩୦।୯(ସଂଚାର ବ୍ୟୁରୋ): ଛାତ୍ର ସଂସଦ ନିର୍ବାଚନକୁ ନେଇ ଏବେ ରାଜ୍ୟର ପ୍ରମୁଖ ଛାତ୍ରସଂଘଗୁଡ଼ିକ ଅଡୁଆରେ ପଡ଼ିଛନ୍ତି। ଗୋଟିଏ ପଟେ ଶାସକ ଦଳ ସମର୍ଥିତ ଛାତ୍ର ସଂଗଠନ ଏବିଭିବି ନିର୍ବାଚନ ପାଇଁ ଅଡ଼ି ବସିଥିବା ବେଳେ ଅନ୍ୟ ପଟେ ଦୁଇ ବିରୋଧୀ ଦଳ ସମର୍ଥିତ ଛାତ୍ର ବିଜେଡି ଓ ଛାତ୍ର କଂଗ୍ରେସ ନିର୍ବାଚନକୁ ନେଇ ଆଶା ଓ ଆଶଙ୍କା ଭିତରେ ଅଛନ୍ତି। ସମସ୍ତଙ୍କ ନଜର ସରକାରଙ୍କ ଉପରେ ରହିଥିବା ବେଳେ ହାତରେ କିନ୍ତୁ ଏଥିପାଇଁ ସମୟ ନ ଥିବା କୁହାଯାଉଛି। ରାଜ୍ୟରେ ଆଠ ବର୍ଷ ତଳେ ଶେଷ ଥର ପାଇଁ ଛାତ୍ର ସଂସଦ ନିର୍ବାଚନ ହୋଇଥିଲା। ବିଜେଡି ସରକାର ଅମଳରେ ବିଭିନ୍ନ କାରଣ ଦର୍ଶାଇ ନିର୍ବାଚନ କରାଯାଇ ନ ଥିଲା। ବିଜେପି ସରକାର କ୍ଷମତାକୁ ଆସିବା ପୂର୍ବରୁ ନିଶ୍ଚିତ ଛାତ୍ର ସଂସଦ ନିର୍ବାଚନ ହେବ ବୋଲି କହିଥିଲେ। ହେଲେ ସରକାରକୁ ଆସିବା ପରେ ଦୁଇ ଦୁଇ ଥର ନିର୍ବାଚନକୁ ଟାଳିଦେଲେଣି। କିନ୍ତୁ ଚଳିତ ବର୍ଷ ନିର୍ବାଚନ କରିବା ପାଇଁ ଏବିଭିପି ଅଡ଼ି ବସିଛି। ସରକାରଙ୍କ ନିକଟରେ ଏନେଇ ଦାବି ବି ହୋଇଛି। ଅନ୍ୟ ଛାତ୍ର ସଂଗଠନଗୁଡ଼ିକ ବି ନିର୍ବାଚନ ପାଇଁ ସରକାରଙ୍କ ଉପରେ ଚାପ ପକାଉଛନ୍ତି।

ହେଲେ ସରକାର ନିର୍ବାଚନ କରିବେ କି ନାହିଁ ସେନେଇ ମୁହଁ ଖୋଲୁନାହାନ୍ତି। ବିଧାନସଭାରେ ଏ ସଂକ୍ରାନ୍ତରେ ଉଚ୍ଚଶିକ୍ଷା ମନ୍ତ୍ରୀ କହିଛନ୍ତି ଯେ ଛାତ୍ର ସଂସଦ ନିର୍ବାଚନ ନେଇ ସରକାର ସକରାତ୍ମକ ଅଛନ୍ତି। ହେଲେ ଚଳିତ ବର୍ଷ ନିର୍ବାଚନ ହେବ କି ➪ପୃଷ୍ଠା-୬






ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର : ମୁଫ୍ତ ବିଜୁଳି ଯୋଜନା
(PMSG:MBY)

ରାଜ୍ୟ ସରକାରଙ୍କ ଯୁଗାନ୍ତକାରୀ ପଦକ୍ଷେପ, ପ୍ରୋତ୍ସାହନ ରାଶି ଦେଶରେ ସର୍ବାଧିକ

ମାସକୁ ୩୦୦ ୟୁନିଟ୍ ପର୍ଯ୍ୟନ୍ତ ବିଜୁଳି ଦେୟ ଉପରେ ସଞ୍ଚୟ

ରୁଫ-ଟପ ସୌର ପ୍ରକଳ୍ପ ପାଇଁ ପ୍ରତି ଘର ପିଛା ୩ କିଲୋୱାଟ ପର୍ଯ୍ୟନ୍ତ ୧,୩୮,୦୦୦ ଟଙ୍କା ସବସିଡି
(କେନ୍ଦ୍ର ସରକାରଙ୍କ ତରଫରୁ ୭୮,୦୦୦ ଟଙ୍କା ଓ ରାଜ୍ୟ ସରକାରଙ୍କ ତରଫରୁ ୬୦,୦୦୦ ଟଙ୍କା)

pmsuryaghar.gov.in ରେ ଅନଲାଇନ ରେଜିଷ୍ଟ୍ରେସନ କରନ୍ତୁ ଏବଂ ଯୋଜନାର ଲାଭ ପାଆନ୍ତୁ।
ଅଧିକ ଜାଣିବା ପାଇଁ ସ୍ଥାନୀୟ ବିଦ୍ୟୁତ୍ ବିତରଣ କାର୍ଯ୍ୟାଳୟରେ ଯୋଗାଯୋଗ କରନ୍ତୁ।

ଶକ୍ତି ବିଭାଗ, ଓଡ଼ିଶା ସରକାର



ଜଳବାୟୁ ସଂଶୋଧନ ପାଇଁ ସହାୟକ

TPWODL
TP WESTERN ODISHA DISTRIBUTION LIMITED
(A Joint Venture of Tata Power and Government of Odisha)

ଅଧିକ ସୂଚନା ନିମନ୍ତେ ସ୍କାନ କରନ୍ତୁ।

# ଚାଷୀଙ୍କୁ ଦୁଃଖ ସାଜିଛି ଗହଗା ପାଟ

## ଉଜୁଡୁଛି ଚାଷୀର ଭାତ ହାଣ୍ଡି
## ପ୍ରତିଶ୍ରୁତି ମାଳ ମାଳ କିନ୍ତୁ କାର୍ଯ୍ୟରେ ଦୁର୍ବଳ



କେନ୍ଦ୍ରାପଡା/ମାର୍ଶାଘାଇ,୩୦।୯ (ସଂଚାର ବ୍ୟୁରୋ): ମହାନଦୀ ଅବବାହିକାର ଲୁଣା- ଚିତ୍ରୋପ୍ଳା ତ୍ରିକୋଣ ଭୂମିରେ ଅବସ୍ଥିତ ବିସ୍ତୀର୍ଣ୍ଣ ଚାଷ ଅଞ୍ଚଳ ଆଜି ଜଳବନ୍ଦୀ ଅବସ୍ଥାରେ ରହିଛି। ବର୍ଷ ପରେ ବର୍ଷ ଧରି ଚାଷୀମାନେ ଯେଉଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ତାହାର ସ୍ଥାୟୀ ସମାଧାନ ଏପର୍ଯ୍ୟନ୍ତ ହୋଇପାରିନାହିଁ। ଫଳରେ ପ୍ରତିବର୍ଷ ବର୍ଷା ଋତୁ ଓ ମହାନଦୀରେ ବନ୍ୟାଜଳ ଆସିଲେ ହଜାର ହଜାର ହେକ୍ଟର ଚାଷଜମି ଜଳମଗ୍ନ ହେଉଛି। ଏଥିପାଇଁ ଚାଷୀଙ୍କ ଭାତ ହାଣ୍ଡି ଉଜୁଡ଼ିଯାଉଥିବା ବେଳେ ଗହଗା ପାଟ ଏହି ଅଞ୍ଚଳର କୃଷକଙ୍କ ପାଇଁ ଏକ ଅଭିଶାପ ପାଲଟିଛି।

ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ମହାନଦୀରେ ବନ୍ୟାଜଳ ବୃଦ୍ଧି ପାଇଲେ ବାଘୁଣୀ ସୁଇଚ୍‌ଗେଟ୍ ସମ୍ପୂର୍ଣ୍ଣ ଭାବେ ବନ୍ଦ କରି ଦିଆଯାଏ। ଏହାଦ୍ୱାରା ନଦୀର ଜଳ ଭିତରକୁ ପ୍ରବେଶ କରିବା ରୋକାଯାଉଥିବା ବେଳେ ଭିତର ଅଞ୍ଚଳର ବର୍ଷାଜଳ ଓ ନିଷ୍କାସନ ଜଳ ବାହାରକୁ ଯାଇପାରୁନାହିଁ। ଫଳସ୍ୱରୂପ ଏକ ପ୍ରକାର କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇ ବିସ୍ତୀର୍ଣ୍ଣ ଅଞ୍ଚଳ ଦୀର୍ଘ ଦିନ ଧରି ଜଳମଗ୍ନ ରହୁଛି।

ଲୁଣା- ଚିତ୍ରୋପ୍ଳା ନଦୀ ମଧ୍ୟବର୍ତ୍ତୀ ତ୍ରିକୋଣ ଭୂମିରେ ଥିବା ପାଞ୍ଚଟି ପଞ୍ଚାୟତର ପ୍ରାୟ ୬୦ଟି ରାଜସ୍ୱ ଗ୍ରାମ ଏହି ସମସ୍ୟାରେ ପ୍ରଭାବିତ ହେଉଛି। ପ୍ରାୟ ୨,୦୦୦ ହେକ୍ଟରରୁ ଅଧିକ ଚାଷଜମି ପ୍ରତିବର୍ଷ ଜଳମଗ୍ନ ହେଉଥିବା ବେଳେ ଚାଷୀମାନେ ଅର୍ଥନୈତିକ ଭାବେ ସର୍ବସ୍ୱାନ୍ତ ହୋଇପଡୁଛନ୍ତି। ବିଶେଷକରି ଧାନ ଚାଷ ଉପରେ ନିର୍ଭରଶୀଳ ଏହି ଅଞ୍ଚଳର ଚାଷୀମାନେ ଋଣ କରି ଚାଷ କରୁଥିବା ବେଳେ ଫସଲ ନଷ୍ଟ ହେବା ପରେ ସେମାନଙ୍କ ପରିବାର ଜୀବନଜୀବିକା ସଙ୍କଟରେ ପଡୁଛି।

ଏହି ସମସ୍ୟାର ପ୍ରଭାବ କେବଳ କେନ୍ଦ୍ରାପଡା ଜିଲ୍ଲା ମଧ୍ୟରେ ସୀମିତ ନୁହେଁ। କଟକ ଓ କେନ୍ଦ୍ରାପଡା ଦୁଇଟି ଜିଲ୍ଲାର ବିସ୍ତୀର୍ଣ୍ଣ ଅଞ୍ଚଳ ଏଥିରେ ପ୍ରଭାବିତ ହେଉଥିବା ବେଳେ କେନ୍ଦ୍ରାପଡା ଜିଲ୍ଲାର ଗରଦପୁର ଓ ମାର୍ଶାଘାଇ ବ୍ଲକ ସବୁଠାରୁ ଅଧିକ କ୍ଷତି ସହୁଛନ୍ତି। ପ୍ରତିବର୍ଷ ଏହି ଅଞ୍ଚଳର ହଜାର ହଜାର ଏକର ଚାଷଜମି ପାଣିରେ ବୁଡ଼ି ରହୁଥିବା ବେଳେ ସରକାରୀ ସ୍ତରରେ ସ୍ଥାୟୀ ପଦକ୍ଷେପ ଗ୍ରହଣ ନହେବାକୁ ନେଇ ଅସନ୍ତୋଷ ବୃଦ୍ଧି ପାଉଛି।

ମାର୍ଶାଘାଇ ବ୍ଲକ ଅଧୀନରେ ଥିବା ପରକୁଳା, ରାଘବପୁର, ଆଖୁଆଦକ୍ଷିଣୀ, ବନ୍ଦକଟା, ବଛରାଇ ଓ ମେହେନ୍ଦିନଗର ପଞ୍ଚାୟତର ବିଶାଳ ଅଞ୍ଚଳ ଏହି ଜଳାବଦ୍ଧତା ସମସ୍ୟାରେ ଆକ୍ରାନ୍ତ ହେଉଛି। ସେହିପରି ଗରଦପୁର ବ୍ଲକର ରାମଚନ୍ଦ୍ରପୁର, ତିକନପୁର ଓ ନଡ଼ିଆବରାଇ ପଞ୍ଚାୟତରେ ମଧ୍ୟ ସମାନ ପରିସ୍ଥିତି ଦେଖାଦେଇଛି।

ସ୍ଥାନୀୟ ଚାଷୀମାନଙ୍କ କହିବା ଅନୁଯାୟୀ, ବିଭିନ୍ନ ସମୟରେ ଜନପ୍ରତିନିଧି ଓ ପ୍ରଶାସନିକ ଅଧିକାରୀମାନେ ଏହି ସମସ୍ୟାର ସ୍ଥାୟୀ ସମାଧାନ ନେଇ ବଡ଼ ବଡ଼ ପ୍ରତିଶ୍ରୁତି ଦେଇଆସିଛନ୍ତି। ନଦୀ ଖନନ, ଡ୍ରେନେଜ ବ୍ୟବସ୍ଥାର ଉନ୍ନତି, ସୁଇଚ୍‌ଗେଟ୍ ଆଧୁନିକୀକରଣ ଓ ଜଳନିଷ୍କାସନ ପ୍ରକଳ୍ପ ନେଇ ଅନେକ ଘୋଷଣା ହୋଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇପାରିନାହିଁ। ଫଳରେ 'ପ୍ରତିଶ୍ରୁତି ମାଳ ମାଳ, କାର୍ଯ୍ୟରେ ଦୁର୍ବଳ' ବୋଲି ଚାଷୀମାନେ କ୍ଷୋଭ ପ୍ରକାଶ କରୁଛନ୍ତି।

ବର୍ତ୍ତମାନ ଚାଷୀମାନଙ୍କ ଦାବି ହେଉଛି, କ୍ଷତିଗ୍ରସ୍ତ ଅଞ୍ଚଳର ସଠିକ୍ ସର୍ଭେ କରାଯାଇ ତୁରନ୍ତ ଫସଲ କ୍ଷତିପୂରଣ ପ୍ରଦାନ କରାଯାଉ। ଏଥିସହିତ ଦୀର୍ଘ ଦିନର ଜଳାବଦ୍ଧତା ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଏକ ସମନ୍ୱିତ ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯାଉ। ଏବେ ଦେଖିବାକୁ ବାକି ରହିଲା, ଚାଷୀଙ୍କ ଏହି ଦୀର୍ଘ ଦିନର ସମସ୍ୟା ପ୍ରତି ସରକାର ଓ ପ୍ରଶାସନ କେତେ ଗୁରୁତ୍ୱ ଦେଉଛନ୍ତି ଏବଂ ଗହଗା ପାଟର ଯନ୍ତ୍ରଣାରୁ କେବେ ମୁକ୍ତି ମିଳୁଛି।

## ୩ଟି ବିଦ୍ୟାଳୟର ପୁନଃପ୍ରତିଷ୍ଠା ଉତ୍ସବ



ନିଶ୍ଚିନ୍ତକୋଇଲି, ୩୦।୯ (ସଂଚାର ବ୍ୟୁରୋ): ଛାତ୍ର ଛାତ୍ରୀଙ୍କ ଉପସ୍ଥାନ କମିଯିବା ଏବଂ ଅନ୍ୟାନ୍ୟ କାରଣ ପାଇଁ ନିଶ୍ଚିନ୍ତକୋଇଲି ମଣ୍ଡଳ ଅଧିକାରୀଙ୍କ କାର୍ଯ୍ୟାଳୟ ଅଧିନରେ ବହୁ ବିଦ୍ୟାଳୟ ଗୁଡିକୁ ବନ୍ଦ୍ କରାଯାଇଥିଲା। ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନଙ୍କ ଉଦ୍ୟମରେ ଏହି ବ୍ଲକରେ ୩ ଗୋଟି ବିଦ୍ୟାଳୟ ପୁନର୍ବାର ଖୋଲିବା ପାଇଁ ଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରୀ ହୋଇଛି। ମଙ୍ଗଳବାର ଦିନ ବିଧାୟକ ଶ୍ରୀ ପ୍ରଧାନଙ୍କ ଉପସ୍ଥିତିରେ ବନ୍ଦ୍ ରହିଥିବା ଏହି ତିନୋଟି ବିଦ୍ୟାଳୟକୁ ପୁନର୍ବାର ଖୋଲାଯାଇଛି। ଏହି ତିନୋଟି ବିଦ୍ୟାଳୟ ପୁନର୍ବାର ଖୋଲାଯିବା ପରେ ସେହି ଅଞ୍ଚଳର ଛାତ୍ର ଛାତ୍ରୀ, ଅଭିଭାବକ ଓ ଗ୍ରାମବାସୀମାନେ ବେଶ୍ ଉତ୍ସାହିତ ହୋଇଛନ୍ତି।

ପ୍ରଥମେ ତରତ ପଞ୍ଚାୟତ କୋଇଲିରଙ୍ଗୀ ପ୍ରାଥମିକ ବିଦ୍ୟାଳୟକୁ ବିଧାୟକ ଶ୍ରୀ ପ୍ରଧାନଙ୍କ ଉପସ୍ଥିତରେ ଖୋଲାଯିବା ପରେ ଏହାକୁ ସଠିକ୍ ମାର୍ଗରେ ଚଳାଇବା ସହିତ ଉତ୍ତମ ଶିକ୍ଷାଦାନ ପାଇଁ ଉପସ୍ଥିତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି। ସେହିପରି କଟରପଡ଼ା ପଞ୍ଚାୟତ ସାଙ୍କିଲୋ ଦମୟନ୍ତୀ ବିଦ୍ୟାପୀଠ ଏବଂ ଜମରା ପଞ୍ଚାୟତ ଆଞ୍ଜାପୁର ପ୍ରାଥମିକ ବିଦ୍ୟାଳୟ ବିଧାୟକଙ୍କ ଉପସ୍ଥିତରେ ଖୋଲାଯାଇଛି। ବିଧାୟକଙ୍କ ସହିତ ଏହି କାର୍ଯ୍ୟକ୍ରମରେ ମଣ୍ଡଳ ଶିକ୍ଷା ଅଧିକାରିଣୀ ସଂଯୁକ୍ତା ମହାପାତ୍ର, ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ହରେକୃଷ୍ଣ ନାୟକ, ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଉପାଧ୍ୟକ୍ଷ ନୃସିଂହ ମିଶ୍ର, ଦେବେନ୍ଦ୍ର ସାହୁ, ରମେଶ ଚନ୍ଦ୍ର ସ୍ୱାଇଁଙ୍କ ସମେତ ବିଧାୟକଙ୍କ ବହୁ ସମର୍ଥକ ଯୋଗଦେଇଥିଲେ।

## ଜାଗା ମିଶନରେ କଜଳା କେଳାବସ୍ତିବାସୀଙ୍କୁ ଭୂମି ପ୍ରଦାନ ଦାବି



କେନ୍ଦ୍ରାପଡା,୩୦।୯ (ସଂଚାର ବ୍ୟୁରୋ): କେନ୍ଦ୍ରାପଡା ପୌରାଞ୍ଚଳର ୨୧ ନମ୍ବର ୱାର୍ଡ ଅନ୍ତର୍ଗତ କଜଳା କେଳାବସ୍ତିରେ ବସବାସ କରୁଥିବା ଯୋଗ୍ୟ ପରିବାରମାନଙ୍କୁ 'ଜାଗା ମିଶନ' ଯୋଜନାରେ ସାମିଲ କରି ଭୂମି ପ୍ରଦାନ କରିବାକୁ ଦାବି ଜୋର ଧରିଛି। ଏନେଇ ବସ୍ତିର ଶତାଧିକ ଅଧିବାସୀ ବୁଧବାର ଜିଲ୍ଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, କଜଳା କେଳାବସ୍ତିରେ ପ୍ରାୟ ୪୫ରୁ ଅଧିକ ପରିବାର ଦୀର୍ଘ ବର୍ଷ ଧରି ଅତ୍ୟନ୍ତ ଦୟନୀୟ ପରିସ୍ଥିତିରେ ବସବାସ କରୁଛନ୍ତି। ନିଜସ୍ୱ ଜମି କିମ୍ବା ସ୍ଥାୟୀ ବାସଗୃହ ନ ଥିବାରୁ ସେମାନଙ୍କ ଜୀବନଯାପନ ଅନିଶ୍ଚିତତା ମଧ୍ୟରେ କଟୁଥିବାବେଳେ ପିଲାମାନଙ୍କ ଶିକ୍ଷା ଓ ଭବିଷ୍ୟତ ମଧ୍ୟ ପ୍ରଭାବିତ ହେଉଛି।

ବସ୍ତିବାସୀଙ୍କ ଅଭିଯୋଗ ଅନୁଯାୟୀ, ଏହି ସମସ୍ୟାର ସମାଧାନ ପାଇଁ ସେମାନେ ବାରମ୍ବାର ପୌର ନିର୍ବାହୀ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କୌଣସି ସକାରାତ୍ମକ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଜିଲ୍ଲାପାଳଙ୍କୁ ଦିଆଯାଇଥିବା ଦାବିପତ୍ରରେ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରି ଜାଗା ମିଶନ ଯୋଜନା ଅଧୀନରେ ଭୂମି ପ୍ରଦାନ କରିବା ସହ ସେମାନଙ୍କ ସ୍ଥାୟୀ ପୁନର୍ବାସ ବ୍ୟବସ୍ଥା କରିବାକୁ ଅନୁରୋଧ କରାଯାଇଛି।

# ପ୍ରଶାସନିକ ନିଷ୍କ୍ରିୟତା ଯୋଗୁଁ ସମସ୍ୟା ଘେରରେ ଅଣ୍ଡରା ପଞ୍ଚାୟତ



ପଟ୍ଟାମୁଣ୍ଡାଇ,୩୦।୯ (ସଂଚାର ବ୍ୟୁରୋ): ଏକଦା ଶ୍ରେଷ୍ଠ ପଞ୍ଚାୟତ ଭାବେ ପୁରସ୍କୃତ ପଟ୍ଟାମୁଣ୍ଡାଇ ବ୍ଲକର ଅଣ୍ଡରା ପଞ୍ଚାୟତ ଏବେ ପ୍ରଶାସନିକ ନିଷ୍କ୍ରିୟତା ଯୋଗୁଁ ସମସ୍ୟା ପରେ ସମସ୍ୟାରେ ଛନ୍ଦି ହୋଇପଡିଛି। ଏହି ପଂଚାୟତର ପ୍ରତିନିଧିତ୍ୱ କରି ପୂର୍ବତନ ସରପଞ୍ଚ ସ୍ୱର୍ଗତ ଗଣେଶ ଚନ୍ଦ୍ର ମହାନ୍ତି ଓ ବର୍ତ୍ତିଆନ ନେତା ବସନ୍ତ କୁମାର ମଲ୍ଲିକ ପଞ୍ଚାୟତର ଗୌରବ ଓ ଗରିମା ବୃଦ୍ଧି କରିବା ସହିତ ବିଭିନ୍ନ ବିକାଶମୂଳକ ଜନ କଲ୍ୟାଣକାରୀ ପ୍ରକଳ୍ପ ନିର୍ମାଣ ରେ ପ୍ରମୁଖ ଭୂମିକା ଗ୍ରହଣ କରି ବହୁ ସରକାରୀ ଅଫିସ ଦପ୍ତର ପ୍ରତିଷ୍ଠା କରିଥିଲେ। ତେବେ ରାଜ୍ୟ ସରକାରଙ୍କ ପ୍ରତି ୫ ବର୍ଷରେ ପଂଚାୟତ ସଂରକ୍ଷଣ କରିବା ଫଳରେ ଧୋୟାଅଞ୍ଚଳର ଅନ୍ୟାନ୍ୟ ପଞ୍ଚାୟତ ଭଳି ମର୍ଯ୍ୟାଦା ସମ୍ପନ୍ନ ଅଣ୍ଡରା ପଞ୍ଚାୟତରେ ବସ୍ତୁତଃ ବଳିଷ୍ଠ ନେତୃତ୍ୱ ସଙ୍କଟ ଦେଖା ଦେଇଛି।

ସମ୍ପ୍ରତି ଉକ୍ତ ପଂଚାୟତ ର ଉଭୟ ସରପଞ୍ଚ ଓ ସମିତି ସଭ୍ୟ ପଦରେ ଅନୁସୂଚିତ ଜାତିର ମହିଳା ନିର୍ବାଚିତ ହୋଇଛନ୍ତି । ଏମାନଙ୍କ କାର୍ଯ୍ୟକାଳ ସଂପୂର୍ଣ୍ଣ ହେବାକୁ ବସିଥିବା ବେଳେ ଉପଯୁକ୍ତ ସମନ୍ୱୟ ଅଭାବରୁ ଅଣ୍ଡରା ପଞ୍ଚାୟତକୁ ବିଭିନ୍ନ ସମୟରେ ସରକାରୀ ସହାୟତା ମିଳିବାରେ ଅବହେଳା କରାଯାଉଛି ଓ ସମୟେ ସମୟେ ବିଳମ୍ବରେ ଘଟୁଛି । ସରପଞ୍ଚ ସ୍ୱାମୀଙ୍କ ଅସୁସ୍ଥତା ଯୋଗୁଁ ନିଜେ ନିୟମିତ ପଞ୍ଚାୟତ କାର୍ଯ୍ୟାଳୟକୁ ଆସିପାରୁନାହାନ୍ତି। ଗତ ପ୍ରଳୟଙ୍କରୀ ବନ୍ୟା ସମୟରୁ ପଂଚାୟତ ସମସ୍ୟା ବଢ଼ି ଚାଲିଛି ରିଲିଫ ବଣ୍ଟନ ସହିତ ବିପନ୍ନ ମାନଙ୍କୁ ରନ୍ଧା ଖାଦ୍ୟ ଠିକଣା ସମୟରେ ଦିଆଯାଇ ପାରିନଥିବା ଦେଖାଯାଇଛି।

ଅଣ୍ଡରା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ ଜେନା ଏହି ପଞ୍ଚାୟତ ସହିତ ଅନ୍ୟ ପଞ୍ଚାୟତ ଦାୟିତ୍ୱରେ ଥିବାରୁ ନିୟମିତ ଅଣ୍ଡରା ପଞ୍ଚାୟତ କାର୍ଯ୍ୟାଳୟକୁ ଆସିବା ସମ୍ଭବ ହେଉନାହିଁ। ତେବେ ବାର୍ଦ୍ଧକ୍ୟ ଭତ୍ତା ବଣ୍ଟନ ସହିତ ଅନ୍ୟାନ୍ୟ ସରକାରୀ କାର୍ଯ୍ୟ ଠିକଣା ସମୟରେ ହେଉ ନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ଅଣ୍ଡରା ପଞ୍ଚାୟତ ୧୫ଟି ୱାର୍ଡକୁ ନେଇ ଗଠିତ ଜନସଂଖ୍ୟା ଦୃଷ୍ଟି ରୁ ପଟ୍ଟାମୁଣ୍ଡାଇ ବ୍ଲକର ଅନ୍ୟତମ ବଡ଼ ପଞ୍ଚାୟତ। ଏହି ପଞ୍ଚାୟତର ୬ନଂ ୱାର୍ଡ ବ୍ରାହ୍ମଣସାହି ଓ ଗିରିସାହି ରାସ୍ତାରେ ଥିବା କଲଭର୍ଟ ୨୦୨୫ ମସିହା ବନ୍ୟାରେ ଭୁଶୁଡି ଥିବା ବେଳେ ଅଦ୍ୟାବଧି ନିର୍ମାଣ ହୋଇନାହିଁ। ଫଳରେ ଚଳିତ ବର୍ଷ ବନ୍ୟା ପରେ ବନ୍ୟା ଆସିବା ଯୋଗୁଁ ଏହି ୱାର୍ଡର ଲୋକମାନେ ଦୀର୍ଘ ୨ ମାସ ଧରି ଯାତାୟାତ କ୍ଷେତ୍ରରେ ନାହିଁ ନଥିବା ଅସୁବିଧା ଭୋଗ କରିଥିଲେ।

ତେବେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କର ଏହି ରାସ୍ତାର ସାମୟିକ ମରାମତି କରିବାର ପୂର୍ଣ୍ଣ କ୍ଷମତା ରହିଛି। ପଟ୍ଟାମୁଣ୍ଡାଇ ବିଡ଼ିଓଙ୍କ ଅନୁମତି ନେଇ ଅତ୍ୟାବଶ୍ୟକ ରାସ୍ତା ମରାମତି କରାଯାଇ ପାରିବ । ମାତ୍ର ତାହା କରାଯାଉ ନାହିଁ । ମୋଟାମୋଟି ଭାବେ ଅଣ୍ଡରା ପଞ୍ଚାୟତର ବିକାଶ ବସ୍ତୁତଃ ଠପ ହୋଇଯାଇଛି । ଏହି ପଞ୍ଚାୟତର ଏଭଳି ସ୍ଥିତି ଯୋଗୁଁ ଲୋକମାନେ ବିଭିନ୍ନ ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାଜ୍ୟ ସରକାର ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ଅବିଳମ୍ବେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ଡିମିରିପାଳରେ ରାସନ ଚାଉଳ ହଡ଼ପ ଅଭିଯୋଗ

## ୩ ମାସ ହେଲା ମୁଣ୍ଡପିଛା ୧୦ କିଲୋ ବଦଳରେ ମିଳିଥିଲା ୫ କିଲୋ, ତଦନ୍ତ ଦାବି



ଅଳି, ୩୦।୯ (ସଂଚାର ବ୍ୟୁରୋ): ଆଳି ବ୍ଲକ ଅନ୍ତର୍ଗତ ଡିମିରିପାଳ ପଞ୍ଚାୟତର ଡିମିରିପାଳ ଗ୍ରାମରେ ରାସନ ବଣ୍ଟନରେ ବ୍ୟାପକ ଅନିୟମିତତା ଓ ଚାଉଳ ହଡ଼ପ ଅଭିଯୋଗ ଉଠିଛି। ଗ୍ରାମର ଅନେକ ରାସନ ହିତାଧିକାରୀ ଏ ନେଇ ଆଳି ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ କରି ଘଟଣାର ନିରପେକ୍ଷ ତଦନ୍ତ ଦାବି କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଡିମିରିପାଳ ଗ୍ରାମର ସବ୍-ଡିଲର ସମରନାଥ ବୋଇତି ଚଳିତ ବର୍ଷ ଏପ୍ରିଲ, ମେ ଓ ଜୁନ୍ ମାସରେ ହିତାଧିକାରୀଙ୍କୁ ମୁଣ୍ଡପିଛା ୧୦ କିଲୋ ଚାଉଳ ପରିବର୍ତ୍ତେ ମାତ୍ର ୫ କିଲୋ ଲେଖାଏଁ ବଣ୍ଟନ କରିଥିଲେ। କିନ୍ତୁ ରାସନ ବହିରେ ପୂର୍ଣ୍ଣ ୧୦ କିଲୋ ଚାଉଳ ବଣ୍ଟନ ହୋଇଥିବା ଉଲ୍ଲେଖ କରାଯାଇଥିବା ଜଣାପଡ଼ିଛି।

ହିତାଧିକାରୀମାନଙ୍କ କହିବା ଅନୁସାରେ, ରାସନ କାର୍ଡ ଦୀର୍ଘଦିନ ଧରି ଡିଲରଙ୍କ ହେପାଜତରେ ରହିଥିବାରୁ ସେମାନେ ପ୍ରକୃତ ବଣ୍ଟନ ଓ ବହିରେ ହୋଇଥିବା ଏଣ୍ଟ୍ରି ସମ୍ପର୍କରେ ଅବଗତ ହୋଇପାରି ନଥିଲେ। ପରବର୍ତ୍ତୀ ସମୟରେ ବହି ହାତକୁ ଆସିବା ପରେ ଏହି ଅନିୟମିତତା ପଦାକୁ ଆସିଥିବା ସେମାନେ ଅଭିଯୋଗ କରିଛନ୍ତି।

ସରକାରଙ୍କ ଘୋଷଣା ଅନୁଯାୟୀ, ଏପ୍ରିଲ ମାସରୁ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଅନ୍ନ ଯୋଜନାରେ ହିତାଧିକାରୀଙ୍କୁ ମୁଣ୍ଡପିଛା ୧୦ କିଲୋ ଚାଉଳ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ତେବେ ଏହି ନିୟମକୁ ଉଲ୍ଲଂଘନ କରି ତିନି ମାସ ଧରି ଚାଉଳ କମ୍ ପରିମାଣରେ ବଣ୍ଟନ ହୋଇଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଗ୍ରାମରେ ୨୦୦ରୁ ଅଧିକ ରାସନ କାର୍ଡଧାରୀ ଥିବା ବେଳେ, ତିନି ମାସ ଧରି ଚାଉଳ ବଣ୍ଟନରେ ହୋଇଥିବା ଏହି ଅନିୟମିତତା ଯୋଗୁଁ ବହୁ ପରିମାଣର ଚାଉଳ ହଡ଼ପ ହୋଇଥିବା ସନ୍ଦେହ ପ୍ରକାଶ ପାଇଛି। ଏତେ ବଡ଼ ଘଟଣା ପଛରେ କେବଳ ଡିଲର ନା ଅନ୍ୟ କେହି ଜଡ଼ିତ ଅଛନ୍ତି, ସେନେଇ ସାଧାରଣରେ ପ୍ରଶ୍ନ ଉଠିଛି। ହିତାଧିକାରୀମାନେ ତୁରନ୍ତ ରାସନ ବଣ୍ଟନ ସମ୍ପର୍କିତ ସମସ୍ତ ରେକର୍ଡର ଯାଞ୍ଚ, ବକେୟା ଚାଉଳ ପ୍ରଦାନ ଏବଂ ଦୋଷୀଙ୍କ ବିରୋଧରେ କଠୋର ପଦକ୍ଷେପ ଗ୍ରହଣ ସହ ସମ୍ପୃକ୍ତ ଡିଲରଙ୍କୁ ପଦରୁ ହଟାଇବାକୁ ଦାବି କରିଛନ୍ତି। ଘଟଣା ସମ୍ପର୍କରେ ବିଡିଓ କିମ୍ବା ଅଭିଯୁକ୍ତ ଡିଲରଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ତେବେ ଅଭିଯୋଗର ସତ୍ୟତା ଯାଞ୍ଚ ପାଇଁ ପ୍ରଶାସନ ପକ୍ଷରୁ ନିରପେକ୍ଷ ତଦନ୍ତ ହେଲେ ପ୍ରକୃତ ଘଟଣା ସାମ୍ନାକୁ ଆସିବ ବୋଲି ଆଲୋଚନା ହେଉଛି।

# ଗ୍ରାମ ରାସ୍ତାରୁ ଜବରଦଖଲ ଉଚ୍ଛେଦ ଦାବି ନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର



କେନ୍ଦ୍ରାପଡା,୩୦।୯ (ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲ୍ଲା ଡେରାବିଶ ବ୍ଲକ ଅନ୍ତର୍ଗତ ଛୋଟି ପଞ୍ଚାୟତର ଚକ ରଘୁନାଥପୁର (ନୁରୁଖାପାଟଣା) ଗ୍ରାମର ମୁଖ୍ୟ ରାସ୍ତା ଉପରେ ହୋଇଥିବା କଥିତ ଜବରଦଖଲ ଉଚ୍ଛେଦ କରିବାକୁ ଗ୍ରାମବାସୀମାନେ ଜିଲ୍ଲାପାଳଙ୍କ ନିକଟରେ ଦାବି ଜଣାଇଛନ୍ତି। ଏନେଇ ଗ୍ରାମବାସୀଙ୍କ ପକ୍ଷରୁ ଏକ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି।

ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଗ୍ରାମର କେତେକ ବ୍ୟକ୍ତି ମୁଖ୍ୟ ରାସ୍ତାକୁ ମାଡ଼ି ଘରଦ୍ୱାର ନିର୍ମାଣ କରିଥିବାରୁ ରାସ୍ତା ସଂକୁଚିତ ହୋଇପଡ଼ିଛି। ଫଳରେ ସାଧାରଣ ଯାତାୟାତ ସହ ଆମ୍ବୁଲାନ୍ସ, ସ୍କୁଲ ବସ ଓ ଅଗ୍ନିଶମ ବାହିନୀ ଗାଡ଼ି ଚଳାଚଳରେ ବିଭିନ୍ନ ସମସ୍ୟା ଦେଖାଦେଉଛି। ଜରୁରୀକାଳୀନ ପରିସ୍ଥିତିରେ ଏହି ଅସୁବିଧା ଲୋକଙ୍କ ଜୀବନ ଓ ସୁରକ୍ଷା ପାଇଁ ବିପଦ ସୃଷ୍ଟି କରିପାରେ ବୋଲି ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି।

ବର୍ତ୍ତମାନ ଉକ୍ତ ରାସ୍ତାର ଉନ୍ନୟନ କାର୍ଯ୍ୟ ଆର୍‌ଡି ବିଭାଗ ପକ୍ଷରୁ ଚାଲିଥିବା ବେଳେ ରାସ୍ତାର ଉଭୟ ପାର୍ଶ୍ୱରେ ହୋଇଥିବା ଜବରଦଖଲକୁ ତୁରନ୍ତ ଚିହ୍ନଟ କରି ଉଚ୍ଛେଦ କରାଯିବା ସହ ରାସ୍ତାକୁ ପ୍ରଶସ୍ତ ଓ ଯାତାୟାତ ଉପଯୋଗୀ କରିବାକୁ ସେମାନେ ଦାବି କରିଛନ୍ତି।

## ମହାକାଳପଡ଼ାରେ ବ୍ଳକସ୍ତରୀୟ ବିଦ୍ୟାଳୟ ଚକ୍ଷୁ ସ୍ୱାସ୍ଥ୍ୟ ପ୍ରଶିକ୍ଷଣ ଶିବିର




ମହାକାଳପଡ଼ା, ୩୦।୯ (ସଂଚାର ବ୍ୟୁରୋ): ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ଆଶ୍ରମ ବାଲିକୁଦା ସ୍ଥିତ ଶ୍ରୀଶ୍ରୀ ଲକ୍ଷ୍ମୀନାରାୟଣ ବିଦ୍ୟାପୀଠ ପରିସରରେ ଏକଦିବସୀୟ ବ୍ଲକ ସ୍ତରୀୟ ବିଦ୍ୟାଳୟ ଚକ୍ଷୁ ସ୍ୱାସ୍ଥ୍ୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଭାତ କୁମାର ବେହେରା ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ସତିଶ ରାଉତରାୟ ସ୍ୱାଗତ ଭାଷଣ ପ୍ରଦାନପୂର୍ବକ ବିଦ୍ୟାଳୟ ଚକ୍ଷୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ।

ଏହି ପ୍ରଶିକ୍ଷଣ ଶିବିରରେ ମୁଖ୍ୟ ପ୍ରଶିକ୍ଷକ ଭାବେ ଯୋଗଦେଇ ଚକ୍ଷୁ ସହାୟକ ମନୋରଞ୍ଜନ ବେହେରା ଉପସ୍ଥିତ ଶିକ୍ଷକଶିକ୍ଷୟିତ୍ରୀ ମାନଙ୍କୁ ଛାତ୍ରଛାତ୍ରୀଙ୍କ ଚକ୍ଷୁ ଯତ୍ନ, ଦୃଷ୍ଟିଶକ୍ତି ସମସ୍ୟା ଚିହ୍ନଟ ଏବଂ ସେଗୁଡ଼ିକର ପ୍ରତିକାର ସମ୍ପର୍କରେ ବୈଷୟିକ ଜ୍ଞାନକୌଶଳ ଓ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସମଗ୍ର କାର୍ଯ୍ୟକ୍ରମକୁ ବ୍ଲକ ସମ୍ବଳ ଶିକ୍ଷକ ଶ୍ରୀଧର ଭୋଳ ଅତି ସୁଚାରୁରୂପେ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସି.ଆର୍.ସି.ସି. ସୁଜିତ ମଲ୍ଲ, ନମିତା ରଥ, ଶୁଭକାନ୍ତ ସାମଲ ଏବଂ ଉତ୍ତମ ମହାନ୍ତି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଅସହାୟ ସୀମାଙ୍କ ପାଖରେ ପହଞ୍ଚିଲେ ସୁଧୀର ବଢ଼ାଇଲେ ସହଯୋଗର ହାତ

ଗଞ୍ଜାମ,୩୦।୯ (ସଂଚାର ବ୍ୟୁରୋ): ମୁଣ୍ଡ ଗୁଞ୍ଜିବାକୁ ଭଲ ଘର ନାହିଁ। ତାଳ ଛପର ତଳେ ପରିତ୍ୟକ୍ତ ଅବସ୍ଥାରେ ଦୁଇ ଛୁଆଙ୍କୁ ନେଇ ଜୀବନ କାଟୁଛନ୍ତି ସୀମା ରାନା। ଏଭଳି ଅସହାୟ ପରିବାରକୁ ସହଯୋଗର ହାତ ବଢ଼ାଇଛନ୍ତି ଗଞ୍ଜାମ ଜିଲ୍ଲା ଯୁବ ବିଜେଡି ସଭାପତି ତଥା ସ୍ୱେଚ୍ଛାସେବୀ ସୁଧୀର କୁମାର ପାଢ଼ୀ। ପୁରୁଷୋତ୍ତମପୁର ବ୍ଲକ ଖାଜିପଲ୍ଲୀ ପଞ୍ଚାୟତ ବାଲିଆ ଅଞ୍ଚଳର ସୀମା ରାନାଙ୍କୁ ସୁଧୀର ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ସହ ନଗଦ ରାଶି ପ୍ରଦାନ କରିଛନ୍ତି। ଏଥିସହ ଆଗାମୀ ଦିନରେ ତାଙ୍କ ଦୁଇ ପିଲାଙ୍କ ଦାୟିତ୍ୱ ନେବେ ବୋଲି କହିଛନ୍ତି।



ସୂଚନାନୁସାରେ, ପ୍ରାୟ ୫ ବର୍ଷ ତଳେ ଟ୍ରାକ୍ଟର ଓଲଟି ପଡ଼ିବାରୁ ସୀମାଙ୍କ ସ୍ୱାମୀଙ୍କ ମୃତ୍ୟୁ ଘଟିଥିଲା। ପରେ ପାରିବାରିକ ବିବାଦ କାରଣରୁ ସେ ଦୁଇ ଛୁଆଙ୍କୁ ନେଇ ବାପାମାଆଙ୍କ ସହ ରହୁଛନ୍ତି। ବାପାମାଆ ଦିନମଜୁରିଆ ଭାବେ କାମ କରି ପରିବାର ଚଳାଉଥିବାରୁ ଅଭାବ ଅନଟନ ମଧ୍ୟରେ ପରିବାରଟି ଜୀବନ କାଟୁଛି। ଏହି ସହଯୋଗ କାର୍ଯ୍ୟକ୍ରମରେ ଗଞ୍ଜାମ ପ୍ରେସ କ୍ଲବ ସଭାପତି ଶବର କୁମାର ତରାଇ, ସମ୍ପାଦକ ବିଦ୍ୟାଧର ସାହୁ, ଅପୂର୍ବା ଫାଉଣ୍ଡେସନ ସଭାପତି ପ୍ରଭାତ ସାହୁ, ଉମା ଶଙ୍କର ମହାନ୍ତି, ନିରାକାର ମହାରଣା,ମନୋଜ ପ୍ରଧାନ, ଗୋବିନ୍ଦ ଗୌଡ଼ ଓ ବିଭୂତି ପଲାଇ ପ୍ରମୁଖ ଉପସ୍ଥିତ ଥିଲେ।

## ଟାଟା ଷ୍ଟିଲ୍ ଫାଉଣ୍ଡେସନର 'ଦୃଷ୍ଟି' ପ୍ରକଳ୍ପ ଅଧୀନରେ ଚକ୍ଷୁ ସ୍ୱାସ୍ଥ୍ୟ ସମ୍ପର୍କିତ ଜିଲ୍ଲାସ୍ତରୀୟ ସମନ୍ୱୟ ବୈଠକ




ଯାଜପୁର ରୋଡ଼,୩୦।୯ (ସଂଚାର ବ୍ୟୁରୋ): ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ (ଟିଏସଏଫ୍) ପକ୍ଷରୁ ଯାଜପୁର କଳିଙ୍ଗନଗରରେ ଏକ ଜିଲ୍ଲାସ୍ତରୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକଟି ଫାଉଣ୍ଡେସନର 'ଦୃଷ୍ଟି' ପ୍ରକଳ୍ପ ଅଧୀନରେ ଆୟୋଜିତ ହୋଇଥିଲା। ଏଥିରେ ବ୍ୟାପକ ଚକ୍ଷୁ ସ୍ୱାସ୍ଥ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ତୃଣମୂଳ ସ୍ତରରେ ଲୋକଙ୍କୁ ଉନ୍ନତ ତଥା ସୁଲଭ ଚକ୍ଷୁ ଚିକିତ୍ସା ସେବା ଯୋଗାଇଦେବା ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏଥି ସହିତ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟକୁ ସୁଦୃଢ଼ କରିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ଏହି ଆଲୋଚନାରେ ଦାନଗଦୀ ଓ ସୁକିନ୍ଦା ବ୍ଲକର ପ୍ରମୁଖ ସରକାରୀ ଅଧିକାରୀମାନଙ୍କ ସମେତ ଅନ୍ୟାନ୍ୟ ପ୍ରମୁଖ ଅଂଶୀଦାରମାନେ ମଧ୍ୟ ଏହି ବୈଠକରେ ଯୋଗ ଦେଇଥିଲେ।

ଏଥି ସହିତ ସେବା ପ୍ରଦାନ ପ୍ରକ୍ରିୟାକୁ ଅଧିକ ବ୍ୟାପକ କରିବା ପାଇଁ ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା।

ବିଶେଷ କରି ଅବହେଳିତ ତଥା ଗ୍ରାମାଂଚଳର ଜନସାଧାରଣଙ୍କ ଚକ୍ଷୁ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ପାଇଁ ସରକାରୀ ଅନୁଷ୍ଠାନ, ଆଗ ଧାଡ଼ିର କର୍ମୀ ଏବଂ ବିକାଶ ଭାଗୀଦାରମାନଙ୍କ ମଧ୍ୟରେ ମିଳିତ ପ୍ରୟାସର ଆବଶ୍ୟକତା ଉପରେ ଏହି ସମନ୍ୱୟ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା।

## ବ୍ରାହ୍ମଣୀ ନଦୀକୁ ଡେଇଁ ପଡିଲେ ନନା

ପଟ୍ଟାମୁଣ୍ଡାଇ,୩୦।୯ (ସଂଚାର ବ୍ୟୁରୋ): ରୋଷେଇ କରି ନିଜର ଗୁଜରାଣ ମେଣ୍ଟାଉ ଥିବା ଜନୈକ ବ୍ୟକ୍ତି ମାନସିକ ଭାରସାମ୍ୟ ହରାଇ ଆଜି ନାହିଆ ଡିଆ ବ୍ରାହ୍ମଣୀ ସେତୁ ଉପରୁ ଡେଇଁ ପଡିବା ଘଟଣା କେନ୍ଦ୍ରାପଡ଼ା ଓ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

କେନ୍ଦ୍ରାପଡ଼ା ବ୍ଲକ କେଶପୁର ପଞ୍ଚାୟତ ଦେବଳା (ମୂଷାଡ଼ିଆ) ଗ୍ରାମର ଭିକାରି ଦାଶ (୫୮) ମଧ୍ୟାହ୍ନ ସମୟରେ ନାହିଆଡିଆ ବ୍ରାହ୍ମଣୀ ସେତୁ ଉପରୁ ଡେଇଁ ପଡି ନିଖୋଜ ହୋଇଛନ୍ତି। ଖବର ପାଇ ପଟ୍ଟାମୁଣ୍ଡାଇ ଅଗ୍ନିଶମ ବାହିନୀ ସନ୍ଧ୍ୟା ପର୍ଯ୍ୟନ୍ତ ଖୋଜାଖୋଜି କରିଥିଲେହେଁ ଭିକାରି ଦାଶଙ୍କୁ ଉଦ୍ଧାର କରିପାରିନାହାନ୍ତି। ଗତବର୍ଷ ହୋଲି ସମୟରେ ତାଙ୍କର ଏକମାତ୍ର ୨୨ ବର୍ଷ ପୁଅ ବ୍ରାହ୍ମଣୀ ନଦୀରେ ବୁଡି ମୃତ୍ୟୁବରଣ କରିଥିଲେ। ସେହି ଦିନ ଠାରୁ ଭିକାରି ଦାସ ଓରଫ ଭିକାରି ନନାଙ୍କ ପତ୍ନୀ ମାନସିକ ବିକାରଗ୍ରସ୍ତ ହୋଇ ପଡ଼ିଥିବାବେଳେ ଭିକାରି ନନା ମଧ୍ୟ ଗତ କିଛି ମାସ ହେବ ମାନସିକ ରୂପରେ ସୁସ୍ଥ ନଥିବା ଜଣା ପଡୁଥିଲେ।

# ସୋଆ ଆଇନ୍ ଛାତ୍ରଛାତ୍ରୀଙ୍କ ନିମନ୍ତେ ଗ୍ରାଜୁଏସନ୍ କାର୍ଯ୍ୟକ୍ରମ ଆୟୋଜିତ




ଭୁବନେଶ୍ୱର,୩୦।୯ (ସଂଚାର ବ୍ୟୁରୋ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ସୋଆ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲ (ଏସ୍‌ଏନ୍‌ଆଇଏଲ୍)ରୁ ଆଇନ୍ ପାଠ୍ୟକ୍ରମରେ ଶିକ୍ଷା ସମାପ୍ତ କରିଥିବା ଛାତ୍ରଛାତ୍ରୀଙ୍କ ନିମନ୍ତେ ବୁଧବାର ଏକ ସ୍ୱତନ୍ତ୍ର ଗ୍ରାଜୁଏସନ୍ ଉତ୍ସବ ଆୟୋଜିତ ହୋଇଯାଇଛି।

୨୦୨୧ -୨୬ ବ୍ୟାଚର ବିଏଏଲ୍‌ଏଲ୍‌ବି (ଅନର୍ସ) ଓ ବିବିଏ ଏଲ୍‌ଏଲ୍‌ବି (ଅନର୍ସ), ୨୦୨୩-୨୬ ବ୍ୟାଚର ଏଲ୍‌ଏଲ୍‌ବି (ଅନର୍ସ) ଏବଂ ୨୦୨୫-୨୬ ବ୍ୟାଚର ଏଲ. ଏଲ.ଏମ୍ ଶିକ୍ଷା ସମାପ୍ତ କରିଥିବା ଛାତ୍ରଛାତ୍ରୀଙ୍କୁ ଏହି କାର୍ଯ୍ୟକ୍ରମରେ ଡିଗ୍ରୀ ପ୍ରଦାନ କରାଯାଇଛି।

ଏଥିରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କୁ ଡିଗ୍ରୀ ପ୍ରଦାନ କରିବା ସହ ଶପଥ ପାଠ କରାଇଥିଲେ। ଏହି ଅବସରରେ କୁଳପତି ପ୍ରଫେସର ନନ୍ଦ ଆଇନ୍ ଶିକ୍ଷା ସମାପ୍ତ କରିଥିବା ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ କହିଥିଲେ ଯେ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁସ୍‌ନାଲ୍ ର୍‌ୟାଙ୍କିଙ୍ଗ ଫ୍ରେମ୍‌ୱାର୍କ (ଏନ୍‌ଆଇଆର୍‌ଏଫ୍) ଅନୁଯାୟୀ ସେମାନେ ଦେଶର ୧୦ମ ଶ୍ରେଷ୍ଠ ଆଇନ ଶିକ୍ଷାନୁଷ୍ଠାନ ଓ ୧୫ ତମ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରିବାର ସୁଯୋଗ ପାଇଛନ୍ତି। ତେଣୁ ସୋଆର ମାନକୁ ଉର୍ଦ୍ଧ୍ୱକୁ ନେବା ନିମନ୍ତେ ସେମାନେ ନିଷ୍ଠାର ଉଦ୍ୟମ କରିବେ ବୋଲି ସେ କହିଥିଲେ।

## ଅନ୍ଧାରରେ ଗାନ୍ଧୀ, ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ

# ଗାନ୍ଧୀ ଜୟନ୍ତୀ ପୂର୍ବରୁ ଆଲୋକ ବ୍ୟବସ୍ଥାକୁ ନେଇ ପ୍ରଶ୍ନ



ଢେଙ୍କାନାଳ,୩୦।୯ (ସଂଚାର ବ୍ୟୁରୋ): ଆସନ୍ତା ଅକ୍ଟୋବର ୨ ତାରିଖରେ ସାରା ଦେଶରେ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ପାଳନ କରାଯିବ। ଏହି ଦିନ କେବଳ ଜଣେ ମହାନ ବ୍ୟକ୍ତିଙ୍କ ଜନ୍ମଦିବସ ପାଳନର ଦିନ ନୁହେଁ, ବରଂ ସତ୍ୟ, ଅହିଂସା, ତ୍ୟାଗ ଓ ମାନବିକତାର ଆଦର୍ଶକୁ ସ୍ମରଣ କରିବାର ଦିନ। ମହାତ୍ମା ଗାନ୍ଧୀଙ୍କ ପୂରା ନାମ ମୋହନଦାସ କରମଚାନ୍ଦ ଗାନ୍ଧୀ। ସେ ୧୮୬୯ ମସିହା ଅକ୍ଟୋବର ୨ ତାରିଖରେ ଗୁଜରାଟର ପୋରବନ୍ଦରଠାରେ ଜନ୍ମଗ୍ରହଣ କରିଥିଲେ। ତେବେ ଗାନ୍ଧୀ ଜୟନ୍ତୀ ପୂର୍ବରୁ ଢେଙ୍କାନାଳ ସହରରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିର ଅବସ୍ଥାକୁ ନେଇ ଏକ ଭିନ୍ନ ଚିତ୍ର ସାମ୍ନାକୁ ଆସିଛି।

ଢେଙ୍କାନାଳ ବସଷ୍ଟାଣ୍ଡ ନିକଟସ୍ଥ ଗାନ୍ଧୀ ପାର୍କରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ରାତିରେ ଅନ୍ଧାରରେ ରହୁଥିବା ଅଭିଯୋଗ ହୋଇଛି। ପ୍ରତିମୂର୍ତ୍ତି ନିକଟରେ ଆବଶ୍ୟକ ଆଲୋକ ବ୍ୟବସ୍ଥା ନଥିବାରୁ ସନ୍ଧ୍ୟା ପରେ ସମଗ୍ର ଅଞ୍ଚଳ ଅନ୍ଧକାରମୟ ହୋଇପଡୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ଗାନ୍ଧୀ ଜୟନ୍ତୀ ଅବସରରେ ପ୍ରଶାସନ ପକ୍ଷରୁ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ମୃତିଚାରଣ ଓ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଥିବା ବେଳେ ବର୍ଷର ଅନ୍ୟ ସମୟରେ ଏହି ସ୍ମାରକସ୍ଥଳୀର ରକ୍ଷଣାବେକ୍ଷଣ ଓ ଆଲୋକ ବ୍ୟବସ୍ଥା ପ୍ରତି ଆବଶ୍ୟକ ଧ୍ୟାନ ଦିଆଯାଉଛି କି ନାହିଁ, ତାହାକୁ ନେଇ ପ୍ରଶ୍ନ ଉଠିଛି।

ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଏହାକୁ ନେଇ ଆଲୋଚନା ହେଉଛି। ସେମାନଙ୍କ ମତରେ, ଗାନ୍ଧୀଙ୍କ ଜୟନ୍ତୀ ଦିନ ମାତ୍ର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ସ୍ମରଣ କରିବା ଅପେକ୍ଷା ବର୍ଷସାରା ତାଙ୍କ ସ୍ମୃତି ଓ ଆଦର୍ଶକୁ ସମ୍ମାନ ଦେବା ଆବଶ୍ୟକ। ଏଥିପାଇଁ ପ୍ରତିମୂର୍ତ୍ତିର ନିୟମିତ ସଫେଇ, ପରିମଳ, ସୌନ୍ଦର୍ଯ୍ୟକରଣ ଓ ପର୍ଯ୍ୟାପ୍ତ ଆଲୋକ ବ୍ୟବସ୍ଥା ନିଶ୍ଚିତ କରାଯିବା ଦରକାର ବୋଲି ମତ ପ୍ରକାଶ ପାଇଛି। ଢେଙ୍କାନାଳ ସହରର ବସଷ୍ଟାଣ୍ଡ ନିକଟରେ ଥିବା ଏହି ସ୍ଥାନଟି ଲୋକଙ୍କ ନଜରରେ ରହୁଥିବାରୁ ଏଠାରେ ଉପଯୁକ୍ତ ଆଲୋକ ବ୍ୟବସ୍ଥା କରାଗଲେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ରାତିରେ ମଧ୍ୟ ଦୃଶ୍ୟମାନ ହେବା ସହ ପାର୍କର ପରିବେଶ ଅଧିକ ସୁନ୍ଦର ହୋଇପାରିବ। ଏଥିସହ ସ୍ଥାନଟିର ସୁରକ୍ଷା ଦୃଷ୍ଟିରୁ ମଧ୍ୟ ଆଲୋକ ବ୍ୟବସ୍ଥା ଜରୁରୀ ବୋଲି ମତ ରହିଛି। ଗାନ୍ଧୀ ଜୟନ୍ତୀ ପାଳନ ପୂର୍ବରୁ ଜିଲ୍ଲା ପ୍ରଶାସନ ଏବଂ ସମ୍ପୃକ୍ତ ପୌର କର୍ତ୍ତୃପକ୍ଷ ଏହି ସମସ୍ୟା ଉପରେ ଦୃଷ୍ଟି ଦେଇ ଗାନ୍ଧୀ ପାର୍କରେ ଆବଶ୍ୟକ ଆଲୋକ ବ୍ୟବସ୍ଥା ସହ ପ୍ରତିମୂର୍ତ୍ତି ଓ ପରିସରର ରକ୍ଷଣାବେକ୍ଷଣ କରିବାକୁ ସହରବାସୀ ଦାବି କରିଛନ୍ତି।

# ଶିଖରଚଣ୍ଡୀ ମନ୍ଦିରର ହେବ ପୂର୍ଣ୍ଣାଙ୍ଗ ବିକାଶ

## ନବରାତ୍ରୀ ପୂର୍ବରୁ ସମୀକ୍ଷା କଲେ ଉପମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୩୦।୯(ସଂଚାର ବ୍ୟୁରୋ): ଭୁବନେଶ୍ୱରସ୍ଥିତ ପ୍ରସିଦ୍ଧ ଶିଖରଚଣ୍ଡୀ ମନ୍ଦିରର ପୂର୍ଣ୍ଣାଙ୍ଗ ବିକାଶ ଓ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ଆଗାମୀ ନବରାତ୍ରୀ ଓ ଶୀତଦିନିଆ ପର୍ଯ୍ୟଟନ ଋତୁ ପୂର୍ବରୁ ଏହି ବୃହତ ପ୍ରକଳ୍ପ କାର୍ଯ୍ୟକୁ ଦ୍ରୁତ ଗତିରେ ସମ୍ପୂର୍ଣ୍ଣ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏହାଦ୍ୱାରା ଶ୍ରଦ୍ଧାଳୁ ଓ ପର୍ଯ୍ୟଟକମାନେ ଉତ୍ତମ ସୁବିଧା ସୁଯୋଗ ପାଇପାରିବେ। ଏହି ସମୀକ୍ଷା ବୈଠକରେ ପର୍ଯ୍ୟଟନ ବିଭାଗର ପ୍ରମୁଖ ଶାସନ ସଚିବ ତଥା କମିଶନର ବଲୱନ୍ତ ସିଂହଙ୍କ ସମେତ ବିଭାଗୀୟ ଉଚ୍ଚାଧିକାରୀ ଓ ଜନପ୍ରତିନିଧିମାନେ ଉପସ୍ଥିତ ଥିଲେ।

ସମୀକ୍ଷା ବୈଠକରେ ମନ୍ଦିର ପରିସରର ସୌନ୍ଦର୍ଯ୍ୟକରଣ, ଯାତାୟାତ ପାଇଁ ପ୍ରଶସ୍ତ ରାସ୍ତା ନିର୍ମାଣ, ଶ୍ରଦ୍ଧାଳୁଙ୍କ ପାଇଁ ପାନୀୟ ଜଳ, ପାର୍କିଂ ଓ ବିଶ୍ରାମାଗାର ଭଳି ସମସ୍ତ ମୌଳିକ ସୁବିଧାର ପୂର୍ଣ୍ଣାଙ୍ଗ ପ୍ରକଳ୍ପ ଉପରେ ଚର୍ଚ୍ଚା କରାଯାଇଥିଲା। ନବରାତ୍ରୀ ପୂର୍ବରୁ ଏହି ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ଶେଷ କରି ଭକ୍ତଙ୍କ ଉଦ୍ଦେଶ୍ୟରେ ସମର୍ପିତ କରିବାକୁ ଲକ୍ଷ୍ୟ ରଖାଯାଇଛି। ପର୍ଯ୍ୟଟନ ବିଭାଗର ପ୍ରମୁଖ ଶାସନ ସଚିବ ତଥା କମିଶନର ବଲୱନ୍ତ ସିଂହ ବିଭିନ୍ନ ବିଭାଗୀୟ କାର୍ଯ୍ୟର ଅଗ୍ରଗତି ଓ ସମନ୍ୱୟ ସମ୍ପର୍କରେ ଉପମୁଖ୍ୟମନ୍ତ୍ରୀଙ୍କୁ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ।

ଶିଖରଚଣ୍ଡୀ ମନ୍ଦିରକୁ ଏକ ଆଧ୍ୟାତ୍ମିକ ତଥା ପ୍ରମୁଖ ପର୍ଯ୍ୟଟନ ସ୍ଥଳ ଭାବେ ଗଢ଼ି ତୋଳିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରକାଶ କରିବା ସହ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମସ୍ତ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ମୌସୁମୀ ପରବର୍ତ୍ତୀ ରାସ୍ତା ଓ ସେତୁ ମରାମତି ନେଇ ଉଚ୍ଚସ୍ତରୀୟ ବୈଠକ

# ଖରାପ ରାସ୍ତାର ତୁରନ୍ତ ମରାମତି ନିର୍ଦ୍ଦେଶ

■ ନିୟମିତ କ୍ଷେତ୍ର ପର୍ଯ୍ୟବେକ୍ଷଣ ଓ ନିର୍ମାଣ କାର୍ଯ୍ୟ ତଦାରଖ ପାଇଁ ନିର୍ଦ୍ଦେଶ

■ କାର୍ଯ୍ୟରେ ଅବହେଳା କଲେ କାର୍ଯ୍ୟାନୁଷ୍ଠାନ ଚେତାବନୀ



ଭୁବନେଶ୍ୱର,୩୦।୯(ସଂଚାର ବ୍ୟୁରୋ): ଚଳିତ ବର୍ଷ ହୋଇଥିବା ବ୍ୟାପକ ବର୍ଷା ଯୋଗୁଁ ରାଜ୍ୟର ଅନେକ ରାସ୍ତାଘାଟ ଖରାପ ପରିସ୍ଥିତିକୁ ଚାଲିଆସିଛି। ଏପରିକି ଭୂସ୍ଖଳନ ଓ ବନ୍ୟା ପରିସ୍ଥିତି ଯୋଗୁଁ ବହୁ ରାସ୍ତା ନଷ୍ଟ ହେବା ସହ ଧୋଇଯାଇଛି। ତେବେ ଏହି ପରିସ୍ଥିତିର ଦୃଢ଼ ମୁକାବିଲା କରିବା ଏବଂ ନଷ୍ଟ ହୋଇଯାଇଥିବା ରାସ୍ତାର ତୁରନ୍ତ ମରାମତି ନେଇ ଆଇନ ଓ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ହୋଇଯାଇଛି। ଆଜି ଅନୁଷ୍ଠିତ ବୈଠକରେ ନଖରା-ନିଆଳି ରାସ୍ତା, ଅଡ଼ଶପୁର-ଜଗତସିଂହପୁର ରାସ୍ତା, କଳିଙ୍ଗା ଘାଟି ରାସ୍ତା ସମେତ କୋରାପୁଟ, ଭଦ୍ରକ, ବାଲେଶ୍ୱର, କଟକ ଟାଉନ୍, ଗଞ୍ଜାମ, ସମ୍ବଲପୁର, କେଉଁଝର, ପାରାଦୀପ ଆଦି ରାଜ୍ୟର ବିଭିନ୍ନ ଅଞ୍ଚଳରେ କ୍ଷତିଗ୍ରସ୍ତ ହୋଇଥିବା ରାସ୍ତାର ମରାମତି ନେଇ ପୂର୍ତ୍ତ ମନ୍ତ୍ରୀ ସମୀକ୍ଷା କରିଥିଲେ। ରାଜ୍ୟ ସରକାରଙ୍କ ପ୍ରତିଶ୍ରୁତି ଅନୁଯାୟୀ ରାଜ୍ୟବାସୀଙ୍କୁ ଉତ୍ତମ ସଡ଼କ ପଥ ଯୋଗାଇ ଦେବା ଆମର ନୈତିକ ଦାୟିତ୍ୱ ଓ ଏଥିରେ କୌଣସି ପ୍ରକାର ସାଲିସ୍ ବରଦାସ୍ତ କରାଯିବ ନାହିଁ ବୋଲି ମନ୍ତ୍ରୀ କହିଥିଲେ। ଏଥି ସହିତ ରାଜ୍ୟର କିଛି ସ୍ଥାନରେ ରାସ୍ତାର ସ୍ଥିତି ଖରାପ ହୋଇଥିବା ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହୋଇଛି। ଏହାକୁ ଗୁରୁତ୍ୱର ସହ ଗ୍ରହଣ କରି ତୁରନ୍ତ ଏହି ରାସ୍ତାର ମରାମତି ଶେଷ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ସର୍ବୋଚ୍ଚ ଯନ୍ତ୍ରୀଙ୍କଠାରୁ ଆରମ୍ଭ କରି ମୁଖ୍ୟଯନ୍ତ୍ରୀ, ଅଧୀକ୍ଷଣ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀମାନେ ନିୟମିତ ଭାବେ ନିଜ ଅଧିନରେ ଥିବା ରାସ୍ତାର ସ୍ଥିତି ଯାଞ୍ଚ କରି ପ୍ରତି ୧୫ ଦିନରେ ରିପୋର୍ଟ ପ୍ରଦାନ କରିବେ। ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ଉପସ୍ଥିତ ରହି କାର୍ଯ୍ୟର ଗୁଣବତ୍ତା ଯାଞ୍ଚ କରିବେ।

## ଓଡ଼ିଶା ମାନବ ଅଧିକାର ଆୟୋଗଙ୍କ କ୍ୟାମ୍ପ କୋର୍ଟ ଅନୁଷ୍ଠିତ



ସୁନ୍ଦରଗଡ଼,୩୦।୯(ସଂଚାର ବ୍ୟୁରୋ): ଲୋକଙ୍କ ନିକଟରେ ନ୍ୟାୟ ପହଞ୍ଚାଇବା ଓ ସେମାନଙ୍କ ଦ୍ୱାର ଦେଶରେ ମାନବ ଅଧିକାରର ପ୍ରଚାର ଓ ସୁରକ୍ଷାକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ସୁନ୍ଦରଗଡ଼ସ୍ଥିତ କଲେକ୍ଟୋରେଟ୍ ପରିସରର ସଦ୍ଭାବନା ଭବନରେ ଓଡ଼ିଶା ମାନବ ଅଧିକାର ଆୟୋଗଙ୍କ ଏକ କ୍ୟାମ୍ପ କୋର୍ଟ ଅନୁଷ୍ଠିତ ହୋଇଛି। ଦୁଇ ଦିନ ଧରି ଅନୁଷ୍ଠିତ ହୋଇଥିବା ଏହି କ୍ୟାମ୍ପ କୋର୍ଟରେ ଓଡ଼ିଶା ମାନବ ଅଧିକାର ଆୟୋଗର ଅଧ୍ୟକ୍ଷ ନ୍ୟାୟମୂର୍ତ୍ତି ଶତ୍ରୁଘ୍ନ ପୂଜାହାରୀ ଅଧ୍ୟକ୍ଷତା କରିଥିଲେ। ଆୟୋଗଙ୍କ ନିକଟରେ ସୁନ୍ଦରଗଡ଼ ଜିଲ୍ଲା ସମ୍ବନ୍ଧୀୟ ମୋଟ ୪୩ଟି ମାମଲା ଉପସ୍ଥାପନ କରାଯାଇଥିଲା ଓ ସେଥିମଧ୍ୟରୁ ୨୪ଟି ମାମଲାର ସମାଧାନ କରାଯାଇଥିଲା। ସେହିପରି ଝାରସୁଗୁଡ଼ା ଜିଲ୍ଲା ସମ୍ବନ୍ଧୀୟ ୨୧ଟି ମାମଲା ଆୟୋଗଙ୍କ ନିକଟରେ ଉପସ୍ଥାପନ କରାଯାଇଥିଲା ଓ ୧୦ଟି ମାମଲାର ସମାଧାନ କରାଯାଇଥିଲା। ଏହି କ୍ୟାମ୍ପ କୋର୍ଟ ସମୟରେ ସୁନ୍ଦରଗଡ଼ ଓ ଝାରସୁଗୁଡ଼ାର ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ ଓ ସମ୍ପୃକ୍ତ ଜିଲ୍ଲା ପ୍ରଶାସନ ଓ ପୁଲିସ ବିଭାଗର ଅନ୍ୟ ଅଧିକାରୀ ତଥା ସମ୍ପୃକ୍ତ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ।

## ରାଜଧାନୀରେ ଘରେ ପଡିବନି ଖବରକାଗଜ

ଭୁବନେଶ୍ୱର,୩୦।୯(ସଂଚାର ବ୍ୟୁରୋ): ପୁଲିସ ଜୁଲୁମ ପ୍ରତିବାଦରେ ଆସନ୍ତାକାଲିଠାରୁ ଘର ଘର ବୁଲି ଖବରକାଗଜ ପକାଇବେନି ହକର। ଭୁବନେଶ୍ୱର ମହାନଗର ନିଗମ ଖବରକାଗଜ ବିତରକ ସଂଘ ଏହି ନିଷ୍ପତ୍ତି ନେଇଛି। ହକରମାନେ ସେମାନଙ୍କ ହକ ପାଇଁ ଦାବି କରୁଛନ୍ତି ସେତେବେଳେ ପୁଲିସ ସେମାନଙ୍କ ନେତାଙ୍କୁ ବାନ୍ଧି ନେଇ ଅନ୍ୟାୟ ଭାବେ ଜୁଲୁମ କରୁଥିବା ସଂଘ ଅଭିଯୋଗ କରିଛି। ମିଛ ଅଭିଯୋଗର ସତ୍ୟତା ତଦନ୍ତ ନକରି ନିୟମର ସବୁ ସୀମା ଟପିଯାଇଛି କ୍ୟାପିଟାଲ ଥାନା ପୁଲିସ। ଅଭିଯୋଗର ସତ୍ୟତା ନ ଜାଣି ହକର ସଂଘର କାର୍ଯ୍ୟକର୍ତ୍ତାଙ୍କୁ ବେଆଇନ ଭାବେ ଥାନାରେ ରଖି ମାନସିକ ନିର୍ଯାତନା ଓ ଧମକ ଦିଆଯାଉଛି ବୋଲି ସଂଘ ଅଭିଯୋଗ କରିଛି। ପ୍ରତ୍ୟେକ ଦିନ ଘରେ ଘରେ ଖବରକାଗଜ ପକାଉଥିବା ନିରୀହ, ଗରିବ ହକର ଯେତେବେଳେ ନିଜ ହକ ପାଇଁ ଦାବି କରୁଛନ୍ତି, ସେହି ସମୟରେ ହକର ୟୁନିୟନର କାର୍ଯ୍ୟକର୍ତ୍ତାଙ୍କୁ ଉଠାଇନେଇ ପୁଲିସର ଜୁଲୁମ କେତେ ଯୁକ୍ତିଯୁକ୍ତ ବୋଲି ସଂଘ ପ୍ରଶ୍ନ କରିଛି। ନ୍ୟାୟ ଅପେକ୍ଷାରେ ଥିବା ହକରମାନେ ଉଚିତ ନ୍ୟାୟ ନମିଳିଲେ ଓ ପୁଲିସର ଜୁଲୁମ ବନ୍ଦ ନହେଲେ ପୂରା ଭୁବନେଶ୍ୱରରେ ଆସନ୍ତାକାଲିଠାରୁ ଖବରକାଗଜ ପକାଇବା ବନ୍ଦ ରଖିବାକୁ ସମସ୍ତ ହକର ସଂଘ ବାଧ୍ୟ ହେବ ବୋଲି ଏକ ପ୍ରେସ ବିଜ୍ଞପ୍ତି ଜରିଆରେ ଜଣାଇଛି।

## ଗ୍ରାମସଭାକୁ ଅଧିକ ଅର୍ଥପୂର୍ଣ୍ଣ କରିବାକୁ ସରପଞ୍ଚମାନଙ୍କୁ ଆହ୍ୱାନ



ଭୁବନେଶ୍ୱର,୩୦।୯(ସଂଚାର ବ୍ୟୁରୋ): ଆସନ୍ତା ଗାନ୍ଧି ଜୟନ୍ତୀ ଅବସରରେ ରାଜ୍ୟର ସମସ୍ତ ଗ୍ରାମ ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା ଆୟୋଜନ କରାଯିବ। ଏହି ଗ୍ରାମସଭାକୁ ଅଧିକ ଅର୍ଥପୂର୍ଣ୍ଣ, ଲୋକାଭିମୁଖୀ ଓ ଅଂଶଗ୍ରହଣମୂଳକ କରିବା ପାଇଁ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ରାଜ୍ୟର ସମସ୍ତ ସରପଞ୍ଚଙ୍କୁ ଚିଠି ଲେଖିଛନ୍ତି। ମହାତ୍ମା ଗାନ୍ଧିଙ୍କ 'ଗ୍ରାମ ସ୍ୱରାଜ'ର ଭାବନାକୁ ଆଧାର କରି ଗ୍ରାମବାସୀଙ୍କ ସକ୍ରିୟ ଅଂଶଗ୍ରହଣରେ ସ୍ଥାନୀୟ ସମସ୍ୟା, ଆବଶ୍ୟକତା, ସମ୍ଭାବନା ଓ ବିକାଶର ପ୍ରାଥମିକତା ଚିହ୍ନଟ କରିବା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଏଥିସହ 'ପିପୁଲ୍ସ ପ୍ଲାନ୍ କ୍ୟାମ୍ପେନ୍ ୨୦୨୬-୨୭' ମାଧ୍ୟମରେ ଲୋକଙ୍କ ମତାମତ ଓ ଅଂଶଗ୍ରହଣକୁ ଗ୍ରାମ ପଞ୍ଚାୟତ ବିକାଶ ଯୋଜନା ପ୍ରସ୍ତୁତିର ଆଧାର କରିବାକୁ ସେ ଆହ୍ୱାନ ଦେଇଛନ୍ତି। ଚଳିତ ବର୍ଷର ସ୍ୱତନ୍ତ୍ର ଗ୍ରାମସଭାର ଅନ୍ୟତମ ପ୍ରମୁଖ ବିଷୟ ଭାବେ 'ରିଫର୍ମ ଉତ୍ସବ' ରହିବ। ଗ୍ରାମସଭାରେ ବିଭିନ୍ନ ସରକାରୀ ଯୋଜନା, ସଂସ୍କାରମୂଳକ ପଦକ୍ଷେପ ଓ ଗ୍ରାମୀଣ ବିକାଶ ସହ ଜଡ଼ିତ ବିଷୟ ଉପରେ ଆଲୋଚନା ସହ ଗ୍ରାମବାସୀଙ୍କ ଅଧିକ ସକ୍ରିୟ ଭୂମିକା ସୁନିଶ୍ଚିତ କରିବାକୁ ପଞ୍ଚାୟତିରାଜ ମନ୍ତ୍ରୀ ସରପଞ୍ଚମାନଙ୍କୁ ପରାମର୍ଶ ଦେଇଛନ୍ତି।

## ୨ରୁ ବିଜେଡିର ମାସବ୍ୟାପୀ 'ଜନସମ୍ପର୍କ ପଦଯାତ୍ରା'



ଭୁବନେଶ୍ୱର,୩୦।୯(ସଂଚାର ବ୍ୟୁରୋ): ବିଜେଡି ପକ୍ଷରୁ ଆସନ୍ତା ୨ ଗାନ୍ଧି ଜୟନ୍ତୀରୁ ନଭେମ୍ବର ୨ ପର୍ଯ୍ୟନ୍ତ ମାସେ ବ୍ୟାପୀ 'ଜନସମ୍ପର୍କ ପଦଯାତ୍ରା' ଅଭିଯାନ ଆୟୋଜିତ ହେବ। ଏ ସଂକ୍ରାନ୍ତରେ ଦଳର ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ଅନୁମୋଦନ ଦେଇଛନ୍ତି। ସେହି ଆଧାରରେ ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର ଦଳର ସବୁ ବିଧାୟକ, ସାଂସଦ, ଜିଲ୍ଲା ସଭାପତି, ଯୁବ ଛାତ୍ର ନେତା ଓ କର୍ମୀ ଏହି ପଦଯାତ୍ରା କାର୍ଯ୍ୟକ୍ରମରେ ବିଜେଡି ସରକାର ସମୟର ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବାକୁ ଅପିଲ କରିଛନ୍ତି। ଏଥିସହ ବର୍ତ୍ତମାନର ସରକାରଙ୍କ ପ୍ରତିଶ୍ରୁତି ପାଳନରେ ବିଫଳତା, ଆଇନଶୃଙ୍ଖଳା ସ୍ଥିତି, ମହିଳା, ଚାଷୀ, ଯୁବକ ଓ ଛାତ୍ର ସମସ୍ୟା, ଦରଦାମ ବୃଦ୍ଧି ଏବଂ ଅନ୍ୟାନ୍ୟ ଜନବିରୋଧୀ ନୀତି ପ୍ରତିବାଦରେ ସଚେତନତା ସୃଷ୍ଟି କରାଯିବ। ଏହି ମାସେବ୍ୟାପୀ ଅଭିଯାନ କାଳରେ ଆସନ୍ତା ୯ରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଓ ଅକ୍ଟୋବର ୧୧ ତାରିଖରେ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ଜୟନ୍ତୀ ମଧ୍ୟ ପାଳନ କରାଯିବ। ରାଜ୍ୟର ସମସ୍ତ ନିର୍ବାଚନମଣ୍ଡଳୀ, ଗ୍ରାମାଞ୍ଚଳ ଓ ପୌରାଞ୍ଚଳରେ ଏହି ପଦଯାତ୍ରାର ଆୟୋଜନ କରାଯିବ। ସ୍ଥାନୀୟ ନିର୍ବାଚନମଣ୍ଡଳୀ ନେତୃବୃନ୍ଦ, ଜିଲ୍ଲା ସଭାପତି, ତୃଣମୂଳ ସ୍ତରର କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧିମାନେ ଏହାକୁ ପ୍ରତ୍ୟକ୍ଷ ପରିଚାଳନା କରିବେ। କାର୍ଯ୍ୟକ୍ରମର ବିବରଣୀ, ଭିଡିଓ ଓ ଫଟୋ ଶଙ୍ଖ ଭବନ ମୁଖ୍ୟାଳୟକୁ ପଠାଇବା ପାଇଁ ସମସ୍ତ ଦଳୀୟ ନେତା ଓ କର୍ମକର୍ତ୍ତାଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ଶିଶୁଙ୍କ ସୁସ୍ଥ ଭବିଷ୍ୟତ ପାଇଁ ପୋଷଣ ଓ ପରିବାରର ସହଭାଗିତା ଜରୁରୀ

### ● ଉତ୍ତର ନିର୍ବାଚନମଣ୍ଡଳୀର ପୋଷଣ କାର୍ଯ୍ୟକ୍ରମରେ ଯୋଗଦେଲେ ଗୋଲକ ମହାପାତ୍ର



ଭୁବନେଶ୍ୱର,୩୦।୯(ସଂଚାର ବ୍ୟୁରୋ): ଶିଶୁ ହେଉଛନ୍ତି ଆମ ସମାଜ ଓ ରାଷ୍ଟ୍ରର ଭବିଷ୍ୟତ। ଶିଶୁଙ୍କ ସୁସ୍ଥ ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶ ପାଇଁ ପୋଷଣ, ଯତ୍ନ ଓ ଉତ୍ତମ ପରିବେଶର ଗୁରୁତ୍ୱ ଅପରିସୀମ। ଏହି ଲକ୍ଷ୍ୟକୁ ନେଇ ରାଜ୍ୟସ୍ତରୀୟ 'ଆଙ୍ଗନ୍ କା ଉତ୍ସବ' ଏବଂ '୯ମ ରାଷ୍ଟ୍ରୀୟ ପୋଷଣ ମାସ' ପାଳନ ଅବସରରେ ଭୁବନେଶ୍ୱର ଉତ୍ତର ନିର୍ବାଚନ ମଣ୍ଡଳୀର ସୀତାନାଥ ନଗର ଏବଂ ପ୍ରେସ କଲୋନୀଠାରେ ଆୟୋଜିତ ପୋଷଣ କାର୍ଯ୍ୟକ୍ରମରେ ବିଜେପିର ବରିଷ୍ଠ ନେତା ଗୋଲକ ମହାପାତ୍ର ଯୋଗଦେଇଥିଲେ। ଏହି ଅବସରରେ ଶ୍ରୀ ମହାପାତ୍ର ତୃଣମୂଳ ସ୍ତରରେ ନିଷ୍ଠା, ସେବା ଓ ସମର୍ପଣର ସହ କାର୍ଯ୍ୟ କରୁଥିବା ଅଙ୍ଗନୱାଡ଼ି କର୍ମୀ, ସହାୟିକା ଏବଂ ଆଶା ଭଉଣୀମାନଙ୍କୁ ସମ୍ମାନିତ କରିଥିଲେ। ମାଆ ଓ ଶିଶୁଙ୍କ ସ୍ୱାସ୍ଥ୍ୟ ଏବଂ ପୋଷଣ ସୁନିଶ୍ଚିତ କରିବାରେ ଏହି କର୍ମଯୋଗୀ ଭଉଣୀମାନଙ୍କ ଭୂମିକାକୁ ସେ ପ୍ରଶଂସା କରିବା ସହ ସେମାନଙ୍କ ସେବା ପାଇଁ କୃତଜ୍ଞତା ଜଣାଇଥିଲେ। ଉତ୍ସବରେ ଉପସ୍ଥିତ କୁନି କୁନି ଶିଶୁମାନଙ୍କ ସହ ସ୍ନେହଭରା ଭାବବିନିମୟ କରି ଶ୍ରୀ ମହାପାତ୍ର ସେମାନଙ୍କ ସୃଜନଶୀଳତା, ଉତ୍ସାହ ଓ ପ୍ରତିଭାର ପ୍ରଶଂସା କରିଥିଲେ। ଶିଶୁମାନଙ୍କ ମୁହଁର ହସ ହିଁ ଏକ ସୁସ୍ଥ ଓ ସମୃଦ୍ଧ ସମାଜର ପରିଚୟ ବୋଲି ସେ ମତବ୍ୟକ୍ତ କରିଥିଲେ।

ଶ୍ରୀ ମହାପାତ୍ର କହିଥିଲେ, ଶିଶୁର ଜୀବନର ପ୍ରଥମ ୧୦୦୦ ଦିନ ତା'ର ଭବିଷ୍ୟତ ଗଠନର ମୂଳଦୁଆ। ଏହି ସମୟରେ ଉପଯୁକ୍ତ ପୋଷଣ, ଯତ୍ନ ଓ ଭଲ ପରିବେଶ ଶିଶୁର ସର୍ବାଙ୍ଗୀନ ବିକାଶ ପାଇଁ ଅତ୍ୟନ୍ତ ଆବଶ୍ୟକ। ସେ ଆହୁରି କହିଥିଲେ ଯେ, ଶିଶୁର ପୋଷଣ ଓ ଲାଳନ-ପାଳନ କେବଳ ମାଆଙ୍କ ଦାୟିତ୍ୱ ନୁହେଁ। ବାପାଙ୍କ ସମେତ ପରିବାରର ପ୍ରତ୍ୟେକ ସଦସ୍ୟଙ୍କ ସକ୍ରିୟ ସହଭାଗିତା ଶିଶୁର ସୁସ୍ଥ ବିକାଶ ପାଇଁ ଆବଶ୍ୟକ। ଆଜିର ଡିଜିଟାଲ୍ ଯୁଗରେ ଶିଶୁମାନଙ୍କ ମୋବାଇଲ୍ ଓ ସ୍କ୍ରିନ୍ ନିର୍ଭରତାକୁ କମାଇ ସେମାନଙ୍କୁ ଜେଜେବାପା ଜେଜେମାଙ୍କ ସ୍ନେହଭରା କାହାଣୀ, ଖେଳକୁଦ, ପୁସ୍ତକ ପଠନ, ପରିବାର ସହ ସମୟ ବିତାଇବା ଏବଂ ପୁଷ୍ଟିକର 'ତ୍ରିରଙ୍ଗା ଥାଳି'ର ଆହାର ସହ ଯୋଡ଼ିବା ଆବଶ୍ୟକ ବୋଲି ସେ କହିଥିଲେ। 'ପୋଷଣ ଭି ପଢ଼ାଇ ଭି' ଏବଂ ସୁଖଦ ଲାଳନ ପାଳନ ର ମୂଳ ଲକ୍ଷ୍ୟକୁ ସଫଳ କରିବା ପାଇଁ ଶିଶୁଙ୍କୁ କେବଳ ଶିକ୍ଷିତ ନୁହେଁ, ବରଂ ସଂସ୍କାରୀ, ସୁସ୍ଥ, ସୁରକ୍ଷିତ ଓ ସମ୍ବେଦନଶୀଳ ନାଗରିକ ଭାବେ ଗଢ଼ି ତୋଳିବା ଆବଶ୍ୟକ।

## ଆଇଆଇଏମଟି-ଆଇଏସଟିଡି ଚାପ୍ଟର ବୁଝାମଣା

### ସମସାମୟିକ ପରିଚାଳନା ଶିକ୍ଷାକୁ ସୁଗମ କରିବ



ଭୁବନେଶ୍ୱର,୩୦।୯(ସଂଚାର ବ୍ୟୁରୋ): ଇଣ୍ଟରସାଇନ୍ସ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ଟେକ୍ନୋଲୋଜି (ଆଇଆଇଏମଟି) ଭୁବନେଶ୍ୱର ଓ 'ଇଣ୍ଡିଆନ୍ ସୋସାଇଟି ଫର୍ ଟ୍ରେନିଂ ଆଣ୍ଡ ଡେଭଲପମେଣ୍ଟ' (ଆଇଏସଟିଡି) ଭୁବନେଶ୍ୱର ଶାଖା ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। ଏହି ଚୁକ୍ତିନାମା ଅନୁଯାୟୀ, ଉଭୟ ସଂସ୍ଥା ମିଳିତ ଭାବେ 'କଣ୍ଟିନ୍ୟୁଇଙ୍ଗ୍ ମ୍ୟାନେଜମେଣ୍ଟ ଏଜୁକେସନ୍' (ସିଏମଇ) କାର୍ଯ୍ୟକ୍ରମ ପରିଚାଳନା କରିବେ। ଏଥିରେ ଓଡ଼ିଶା ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯିବା ସହ ଏହି ପଦକ୍ଷେପକୁ ବିଶ୍ୱ ସ୍ତରରେ ସମ୍ପ୍ରସାରିତ କରିବାର ବ୍ୟାପକ ଲକ୍ଷ୍ୟ ରଖାଯାଇଛି। ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ଛାତ୍ରଛାତ୍ରୀ, ବୃତ୍ତିଗତ ବ୍ୟକ୍ତି, ଶିକ୍ଷାବିତ୍, ଶିଳ୍ପ କ୍ଷେତ୍ରର ବିଶେଷଜ୍ଞ ଓ ଅନ୍ୟାନ୍ୟ ଅଂଶୀଦାରମାନଙ୍କ ମଧ୍ୟରେ କ୍ରମାଗତ ପରିଚାଳନା ଶିକ୍ଷା, ବୃତ୍ତିଗତ ବିକାଶ, ଦକ୍ଷତା ବୃଦ୍ଧି, ପ୍ରଶିକ୍ଷଣ ଏବଂ ଜ୍ଞାନ ଆଦାନପ୍ରଦାନ ପାଇଁ ଏକ ସହଯୋଗୀ ମଞ୍ଚ ପ୍ରସ୍ତୁତ କରିବା। ଦ୍ରୁତ ଗତିରେ ପରିବର୍ତ୍ତିତ ହେଉଥିବା ବିଶ୍ୱ ବ୍ୟାବସାୟିକ ପରିବେଶରେ ସମସାମୟିକ ପରିଚାଳନା ଶିକ୍ଷାକୁ ସୁଗମ କରିବା ଓ ବୃତ୍ତିଗତ ଉତ୍କର୍ଷତାକୁ ପ୍ରୋତ୍ସାହିତ କରିବା ପାଇଁ ଏହି କାର୍ଯ୍ୟକ୍ରମର ପରିକଳ୍ପନା କରାଯାଇଛି। ଆଇଆଇଏମଟି ଭୁବନେଶ୍ୱରର ଅଧ୍ୟକ୍ଷ ତଥା ପ୍ରତିଷ୍ଠାତା ନିର୍ଦ୍ଦେଶକ ପ୍ରଫେସର ଶ୍ରୀକାନ୍ତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏହି ପଦକ୍ଷେପ ଗ୍ରହଣ କରାଯାଇଥିଲା। ଆଇଆଇଏମଟି ନିର୍ଦ୍ଦେଶକ ପ୍ରଫେସର (ଡକ୍ଟର) ଜୟଦେବ କରଙ୍କ ସ୍ୱାଗତ ଭାଷଣ ସହ ବୈଠକ ଆରମ୍ଭ ହୋଇଥିଲା। ଏହାପରେ 'ଟ୍ୟାଲେଣ୍ଟ ସିଗ୍ମା ପ୍ରଫେସନାଲ୍ ପ୍ରାଇଭେଟ୍ ଲିମିଟେଡ୍'ର ନିର୍ଦ୍ଦେଶକ ତଥା ଆଇଏସଟିଡି-ଭୁବନେଶ୍ୱର ଶାଖାର ସମ୍ପାଦକ ଡକ୍ଟର ପରେଶ ଚନ୍ଦ୍ର ମହାନ୍ତି ଆଇଏସଟିଡି-ଭୁବନେଶ୍ୱର ଶାଖା ସମ୍ପର୍କରେ ଏକ ପରିଚୟମୂଳକ ବକ୍ତବ୍ୟ ପ୍ରଦାନ କରିଥିଲେ। ଆଇଏସଟିଡି ଭୁବନେଶ୍ୱର ଶାଖାର ଅଧ୍ୟକ୍ଷ ଡକ୍ଟର ପ୍ରବୋଧ କୁମାର ମହାନ୍ତି ଏହି ବୁଝାମଣାପତ୍ରର ଉଦ୍ଦେଶ୍ୟ ଓ ପରିସର ସମ୍ପର୍କରେ ବୁଝାଇଥିଲେ।

## ଫାୟାର ସେଫ୍ଟି ନିୟମ ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ, ଚାଲିଛି ଜୋରଦାର ଯାଞ୍ଚ

ଢେଙ୍କାନାଳ,୩୦।୯ (ସଂଚାର ବ୍ୟୁରୋ) : ଢେଙ୍କାନାଳ ସହରର ବିଭିନ୍ନ ସପିଙ୍ଗ ମଲ୍ ଉପରେ ଫାୟାର ସେଫଟି ମେଜର ଯାଞ୍ଚ । ଓଡିଶା ସରକାରଙ୍କ ସୁରକ୍ଷିତ ଓଡିଶା ବିକଶିତ ଓଡ଼ିଶା ମାଧ୍ୟମରେ ଫାୟାର ସେଫ୍ଟି ମେଜର ଯାଞ୍ଚ କାର୍ଯ୍ୟକ୍ରମ କରାଯାଇଛି । ଏହି ଅବସରରେ ସହର ମଧ୍ୟରେ ଥିବା ରିଲାନ୍ସ ଡିଜିଟାଲ, ଟ୍ରେଣ୍ଡସ , ବଜାର କୋଲକତା ଏବଂ ରିଲାନ୍ସ ସ୍ମାର୍ଟ ଷ୍ଟୋରରେ ଯାଞ୍ଚ କରାଯାଉଛି । ସେପ୍ଟେମ୍ବର ୧୫ ତାରିଖରୁ ଆରମ୍ଭ ହୋଇଥିବା ଏହି ଯାଞ୍ଚ ଅକ୍ଟୋବର ୧୫ ପର୍ଯ୍ୟନ୍ତ ଚାଲିବ। ପ୍ରଥମ ପର୍ଯ୍ୟାୟରେ ଅନୁଷ୍ଠାନଙ୍କୁ ସଚେତନତା କରାଯାଉଛି।ଢେଙ୍କାନାଳ ଅଗ୍ନିଶମ ବିଭାଗ ପକ୍ଷରୁ ଏହି ଯାଞ୍ଚ ଚାଲିଛି । ଯେଉଁଠାର ଅଗ୍ନି ନିରାପତା ପାଇଁ ଯାହା ସମସ୍ୟା ରହିଥିଲା ତାହାକୁ ତୁରନ୍ତ ସୁଧାରିବା ପାଇଁ ଅଧିକାରୀ ଚେତାବନୀ ଦେଇଛନ୍ତି ।

## ବିଏମ୍‌ସି ପକ୍ଷରୁ ସଫେଇ ମିତ୍ର ସୁରକ୍ଷା ଓ ସମ୍ମାନ ଶିବିର




ଭୁବନେଶ୍ୱର,୩୦।୯(ସଂଚାର ବ୍ୟୁରୋ): ସ୍ୱଚ୍ଛତା ହିଁ ସେବା ଅଧିନରେ ଆଜି ଭୁବନେଶ୍ୱର ମହାନଗର ନିଗମ (ବିଏମସି) ପକ୍ଷରୁ ସଫେଇ ମିତ୍ର ସୁରକ୍ଷା ଓ ସମ୍ମାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ସ୍ୱାସ୍ଥ୍ୟ ପରୀକ୍ଷା ଓ ସମ୍ବର୍ଦ୍ଧନା ଶିବିରରେ ପ୍ରାୟ ୨୦୦ରୁ ଅଧିକ ସ୍ୱଚ୍ଛକର୍ମୀ, ସ୍ୱଚ୍ଛସାଥୀ, ସ୍ୱଚ୍ଛ ସୁପରଭାଇଜର, ଡ୍ରାଇଭର, ହେଲପର, ଏସଆଇ ପ୍ରମୁଖ ଉପସ୍ଥିତ ଥିଲେ। ପରିମଳ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ସ୍ୱଚ୍ଛ କର୍ମୀଙ୍କୁ ମେୟର ସୁଲୋଚନା ଦାସ ମାନପତ୍ର ଓ ଉପହାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଭୁବନେଶ୍ୱରକୁ ଦେଶର ଏକ ସ୍ୱତନ୍ତ୍ର ସ୍ଥାନକୁ ନେବାରେ ସ୍ୱଚ୍ଛ କର୍ମୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେହିମାନଙ୍କ ପାଇଁ ଭୁବନେଶ୍ୱର ଦେଶର ୨ ନମ୍ବର ସ୍ଥାନରେ ରହିଛି ଏବଂ ଆଗାମୀ ଦିନରେ ଏହା ଆହୁରି ଉପରକୁ ନେବାକୁ ହେଲେ ସମସ୍ତ ଆହୁରି କଠୋର ପରିଶ୍ରମ କରିବାକୁ ଆହ୍ୱାନ ଦେଇଛନ୍ତି ମେୟର। ଏହି କାର୍ଯ୍ୟକ୍ରମ ତିନୋଟି ଜୋନରେ ଅନୁଷ୍ଠିତ ହୋଇଥିଲା। ଏହିସବୁ ସ୍ଥାନରେ ପ୍ରାୟ ୫୦୦ ସ୍ୱଚ୍ଛକର୍ମୀ, ସ୍ୱଚ୍ଛସାଥୀ, ସ୍ୱଚ୍ଛ ସୁପରଭାଇଜର, ଡ୍ରାଇଭର, ହେଲପର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ହାଇଟେକ ମେଡିକାଲ କଲେଜ ପକ୍ଷରୁ ରକ୍ତ ନମୂନା ପରୀକ୍ଷା ସହ ବିଭିନ୍ନ ବିଭାଗ ଯଥା ନାସା, କର୍ଣ୍ଣ, ଗଳା, ଚକ୍ଷୁ, ଦନ୍ତ, ଚର୍ମ ଆଦି ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତର ସ୍ୱାସ୍ଥ୍ୟ କର୍ମୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।

## ଗ୍ରାମାଞ୍ଚଳ ବିଦ୍ୟାଳୟରେ ଡିଜିଟାଲ ଶିକ୍ଷା ପ୍ରଦାନ କରୁଛି ବେଦାନ୍ତ

### ● ୬ ଡିଜିଟାଲ ଶ୍ରେଣୀଗୃହରେ ୫୬୦ ଛାତ୍ରଛାତ୍ରୀ ଉପକୃତ



ଭୁବନେଶ୍ୱର,୩୦।୯(ସଂଚାର ବ୍ୟୁରୋ): ଶିକ୍ଷା ସେତେବେଳେ ଅଧିକ ଅର୍ଥପୂର୍ଣ୍ଣ ହୋଇଯାଏ ଯେତେବେଳେ ଛାତ୍ରମାନେ ସଠିକ୍ ଉପକରଣ ଏବଂ ସମ୍ବଳ ପାଇଥାନ୍ତି। ଗ୍ରାମାଞ୍ଚଳର ପିଲାମାନଙ୍କ ପାଇଁ ଗୁଣାତ୍ମକ ଶିକ୍ଷା ଏବଂ ଡିଜିଟାଲ ଅନ୍ତର୍ଭୂକ୍ତିକରଣ ଲାଗି ନିଜର ପ୍ରତିବଦ୍ଧତାକୁ ସୁଦୃଢ଼ କରି ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ଓଡ଼ିଶାର ରାୟଗଡା ଏବଂ କଳାହାଣ୍ଡି ଜିଲ୍ଲାର ୬ଟି ସରକାରୀ ବିଦ୍ୟାଳୟରେ ଜ୍ଞାନ ଜ୍ୟୋତି (ଡିଜିଟାଲ ଶିକ୍ଷା) ପ୍ରକଳ୍ପ ହାତକୁ ନେଇଛି। ଏହି ପଦକ୍ଷେପ ଦ୍ୱାରା ଅତ୍ୟାଧୁନିକ ଡିଜିଟାଲ ଶିକ୍ଷା ଭିତ୍ତିଭୂମି ଆରମ୍ଭ ହୋଇଛି, ଯାହା ଏପର୍ଯ୍ୟନ୍ତ ୫୬୦ରୁ ଅଧିକ ଛାତ୍ରଛାତ୍ରୀ ଏବଂ ୧୭ଜଣ ଶିକ୍ଷକଙ୍କୁ ଉପକୃତ କରିଛି। ଉନ୍ନତ ଡିଜିଟାଲ ଉପକରଣ ବର୍ତ୍ତମାନ ଏହି ଛାତ୍ରଛାତ୍ରୀମାନଙ୍କ ପାଇଁ ଶ୍ରେଣୀଗୃହ ଅଭିଜ୍ଞତାକୁ ସମୃଦ୍ଧ କରୁଛି ଓ ପାଠପଢ଼ାରେ ଏକ ନୂତନ ସମ୍ଭାବନା ସୃଷ୍ଟି କରିଛି। ଏହି ପଦକ୍ଷେପ ପ୍ରଯୁକ୍ତିବିଦ୍ୟା-ସକ୍ଷମ ଶ୍ରେଣୀଗୃହ ସୃଷ୍ଟି କରି ଦୂରବର୍ତ୍ତୀ ଗ୍ରାମୀଣ ସମ୍ପ୍ରଦାୟରେ ଡିଜିଟାଲ୍ ଅପହଞ୍ଚକୁ ଦୂର କରିବାକୁ ଚେଷ୍ଟା କରେ, ଯାହା ଛାତ୍ରମାନଙ୍କ ପାଇଁ ଅଧିକ ଶିକ୍ଷଣ ଅଭିଜ୍ଞତାକୁ ପ୍ରୋତ୍ସାହିତ କରିଛି। ଏହି ପଦକ୍ଷେପର ଅଂଶବିଶେଷ ସ୍ୱରୂପ କଣ୍ଟାମାଳ ପ୍ରାଥମିକ ବିଦ୍ୟାଳୟ, ସାଗବାରୀ ପ୍ରାଥମିକ ବିଦ୍ୟାଳୟ, ତାରାମୁଣ୍ଡି ପ୍ରାଥମିକ ବିଦ୍ୟାଳୟ, ନକୁଣ୍ଡି ଉଚ୍ଚ ବିଦ୍ୟାଳୟ, ତଳାମ୍ବପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଚୁଲାବଢ଼ି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଡିଜିଟାଲ ଶ୍ରେଣୀଗୃହ ପ୍ରତିଷ୍ଠା କରାଯାଇଛି, ଯାହା ପାରମ୍ପରିକ ଶ୍ରେଣୀଗୃହ ଶିକ୍ଷାଦାନର ପରିପୂରକ ଭାବେ ଶିକ୍ଷଣ ପରିବେଶ ସୃଷ୍ଟି କରୁଛି। ଜ୍ଞାନ ଜ୍ୟୋତି ପଦକ୍ଷେପ ବିଜ୍ଞାନ, ପ୍ରଯୁକ୍ତି ବିଦ୍ୟା, ଇଞ୍ଜିନିୟରିଂ ଓ ଗଣିତ (ଷ୍ଟେମ୍) ଆଧାରିତ ଶିକ୍ଷା ସହିତ ଡିଜିଟାଲ୍ ଉପକରଣଗୁଡ଼ିକୁ ସମନ୍ୱିତ କରିଥାଏ, ଯାହାଦ୍ୱାରା ଛାତ୍ରଛାତ୍ରୀଙ୍କ ଯୋଗଦାନ ବୃଦ୍ଧି ପାଇଁ ଏକ ବ୍ୟାପକ ପରିବେଶ ସୃଷ୍ଟି କରାଯାଇପାରିବ। ପ୍ରତ୍ୟେକ ଅଂଶଗ୍ରହଣକାରୀ ବିଦ୍ୟାଳୟକୁ ଡିଜିଟାଲ ଶ୍ରେଣୀଗୃହ ଭିତ୍ତିଭୂମି ସହ ସଜ୍ଜିତ କରାଯାଇଛି, ଯେଉଁଥିରେ ପ୍ରୋଜେକ୍ଟର୍, ଆଣ୍ଡ୍ରଏଡ୍-ଆଧାରିତ ଶିକ୍ଷକ ବ୍ୟବସ୍ଥା, ପାଠ୍ୟକ୍ରମ-ସଂରକ୍ଷିତ ଶିକ୍ଷାଗତ ବିଷୟବସ୍ତୁ, ଷ୍ଟେମ ଉପକରଣ ଓ ମଡେଲ୍, ଷ୍ଟେମ ଲାଇବ୍ରେରୀ ଓ ସୌରଚାଳିତ ବ୍ୟାକଅପ୍ ସିଷ୍ଟମ୍ ଅନ୍ତର୍ଭୁକ୍ତ ଯାହା ଶିକ୍ଷଣ ସମ୍ବଳକୁ ନିରବଚ୍ଛିନ୍ନ ବ୍ୟବହାର ନିଶ୍ଚିତ କରେ। ଡିଜିଟାଲ୍ ଭିତ୍ତିଭୂମି ସହ ଜ୍ଞାନ ଜ୍ୟୋତି ପଦକ୍ଷେପ ଶିକ୍ଷକ ଦକ୍ଷତା ନିର୍ମାଣକୁ ମଧ୍ୟ ସମର୍ଥନ କରେ ଓ ଶିକ୍ଷଣ ଅଭିଜ୍ଞତାର ପରିଚୟ ଦେଇଥାଏ ଯାହା ଜିଜ୍ଞାସା, ସୃଜନ ଶୀଳତା ଏବଂ ଶ୍ରେଣୀଗୃହ ଧାରଣାଗୁଡ଼ିକର ଗଭୀର ବୁଝାମଣାକୁ ପ୍ରୋତ୍ସାହିତ କରେ।

## ଓଡ଼ିଶା ବନ୍ଦ ଡାକରା ଶାନ୍ତିପୂର୍ଣ୍ଣ




ଭୁବନେଶ୍ୱର,୩୦।୯(ସଂଚାର ବ୍ୟୁରୋ): ନବ ନିର୍ମାଣ କୃଷକ ସଂଗଠନ ଦେଇଥିବା ୧୨ ଘଣ୍ଟିଆ ବନ୍ଦ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି। ଭୁବନେଶ୍ୱର ବରମୁଣ୍ଡା ବସଷ୍ଟାଣ୍ଡ ମୁଖ୍ୟ ଗେଟ୍ ସାମ୍ନାରେ ଟାୟାର ଜାଳି ରାସ୍ତାରୋକ କରିଥିଲେ ନବ ନିର୍ମାଣ କୃଷକ ସଂଗଠନର କର୍ମୀ। ତେବେ କଟକରେ ବନ୍ଦର ପ୍ରଭାବ ସେତେଟା ଦେଖିବାକୁ ମିଳି ନଥିଲା। ସହର ଭିତରର ଯାତାୟତ ସ୍ୱାଭାବିକ ଥିବା ବେଳେ ବସ୍ ଯାତାୟାତ ପ୍ରଭାବିତ ହୋଇଥିଲା, ଯେଉଁଥିପାଇଁ ନେତାଜୀ ସୁଭାଷ ବସ୍ ଟର୍ମିନାଲରେ ଦୂର ଦୁରାନ୍ତକୁ ଯିବାକୁ ଥିବା ଯାତ୍ରୀମାନଙ୍କୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ସେହିପରି ଅଟୋ ଚାଳକଙ୍କ ବ୍ୟବସାୟ ଓ ଦୋକାନୀ ମାନଙ୍କ ବ୍ୟବସାୟ ବାଧାପ୍ରାପ୍ତ ହୋଇଥିଲା। ଆଉ ବନ୍ଦର ପ୍ରଭାବରେ ବିଭିନ୍ନ ସହରରେ ସକାଳୁ ହନ୍ତସନ୍ତ ହୋଇଥିଲେ ଲୋକେ। ପାଠ୍ୟ ପୁସ୍ତକ ବିଭ୍ରାଟ ପାଇଁ ରାଜ୍ୟ ସରକାରଙ୍କୁ ଦାୟୀ କରି ୪୨ ଦିନ ହେଲା ଲୋୟର ପିଏମଜିରେ ହଙ୍ଗର ଷ୍ଟ୍ରାଇକ ଚଳାଇଥିଲା ନବ ନିର୍ମାଣ କୃଷକ ସଂଗଠନ। ତେବେ ଆଜି ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ସମେତ ୬ ଦଫା ଦାବି ନେଇ ନବନିର୍ମାଣ ଯୁବଛାତ୍ର ସଂଗଠନ ଓ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ୧୨ ଘଣ୍ଟିଆ 'ଓଡ଼ିଶା ବନ୍ଦ' ଡାକରା ଦିଆଯାଇଥିଲା। ଭୁବନେଶ୍ୱରରେ ବସଷ୍ଟାଣ୍ଡ, ରେଳ ଷ୍ଟେସନ ଭଳି ସ୍ଥାନରେ ଟାୟାର ଜାଳି ବନ୍ଦ ପାଳନ କରିବାକୁ ଚେଷ୍ଟା କରିଥିଲେ ଏନଏନକେଏସର କର୍ମୀ। ସେହିପରି କେନ୍ଦ୍ରାପଡ଼ା, ଜଗତ୍ସିଂହପୁର, କୋଣାର୍କ, ଭଦ୍ରକ ଆଦି ସ୍ଥାନରେ ନବ ନିର୍ମାଣ କୃଷକ ସଂଗଠନର କର୍ମୀମାନେ ବନ୍ଦକୁ ସଫଳ କରିବାକୁ ଚେଷ୍ଟା କରିଥିଲେ।

# ଜଳ କର ବାକି, ୧୩ ହଜାର କୋଟିରୁ ଅଧିକ



ଭୁବନେଶ୍ୱର,୩୦।୯: ରାଜ୍ୟର ବିଭିନ୍ନ ନଦୀରୁ ପାଣି ଶୋଷି କାରଖାନା ଚଳାଉଥିବା କମ୍ପାନୀଗୁଡିକ ଉପରେ ଏବେ ରାଜ୍ୟ ସରକାରଙ୍କର ୧୩ହଜାର କୋଟି ଟଙ୍କାରୁ ଅଧିକ ଜଳକର ବାକି ପଡିଛି। ବାକିଆ ତାଲିକାରେ ସରକାରୀ ସଂସ୍ଥା ଠାରୁ ଆରମ୍ଭ କରି ବେସରକାରୀ ସଂସ୍ଥା ପର୍ଯ୍ୟନ୍ତ ରହିଛି। ଜଳ କର ବାକିଆ ସଂକ୍ରାନ୍ତୀୟ ସୂଚନାରୁ ଜଣାପଡ଼ିଛି ଯେ ବର୍ତ୍ତମାନ ସୁଦ୍ଧା ଏ ବାବଦରେ ବିଭିନ୍ନ କମ୍ପାନୀ ଉପରେ ସରକାରଙ୍କର ୧୩,୭୪୧ କୋଟି ଟଙ୍କା ବାକି ଗଡୁଛି। ଏହି ବାକି ୮୧୭ଟି ସଂସ୍ଥା ଉପରେ ରହିଛି। ସବୁଠାରୁ ଅଧିକ ବାକିଆ ପଡ଼ିଛି ଜୟପୁରର ବିଲ୍ଟ ଉପରେ। ଏହାର ବାକି ୧୯୩୧ କୋଟି ଟଙ୍କାକୁ ଟପିଗଲାଣି। ଏହା ପଛକୁ ରହିଛି ଫୁଲଝରିର ଆରଡେଣ୍ଟ ଷ୍ଟିଲ। ଏହାର ବାକି ୧୬୮୨ କୋଟି ଟଙ୍କାରୁ ଅଧିକ। ସେହିପରି ଝାରସୁଗୁଡ଼ାସ୍ଥିତ ଦକ୍ଷିଣ-ପୂର୍ବ ରେଳବାଇର ଜଳ କର ବାକି ୧୫୦୦ କୋଟି ଟଙ୍କାରୁ ଅଧିକ। ସେହିଭଳି ଓଡ଼ିଶା ପାୱାର କନସୋରିୟମ ଉପରେ ୧୧୦୭ କୋଟି ଟଙ୍କାରୁ ଅଧିକ ବାକି ଗଡୁଥିବା ବେଳେ ଜେକେ ପେପର ଲିମିଟେଡ ଉପରେ ୬୩୨ କୋଟି ଟଙ୍କାରୁ ଅଧିକ ରହିଛି।

କେନ୍ଦ୍ରୀୟ ସଂସ୍ଥା ମହାନଦୀ କୋଲଫିଲ୍ଡ ଲିମଟେଡର ପ୍ରାୟ ସମସ୍ତ ସଂସ୍ଥା ଜଳକର ବାକି ଗଡ଼ାଉଛନ୍ତି। ଏମାନଙ୍କର ବାକିକୁ ମିଶାଇଲେ ୬ ଶହ କୋଟି ଟଙ୍କାରୁ ଅଧିକ ହୋଇଯିବ। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ସମ୍ବଲପୁରସ୍ଥିତ ଜଳଯୋଗାଣ ଦାୟିତ୍ୱରେ ଥିବା କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ ଉପରେ ୬୮ କୋଟି ଟଙ୍କାରୁ ଅଧିକ ଗଡୁଛି। ଲୋକଙ୍କୁ ଜଳ ଯୋଗାଣ କରି ଟିକସ ଆଦାୟ କରୁଥିବା ଉକ୍ତ ଦପ୍ତର କିନ୍ତୁ ଜଳକର ପ୍ରଦାନ କରୁନାହିଁ। ଏହି ତାଲିକାରେ ବରଗଡ଼ ପୌରପାଳିକାଠାରୁ ଆରମ୍ଭ କରି ଇମ୍ଫା, ଭୂଷଣ, ଇଫ୍‌କୋ, ଆଇଓସିଏଲ୍, ମଦ ତିଆରି କରୁଥିବା କମ୍ପାନୀ, ଚାଉଳ ମିଲ୍, ଓଡ଼ିଶା ଖଣି ନିଗମ ଦପ୍ତର ସମେତ ମାଳ ମାଳ ହୋଟେଲ ରହିଛନ୍ତି। ଏହିସବୁ ବ୍ୟାବସାୟିକ ସଂସ୍ଥା ନିୟମିତ ଭାବେ ଆୟ କରୁଛନ୍ତି।

ହେଲେ ବିଭିନ୍ନ ନଦୀରୁ ପାଣି ନେଇ ନିଜ ନିଜର କାରଖାନା ଓ ବ୍ୟାବସାୟିକ ପ୍ରତିଷ୍ଠାନ ଚଳାଉଥିବା ବେଳେ ଏ ବାବଦୀୟ ଅର୍ଥ ପଇଠ କରୁନାହାନ୍ତି। ନିୟମିତ ଅର୍ଥ ନ ଦେବା ଫଳରେ ତାହା ବଢ଼ି ବଢ଼ି ଅଧିକ ହେଉଛି। ସେତେବେଳେ ଏହି ସଂସ୍ଥାମାନେ ସରକାରଙ୍କୁ ଜଳ କର ଦେବା ବଦଳରେ ମାମଲାଟିଏ ରୁଜୁ କରି ବସିଯାଉଛନ୍ତି। ବର୍ଷ ବର୍ଷ ଧରି ମାମଲା ଚାଲୁଥିବାବେଳେ ତାହାର ଆଳ ଦେଖାଇ ଏହି କମ୍ପାନୀମାନେ ବାକିଆ ତ ଦୂରର କଥା, ନଗଦ ବି ଦେଉନାହାନ୍ତି। କେତେକ କ୍ଷେତ୍ରରେ କର ଆଦାୟ କରୁଥିବା ଦପ୍ତର ମଧ୍ୟ ଏମାନଙ୍କ ପ୍ରତି କୋହଳ ମନୋଭାବ ପୋଷଣ କରୁଛି।

ଗୋଟିଏ ପଟେ ନଦୀରୁ ପାଣି ଶୋଷୁଥିବା ଏହିସବୁ କମ୍ପାନୀଗୁଡ଼ିକ ଉପରେ ୧୩ ହଜାର କୋଟି ଟଙ୍କାରୁ ଅଧିକ ଟିକସ ଆଦାୟ ହୋଇପାରୁ ନ ଥିବା ବେଳେ ସରକାର କିନ୍ତୁ ସାଧାରଣ ଲୋକଙ୍କ ଟିକସ ପଇସାରେ ମାମଲା ଲଢ଼ିବାରେ ଲାଗିଛନ୍ତି। ରାଜ୍ୟର ରାଜସ୍ୱ ବୃଦ୍ଧି ପାଇଁ ସରକାର ଏବେ ବିଭିନ୍ନ ବାଟ ଖୋଜୁଥିବା ବେଳେ କମ୍ପାନୀମାନଙ୍କ ଉପରେ ବକେୟା ପଡ଼ିଥିବା ଏହି ଅର୍ଥକୁ ତୁରନ୍ତ ଆଦାୟ କରିବା ପାଇଁ ମତ ପ୍ରକାଶ ପାଉଛି। (ତଥ୍ୟ)

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live


ସମ୍ପାଦକୀୟ

SANCHAR
ସଂଚାର

୪
ଗୁରୁବାର ୧ ଅକ୍ଟୋବର ୨୦୨୬, ଭୁବନେଶ୍ୱର
Thursday 1 October 2026, Bhubaneswar


# ଧ୍ୱଂସ ହେଉଛି ପାରିବାରିକ ସଂସ୍କୃତି



ଆଜିକାଲି ଆମ ସମାଜରେ ଏକ ଭୟଙ୍କର ପ୍ରବୃତ୍ତି ଦେଖାଯାଉଛି। ପରିବାର ଭିତରେ ସାମାନ୍ୟ କାରଣକୁ ନେଇ ହିଂସା ବଢ଼ିବା ସହିତ ସ୍ୱାମୀ ସ୍ତ୍ରୀକୁ, ପୁତ୍ର ପିତାକୁ, କିମ୍ବା ଭାଇ ଭଉଣୀକୁ ହତ୍ୟା କରୁଛନ୍ତି। ଏହି ଘଟଣାଗୁଡ଼ିକ କେବଳ ବ୍ୟକ୍ତିଗତ ଦୁଃଖ ନୁହେଁ, ବରଂ ଆମ ପାରିବାରିକ ସଂସ୍କୃତିର ମୂଳରେ ଆଘାତ ପହଞ୍ଚାଉଛି। ଯେଉଁ ପରିବାର ଏକ ସମୟରେ ସ୍ନେହ, ସମ୍ମାନ ଓ ସହଯୋଗର ପ୍ରତୀକ ଥିଲା, ଆଜି ତାହା ହିଂସା ଓ ବିଶ୍ୱାସଘାତର କେନ୍ଦ୍ର ହୋଇପଡ଼ିଛି। ଦୈନିକ ଖବରକାଗଜ ଓ ଟେଲିଭିଜନରେ ଏଭଳି ଘଟଣା ବାରମ୍ବାର ପ୍ରକାଶ ପାଉଛି। ସାମାନ୍ୟ ଟଙ୍କା କିମ୍ବା ଘରୋଇ ବିବାଦକୁ ନେଇ ସ୍ୱାମୀ ସ୍ତ୍ରୀକୁ ହତ୍ୟା କରୁଛନ୍ତି। କେତେକ ସ୍ଥାନରେ ପୁତ୍ର ପିତାଙ୍କ ସମ୍ପତ୍ତି କିମ୍ବା ସାମାନ୍ୟ କଥାବାର୍ତ୍ତାକୁ ନେଇ ହାତ ଉଠାଉଛନ୍ତି। ଏହି ସବୁ ଘଟଣା ତୁଚ୍ଛ କାରଣରେ ଘଟୁଥିବା ଦେଖି ଆଶ୍ଚର୍ଯ୍ୟ ଲାଗେ। ଏକ ସମୟରେ ଯେଉଁଠାରେ ପରିବାର ସଦସ୍ୟମାନେ ଏକାଠି ବସି ସମସ୍ୟା ସମାଧାନ କରୁଥିଲେ, ଆଜି ସେଠାରେ ହିଂସା ପ୍ରଥମ ବିକଳ୍ପ ହୋଇଯାଉଛି। ଏହା ଆମ ସମାଜର ମାନସିକ ଦୁର୍ବଳତାକୁ ସ୍ପଷ୍ଟ କରେ।

ଏହି ପ୍ରବୃତ୍ତିର ମୂଳ କାରଣ ଅନେକ। ଆଧୁନିକ ଜୀବନଶୈଳୀରେ ଭୌତିକବାଦ ବଢ଼ିଛି। ଟଙ୍କା, ସମ୍ପତ୍ତି ଓ ଆତ୍ମକେନ୍ଦ୍ରିକ ମନୋଭାବ ପରିବାରକୁ ଦୁର୍ବଳ କରିଦେଉଛି। ପୂର୍ବେ ବୃଦ୍ଧ ପିତାମାତାଙ୍କୁ ସମ୍ମାନ ଦିଆଯାଉଥିଲା। ଆଜି ଅନେକ ଯୁବକ ସେମାନଙ୍କୁ ବୋଝ ମନେ କରନ୍ତି। ସେହିପରି ସ୍ୱାମୀ-ସ୍ତ୍ରୀ ସମ୍ପର୍କରେ ଧୈର୍ଯ୍ୟ ଓ ସମଝୌତାର ଅଭାବ ଦେଖାଯାଉଛି। ଛୋଟ ବିବାଦକୁ ବଡ଼ କରି ହିଂସାର ରାସ୍ତା ବାଛୁଛନ୍ତି। ମଦ, ନିଶା ଓ ମାନସିକ ଚାପ ମଧ୍ୟ ଏହି ଘଟଣାକୁ ବଢ଼ାଉଛି। ସାମାଜିକ ମାଧ୍ୟମରେ ଦେଖାଯାଉଥିବା ହିଂସାତ୍ମକ ଦୃଶ୍ୟ ମଧ୍ୟ ଯୁବମାନଙ୍କ ମନରେ ଖରାପ ପ୍ରଭାବ ପକାଉଛି। ଏହି ସବୁ ଘଟଣା ଆମ ପାରିବାରିକ ସଂସ୍କୃତିକୁ ଧ୍ୱଂସ କରୁଛି। ଓଡ଼ିଆ ସଂସ୍କୃତିରେ ପରିବାରକୁ ସର୍ବୋଚ୍ଚ ସ୍ଥାନ ଦିଆଯାଇଛି। 'ମାତୃ ଦେବୋ ଭବ', 'ପିତୃ ଦେବୋ ଭବ' ଭଳି ମନ୍ତ୍ର ଆମକୁ ଶିଖାଇଛି ଯେ ପିତାମାତା ଦେବତା ତୁଲ୍ୟ। ସ୍ତ୍ରୀଙ୍କୁ ଘରର ଲକ୍ଷ୍ମୀ ବୋଲି ଗଣାଯାଏ। କିନ୍ତୁ ଆଜି ଏହି ମୂଲ୍ୟବୋଧ ହଜିଯାଉଛି। ପରିବାର ଭିତରେ ହିଂସା ହେଲେ ଶିଶୁମାନେ ଭୟରେ ବଢ଼ନ୍ତି। ସେମାନେ ସ୍ନେହ ପାଇବା ବଦଳେ ଆଘାତ ପାଆନ୍ତି। ଏହା ଭବିଷ୍ୟତ ପିଢ଼ିର ମାନସିକତାକୁ ଖରାପ କରେ। ସମାଜରେ ବିଶ୍ୱାସ କମିଯାଏ। ପରିବାର ଭାଙ୍ଗିଲେ ସମାଜ ମଧ୍ୟ ଦୁର୍ବଳ ହୁଏ।

ଏହି ସମସ୍ୟାର ସମାଧାନ ଆବଶ୍ୟକ। ପ୍ରଥମେ ପରିବାରରେ ସଂଳାପ ଓ ସମଝୌତାର ଅଭ୍ୟାସ ବଢ଼ାଇବା ଉଚିତ। ସାମାନ୍ୟ ବିବାଦକୁ ବଡ଼ କରିବା ପରିବର୍ତ୍ତେ ଧୈର୍ଯ୍ୟରେ ଆଲୋଚନା କରିବା ଦରକାର। ଶିକ୍ଷା ବ୍ୟବସ୍ଥାରେ ପାରିବାରିକ ମୂଲ୍ୟବୋଧ ଓ ନୈତିକ ଶିକ୍ଷା ଦେବା ଉଚିତ। ଯୁବପିଢ଼ିକୁ ଶିଖାଇବା ଦରକାର ଯେ ହିଂସା କୌଣସି ସମସ୍ୟାର ସମାଧାନ ନୁହେଁ। ମହିଳାମାନଙ୍କ ସୁରକ୍ଷା ଓ ଅଧିକାର ପ୍ରତି ସଚେତନତା ବଢ଼ାଇବା ଆବଶ୍ୟକ। ପୋଲିସ ଓ ଆଇନ ବ୍ୟବସ୍ଥା ମଧ୍ୟ ଏଭଳି ଘଟଣାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଉଚିତ, ଯାହାଫଳରେ ଅନ୍ୟମାନେ ଭୟ କରିବେ। ସାମାଜିକ ସଂଗଠନ, ଧାର୍ମିକ ଅନୁଷ୍ଠାନ ଓ ଗାଁ ସମିତି ମଧ୍ୟ ଏହି ଦିଗରେ ଭୂମିକା ନେଇପାରନ୍ତି। ପରିବାର ପରାମର୍ଶ କେନ୍ଦ୍ର ଖୋଲି ମାନସିକ ସମସ୍ୟା ଥିବା ଲୋକଙ୍କୁ ସାହାଯ୍ୟ କରିବା ଦରକାର। ମାଧ୍ୟମ ମଧ୍ୟ ସକାରାତ୍ମକ କାହାଣୀ ଓ ପାରିବାରିକ ମୂଲ୍ୟବୋଧକୁ ପ୍ରଚାର କରିବା ଉଚିତ, କେବଳ ହିଂସାର ଖବର ନୁହେଁ। ଶେଷରେ କହିବାକୁ ହେବ ଯେ, ପରିବାର ହେଉଛି ସମାଜର ମୂଳ ଭିତ୍ତି। ଯଦି ଏହି ଭିତ୍ତି ଭାଙ୍ଗିଯାଏ, ତେବେ ସମଗ୍ର ସମାଜ ଦୁର୍ବଳ ହୋଇପଡ଼ିବ। ତୁଚ୍ଛ କାରଣରେ ପରିବାର ସଦସ୍ୟଙ୍କୁ ହତ୍ୟା କରିବା ଏକ ଗୁରୁତର ଅପରାଧ ଏବଂ ଏହା ଆମ ସଂସ୍କୃତିକୁ ଧ୍ୱଂସ କରୁଛି। ଆମକୁ ଏହି ପ୍ରବୃତ୍ତିକୁ ରୋକିବାକୁ ହେବ। ସ୍ନେହ, ସମ୍ମାନ ଓ ସହନଶୀଳତାକୁ ପୁନର୍ଜୀବିତ କରିବା ଦରକାର। କେବଳ ତେବେ ହିଁ ଆମ ପରିବାର ଓ ସମାଜ ସୁରକ୍ଷିତ ରହିପାରିବ। ଆସନ୍ତୁ, ଆମେ ସମସ୍ତେ ମିଶି ଏହି ହିଂସାକୁ ପ୍ରତିରୋଧ କରିବା ଏବଂ ପାରିବାରିକ ସଂସ୍କୃତିକୁ ବଞ୍ଚାଇ ରଖିବା।

# ସୁସ୍ଥ ରଖନ୍ତୁ ମନକୁ

ପ୍ରଫେସର ଡାକ୍ତର ସମ୍ରାଟ କର



ପ୍ରତିବର୍ଷ ଅକ୍ଟୋବର ୧ରୁ ୮ ଅକ୍ଟୋବର ପର୍ଯ୍ୟନ୍ତ ବିଶ୍ୱ ମାନସିକ ସପ୍ତାହ ଭାବେ ପାଳନ ହୋଇଆସୁଛି। ୧୯୯୨ରେ ପ୍ରଥମଥର ପାଇଁ ୱାର୍ଲ୍ଡ ଫେଡେରେସନ ଫର ମେଣ୍ଟାଲ ହେଲଥ ଏହାକୁ ପାଳନ କରିଥିଲା। ବିଶ୍ୱବ୍ୟାପୀ ମାନସିକ ରୋଗ, ଏହାର ସଫଳ ଚିକିତ୍ସା ଏବଂ ଏଥିରେ ଆକ୍ରାନ୍ତ ରୋଗୀଙ୍କୁ ସହାୟତା କରିବା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ମାନସିକ ରୋଗ ଏକ ଜଟିଳ ରୋଗ। ଏହି ରୋଗକୁ ଆରମ୍ଭରୁ କେହି ଜାଣି ପାରନ୍ତି। ଏହା ଭୂତ ପ୍ରେତଙ୍କ ପ୍ରଭାବ ବା ତନ୍ତ୍ର ର ପ୍ରଭାବ ବୋଲି ମନୁଷ୍ୟର ଧାରଣା ହୋଇଥାଏ। କେତେକ କ୍ଷେତ୍ରରେ ଏହା ପୂର୍ବଜନ୍ମର ଅଭିଶାପ ବା ଦୈବଦଣ୍ଡ ଭାବରେ କେହି କେହି ଭାବିଥାନ୍ତି। କେତେକ ବ୍ୟକ୍ତିଙ୍କର ବ୍ୟବହାରର ପରିବର୍ତ୍ତନ ଦେଖି ଲୋକମାନେ ଏହାକୁ ବିଶ୍ୱାସ କରିଥାନ୍ତି। ତେଣୁ ଅନେକ ଲୋକ ଦେବଦେବୀଙ୍କୁ ପୂଜା କରିବା ସହ ବଳୀ ଦେବା ଓ ଝଡ଼ାଫୁଙ୍କା ବି କରିଥାନ୍ତି। ମାତ୍ର ଆଜିର ଏହି ବିଜ୍ଞାନ ଯୁଗରେ ସମସ୍ତେ ଜାଣିବା ଉଚିତ ଯେ ମନୁଷ୍ୟ ଅତ୍ୟଧିକ ମାନସିକ ଚାପ ଯୋଗୁଁ ନାନା ଚିନ୍ତା ଓ ଅନ୍ୟାନ୍ୟ କାରଣ ଯୋଗୁଁ ମାନସିକ ଭାରସମ୍ୟ ହରାଇଥାଏ। ପ୍ରତି ରୋଗ ପାଗଳାମି ନୁହେଁ ତେଣୁ ଠିକ୍ ସମୟରେ ଡାକ୍ତରଙ୍କ ସହିତ ପରାମର୍ଶ କରି ଔଷଧ ଖାଇଲେ ଏହି ରୋଗରୁ ଉପଶମ ମିଳିଥାଏ। ସବୁଠାରୁ ବଡ଼ କଥା ହେଉଛି ଏହି ମାନସିକ ଅବସାଦ ବା ବିଷାଦର ପ୍ରାଥମିକ ସମୟରେ ସେମାନଙ୍କ ନିଜ ଲୋକମାନେ ମାନସିକ ରୋଗ ବିଶେଷଜ୍ଞଙ୍କ ତୁରନ୍ତ ପରାମର୍ଶ ଓ ଚିକିତ୍ସା ଆରମ୍ଭ କଲେ ଏହା ଅଧିକାଂଶ କ୍ଷେତ୍ରରେ ରୋଗୀଟି ପାଇଁ ଜୀବନ ଆରୋଗ୍ୟକାରୀ ହୋଇ ତାହାକୁ ରୋଗମୁକ୍ତ କରିପାରିଥାଏ। ସୁସ୍ଥ ଶରୀର ପାଇଁ ଯେପରି ଉପଯୁକ୍ତ ଖାଦ୍ୟ ଓ ଶାରୀରିକ ପରିଶ୍ରମ ଦରକାର ଠିକ୍ ସେହିପରି ସୁସ୍ଥ ମାନସିକ ଅବସ୍ଥା ପାଇଁ ଉପଯୁକ୍ତ ପରିବେଶ, ପରିସ୍ଥିତି ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ପାଇଁ ଆବଶ୍ୟକ ହୋଇଥାଏ। ଯଦିଓ ମନୁଷ୍ୟର ବ୍ୟକ୍ତିତ୍ୱରେ ପରିବର୍ତ୍ତନ ଘଟିବା, କ୍ରମାଗତ ଭାବେ ଅନିଦ୍ରା ରହିବା, ବିନା କାରଣରେ ଭୟଭୀତ ହେବା, କଥାବାର୍ତ୍ତା ଅସଲଗ୍ନ ହେବା, ନିଜର ଦୈନନ୍ଦିନ କାର୍ଯ୍ୟ ସୁଚାରୁରୂପେ ତୁଲାଇ ନପାରିବା, ଶୂନ୍ୟରୁ କେହି କହିଲା ପରି ନିଜକୁ ଶୁଭାଯିବା, କୌଣସି କାରଣ ନଥାଇ ରାଗିବାକୁ ପ୍ରାଥମିକ ସ୍ତରରେ ମାନସିକ ରୋଗର ସାଧାରଣ ଲକ୍ଷଣ ଭାବେ ବିଚାର କରାଯାଇଥାଏ। ମାନସିକ ରୋଗ ପାଇଁ ସେପରି କୌଣସି ନିର୍ଦ୍ଦିଷ୍ଟ କାରଣ ନଥାଏ ଅନେକ ସମୟରେ ବ୍ୟକ୍ତି ନିଜର ସମାଜ, ପରିସ୍ଥିତି, ପରିବେଶ ସହିତ ଖାପଖୁଆଇ ଚଳି ନପାରିଲେ ମାନସିକ ଭାରସମ୍ୟ ହରାଇଥାଏ ଯାହାଦ୍ୱାରା ମାନସିକ ସ୍ଥିରତାରେ ଆଘାତ ଘଟିଥାଏ। ଫଳରେ ତା ଠାରେ ଏହି ରୋଗର କେତେକ ଲକ୍ଷଣ ପ୍ରକାଶ ପାଇଥାଏ। କେତେକ ସ୍ଥଳରେ ଦେଖାଯାଇଥାଏ ଯେ ମସ୍ତିଷ୍କରେ ଥିବା ଜୈବ ପଦାର୍ଥ ଯାହା କି ଡୋପାମିନ୍, ସିରୋଟୋନିନ୍‌ର ଅସନ୍ତୁଳତା ହେତୁ ମାନସିକ ରୋଗ ଦେଖା ଦେଇଥାଏ। ମାନସିକ ରୋଗ ଅନେକ ସମୟରେ ବଂଶାନୁକ୍ରମିକ ହୋଇଥାଏ। ନିଜର ରକ୍ତସମ୍ପର୍କୀୟ ପରିବାର ମଧ୍ୟରେ କୌଣସି ଲୋକକୁ ଏ ରୋଗ ହୋଇଥିଲେ ଏହା ହେବାର ସମ୍ଭାବନା ଅଧିକ ଥାଏ।

ମାନସିକ ରୋଗୀଟିକୁ ଔଷଧ ଦ୍ୱାରା, ମନସ୍ତାତ୍ତ୍ୱିକ ଚିକିତ୍ସା ଦ୍ୱାରା, ବିଦ୍ୟୁତ୍ ଚିକିତ୍ସା ଦ୍ୱାରା ଚିକିତ୍ସା କରାଯାଏ। ତେବେ ନିୟମିତ ଔଷଧ ନଖାଇଲେ ରୋଗଟି ସମ୍ପୂର୍ଣ୍ଣ ଭଲ ହୋଇନଥାଏ। ସେହିପରି ଏହି ଔଷଧ ଖାଇବା ସମୟରେ ଅନ୍ୟାନ୍ୟ ଶାରୀରିକ ରୋଗ ପାଇଁ ମଧ୍ୟ ରୋଗୀଟି ଔଷଧ ଖାଇ ପାରିବ। ଆଉ ଗୋଟିଏ କଥା ହେଉଛି ତାହା ହେଉଛି ମାନସିକ ରୋଗରେ କେତେକ କ୍ଷେତ୍ରରେ ବିବାହ କରିବା ଉଚିତ୍ ନୁହେଁ ତେବେ ସ୍ଥଳବିଶେଷରେ ଉଭୟ କନ୍ୟା ଓ ବରପକ୍ଷଙ୍କ ଦ୍ୱାରା ଜାଣନ୍ତରେ ଚିକିତ୍ସକଙ୍କ ସହିତ ପରାମର୍ଶ କରି ବିବାହ କରାଯିବା ଉଚିତ। ମାନସିକ ରୋଗୀଟିକୁ ନିୟମିତ ଔଷଧ ଦେବା ସହ ଶାରୀରିକ ପରିଶ୍ରମ କରାଇବା ଜରୁରୀ। ସବୁଠାରୁ ବଡ଼ କଥା ହେଉଛି ମାନସିକ ରୋଗୀମାନଙ୍କୁ ସମସ୍ତ ପ୍ରକାର ନିଶାଦ୍ରବ୍ୟ ବ୍ୟବହାର ଠାରୁ ଦୂରେଇବା ଉଚିତ। ମାନସିକ ରୋଗୀ ନିଜେ ବା ତା ପରିବାରର ଅତି ସମ୍ପର୍କୀୟ ବ୍ୟକ୍ତି ଚିକିତ୍ସା ସମୟରେ ରୋଗୀର ସମସ୍ତ ଗୋପନୀୟ ଘଟଣା ଚିକିତ୍ସକଙ୍କୁ ଜଣାଇବା ଉଚିତ କାରଣ ଚିକିତ୍ସକ ଏହାକୁ ଗୋପନୀୟ ରଖି ରୋଗୀର ଚିକିତ୍ସା କରାଇଥାନ୍ତି। ମାନସିକ ରୋଗୀ ପ୍ରତି ସମସ୍ତଙ୍କର ସହାନୁଭୂତି, ସ୍ନେହ ଓ ଶ୍ରଦ୍ଧା ତଥା ଭଲ ପାଇବାର ଆବଶ୍ୟକତା ହେଉଛି ସବୁଠାରୁ ବଡ଼ ଚିକିତ୍ସା। ସମାଜରେ ସେମାନଙ୍କୁ ସାମାଜିକ ସ୍ରୋତରେ ସାମିଲ କରିବା ପାଇଁ ସମସ୍ତଙ୍କ ସହଯୋଗର ହାତ ବଢ଼ିଲେ ଆମ ସମାଜରେ ଏହି ପରି ମାନସିକ ବିଷାଦରେ ଭାରାକ୍ରାନ୍ତ ହୋଇଥିବା ଲୋକଟିର ମୁହଁରୁ ଚେନାଏ ହସ ଫୁଟିପାରିବ ଏହା ହିଁ ହେବ ଶ୍ରେଷ୍ଠ ମାନବିକତାର ଧର୍ମ।

**ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ, ମୋବାଇଲ୍:୯୧୩୨୪୩୩୩୩୩**

# ସାଂପ୍ରତିକ ଭାରତରେ 'ଗାନ୍ଧୀବାଦ'ର ପ୍ରାସଙ୍ଗିକତା

ରଣେନ୍ଦ୍ର ପ୍ରତାପ ସ୍ୱାଇଁ



ପବିତ୍ର ଗାନ୍ଧୀ ଜୟନ୍ତୀରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି। ଆଜିର ଦିନରେ ଆଉ ଜଣେ ମହାନ ବରପୁତ୍ର ଜନ୍ମ ଗ୍ରହଣ କରି ଦେଶ ପାଇଁ ନିଜର ଅମୂଲ୍ୟ ସେବା ପ୍ରଦାନ କରିଛନ୍ତି। ଭାରତର ଦ୍ୱିତୀୟ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀ। ତାଙ୍କୁ ମଧ ଗଭୀର ଶ୍ରଦ୍ଧାଞ୍ଜଳି। ଭାରତୀୟ ସ୍ୱାଧୀନତା ସଂଗ୍ରାମର ମହାନାୟକ ମହାତ୍ମା ଗାନ୍ଧୀଙ୍କ ସବୁଠାରୁ ବଡ ଅସ୍ତ୍ର ଥିଲା, 'ଅହିଂସା ଓ ସତ୍ୟାଗ୍ରହ'। ଜନ ଆନ୍ଦୋଳନର ଏହି ଅସ୍ତ୍ର ପ୍ରତି ବ୍ରିଟିଶ ସରକାର ପ୍ରସ୍ତୁତ ନ ଥିଲେ। ଗାନ୍ଧୀଜୀଙ୍କ ଆଗମନ ପୂର୍ବରୁ ଦେଶର ବିଭିନ୍ନ ଅଞ୍ଚଳରେ ବ୍ରିଟିଶ ସରକାରଙ୍କ ବିରୁଦ୍ଧରେ ଚାଲିଥିବା ସଶସ୍ତ୍ର ସଂଗ୍ରାମକୁ ସେମାନେ ଦୃଢ ହସ୍ତରେ ଦମନ କରିବାରେ ସକ୍ଷମ ହୋଇଥିଲେ। କାରଣ ଅସ୍ତ୍ରର ଜବାବ ଅସ୍ତ୍ରରେ ଦେବା ତାଙ୍କ ପକ୍ଷେ ସହଜ ଥିଲା। କିନ୍ତୁ, ଗାନ୍ଧୀଜୀଙ୍କ ନୂତନ ରଣ କୌଶଳ, ନିରୀହ, ଅସ୍ତ୍ର ରହିତ ସାଧାରଣ ଜନତାଙ୍କ ପ୍ରଦର୍ଶନ ଆଗରେ ବ୍ରିଟିଶ ସରକାରଙ୍କ କୌଣସି ଜବାବ ନ ଥିଲା। ଏହାର ସବୁଠାରୁ ବଡ ଉଦାହରଣ ହେଉଛି ଆଇନ ଅମାନ୍ୟ ଆନ୍ଦୋଳନ, ଲବଣ ସତ୍ୟାଗ୍ରହ, ଭାରତ ଛାଡ ଆନ୍ଦୋଳନ, ସର୍ଦ୍ଦାର ପଟେଲଙ୍କ ନେତୃତ୍ୱରେ ହୋଇଥିବା ଖେଡାର କୃଷକ ଆନ୍ଦୋଳନ ଓ ବର୍ଦ୍ଦାଉଲି ସତ୍ୟାଗ୍ରହ। ଏହି ସବୁ ଆନ୍ଦୋଳନର ସମ୍ମିଶ୍ରଣରେ ଭାରତର ସ୍ୱାଧୀନତା ସଂଗ୍ରାମ ସଫଳ ହୋଇଥିଲା।

ଗାନ୍ଧୀଜୀଙ୍କ ଏହି ସତ୍ୟାଗ୍ରହର ଅସ୍ତ୍ରକୁ ଦେଶର ସାଧାରଣ ଜନତାଙ୍କୁ ଦେବା ପାଇଁ ବାବା ସାହେବ ଆମ୍ବେଦକର ସମ୍ବିଧାନ ପ୍ରସ୍ତୁତ କରିବା ସମୟରେ 'ଶାନ୍ତିପୂର୍ଣ୍ଣ ଆନ୍ଦୋଳନ'କୁ ମୌଳିକ ଅଧିକାରର ମାନ୍ୟତା ଦେଇଛନ୍ତି। ସ୍ୱାଧୀନତା ପରବର୍ତ୍ତୀ ଭାରତରେ ଏହି ଅସ୍ତ୍ରକୁ ବ୍ୟବହାର କରି ଦେଶର ନାଗରିକମାନେ ନିଜର ଦାବିକୁ ସରକାରଙ୍କ ପାଖରେ ଉପସ୍ଥାପନ କରୁଛନ୍ତି, ସଫଳ ବି ହେଉଛନ୍ତି।

ବୋଧହୁଏ ସ୍ୱାଧୀନତା ପରବର୍ତ୍ତୀ ଭାରତରେ ଜନନାୟକ ଜୟପ୍ରକାଶ ନାରାୟଣଙ୍କ ଦ୍ୱାରା ଆହୁତ 'ସଂପୂର୍ଣ୍ଣ କ୍ରାନ୍ତି' ଆନ୍ଦୋଳନ ସବୁଠାରୁ ଉଲ୍ଲେଖନୀୟ ଉଦାହରଣ। ଏହି ଆନ୍ଦୋଳନ ମାଧମରେ ତତ୍କାଳୀନ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଜାରିକରାଯାଇଥିବା ଜରୁରୀକାଳୀନ ପରିସ୍ଥିତି ମାଧମରେ ଲୋକଙ୍କ ମୌଳିକ ଅଧିକାରକୁ ପୁନର୍ବାର ସ୍ଥାପନା କରଯାଇଥିଲା।

ଆଜି ଦେଶ ସ୍ୱାଧୀନ ହେବାର ପ୍ରାୟ ଆଠ ଦଶକ ଅତିବାହିତ ହୋଇଯାଇଛି। କିନ୍ତୁ, ଗତ କିଛି ବର୍ଷ, ବିଶେଷ ଭାବେ ଗତ ବାର ବର୍ଷ ହେଲା ଏକ ନିର୍ଦ୍ଦିଷ୍ଟ ବିଚାରଧାରା ଦ୍ୱାରା ପରିଚାଳିତ କେନ୍ଦ୍ର ସରକାର ମହାତ୍ମା ଗାନ୍ଧୀଙ୍କ ମୂଳ ଚିନ୍ତନ 'ସତ୍ୟ, ଅହିଂସା, ସତ୍ୟାଗ୍ରହ, ଧର୍ମ ନିରପେକ୍ଷତା, ଗଣତନ୍ତ୍ର ଏବଂ ଭେଦଭାବ ବିହୀନ ସମାଜ ପ୍ରତିଷ୍ଠା' ଠାରୁ ଦୂରେଇ ଯାଇଛନ୍ତି। ସେମାନଙ୍କ ଗାନ୍ଧୀଭକ୍ତି କେବଳ ଆଜିର ଦିନରେ ଗାନ୍ଧୀ ପ୍ରତିମାଠାରେ ଏକତ୍ରିତ ହୋଇ ପୁଷ୍ପମାଲ୍ୟ ପ୍ରଦାନ କରିବାରେ ସୀମିତ ହୋଇ ଯାଇଛି। ଗୋଟିଏ ଧାଡିରେ କହିବାକୁ ଗଲେ ଏହି ବିଚାରଧାରା ପାଇଁ, 'ମଜବୁରି କା ନାମ, ମହାତ୍ମା ଗାନ୍ଧୀ'। କାରଣ ମହାତ୍ମା ଗାନ୍ଧୀ ଏତେବଡ ବ୍ୟକ୍ତିତ୍ୱ ଯେ ତାଙ୍କୁ ଅନାଦର କରିବା ଏମାନଙ୍କ ପକ୍ଷେ ରାଜନୈତିକ ଭାବେ ସମ୍ଭବ ନୁହେଁ। ଗତ ବାର ବର୍ଷ ଧରି ଏହି ବିଚାରଧାରା ଓ ତାଙ୍କ ସମର୍ଥିତ ସରକାରଙ୍କ ଦ୍ୱାରା ସମ୍ବିଧାନର ଆତ୍ମା, 'ଧର୍ମନିରପେକ୍ଷତା'କୁ ତିଳତିଳ କରି ହତ୍ୟା କରାଯାଉଛି। ନିଚ୍ଛକ ରାଜନୈତିକ ସ୍ୱାର୍ଥ ପାଇଁ ସମାଜକୁ ଜାତି ଓ ଧର୍ମରେ ବହୁଧା ବିଭକ୍ତ କରାଯାଉଛି, ଯାହା ଦ୍ୱାରା ଦେଶର ବିଭିନ୍ନ ସ୍ଥାନରେ ଧର୍ମୀୟ ଉନ୍ମାଦତା, ଧର୍ମଭିତ୍ତିକ ହିଂସା ବହୁ ପରିମାଣରେ ବୃଦ୍ଧି ପାଇଛି। ଏହା ଗାନ୍ଧୀବାଦର ପରିପନ୍ଥୀ।

ଗାନ୍ଧୀଜୀ ଜଣେ ଗଣତାନ୍ତ୍ରିକ ବ୍ୟକ୍ତିତ୍ୱ ଥିଲେ। ସେ ବିଭିନ୍ନ ବିଚାରଧାରାକୁ ଯଥୋଚିତ ସମ୍ମାନ ଦେଉଥିଲେ। ସେଥିପାଇଁ ସେ ବାମପନ୍ଥୀ, ଦକ୍ଷିଣପନ୍ଥୀ, ସମାଜବାଦୀ, ସାମ୍ୟବାଦୀ, ଉଦାରବାଦୀ ସମସ୍ତଙ୍କୁ ଗୋଟିଏ ମଞ୍ଚରେ ଆଣିବାକୁ ସମର୍ଥ ହୋଇଥିଲେ। ସମସ୍ତେ ମହାତ୍ମା ଗାନ୍ଧୀଙ୍କ ଗଣତାନ୍ତ୍ରିକ ବିଚାରଧାରାରେ ପ୍ରଭାବିତ ହୋଇ ଗୋଟିଏ ଲକ୍ଷ୍ୟ ସହିତ ଦେଶର ସ୍ୱାଧୀନତା ପାଇଁ କାର୍ଯ୍ୟ କରୁଥିଲେ। କିନ୍ତୁ, ଗତ ପ୍ରାୟ ଏକ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି ଦେଶର ଗଣତାନ୍ତ୍ରିକ ଢାଞ୍ଚାକୁ ସୁନିୟୋଜିତ ଭାବେ ଧ୍ୱସ୍ତ ବିଧ୍ୱସ୍ତ କରାଯାଉଛି। ଯଦିଓ ଶାନ୍ତିପୂର୍ଣ୍ଣ ଆନ୍ଦୋଳନକୁ ସମ୍ବିଧାନ 'ମୌଳିକ ଅଧିକାର'ର ମାନ୍ୟତା ପ୍ରଦାନ କରିଛି, ଆଜି କେନ୍ଦ୍ର ସରକାର ଏବଂ ତାଙ୍କ ଦଳର ରାଜ୍ୟ ସରକାରମାନେ ଲୋକପ୍ରିୟ ଜନ ଆନ୍ଦୋଳନକୁ ଦୃଢ଼ ହସ୍ତରେ ଦମନ କରୁଛନ୍ତି। ଆଜି ଏପରି ଏକ ପରିସ୍ଥିତି ସୃଷ୍ଟି ହୋଇଛି ଯାହାଦ୍ୱାରା ସରକାରଙ୍କୁ ବିରୋଧ କରୁଥିବା ବିଦ୍ୟାର୍ଥୀ ହେଉଛନ୍ତି ଦେଶଦ୍ରୋହୀ, ଆନ୍ଦୋଳିତ କୃଷକ ହେଉଛନ୍ତି ଖଲିସ୍ଥାନୀ, ବୁଦ୍ଧିଜୀବୀ ହେଉଛନ୍ତି ସହରୀ ନକ୍ସଲ, ବିରୋଧୀ ଦଳ ହେଉଛନ୍ତି ଦିମାଗି ନକ୍ସଲ ଏବଂ ସରକାରଙ୍କୁ ବିରୋଧ କରୁଥିବା ବାକି ସମସ୍ତେ ହେଉଛନ୍ତି ପାକିସ୍ତାନୀ। ଅପପ୍ରଚାର ମାଧମରେ 'ସରକାର' ଓ 'ରାଷ୍ଟ୍ର' ମଧରେ ଥିବା ରେଖାକୁ ମେଣ୍ଟାଇ ଦିଆ ଯାଇଛି। ଅର୍ଥାତ୍, କ୍ଷମତାସୀନ ଦଳ ଓ ତାଙ୍କ ସର୍ବୋଚ୍ଚ ନେତାଙ୍କୁ ବିରୋଧ କରିବାର ଅର୍ଥ 'ଭାରତ ଦେଶକୁ ବିରୋଧ' କରିବା ଏବଂ ଏହାକୁ ଅସ୍ତ୍ର କରି ଦେଶରେ ବିରୋଧୀ ସ୍ୱରକୁ ଦମନ କରାଯାଉଛି। କିନ୍ତୁ, କିଛି ଦିନ ତଳେ ଦିଲ୍ଲୀର ଯନ୍ତର ମନ୍ତରରେ ହୋଇଥିବା ଛାତ୍ର ଆନ୍ଦୋଳନ ଦେଶରେ ଏକ ନୂତନ ଆଶାର ସଂଚାର କରିଛି। ଦେଶର ଯୁବ ବର୍ଗ ନିଜ ଅଧିକାରକୁ ସାବ୍ୟସ୍ତ କରିବା ପାଇଁ ଆଉ ସରକାରଙ୍କ ଦମମଲୀଳାକୁ ନେଇ ଭୟାତୁର ନୁହନ୍ତି। ଆଜି ସାରା ଦେଶରେ ବିଭିନ୍ନ ପ୍ରସଙ୍ଗକୁ ନେଇ ଗାନ୍ଧୀଜୀଙ୍କ ପ୍ରଦର୍ଶିତ ମାର୍ଗ 'ଶାନ୍ତିପୂର୍ଣ୍ଣ ସତ୍ୟାଗ୍ରହ'କୁ ଅସ୍ତ୍ର କରି ସରକାରଙ୍କ ଅନ୍ୟାୟ ଅତ୍ୟାଚାର ବିରୁଦ୍ଧରେ ପ୍ରଦର୍ଶନ କରାଯାଉଛି। ଯେଉଁପରି ଭାବେ ସାରା ଦେଶରେ ଆଜି ନିର୍ବାଚନ ଆୟୋଗଙ୍କ ମନମୁଖୀ କାର୍ଯ୍ୟ ବିରୁଦ୍ଧରେ ସ୍ୱର ଗୁଞ୍ଜରିତ ହେଉଛି, ତାହା ଏହି ପୁଞ୍ଜିଭୂତ ଅସନ୍ତୋଷର ଏକ ପ୍ରତିଫଳନ। ଗାନ୍ଧୀଜୀଙ୍କ ଆଉ ଗୋଟିଏ ଚିନ୍ତାଧାରା ଥିଲା, 'ଭାରତ ଗୋଟିଏ ଜନମଙ୍ଗଳ ରାଷ୍ଟ୍ର' ଭାବେ ଦେଶର ଗରିବ ଓ ଶେଷ ପାହାଚରେ ବସିଥିବା ବ୍ୟକ୍ତି ପାଇଁ କାର୍ଯ୍ୟକରିବା। କିନ୍ତୁ, କେନ୍ଦ୍ର ସରକାର ଏବଂ ଏହାର ରାଜ୍ୟସରକାରମାନେ ସାଧାରଣ ଲୋକଙ୍କ ପାଇଁ ନୁହେଁ, କିଛି ମୁଷ୍ଟିମେୟ ପୁଞ୍ଜିପତିଙ୍କ ପାଇଁ କାର୍ଯ୍ୟରତ। ଏହାର ସବୁଠାରୁ ବଡ ପ୍ରମାଣ ହେଉଛି ଗତ ସଂସଦ ଅଧିବେଶନରେ ବିନା ଆଲୋଚନାରେ ଖଣି ଓ ଖଣିଜ ସଂଶୋଧନ ଆଇନକୁ ପାରିତ କରାଇନେବା। କାରଣ, ଏହାର ମୁଖ୍ୟ ହିତାଧିକାରୀ ହେଉଛନ୍ତି କିଛି ମୁଷ୍ଟିମେୟ ଖଣି ମାଲିକ ଓ ଖଣି-ସମ୍ପର୍କିତ ଉଦ୍ୟୋଗପତି। ତାଙ୍କୁ ପ୍ରତ୍ୟେକ୍ଷ ଲାଭ ପ୍ରଦାନ କରିବା ପାଇଁ ସର୍ବୋଚ୍ଚ ନ୍ୟାୟଳୟର ରାୟ ବିରୁଦ୍ଧରେ ଏହି ଆଇନକୁ ପାରିତ କରାଯାଇଥିଲା। ଏହାକୁ ନେଇ ଓଡିଶା ସମେତ ସାରା ଦେଶରେ ପ୍ରଭାବିତ ହେଉଥିବା ରାଜ୍ୟରେ ପ୍ରବଳ ଜନ ଅସନ୍ତୋଷ ଦେଖା ଦେଇଛି ଯାହା ଏକ ଜନ ଆନ୍ଦୋଳନର ରୂପ ଧାରଣ କରିଛି। ଆଉ ଗୋଟିଏ ଉଦାହରଣ ହେଉଛି, ସରକାର ଗରିବ ଚାଷୀଙ୍କୁ ଋଣ ଛାଡ କରିବା ପାଇଁ ଯେଉଁ କେନ୍ଦ୍ର ସରକାର ରୋକଠୋକ ମନା କରିଦେଇଛନ୍ତି, ସେହି ସରକାର ଗତ ପ୍ରାୟ ଦଶ ବର୍ଷରେ ପୁଞ୍ଜିପତିଙ୍କ ୧୬ ଲକ୍ଷ ଟଙ୍କା ଋଣ ଛାଡ କରିଦେଇଛନ୍ତି। ଆଜି ଗରିବ ଓ ଧନୀଙ୍କ ମଧରେ ଆକାଶ-ପାତାଳର ପ୍ରଭେଦ। ଏହି ପ୍ରଭେଦର ମୁଖ୍ୟ କାରଣ ହେଉଛି ସରକାରଙ୍କ ପୁଞ୍ଜିପତି-ଅନୁକୂଳ ନୀତି ଯୋଗୁଁ। ଭାରତର ସଂସ୍କୃତି ଓ ପରମ୍ପରା ହେଉଛି, 'ବିବିଧତାମଧରେ ଏକତା'। ଏହି ମନ୍ତ୍ର ଭାରତର ବହୁବିଧ ପ୍ରାନ୍ତ, ସଂସ୍କୃତି, ଭାଷା ସତ୍ତ୍ୱେ ଆମ ସମସ୍ତଙ୍କୁ ଏକତାରେ ବାନ୍ଧି ରଖିଛି। କିନ୍ତୁ, ସରକାରଙ୍କ ସମର୍ଥିତ ଏକ ନିର୍ଦ୍ଦିଷ୍ଟ ବିଚାରଧାରା ଏହି ବିବିଧତାକୁ ନଷ୍ଟ କରି ନିଜର ବିଚାରଧାରାକୁ ଲଦି ଦେବାକୁ ଚାହୁଁଛନ୍ତି। ସେଥିପାଇଁ ସେମାନେ 'ଏକ ଦେଶ, ଏକ ଧର୍ମ, ଏକ ଭାଷା, ଏକ ସଂସ୍କୃତି ଓ ଏକ ପରମ୍ପରା'ର ସ୍ଲୋଗାନ ଦେଉଛନ୍ତି। ଏହି ବିଚାରଧାରା ଆଜି ଦେଶକୁ ବିଭକ୍ତ କରିବାକୁ ଉଦ୍ଦିଷ୍ଟ। ତେଣୁ, ଆଜିର ଏହି ବିଦ୍ୱେଷଭରା ସମାଜରେ 'ଗାନ୍ଧୀବାଦ'ର ପ୍ରାସଙ୍ଗିକତା ବହୁତ ଅଧିକ ଅନୁଭୂତ ହେଉଛି। ଗତ ଏକ ଦଶନ୍ଧି ମଧରେ ସମାଜକୁ କଳୁଷିତ କରୁଥିବା ଶକ୍ତିଙ୍କୁ ବିରୋଧ କରି ଜନଆନ୍ଦୋଳନ ହେବା ଆବଶ୍ୟକ। କାରଣ, ଦେଶର ଗଣତାନ୍ତ୍ରିକ ସଂରଚନାକୁ କେବଳ ଦେଶର ନାଗରିକମାନେ ହିଁ ରକ୍ଷା କରିବେ ଏବଂ ଏହାର ଗୁରୁଦାୟିତ୍ୱ ଯୁବବର୍ଗଙ୍କ କାନ୍ଧରେ ନ୍ୟସ୍ତ। ଆଜି ଦେଶରେ ଜନନାୟକ ଜୟପ୍ରକାଶ ନାରାୟଣଙ୍କ 'ସଂପୂର୍ଣ୍ଣ କ୍ରାନ୍ତି'ର ଦ୍ୱିତୀୟ ସଂସ୍କରଣର ଆବଶ୍ୟକତା ଅଛି। କେବଳ ଗାନ୍ଧୀଜୀଙ୍କ ପ୍ରଦର୍ଶିତ ମାର୍ଗରେ ଚାଲି ହିଁ ଭାରତର ସାମାଜିକ ସୌହାର୍ଦ୍ଦ୍ୟକୁ ପୁନର୍ବାର ସ୍ଥାପିତ କରିବା ସହିତ ଗଣତାନ୍ତ୍ରିକ ପରମ୍ପରାକୁ ରକ୍ଷା କରାଯାଇପାରିବ।

**ବିଧାୟକ, ଆଠଗଡ଼**

# ଭାରତୀୟ ଜେନ୍ ଜେଡ୍ ଓ ଭାରତ ପ୍ରୀତି

ଦିପ୍ତିମୟୀ ପ୍ରତିହାରୀ



ଦୀର୍ଘ ସମୟ ଧରି ଏକ ଧାରଣା ପ୍ରଚଳିତ ଥିଲା ଯେ, ଆଧୁନିକତାର ଦ୍ରୁତ ଗତି ସହିତ ବଢ଼ିଉଠୁଥିବା ନୂତନ ପିଢ଼ି ଧୀରେ ଧୀରେ ନିଜ ଦେଶର ଇତିହାସ, ପରମ୍ପରା ଓ ସାଂସ୍କୃତିକ ମୂଳଠାରୁ ଦୂରେଇଯିବ। ବିଶ୍ୱାୟନ, ଡିଜିଟାଲ ବିପ୍ଳବ ଓ ଉପଭୋକ୍ତାବାଦର ପ୍ରଭାବରେ ଯୁବପିଢ଼ି ନିଜ ଜାତୀୟ ପରିଚୟକୁ ଭୁଲିଯିବ-ଏପରି ଆଶଙ୍କା ମଧ୍ୟ ଅନେକଙ୍କ ମନରେ ଥିଲା। କିନ୍ତୁ ଭାରତର ପରିପ୍ରେକ୍ଷିତରେ ଚିତ୍ରଟି କିଛି ଭିନ୍ନ। ଏଠାରେ ଜେନ୍ ଜେଡ୍‌ର ଏକ ବଡ଼ ଅଂଶ ନିଜ ମାଟି, ମୂଳ, ସଭ୍ୟତା ଓ ଦେଶର ଭବିଷ୍ୟତ ପ୍ରତି ନୂତନ ଗର୍ବ ଓ ଆତ୍ମବିଶ୍ୱାସ ପ୍ରକାଶ କରୁଛି। ଜେନ୍ ଜେଡ୍-ଅର୍ଥାତ୍ ସାଧାରଣତଃ ୧୯୯୦ ଦଶକର ଶେଷଭାଗରୁ ୨୦୧୦ ଦଶକର ଆରମ୍ଭ ମଧ୍ୟରେ ଜନ୍ମିତ ପିଢ଼ି-ଏକ ଏମିତି ପିଢ଼ି, ଯାହାର ଶୈଶବ ଓ ଯୌବନ ଡିଜିଟାଲ ଯୁଗର ଉଦୟ ସହିତ ଜଡ଼ିତ। ସେମାନଙ୍କ ହାତରେ ସ୍ମାର୍ଟଫୋନ୍, ଆଖି ଆଗରେ ସମଗ୍ର ବିଶ୍ୱ ଏବଂ ଚିନ୍ତାଧାରାରେ ଅସୀମ ସମ୍ଭାବନା। ତଥାପି ଏହି ବିଶ୍ୱମୁଖୀ ଦୃଷ୍ଟି ସେମାନଙ୍କୁ ନିଜ ମୂଳରୁ ବିଚ୍ଛିନ୍ନ କରିନାହିଁ; ବରଂ ଅନେକ କ୍ଷେତ୍ରରେ ନିଜ ପରିଚୟକୁ ଆହୁରି ଗଭୀର ଭାବେ ଖୋଜିବାର ଆଗ୍ରହ ଜନ୍ମାଇଛି।

ଭାରତ ପ୍ରତି ଏହି ଆକର୍ଷଣ କେବଳ ଭାବନାର ଉତ୍ସାହ ନୁହେଁ। ଏହାର ପଛରେ ରହିଛି ସାଂସ୍କୃତିକ ସଚେତନତା, ପ୍ରଯୁକ୍ତିଗତ ଆତ୍ମବିଶ୍ୱାସ, ଆର୍ଥିକ ଆକାଂକ୍ଷା ଏବଂ ନିଜ ଦେଶର ସମ୍ଭାବନା ପ୍ରତି ଏକ ନୂତନ ବିଶ୍ୱାସ। ଯେଉଁଠାରେ ପୂର୍ବ ପିଢ଼ିର ଅନେକ ଯୁବକ-ଯୁବତୀଙ୍କ ପାଇଁ ବିଦେଶ ଥିଲା ସଫଳତା ଓ ସୁଯୋଗର ପ୍ରତୀକ, ସେଠାରେ ଆଜିର ଅନେକ ଯୁବ ଭାରତୀୟ ନିଜ ଦେଶକୁ ମଧ୍ୟ ସ୍ୱପ୍ନ ଦେଖିବା, ସଫଳତା ଗଢ଼ିବା ଓ ପରିବର୍ତ୍ତନ ଆଣିବାର ଏକ ବିଶାଳ କ୍ଷେତ୍ର ଭାବେ ଦେଖୁଛନ୍ତି। ଏହି ପରିବର୍ତ୍ତନର ସବୁଠାରୁ ସୁନ୍ଦର ପ୍ରତିଫଳନ ମିଳେ ଭାରତର ସଭ୍ୟତାଗତ ଐତିହ୍ୟ ପ୍ରତି ଯୁବପିଢ଼ିର ବଢ଼ୁଥିବା ଆଗ୍ରହରେ। ପ୍ରାଚୀନ ଭାରତୀୟ ଜ୍ଞାନ ପରମ୍ପରା, ମନ୍ଦିର ସ୍ଥାପତ୍ୟ, ସଂସ୍କୃତ ସାହିତ୍ୟ, ଯୋଗ, ଆୟୁର୍ବେଦ, ଦର୍ଶନ, ଲୋକପରମ୍ପରା ଓ ପାରମ୍ପରିକ ଜ୍ଞାନବ୍ୟବସ୍ଥା ବିଷୟରେ ଆଜିର ଯୁବମାନେ ପୁସ୍ତକ, ପଡକାଷ୍ଟ, ଡକ୍ୟୁମେଣ୍ଟାରୀ ଓ ସୋସିଆଲ ମିଡିଆ ମାଧ୍ୟମରେ ନୂଆ ଭାବେ ଜାଣିବାକୁ ଚେଷ୍ଟା କରୁଛନ୍ତି।

ନିଜ ମୂଳକୁ ଜାଣିବାର ଏହି ଆକାଂକ୍ଷା କେବଳ ଅତୀତକୁ ଗୌରବାନ୍ୱିତ କରିବାର ପ୍ରୟାସ ନୁହେଁ; ଏହା ନିଜ ପରିଚୟକୁ ବୁଝିବାର ଏକ ଯାତ୍ରା। ଅନେକ ଯୁବ ଭାରତୀୟଙ୍କ ପାଇଁ ଭାରତ କେବଳ ୧୯୪୭ ପରେ ଗଠିତ ଏକ ଆଧୁନିକ ରାଷ୍ଟ୍ର ନୁହେଁ; ଏହା ହଜାର ହଜାର ବର୍ଷର ଜ୍ଞାନ, ଚିନ୍ତନ, ଆଧ୍ୟାତ୍ମିକତା, କଳା, ସାହିତ୍ୟ ଓ ସଂସ୍କୃତିର ଏକ ଦୀର୍ଘ ସଭ୍ୟତାଗତ ଯାତ୍ରା। ସ୍ୱାମୀ ବିବେକାନନ୍ଦଙ୍କ ଆତ୍ମବିଶ୍ୱାସମୟ ଚିନ୍ତାଧାରା, ଚାଣକ୍ୟଙ୍କ ରାଜନୈତିକ ଦୂରଦୃଷ୍ଟି କିମ୍ବା ପ୍ରାଚୀନ ଭାରତର ଗଣିତ, ଖଗୋଳବିଜ୍ଞାନ ଓ ଦାର୍ଶନିକ ଚିନ୍ତନ-ଏସବୁ ଆଜିର ଯୁବପିଢ଼ି ମଧ୍ୟରେ ନୂଆ ଆଗ୍ରହ ସୃଷ୍ଟି କରୁଛି। ଡିଜିଟାଲ ବିପ୍ଳବ ଏହି ପରିବର୍ତ୍ତନର ଏକ ବଡ଼ ଚାଳକ। ଜେନ୍ ଜେଡ୍ ହେଉଛି ଇଣ୍ଟରନେଟ୍ ଓ ସୋସିଆଲ ମିଡିଆର ପ୍ରଭାବ ମଧ୍ୟରେ ବଢ଼ିଉଠିଥିବା ପିଢ଼ି। ସେମାନେ ଏକ ମୁହୂର୍ତ୍ତରେ ଟୋକିଓର ସଙ୍ଗୀତ, ନ୍ୟୁୟର୍କର ଜୀବନଶୈଳୀ କିମ୍ବା ଲଣ୍ଡନର ସଂସ୍କୃତି ସହ ପରିଚିତ ହୋଇପାରନ୍ତି। କିନ୍ତୁ ସେହି ଡିଜିଟାଲ ଦୁନିଆରେ ସେମାନେ କୋଣାର୍କର ସୂର୍ଯ୍ୟମନ୍ଦିର, ପୁରୀର ରଥଯାତ୍ରା, ଭାରତର ଶାସ୍ତ୍ରୀୟ କଳା, ଲୋକସଂସ୍କୃତି ଓ ଅନେକ ଅଜଣା ଐତିହ୍ୟକୁ ମଧ୍ୟ ବିଶ୍ୱ ସମ୍ମୁଖରେ ଉପସ୍ଥାପନ କରୁଛନ୍ତି।

ଏହି ବିଶ୍ୱ ସଂଯୋଗ ଅନେକ କ୍ଷେତ୍ରରେ ସେମାନଙ୍କ ଜାତୀୟ ଆତ୍ମବିଶ୍ୱାସକୁ ମଧ୍ୟ ବଢ଼ାଇଛି। UPI ଓ ଡିଜିଟାଲ ପେମେଣ୍ଟ ବ୍ୟବସ୍ଥା, ମହାକାଶ ଅନୁସନ୍ଧାନ, ଟିକା ଉତ୍ପାଦନ, ଷ୍ଟାର୍ଟଅପ୍ ପରିବେଶ, ପ୍ରଯୁକ୍ତି ଓ



ଡିଜିଟାଲ ଭିତ୍ତିଭୂମିରେ ଭାରତର ଅଗ୍ରଗତି ଯୁବମାନଙ୍କ ମନରେ ଏକ ନୂତନ ବିଶ୍ୱାସ ସୃଷ୍ଟି କରିଛି। ISROର ସଫଳତା ଠାରୁ ଆରମ୍ଭ କରି ଭାରତୀୟ ଷ୍ଟାର୍ଟଅପ୍ ଓ ଉଦ୍ୟମିତା ପର୍ଯ୍ୟନ୍ତ— ପ୍ରତ୍ୟେକ ସଫଳତା ସେମାନଙ୍କୁ ଏକ କଥା କହୁଛି: ଭାରତ କେବଳ ଅତୀତର ଗୌରବ ନୁହେଁ, ଭବିଷ୍ୟତର ସମ୍ଭାବନା ମଧ୍ୟ। ଏହି କାରଣରୁ ଆଜିର ଅନେକ ଯୁବ ଭାରତୀୟଙ୍କ ମନରେ ବିଦେଶ ଯିବାର ସ୍ୱପ୍ନ ଥିଲେ ମଧ୍ୟ ଭାରତରେ ରହି ନିଜର ପରିଚୟ ଓ ସଫଳତା ଗଢ଼ିବାର ଇଚ୍ଛା ମଧ୍ୟ ଦୃଢ଼ ହେଉଛି। ଷ୍ଟାର୍ଟଅପ୍, ଡିଜିଟାଲ ଉଦ୍ୟମିତା, ଫ୍ରିଲାନ୍ସିଂ, ରିମୋଟ୍ କାର୍ଯ୍ୟ ଓ ନୂତନ ପ୍ରଯୁକ୍ତି ଭାରତରେ ରହି ମଧ୍ୟ ବିଶ୍ୱ ସହ ଯୋଡ଼ି ହେବାର ସୁଯୋଗ ସୃଷ୍ଟି କରିଛି।

ବିଶ୍ୱ ମଞ୍ଚରେ ଭାରତୀୟ ସଂସ୍କୃତିର ବଢ଼ୁଥିବା ପ୍ରଭାବ ମଧ୍ୟ ଏହି ଆତ୍ମବିଶ୍ୱାସକୁ ଆହୁରି ଦୃଢ଼ କରୁଛି। ଯୋଗ ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଅଭ୍ୟାସ କରାଯାଉଛି, ଭାରତୀୟ ଖାଦ୍ୟ ଅନ୍ତର୍ଜାତୀୟ ରୁଚିର ଅଂଶ ହେଉଛି ଏବଂ ଭାରତୀୟ ସିନେମା, ସଙ୍ଗୀତ, ସାହିତ୍ୟ ଓ ପର୍ବପର୍ବାଣୀ ବିଶ୍ୱର ଦର୍ଶକଙ୍କ ଆକର୍ଷଣ ଲାଭ କରୁଛି। ଯେତେବେଳେ ନିଜ ସଂସ୍କୃତିକୁ ବିଶ୍ୱ ଗ୍ରହଣ କରୁଥିବା ଦେଖାଯାଏ, ସେତେବେଳେ ନିଜ ମୂଳ ପ୍ରତି ଗର୍ବର ଭାବନା ଆହୁରି ଗଭୀର ହେବା ସ୍ୱାଭାବିକ। ସୋସିଆଲ ମିଡିଆ ଏହି ଭାବନାକୁ ଏକ ନୂଆ ମଞ୍ଚ ଦେଇଛି। ଆଜି ଜଣେ ଯୁବ କଣ୍ଟେଣ୍ଟ କ୍ରିଏଟର ଏକ ଛୋଟ ଭିଡିଓ ମାଧ୍ୟମରେ କୌଣସି ଐତିହାସିକ ସ୍ଥାନର କାହାଣୀ କହିପାରୁଛନ୍ତି, ଜଣେ ଯୁବ ଲେଖକ ଭୁଲିଯାଉଥିବା ଲୋକପରମ୍ପରା ବିଷୟରେ ଲେଖିପାରୁଛନ୍ତି, ଆଉ ଜଣେ ଯୁବକ ନିଜ ମାତୃଭାଷାରେ ତିଆରି କରିଥିବା ଏକ ଭିଡିଓକୁ ସମଗ୍ର ବିଶ୍ୱରେ ପହଞ୍ଚାଇପାରୁଛନ୍ତି। YOUTUBE, INSTAGRAM ଓ ଅନ୍ୟାନ୍ୟ ଡିଜିଟାଲ ମାଧ୍ୟମ ଯୁବପିଢ଼ିକୁ ଭାରତକୁ କେବଳ ଭଲପାଇବା ନୁହେଁ, ନିଜ ଭାବରେ ଭାରତକୁ ବିଶ୍ୱ ସମ୍ମୁଖରେ ପରିଚିତ କରାଇବାର ସୁଯୋଗ ମଧ୍ୟ ଦେଇଛି। ଜେନ୍ ଜେଡ୍‌ର ଦେଶପ୍ରେମ କେବଳ ଭାବନା କିମ୍ବା ପ୍ରତୀକରେ ସୀମିତ ନୁହେଁ। ଏହା ସାମାଜିକ ସେବା ଓ ଜନସହଭାଗିତାରେ ମଧ୍ୟ ପ୍ରତିଫଳିତ ହେଉଛି। ପରିବେଶ ସୁରକ୍ଷା, ଶିକ୍ଷା, ଆର୍ଥିକ ସାକ୍ଷରତା, ଗ୍ରାମୀଣ ବିକାଶ, ରକ୍ତଦାନ, ସ୍ୱଚ୍ଛତା ଓ ବିଭିନ୍ନ ସମାଜସେବାମୂଳକ କାର୍ଯ୍ୟରେ ଯୁବମାନଙ୍କ ସକ୍ରିୟ ଅଂଶଗ୍ରହଣ ଦେଖିବାକୁ ମିଳୁଛି।

ସେମାନେ ଧୀରେ ଧୀରେ ଏକ ସରଳ ସତ୍ୟକୁ ବୁଝୁଛନ୍ତି-ଦେଶପ୍ରେମ କେବଳ ନାରା ଦେବା କିମ୍ବା ପ୍ରତୀକ ପ୍ରତି ସମ୍ମାନ ପ୍ରଦର୍ଶନ କରିବାରେ ସୀମିତ ନୁହେଁ। ଦେଶର ଲୋକଙ୍କ ପାଇଁ କାମ କରିବା, ସମାଜର ସମସ୍ୟାକୁ ବୁଝିବା, ପରିବେଶକୁ ସୁରକ୍ଷା କରିବା, ନିଜ କର୍ତ୍ତବ୍ୟକୁ ସଚ୍ଚୋଟତାର ସହ ପାଳନ କରିବା ଏବଂ ନିଜ କ୍ଷମତାକୁ ଦେଶର ଉନ୍ନତିରେ ନିୟୋଜିତ କରିବା ମଧ୍ୟ ଦେଶପ୍ରେମର ଅବିଚ୍ଛିନ୍ନ ଅଂଶ। ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ମଧ୍ୟ ଯୁବମାନଙ୍କ ଚିନ୍ତାଧାରାରେ ଏକ ନୂଆ ପରିପକ୍ୱତା ଦେଖାଯାଉଛି। ସାର୍ବଜନୀନ ନୀତି, ଶାସନ, ଅର୍ଥନୀତି, ଶିକ୍ଷା, ରୋଜଗାର ଓ ସାମାଜିକ ସୁଧାର ଭଳି ବିଷୟ ଉପରେ ସେମାନେ ଆଲୋଚନା କରୁଛନ୍ତି। ସେମାନଙ୍କର ଏହି ସଚେତନତା ଏକ ଗୁରୁତ୍ୱପୂର୍ଣ୍ଣ କଥାକୁ ସୂଚିତ କରେ-ଭାରତର ଭବିଷ୍ୟତ କେବଳ ସରକାରର ନୀତିରେ ନୁହେଁ, ବରଂ ପ୍ରତ୍ୟେକ ନାଗରିକଙ୍କ ସଚେତନ ଓ ଦାୟିତ୍ୱଶୀଳ ଭୂମିକାରେ ମଧ୍ୟ ନିର୍ଭର କରେ। ତଥାପି ଜେନ୍ ଜେଡ୍‌ର ଦେଶପ୍ରେମ ପୂର୍ବ ପିଢ଼ିର ଜାତୀୟତାବାଦଠାରୁ କିଛି ଦିଗରେ ଭିନ୍ନ। ଏହା ଅଧିକ ବିଶ୍ୱମୁଖୀ, ଡିଜିଟାଲ ଓ ଅଭିଜ୍ଞତାଭିତ୍ତିକ। ଜଣେ ଯୁବ ଭାରତୀୟ ଆଜି ଅନ୍ତର୍ଜାତୀୟ ସଙ୍ଗୀତ ଶୁଣିପାରନ୍ତି, ବିଦେଶୀ ସାହିତ୍ୟ ପଢ଼ିପାରନ୍ତି, ବିଶ୍ୱ ଅର୍ଥନୀତି ବିଷୟରେ ଜାଣିପାରନ୍ତି ଓ ଅନ୍ୟ ଦେଶର ଲୋକଙ୍କ ସହ ମିତ୍ରତା କରିପାରନ୍ତି— ତଥାପି ସେହି ସମୟରେ ନିଜ ଭାଷା, ପରମ୍ପରା, ପର୍ବପର୍ବାଣୀ ଓ ଦେଶ ପାଇଁ ଗଭୀର ଗର୍ବ ମଧ୍ୟ ଅନୁଭବ କରିପାରନ୍ତି। ଏହି ସନ୍ତୁଳନ ହିଁ ଜେନ୍ ଜେଡ୍‌ର ଏକ ବିଶେଷ ପରିଚୟ-ବିଶ୍ୱକୁ ଜାଣିବା, କିନ୍ତୁ ନିଜ ମୂଳକୁ ଭୁଲି ନଯିବା। ନିଶ୍ଚିତ ଭାବେ ଭାରତ ସମ୍ମୁଖରେ ଆଜି ଅନେକ ଚ୍ୟାଲେଞ୍ଜ ରହିଛି। ରୋଜଗାର, ଶିକ୍ଷାର ଗୁଣବତ୍ତା, ପରିବେଶ ସୁରକ୍ଷା, ସାମାଜିକ ସମାନତା, ଭିତ୍ତିଭୂମି ଓ ଆର୍ଥିକ ସୁଯୋଗ ଭଳି ପ୍ରଶ୍ନ ଏବେ ମଧ୍ୟ ଆମ ସମ୍ମୁଖରେ ରହିଛି। ଜେନ୍ ଜେଡ୍ ଏହି ସମସ୍ୟାଗୁଡ଼ିକଠାରୁ ଅଜ୍ଞ ନୁହେଁ। କିନ୍ତୁ ଅନେକ ଯୁବମାନଙ୍କ ମନୋଭାବରେ ନିରାଶାଠାରୁ ଅଧିକ ଆଶା ଏବଂ ଅଭିଯୋଗଠାରୁ ଅଧିକ ସମାଧାନ ଖୋଜିବାର ମନୋଭାବ ଦେଖାଯାଉଛି। ସେମାନେ ବିଶ୍ୱାସ କରୁଛନ୍ତି ଯେ ନବସୃଜନ, ଉଦ୍ୟମିତା, ବୈଜ୍ଞାନିକ ଚିନ୍ତନ, ନୀତିଗତ ସୁଧାର ଓ ଦାୟିତ୍ୱଶୀଳ ନାଗରିକ ସହଭାଗିତା ମାଧ୍ୟମରେ ଭାରତର ଅନେକ ସମସ୍ୟାର ସମାଧାନ ଖୋଜାଯାଇପାରେ। ଆଜି ଭାରତ ଏକ ନିର୍ଣ୍ଣାୟକ ପର୍ଯ୍ୟାୟ ଦେଇ ଗତି କରୁଥିବାବେଳେ, ଜେନ୍ ଜେଡ୍‌ର ଭୂମିକା ଆହୁରି ଗୁରୁତ୍ୱପୂର୍ଣ୍ଣ ହେବ। ଏହି ପିଢ଼ି କେବଳ ଆଗାମୀ ଦିନର ଭୋକ୍ତା ନୁହେଁ; ସେମାନେ ଆଗାମୀ ଦିନର ଉଦ୍ୟୋଗୀ, ବୈଜ୍ଞାନିକ, ଶିକ୍ଷକ, କଳାକାର, ପ୍ରଶାସକ, ନୀତିନିର୍ମାତା ଓ ନାଗରିକ ନେତୃତ୍ୱର ବାହକ। ସେମାନଙ୍କର ଚିନ୍ତା, ସୃଜନଶୀଳତା ଓ କାର୍ଯ୍ୟ ଭାରତର ଆଗାମୀ ଦଶକଗୁଡ଼ିକର ଦିଗ ନିର୍ଦ୍ଦେଶ କରିପାରେ। ଶେଷରେ, ଜେନ୍ ଜେଡ୍ ଓ ଭାରତର କାହାଣୀ କେବଳ ଏକ ପିଢ଼ି ଓ ଏକ ଦେଶର ସମ୍ପର୍କର କାହାଣୀ ନୁହେଁ; ଏହା ଏକ ନୂଆ ଆତ୍ମବିଶ୍ୱାସର କାହାଣୀ। ଏପରି ଏକ ପିଢ଼ିର କାହାଣୀ, ଯିଏ ଅତୀତକୁ ଜାଣିବାକୁ ଚାହେଁ, ବର୍ତ୍ତମାନକୁ ବୁଝିବାକୁ ଚାହେଁ ଏବଂ ଭବିଷ୍ୟତକୁ ନିଜ ହାତରେ ଗଢ଼ିବାକୁ ଚାହେଁ।

ଭାରତ ସେମାନଙ୍କ ପାଇଁ କେବଳ ମାନଚିତ୍ରରେ ଅଙ୍କିତ ଏକ ଭୂଖଣ୍ଡ ନୁହେଁ। ଏହା ସେମାନଙ୍କର ସ୍ମୃତି, ସଂସ୍କୃତି, ଭାଷା, ଉତ୍ତରାଧିକାର ଓ ସ୍ୱପ୍ନର ଏକ ସମନ୍ୱିତ ପରିଚୟ। ଏହା ଏକ ଏମିତି ଦେଶ, ଯାହାର ଅତୀତ ଉପରେ ସେମାନେ ଗର୍ବ କରନ୍ତି, ବର୍ତ୍ତମାନକୁ ନେଇ ପ୍ରଶ୍ନ କରନ୍ତି ଏବଂ ଭବିଷ୍ୟତକୁ ନେଇ ଆଶା ରଖନ୍ତି। କାରଣ ଦେଶକୁ ଭଲପାଇବାର ଅର୍ଥ କେବଳ ତାହାର ଗୌରବଗାଥା ଗାଇବା ନୁହେଁ; ତାହାର ଅସମ୍ପୂର୍ଣ୍ଣତାକୁ ଚିହ୍ନିବା, ତାହାର ସମସ୍ୟାକୁ ନିଜର ଭାବିବା ଏବଂ ତାହାର ଆସନ୍ତାକାଲିକୁ ଆହୁରି ଉଜ୍ଜ୍ୱଳ କରିବା ପାଇଁ ନିଜ ଅଂଶର ଆଲୋକ ଜଳାଇବା। ଜେନ୍ ଜେଡ୍‌ର ଭାରତ ପ୍ରତି ଭଲପାଇବା ବୋଧହୁଏ ଠିକ୍ ଏହିଠାରେ-ମୂଳରେ ଭାରତୀୟ, ଦୃଷ୍ଟିରେ ବିଶ୍ୱମୁଖୀ ଏବଂ ସ୍ୱପ୍ନରେ ଏକ ଅଧିକ ସମୃଦ୍ଧ, ସଶକ୍ତ ଓ ଆତ୍ମବିଶ୍ୱାସୀ ଭାରତ।

**ରାଜ୍ୟ ସମ୍ପାଦକ, ଏବିଭିପି, ଓଡ଼ିଶା**
**ମୋବାଇଲ୍: ୭୮୯୪୨୨୭୯୫୭, ୨୫୬- ପ୍ରେରଣା**
**ବିଡ଼ିଏ କଲୋନୀ, ବରମୁଣ୍ଡା, ଭୁବନେଶ୍ୱର**



# ସାରା ଦେଶରେ ବାଣ ଉପରେ ଲଗାଯିବନି କଟକଣା

## ଲୋକଙ୍କ ଭାବନା ଦୀପାବଳି ସହ ଜଡ଼ିତ: ସୁପ୍ରିମ୍‌କୋର୍ଟ

ନୂଆଦିଲ୍ଲୀ,୩୦।୯: ସୁପ୍ରିମକୋର୍ଟ ଆଜି ସ୍ପଷ୍ଟ କରିଛନ୍ତି ଯେ ସମଗ୍ର ଦେଶରେ ବାଣ ଫୁଟାଇବା ଉପରେ ସମ୍ପୂର୍ଣ୍ଣ କଟକଣା ଲଗାଇବାର କୌଣସି ଯୋଜନା ନାହିଁ। କୋର୍ଟ ମତ ଦେଇଛନ୍ତି ଯେ ଦୀପାବଳି ପର୍ବ ଲୋକଙ୍କ ଭାବନା ସହ ଜଡ଼ିତ ଏବଂ ଏହାକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇପାରିବ ନାହିଁ। କୋର୍ଟ ଏହା ମଧ୍ୟ କହିଛନ୍ତି ଯେ ୨୪ ଘଣ୍ଟା ଧରି ବାଣ ଫୁଟାଇବାକୁ ଅନୁମତି ଦିଆଯାଇପାରିବ ନାହିଁ, କାରଣ କ୍ରମାଗତ ଭାବେ ବାଣ ଫୁଟାଇବା ଦ୍ୱାରା ଅସୁସ୍ଥ ବ୍ୟକ୍ତି, ବୟସ୍କ ଓ ଶିଶୁମାନେ ପ୍ରତିକୂଳ ଭାବେ ପ୍ରଭାବିତ ହୋଇପାରନ୍ତି।

ସୁପ୍ରିମକୋର୍ଟ କହିଛନ୍ତି ଯେ ସେ ବାଣର ପ୍ରକାର ଓ ସେଗୁଡ଼ିକୁ ଫୁଟାଇବା ପାଇଁ ନିର୍ଦ୍ଧାରିତ ସମୟ ସୀମା ଉପରେ ବିଚାର କରିବେ। କୋର୍ଟ ଏପରି ଏକ ସନ୍ତୁଳନ ବଜାୟ ରଖିବାକୁ ଲକ୍ଷ୍ୟ ରଖିଛନ୍ତି ଯାହା ଉତ୍ସବ ପାଳନର ଭାବନାକୁ ଅକ୍ଷୁଣ୍ଣ ରଖିବା ସହ ସ୍ୱାସ୍ଥ୍ୟଗତ ଚିନ୍ତାଧାରାର ମଧ୍ୟ ସମାଧାନ କରିପାରିବ। ଏହି ମାମଲାର ପରବର୍ତ୍ତୀ ଶୁଣାଣି ସୁପ୍ରିମକୋର୍ଟରେ ଆସନ୍ତା ୧୫ ତାରିଖରେ ହେବ।

ଦିଲ୍ଲୀ- ଏନସିଆର୍ ଅଞ୍ଚଳରେ ବାଣ ଯୋଗୁଁ ସୃଷ୍ଟି ହେଉଥିବା ପ୍ରଦୂଷଣ ସମ୍ପର୍କରେ ସୁପ୍ରିମକୋର୍ଟରେ ଏକ ଶୁଣାଣି ହୋଇଥିଲା। ଏହି ମାମଲା ଗତ ୨୦୧୫ରୁ ଚାଲିଆସୁଛି ଓ କୋର୍ଟ ଉତ୍ତର ଭାରତର ପ୍ରଦୂଷଣ ପ୍ରଭାବିତ ଅଞ୍ଚଳ (ଯେଉଁଥିରେ ଦିଲ୍ଲୀ ଓ ଉତ୍ତର ପ୍ରଦେଶ ଅନ୍ତର୍ଭୁକ୍ତ)ରେ ଅକ୍ଟୋବରରୁ ଜାନୁଆରୀ ମଧ୍ୟରେ ବାଣ ବ୍ୟବହାର ସମ୍ବନ୍ଧୀୟ ବିଭିନ୍ନ ନିର୍ଦ୍ଦେଶ ଜାରି କରିଆସୁଛନ୍ତି।

# ଅମଲା ଦମ୍ପତିଙ୍କ ଘରେ ଚଢ଼ାଉ, ନଗଦ କୋଟିଏ ଜବତ

ପାଟନା,୩୦।୯: ଆଖି ଖୋସିଗଲା ଭଳି ସମ୍ପତ୍ତି। ବିହାର ଅମଲା ଦମ୍ପତିଙ୍କ ଘରେ ରେଡରେ ମିଳିଲା ନଗଦ କୋଟିଏ ଟଙ୍କା। କେବଳ ଏତିକି ନୁହେଁ, ବିପୁଳ ହୀରା ଓ ସୁନାର ଗହଣା ବି ମିଳିଛି। ଅମଲା ଦମ୍ପତିଙ୍କ ବିଳାସପୂର୍ଣ୍ଣ ଘଣ୍ଟା ସଉକ। ଘରୁ ମିଳିଛି ୪୮ଟି ନାମୀଦାମୀ ବ୍ରାଣ୍ଡର ଘଣ୍ଟା, ଯାହାର ଦାମ ୬ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ବିହାରର ଦୁଇ ପ୍ରଭାବଶାଳୀ ପ୍ରଶାସନିକ ଅଧିକାରୀ ଦମ୍ପତିଙ୍କ ଘରେ ଚଢ଼ାଉ ବେଳେ ଅମାପ ସମ୍ପତ୍ତି ଦେଖି ଭିଜିଲାନ୍ସ ଅଧିକାରୀ ବି ତାଜୁବ ହୋଇଯାଇଛନ୍ତି।

ପାଟନାର ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ (ଯୋଗାଣ) ରବୀନ୍ଦ୍ର କୁମାର ଦିବାକର ଓ ତାଙ୍କ ପତ୍ନୀ ତଥା ଦାନାପୁରର ଜିଲ୍ଲା ସବ୍‌ରେଜିଷ୍ଟ୍ରାର କୁମାରୀ ସ୍ୱିଟିଙ୍କ ନାଁରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି। ଚଢ଼ାଉ ସମୟରେ ପ୍ରାୟ ୮୦ ଲକ୍ଷରୁ ୧ କୋଟି ଟଙ୍କା ଜବତ ହୋଇଛି। ଏତେ ଟଙ୍କା ଜବତ ହୋଇଛି ଯେ ତାକୁ ଗଣି ଗଣି ମେସିନ ବି ଥକିପଡ଼ିଛି। ଏଥିସହ ଚଢ଼ାଉ ସମୟରେ ବିପୁଳ ପରିମାଣର ସୁନାଗହଣା ବି ମିଳିଛି। ପାଟନାସ୍ଥିତ ଏଡିଏମ ରବୀନ୍ଦ୍ର କୁମାର ଦିବାକର ବାସଭବନ ଓ ବେଗୁସରାଇସ୍ଥିତ ପୈତୃକ ଘରେ ଏକ ସଙ୍ଗେ ଚଢ଼ାଉ କରାଯାଇଛି। ପାଟନାସ୍ଥିତ ୭୦ ହଜାରରୁ ଅଧିକ। ପ୍ରାଥମିକ ତଦନ୍ତରୁ ଏହି ପ୍ରଶାସନିକ ଦମ୍ପତିଙ୍କ ପାଖରେ ସେମାନଙ୍କ ବୈଧ ଆୟ ତୁଳନାରେ ୪୭ ପ୍ରତିଶତ ଅଧିକ ସମ୍ପତ୍ତି ଥିବା ଜଣାପଡ଼ିବା ପରେ ଗତ ୨୫ରେ



ବାସଭବନରୁ ଏଯାଏ ନଗଦ ୭୦ ଲକ୍ଷ ଟଙ୍କା ଓ ୪୮ଟି ପ୍ରିମିୟମ ବ୍ରାଣ୍ଡର ବିଳାସପୂର୍ଣ୍ଣ ଘଣ୍ଟା ମିଳିଛି। ସେହିପରି ବେଗୁସରାଇ ପୈତୃକ ଘରୁ ୯ ଲକ୍ଷରୁ ଅଧିକ ଟଙ୍କା ଓ ବହୁ ଅଳଙ୍କାର ମିଳିଛି।

ପାଟନାରେ ରବୀନ୍ଦ୍ର ଓ ତାଙ୍କ ପତ୍ନୀ କୁମାରୀ ସ୍ୱିଟିଙ୍କ ନାଁରେ ଦୁଇଟି ଫ୍ଲାଟ ରହିଛି। ପାଟନାରେ ୩ଟି ପ୍ଲଟ ଥିବା ବେଳେ ଏହାର ଦାମ ୧ କୋଟି ୨୮ ଲକ୍ଷ ଟଙ୍କା ହେବ। ସେହିପରି ଜବତ ସୁନା ଓ ହୀରା ଗହଣାର ମୂଲ୍ୟ ୫୨ ଲକ୍ଷ ଭିଜିଲାନ୍ସ ବ୍ୟୁରୋ ମାମଲା ରୁଜୁ କରିଥିଲା।

ଶ୍ରୀ ଦିବାକର ଗତ ୨୦୦୦ ମସିହାରେ ଜଣେ ଶିକ୍ଷକ ଭାବେ ନିଜର କ୍ୟାରିୟର୍ ଆରମ୍ଭ କରିଥିଲେ ଓ ପରେ ରାଜ୍ୟ ସିଭିଲ୍ ସେବାରେ ଯୋଗଦେଇ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରିଛନ୍ତି। ବର୍ତ୍ତମାନ ଏହି ଦମ୍ପତିଙ୍କ ବ୍ୟାଙ୍କ ଆକାଉଣ୍ଟ ଓ ଏଲ୍‌ଆଇସି ଇନଭେଷ୍ଟମେଣ୍ଟକୁ ଫ୍ରିଜ୍ କରାଯାଇ ଅଧିକ ତଦନ୍ତ ଜାରି ରହିଛି।

## ମୀରଟ ନୀଳଡ୍ରମ ହତ୍ୟାକାଣ୍ଡ ମାମଲା

# ମୁସ୍କାନ ଓ ସାହିଲ ଦୋଷୀ ସାବ୍ୟସ୍ତ

ମୀରଟ,୩୦।୯ (ସଂଚାର ବ୍ୟୁରୋ): ମୀରଟର ଚର୍ଚ୍ଚିତ ସୌରଭ ରାଜପୁତ ହତ୍ୟାକାଣ୍ଡ ମମାଲାରେ କୋର୍ଟ ବଡ଼ ରାୟ ଶୁଣାଇଛନ୍ତି। ସୌରଭ ରାଜପୁତଙ୍କ ହତ୍ୟା କରି ତାଙ୍କ ମୃତଦେହକୁ ନୀଳ ଡ୍ରମରେ ରଖିବା ମାମଲାରେ ପତ୍ନୀ ମୁସ୍କାନ ରସ୍ତୋଗୀ ଓ ତାଙ୍କ ପ୍ରେମିକ ସାହିଲଙ୍କୁ କୋର୍ଟ ଦୋଷୀ ସାବ୍ୟସ୍ତ କରିଛନ୍ତି। ଜିଲ୍ଲା ଜଜ୍ ଅରବିନ୍ଦ କୁମାର ମିଶ୍ର ଏହି ରାୟ ଶୁଣାଇଛନ୍ତି। ଉଭୟଙ୍କ ଦଣ୍ଡ ଆସନ୍ତା ୧୪ ଅକ୍ଟୋବରରେ ଘୋଷଣା କରାଯିବ।

ଏହି ମାମଲାରେ ୧୨୬ଟି ଶୁଣାଣି ହୋଇଥିବା ବେଳେ ୨୨ରୁ ଅଧିକ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଛି। ଜୁଲାଇ ୨୦୨୫ରେ ଟ୍ରାଏଲ୍ ଆରମ୍ଭ ହେବା ପରେ ପ୍ରାୟ ୧୩ ମାସ ଧରି କୋର୍ଟରେ



ମାମଲାର ଶୁଣାଣି ଓ ଯୁକ୍ତିତର୍କ ଚାଲିଥିଲା। ସୌରଭଙ୍କ ପରିବାର ପକ୍ଷରୁ ଉଭୟ ଦୋଷୀଙ୍କୁ କଠୋର ଦଣ୍ଡ ଦେବାକୁ ଦାବି କରାଯାଇଛି। ଏବେ ସମସ୍ତଙ୍କ ନଜର ୧୪ ଅକ୍ଟୋବରରେ ହେବାକୁ ଥିବା ଦଣ୍ଡ ଘୋଷଣା ଉପରେ ରହିଛି। ସୂଚନାଯୋଗ୍ୟ ଯେ ୨୦୨୫ ମାର୍ଚ୍ଚରେ ୧୭ରେ ମୀରଟସ୍ଥିତ ଘରୁ ସୌରଭ ରାଜପୁତଙ୍କ ମୃତଦେହ ଏକ ନୀଳ ଡ୍ରମ୍ ଭିତରୁ ମିଳିଥିଲା। ପୁଲିସ ମାମଲାର ତଦନ୍ତ କରି ୨୦୨୫ ମାର୍ଚ୍ଚ ୧୯ରେ ମୁସ୍କାନ ଓ ସାହିଲଙ୍କୁ ଗିରଫ କରିଥିଲା। ଏହାପରେ ଜୁଲାଇ ୨୦୨୫ରେ ଜିଲ୍ଲା ଜଜ୍ କୋର୍ଟରେ ମାମଲାର ଟ୍ରାଏଲ୍ ଆରମ୍ଭ ହୋଇଥିଲା।

ପୁଲିସର ତଦନ୍ତ ଅନୁସାରେ, ୨୦୨୫ ମାର୍ଚ୍ଚ ୩ରେ ମୁସ୍କାନ ଓ ସାହିଲ ମିଶି ସୌରଭଙ୍କୁ ହତ୍ୟା କରିଥିଲେ। ପରେ ମୃତଦେହକୁ ଖଣ୍ଡବିଖଣ୍ଡ କରି ଏକ ନୀଳ ଡ୍ରମରେ ରଖିଥିବା ଅଭିଯୋଗ ହୋଇଥିଲା। ହତ୍ୟା ପରେ ମୁସ୍କାନ ଓ ସାହିଲ ଶିମଲା ଯାଇଥିବା ମଧ୍ୟ ତଦନ୍ତରେ ସାମ୍ନାକୁ ଆସିଥିଲା।

# ଓଭରଟେକରୁ ବଡ଼ ଦୁର୍ଘଟଣା: ୫ ମୃତ

ଅହମ୍ମଦାବାଦ,୩୦।୯: ବୁଧବାର ସକାଳେ ଗୁଜରାଟର ଆନନ୍ଦ ଜିଲ୍ଲାର ଅହମ୍ମଦାବାଦ-ଭଦୋଦରା ଏକ୍ସପ୍ରେସ ୱେରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ପୁଲିସ ଦେଇଥିବା ସୂଚନାନୁଯାୟୀ, ଏକ ଘରୋଇ ବସ୍ ଏବଂ ଏକ ଟ୍ରକ୍ ମଧ୍ୟରେ ଏକ ଜୋରଦାର୍ ଧକ୍କା ହୋଇଥିଲା, ଯେଉଁଥିରେ ୫ ଜଣଙ୍କର ମୃତ୍ୟୁ ହୋଇଛି ଓ ୫ ଜଣ ଆହତ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ମଧ୍ୟ ଦୁର୍ଘଟଣା ଉପରେ ଦୁଃଖ ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ଏହାର 'ଏକ୍ସ' ହ୍ୟାଣ୍ଡଲରେ ଏହି ଘଟଣା ଉପରେ ଦୁଃଖ ପ୍ରକାଶ କରି ଏକ ପୋଷ୍ଟ ଶେୟାର କରିଛି। ପ୍ରଧାନମନ୍ତ୍ରୀ ତାଙ୍କ ପୋଷ୍ଟରେ ଉଲ୍ଲେଖ କରିଛନ୍ତି ଯେ ଗୁଜୁରାଟର ଆନନ୍ଦରେ



ଦୁର୍ଘଟଣାରେ ପ୍ରାଣହାନି ଯୋଗୁଁ ମୁଁ ଗଭୀର ଦୁଃଖିତ। ଶୋକସନ୍ତପ୍ତ ପରିବାର ପ୍ରତି ମୋର ସମବେଦନା। ମୁଁ ସମସ୍ତ ଆହତଙ୍କ ଶୀଘ୍ର ଆରୋଗ୍ୟ ପାଇଁ ପ୍ରାର୍ଥନା କରୁଛି।" ପ୍ରଧାନମନ୍ତ୍ରୀ ମୃତକଙ୍କ ପରିବାର ପ୍ରତି ସମବେଦନା ପ୍ରକାଶ କରିଛନ୍ତି ଏବଂ ଆହତଙ୍କ ଶୀଘ୍ର ଆରୋଗ୍ୟ କାମନା କରିଛନ୍ତି। ଘଟଣା ବିଷୟରେ ଆଇଏଏନ୍‌ଏସ୍ ସହ କଥାବାର୍ତ୍ତା କରି ଆହତ ବସ୍ ଯାତ୍ରୀ ଗଣେଶ ଜାଦବ କହିଛନ୍ତି,"ଆମେ ଖାଇବା ସରିବା ପରେ ବସ୍‌ରେ ଶୋଇ ପଡ଼ିଥିଲୁ। ସେତେବେଳେ ଦୁର୍ଘଟଣା ଘଟିଥିଲା।" ଆନନ୍ଦ ଓ ନାଡିଆଦ ମଧ୍ୟରେ ଅହମ୍ମଦାବାଦ-ବଡୋଦରା ଏକ୍ସପ୍ରେସ୍ ୱେର ବୋରିଆଭି ନିକଟରେ ଦୁର୍ଘଟଣା ଘଟିଥିଲା। ରିପୋର୍ଟ ଅନୁଯାୟୀ, ସୁରଟରୁ ରାଜସ୍ଥାନ ଯାଉଥିବା ଏକ ଘରୋଇ ବସ୍ ଓଭରଟେକ୍ ଲେନ୍‌ରେ ଧକ୍କା ଖାଇଥିଲା। ଜଣେ ପୁଲିସ ଅଧିକାରୀ କହିଛନ୍ତି ଯେ ଏକ୍ସପ୍ରେସ୍ ୱେ'ରେ ଘରୋଇ ବସ୍ ଏକ ଟ୍ରକ୍‌କୁ ଓଭରଟେକ୍ କରିବାକୁ ଚେଷ୍ଟା କରିବା ସମୟରେ ଦୁର୍ଘଟଣା ଘଟିଥିଲା। ଧକ୍କା ଏତେ ତୀବ୍ର ଥିଲା ଯେ ବସ୍‌ଟି ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଥିଲା। ଏହି ଦୁର୍ଘଟଣାରେ ୫ ଜଣଙ୍କ ଜୀବନ ଯାଇଛି, ଯାହା ଫଳରେ ମୃତକଙ୍କ ପରିବାର ମଧ୍ୟରେ ଦୁଃଖ ପ୍ରକାଶ ପାଇଛି। ସମସ୍ତ ମୃତକ ମୂଳତଃ ରାଜସ୍ଥାନର ବୋଲି ଜଣାପଡ଼ିଛି। ସେହିପରି ଦୁର୍ଘଟଣାରେ ଆହତ ୫ ଜଣଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ୪ଟି ମୃତଦେହ ଆନନ୍ଦ ଜେନେରାଲ ହସ୍ପିଟାଲକୁ ଓ ଗୋଟିଏ ମୃତଦେହ ନାଡିଆଦ ସିଭିଲ୍ ହସ୍ପିଟାଲକୁ ପଠାଯାଇଛି। ଦୁର୍ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ଆନନ୍ଦ ଗ୍ରାମୀଣ ପୁଲିସର ଏକ ଦଳ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଆବଶ୍ୟକ ପଦକ୍ଷେପ ନେଇଛି। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ରୁଷୀୟ ଟିୟୁ-୯୫ ବୋମା ବିସ୍ଫୋରଣକାରୀ ବିମାନ ଦୁର୍ଘଟଣାଗ୍ରସ୍ତ: ୬ ମୃତ

ମସ୍କୋ,୩୦।୯: ରୁଷ ସହ ଜଡିତ ଏକ ଖବର ସାମ୍ନାକୁ ଆସିଛି। ରୁଷର ବିମାନ ଟିୟୁ-୯୫ବୋମା ବିସ୍ଫୋରଣକାରୀ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଦୁର୍ଘଟଣାରେ ୬ ଜଣଙ୍କର ମୃତ୍ୟୁ ହୋଇଛି। ଏକ ତାଲିମ ମିଶନ ସମୟରେ ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇଥିବା ଜଣାପଡିଛି। ଏହା ପରମାଣୁ ଅସ୍ତ୍ର ବହନ କରିବାକୁ ସକ୍ଷମ ଥିଲା। ପ୍ରତିରକ୍ଷା ମନ୍ତ୍ରଣାଳୟ ଅନୁଯାୟୀ, ଏହି ବୋମା ବିସ୍ଫୋରଣ ବିମାନଟି ରୁଷର ପୂର୍ବ ଦିଗର ଅମୁର ଅଞ୍ଚଳର ଏକ ଦୁର୍ଗମ ଅଞ୍ଚଳରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଟିୟୁ-୯୫ ବୋମା ବିସ୍ଫୋରଣକାରୀ ବିମାନଟି ଉଡ଼ାଣ ଆରମ୍ଭ କରିବାର ମାତ୍ର କିଛି ମିନିଟ୍ ପରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହି ଧକ୍କା ଯୋଗୁଁ ବିମାନର ଇନ୍ଧନ ଟାଙ୍କି



ବିସ୍ଫୋରଣ ହୋଇଥିଲା, ଯାହା ଫଳରେ ନିଆଁ ଲାଗିଯାଇଥିଲା ଏବଂ ଭଗ୍ନାବଶେଷକୁ ଗ୍ରାସ କରିଥିଲା। ଏଥିରେ ଛଅ ଜଣଙ୍କର ମୃତ୍ୟୁ ହୋଇଛି ଓ ଜଣେ କ୍ରୁ ସଦସ୍ୟ ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଅନ୍ୟପଟେ ବିସ୍ଫୋରଣକାରୀଙ୍କ ପାଖରେ ଅସ୍ତ୍ରଶସ୍ତ୍ର ନ ଥିଲା। କିନ୍ତୁ ଦୁର୍ଘଟଣା କିପରି ଘଟିଲା ତାହାର ବିବରଣୀ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ। ଏହି ଦୁର୍ଘଟଣାର କାରଣ ଜାଣିବା ପାଇଁ ତଦନ୍ତକାରୀଙ୍କ ଏକ ଦଳ ଗଠନ କରାଯାଇ ଘଟଣାସ୍ଥଳକୁ ପଠାଯାଇଛି।

# ଲସ୍କର-ଏ-ତୋଏବାର ଟପ୍ ଆତଙ୍କବାଦୀ ମୁସା ନିହତ, ଯବାନଙ୍କ ଗୁଳିରେ ଟଳିଲା



ଜମ୍ମୁ କଶ୍ମୀର,୩୦।୯: ପାକିସ୍ତାନୀ ଆତଙ୍କବାଦୀ ସଂଗଠନ ଲସ୍କର-ଏ-ତୋଏବାର ଟପ୍ ଆତଙ୍କବାଦୀ ନିହତ ହୋଇଥିବା ସୂଚନା ମିଳିଛି । ଜମ୍ମୁ କଶ୍ମୀର ବଡଗାମ୍ ଜିଲ୍ଲାରେ ସୁରକ୍ଷାବାହିନୀ ଏବଂ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳି ବିନିୟମ ହୋଇଛି। ବଡ଼ଗାମ ଜିଲ୍ଲାରେ ଯବାନଙ୍କ ଗୁଳିରେ ପ୍ରାଣ ହରାଇଲା ଲସ୍କର କମାଣ୍ଡର । ଏଥିରେ ଲସ୍କର କମାଣ୍ଡର ମୁସାକୁ ନିପାତ କରାଯାଇଛି । ଖବର ମୁତାବକ, ଜମ୍ମୁ କଶ୍ମୀର ବଡଗାମ୍ ଯୁସମାର୍ଗ ଅଞ୍ଚଳରେ କିଛି ଆତଙ୍କବାଦୀ ଲୁଚି ରହିଥିବା ନେଇ ସେନାକୁ ଗୁଇନ୍ଦା ସୂଚନା ମିଳିଥିଲା । ଏହାପରେ ସର୍ଚ୍ଚ ଅପରେସନ ଆରମ୍ଭ ହୋଇଥିଲା । ଯବାନ ସନ୍ଦିଗ୍ଧ ଗିତିବିଧି ଦେଖିବା ପରେ ଚେତାବନୀ ଦେଇଥିଲେ ଯବାନ । କିନ୍ତୁ ଆତଙ୍କବାଦୀ ଗୁଳିଚାଳନ କରିଥିଲେ । ଯବାନମାନେ ମଧ୍ୟ ଏହାର ପାଲଟା ଜବାବ ଦେଇଥିଲେ । ଏଥିରେ ମୁସା ନିହତ ହୋଇଥିବା ଜଣାପଡିଛି । । ଏବେବି ଅପରେସନ ଜାରି ରହିଥିବା ସୂଚନା ମିଳିଛି ।

## ପିଏନ୍‌ବି ଘୋଟାଲାରେ ବଡ଼ ସଫଳତା

# ୟୁଏଇରୁ ଆସିଲେ ନୀରବ ମୋଦିଙ୍କ ସହଯୋଗୀ

ମୁମ୍ବାଇ,୨୯।୯: ନୀରବ ମୋଦିଙ୍କ ସହ ଜଡ଼ିତ ବହୁଚର୍ଚ୍ଚିତ ପିଏନ୍‌ବି (ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ) ଘୋଟାଲାରେ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା (ସିବିଆଇ)କୁ ମିଳିଛି ବଡ଼ ସଫଳତା। ଏହି ମାମଲାରେ ୱାଣ୍ଟେଡ ଥିବା ଅଭିଯୁକ୍ତ ସନ୍ଦୀପ ମିସ୍ତ୍ରୀଙ୍କୁ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରୁ ଭାରତ ଅଣାଯାଇଛି। ସିବିଆଇ, ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ (ଏମ୍‌ଇଏ) ଏବଂ ଗୃହ ମନ୍ତ୍ରଣାଳୟ (ଏମ୍‌ଏଚ୍‌ଏ) ର ମିଳିତ ଉଦ୍ୟମରେ ତାଙ୍କର ପ୍ରତ୍ୟର୍ପଣ ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇଛି। ସିବିଆଇ ପକ୍ଷରୁ ମିଳିଥିବା ସୂଚନାନୁସାରେ, ସନ୍ଦୀପ ଜାଲ୍ ଇଣ୍ଟରନ୍ୟାସନାଲ ଟ୍ରେଡ୍ ଟ୍ରାନ୍ସଜାକ୍ସନ୍ ମାଧ୍ୟମରେ ହୋଇଥିବା ବ୍ୟାଙ୍କ ଠକେଇରେ ଜଡ଼ିତ ଥିଲେ। ଏହି ପୂରା ନେଟୱର୍କରେ ବିଭିନ୍ନ କମ୍ପାନୀଗୁଡ଼ିକ ମଧ୍ୟରେ ସେ ଏକ ପ୍ରମୁଖ ସଂଯୋଗ ଭାବରେ କାର୍ଯ୍ୟ କରୁଥିଲେ ଏବଂ ସେଗୁଡ଼ିକର ଦୈନନ୍ଦିନ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରୁଥିଲେ। ଯେମିତିକି ଅଭିଯୁକ୍ତଙ୍କ ବିରୋଧରେ ପ୍ରମାଣ ଲୁଚାଇବା ପାଇଁ ସ୍ୱୟଂ-ଡିଲିଟ ହେଉଥିବା କମ୍ୟୁନିକେସନ ପ୍ଲାଟଫର୍ମ ବ୍ୟବହାର



କରିବା, ହୀରା, ସୁନା ଓ ମୋତି ଅଳଙ୍କାରର ଜାଲ ଆମଦାନୀ-ରପ୍ତାନି କାଗଜପତ୍ର ପ୍ରସ୍ତୁତ କରିବା ଭଳି ଗୁରୁତର ଅଭିଯୋଗ ରହିଛି।

ତଦନ୍ତରୁ ଜଣାପଡ଼ିଛି ଯେ ଅଭିଯୁକ୍ତ ଏବଂ ତାଙ୍କ ସହଯୋଗୀମାନେ ବିଦେଶୀ ଡମି କମ୍ପାନୀଗୁଡ଼ିକର ଡାଇରେକ୍ଟର ମାନଙ୍କୁ ଗିରଫଦାରୀର ଧମକ ଦେଇ, ସେମାନଙ୍କ ଇଲେକ୍ଟ୍ରୋନିକ୍ସ ଡିଭାଇସ ଜବତ କରି ଏବଂ ସେମାନଙ୍କୁ ଅନ୍ୟତ୍ର ନେଇ ଜୋରଜବରଦସ୍ତ କାଗଜପତ୍ରରେ ଦସ୍ତଖତ କରାଉଥିଲେ। ୟୁଏଇରେ ଥିବା ଡମି କମ୍ପାନୀଗୁଡ଼ିକର ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ଅନ୍ୟତ୍ର ପଠାଇବାରେ ସନ୍ଦୀପଙ୍କ ମୁଖ୍ୟ ଭୂମିକା ଥିଲା। ଏହି ମାମଲାରେ ସିବିଆଇ ପୂର୍ବରୁ ହିଁ ଅଦାଲତରେ ଚାର୍ଜସିଟ ଦାଖଲ କରିସାରିଛି। ସିବିଆଇର ଅନୁରୋଧ କ୍ରମେ ଇଣ୍ଟରପୋଲ ଚ୍ୟାନେଲ ମାଧ୍ୟମରେ ଗତ ଜୁଲାଇରେ ସନ୍ଦୀପଙ୍କ ବିରୋଧରେ 'ରେଡ୍ ନୋଟିସ' ଜାରି କରାଯାଇଥିଲା। ୟୁଏଇ କର୍ତ୍ତୃପକ୍ଷଙ୍କ ସହାୟତାରେ ତାଙ୍କୁ ଚିହ୍ନଟ କରାଯାଇ ଗିରଫ କରାଯାଇଥିଲା। ରେଡ୍ ନୋଟିସ ଜାରି ହେବାର ମାତ୍ର ଦୁଇ ମାସ ମଧ୍ୟରେ ଅଭିଯୁକ୍ତଙ୍କୁ ଚିହ୍ନଟ କରି ଭାରତ ଆଣିବାରେ ମିଳିଥିବା ଏହି ସଫଳତାକୁ ଭାରତୀୟ ଓ ବିଦେଶୀ ସଂସ୍ଥାଗୁଡ଼ିକ ମଧ୍ୟରେ ଦ୍ରୁତ ଆନ୍ତର୍ଜାତୀୟ ସମନ୍ୱୟର ଏକ ଉତ୍କୃଷ୍ଟ ଉଦାହରଣ ଭାବେ ସିବିଆଇ ବର୍ଣ୍ଣନା କରିଛି। ସନ୍ଦୀପ ଗତ ୨୮ ରାତି ୧୧:୫୫ ରେ ମୁମ୍ବାଇ ପହଞ୍ଚିବା ପରେ ସିବିଆଇର ବିଏସ୍‌ଏଫ୍‌ବି ମୁମ୍ବାଇ ଟିମ ତାଙ୍କୁ ନିଜ ହାଜତକୁ ନେଇଥିଲା। ପରବର୍ତ୍ତୀ ସମୟରେ ଅଦାଲତରେ ହାଜର କରାଯିବା ପରେ ତାଙ୍କୁ ନ୍ୟାୟିକ ହାଜତକୁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ ଯେ ସିବିଆଇ ଭାରତରେ ଇଣ୍ଟରପୋଲ ପାଇଁ ନ୍ୟାସନାଲ ସେଣ୍ଟ୍ରାଲ ବ୍ୟୁରୋ ଭାବେ କାର୍ଯ୍ୟ କରୁଛି। ଗତ କିଛି ବର୍ଷ ମଧ୍ୟରେ ଇଣ୍ଟରପୋଲ ସହାୟତାରେ ସିବିଆଇ ୧୭୫ରୁ ଅଧିକ ୱାଣ୍ଟେଡ ଅପରାଧୀଙ୍କୁ ବିଦେଶରୁ ଭାରତ ଫେରାଇ ଆଣିବାରେ ସଫଳ ହୋଇଛି।

## 'ଦେଶ ହେଉ କି ଆତଙ୍କୀ ସଂଗଠନ, କାହାକୁ ଛଡ଼ାଯିବନି'

# ବିମାନ ଘଟଣାରେ ଇସ୍ରାଏଲ୍‌ର ଧମକ

ଜେରୁସଲେମ୍,୨୯।୯: ଦୁବାଇରୁ ଇସ୍ରାଏଲର ତେଲ ଅଭିଭ୍ ଯାଉଥିବା ଫ୍ଲାଇଦୁବାଇର ଏକ ବିମାନରେ ଆକାଶ ମଝିରେ ଘଟିଛି ଭୟଙ୍କର ଘଟଣା। ପାଇଲଟ୍‌ମାନଙ୍କ ମଧ୍ୟରେ ହିଂସାତ୍ମକ ବିବାଦ ପରେ ବିମାନକୁ ସାଉଦି ଆରବରେ ଜରୁରୀ ଅବତରଣ କରାଇବାକୁ ପଡ଼ିଛି। ଫ୍ଲାଇଦୁବାଇର ଫ୍ଲାଇଟ୍ ଋତ୧୦୭୩ରେ ପ୍ରାୟ ୧୮୦



ଜଣ ଯାତ୍ରୀ ଥିଲେ ଏବଂ ସମସ୍ତେ ସୁରକ୍ଷିତ ଥିବା ଜଣାପଡ଼ିଛି। ରିପୋର୍ଟ ଅନୁସାରେ, ବିମାନ ଉଡ଼ାଣ ସମୟରେ ଜଣେ ପାଇଲଟ୍ ଅନ୍ୟ ପାଇଲଟ୍‌ଙ୍କ ଉପରେ ଛୁରିରେ ଆକ୍ରମଣ କରିଥିଲେ। ଏହାପରେ ବିମାନରୁ ପ୍ରଥମେ ୭୭୦୦ ଇମର୍ଜେନ୍ସି ସ୍କ୍ୱକ୍ କୋଡ୍ ପଠାଯାଇଥିଲା। ପରେ ୭୫୦୦ କୋଡ୍ ପଠାଯାଇଥିଲା, ଯାହା ବିମାନରେ ସମ୍ଭାବ୍ୟ ଅବୈଧ ହସ୍ତକ୍ଷେପ କିମ୍ବା ହାଇଜାକ୍‌ର ସଙ୍କେତ ଦେଇଥାଏ। ଫ୍ଲାଇଟ୍ ଟ୍ରାକିଂ ତଥ୍ୟ ଅନୁସାରେ, ବିମାନଟି ପ୍ରାୟ ୩୪ ହଜାର ଫୁଟ୍ ଉଚ୍ଚତାରୁ ହଠାତ୍ ପ୍ରାୟ ୧୬, ୬୦୦ ଫୁଟ୍‌କୁ ଖସିଥିଲା। ଏହାପରେ ଇମର୍ଜେନ୍ସି ସିଗ୍ନାଲ୍ ପଠାଯାଇଥିଲା। ଯାତ୍ରୀଙ୍କ କହିବା ଅନୁସାରେ, କକ୍‌ପିଟ୍ ଭିତରୁ ଚିତ୍କାର ଶୁଣିବାକୁ ମିଳିଥିଲା। କକ୍‌ପିଟ୍ ଖୋଲିବା ପରେ ସେଠାରେ ରକ୍ତ ପଡ଼ିଥିବା ଦେଖାଯାଇଥିଲା। କିଛି ଯାତ୍ରୀ ଓ କ୍ରୁ ସଦସ୍ୟ ମିଶି ଆକ୍ରମଣକାରୀ ପାଇଲଟ୍‌ଙ୍କୁ କାବୁ କରିଥିବା କୁହାଯାଉଛି।

# ଆରବ ସାଗରରେ ୩ ହଜାର କୋଟିର ଡ୍ରଗ୍ସ ଜବତ, ୫ ପାକିସ୍ତାନୀ ଅଟକ

ମୁମ୍ବାଇ,୩୦।୯: ଆରବ ସାଗରରେ ୩ ହଜାର କୋଟିର ଡ୍ରଗ୍ସ ଜବତ ହୋଇଥିବା ବେଳେ ୫ ପାକିସ୍ତାନୀ ଅଟକ ରହିଛନ୍ତି। ଆରବ ସାଗରରେ ବଡ଼ ଧରଣର ଡ୍ରଗ୍ସ ଚୋରାଚାଲାଣ ଉଦ୍ୟମକୁ ପଣ୍ଡ କରିଛି ଭାରତୀୟ ତଟରକ୍ଷୀ ବାହିନୀ । ଏକ ଇରାନୀ ନୌକାରୁ ୫୨୬ କିଲୋଗ୍ରାମ ହେରୋଇନ୍ ଓ ମେଥାମ୍ଫେଟାମାଇନ୍ ଜବତ କରାଯାଇଛି । ଜବତ ନିଶାଦ୍ରବ୍ୟର ଆନୁମାନିକ ମୂଲ୍ୟ ୩ ହଜାର କୋଟି ଟଙ୍କାରୁ ଅଧିକ ବୋଲି କୁହାଯାଇଛି । ନୌକାରେ ଥିବା



୫ ଜଣ ପାକିସ୍ତାନୀ କ୍ରୁ ସଦସ୍ୟଙ୍କୁ ମଧ୍ୟ ଅଟକ ରଖାଯାଇଛି। ଗୁଜରାଟ ଆଣ୍ଟି ଟେରରିଜମ୍ ସ୍କ୍ୱାଡ୍ (ଏଟିଏସ୍)ର ଗୁଇନ୍ଦା ସୂଚନା ଆଧାରରେ ଭାରତୀୟ ତଟରକ୍ଷୀ ବାହିନୀ ଏହି ଅପରେସନ୍ ଆରମ୍ଭ କରିଥିଲା। ଗତ ୨୫ ତାରିଖରେ ଲାକ୍ଷାଦ୍ୱୀପର ପଶ୍ଚିମ ଦିଗରେ ସନ୍ଦିଗ୍ଧ ନୌକାକୁ ଠାବ କରାଯାଇଥିଲା । ସମୁଦ୍ର ଓ ଆକାଶପଥରୁ ନୌକାର ଗତିବିଧି ଉପରେ ନଜର ରଖିବା ପରେ ତଟରକ୍ଷୀ ବାହିନୀ ଏହାକୁ ଅଟକାଇଥିଲା । ନୌକାର ତଲାସି ବେଳେ ବିପୁଳ ପରିମାଣର ହେରୋଇନ୍ ଓ ମେଥାମ୍ଫେଟାମାଇନ୍ ମିଳିଥିଲା ।

## ରୋଷେଇ ଘରୁ ମିଳିଲା ଅଳିଆ

# ସେଭେନ ସିଜ ହସ୍ପିଟାଲିଟି ଲାଇସେନ୍ସ ସସ୍‌ପେଣ୍ଡ

ମୁମ୍ବାଇ,୩୦।୯: ବଡ଼ ବଡ଼ ଦାବି କରୁଥିବା ହସ୍ପିଟାଲିଟି କମ୍ପାନୀର ଅସଲ ଚେହେରା କେବେ କେବେ ବହୁତ ଆଶ୍ଚର୍ଯ୍ୟ ହୋଇଥାଏ। ଭାରତୀୟ ଖାଦ୍ୟ ସୁରକ୍ଷା ଏବଂ ମାନକ କର୍ତ୍ତୃପକ୍ଷ (ଏଫ୍‌ଏସ୍‌ଏସ୍‌ଏଆଇ) ନିୟମିତ ଭାବେ ଖାଦ୍ୟ ସୁରକ୍ଷା ଦାବିର ବାସ୍ତବତା ଯାଞ୍ଚ କରିବା ପାଇଁ ଅଭିଯାନ ପରିଚାଳନା ଚଳାଇଛି। ଏହି କ୍ରମରେ କର୍ତ୍ତୃପକ୍ଷ ମେସର୍ସ ସେଭେନ ସିଜ ହସ୍ପିଟାଲିଟି ପ୍ରାଇଭେଟ୍ ଲିମିଟେଡ୍ ପରିସରରେ ଏକ ବଡ଼ ଯାଞ୍ଚ କରିଥିଲେ। କମ୍ପାନୀ ପରିସରରେ ପ୍ରବେଶ କରିବା ପରେ ଯାଞ୍ଚ ଟିମ୍ ସେଠାକାର ପରିସ୍ଥିତି ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ସେଠାରେ ଏତେ ମାତ୍ରାରେ ଅବହେଳା ଥିଲା ଯେ ଅଧିକାରୀମାନେ ବିଳମ୍ବ ନ କରି କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ବାଧ୍ୟ ହୋଇଥିଲେ। ଏଫ୍‌ଏସ୍‌ଏସ୍‌ଏଆଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି



ସେଭେନ ସିଜ ହସ୍ପିଟାଲିଟିର ଲାଇସେନ୍ସକୁ ସସପେଣ୍ଡ କରିଥିଲା। ଯାଞ୍ଚ ଟିମ୍ ସବୁଠାରୁ ପ୍ରଥମେ ସେହି ସ୍ଥାନର ଯାଞ୍ଚ କରିଥିଲେ, ଯେଉଁଠି ଖାଦ୍ୟ ରନ୍ଧାଯାଉଛି। ସେଠାକାର ଦୃଶ୍ୟ ବହୁତ ଖରାପ ଥିଲା। ଚାରିଆଡ଼େ ବହୁମାତ୍ରାରେ ଅଳିଆ ଗଦା ହୋଇଥିବା ଦେଖିବାକୁ ମିଳିଥିଲା। ସେଠାରେ ଏଭଳି ଦୁର୍ଗନ୍ଧ ହେଉଥିଲା କି ଛିଡ଼ା ହେବା ବି କଷ୍ଟକର ହୋଇଥିଲା। ପରିସର ଭିତରେ କେତେକ ଭାଗରେ ପାଣି ଜମା ଥିବା ଦେଖାଯାଇଥିଲା। ଯେତେବେଳେ ଅଧିକାରୀ ସେଠାରେ ରଖାଯାଇଥିବା ଖାଦ୍ୟ ପଦାର୍ଥ ଯାଞ୍ଚ କରିଥିଲେ ସେତେବେଳେ ଆହୁରି ଅବସ୍ଥା ଖରାପ ଥିବା ଦେଖାଯାଇଥିଲା। ରୋଷେଇ ଘରେ ବ୍ୟବହୃତ ହେଉଥିବା ଟମାଟୋ, କାଜୁଠାରୁ ଆରମ୍ଭ କରି ଗୁଡ଼ ପର୍ଯ୍ୟନ୍ତ ସବୁ କିଛି ଫିମ୍ପି ମାରିଯାଇଥିଲା। ପନିପରିବା ପାଇଁ ବ୍ୟବହୃତ କ୍ୟାପ୍ସିକମ୍ ସମ୍ପୂର୍ଣ୍ଣ ପଚିଯାଇଥିଲା। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ପ୍ୟାନରେ ଥିବା ରନ୍ଧା ତେଲ ପୋଡ଼ି ସମ୍ପୂର୍ଣ୍ଣ କଳା ହୋଇଯାଇଥିଲା। ଏହି ସ୍ଥିତି ଦେଖି ଏଫ୍‌ଏସ୍‌ଏସ୍‌ଏଆଇ ଟିମ୍ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। ଟିମ୍ ପ୍ରାୟ ୭୪ କିଗ୍ରା ପଚା ଖାଦ୍ୟ ନଷ୍ଟ କରିଦେଇଥିଲେ।

ସେଭେନ୍ ସିଜ୍ ହସ୍ପିଟାଲିଟିରେ ହାଇଜିନ ସହ ସଂରକ୍ଷଣ ନିୟମକୁ ବି ବହୁ ମାତ୍ରାରେ ଅଣଦେଖା କରାଯାଇଥିଲା। ଆଇନ ଅନୁଯାୟୀ, ନିରାମିଷ ଖାଦ୍ୟକୁ ଆମିଷ ଖାଦ୍ୟଠାରୁ ସମ୍ପୂର୍ଣ୍ଣ ଅଲଗା ରଖିବା ଉଚିତ। ମାତ୍ର ଯାଞ୍ଚ ସମୟରେ ନିରାମିଷ ସାମଗ୍ରୀ ସହ ଆମିଷ ସାମଗ୍ରୀ ସଂରକ୍ଷଣ ହୋଇଥିବା ଦେଖାଯାଇଥିଲା। କମ୍ପାନୀର କୋଲ୍ଡ ଷ୍ଟୋରେଜର ଅବସ୍ଥା ଆହୁରି ଖରାପ ଥିଲା। ଛାତରୁ ସିଧାସଳଖ ଖାଦ୍ୟ ସାମଗ୍ରୀ ଉପରେ ପାଣି ପଡୁଥିଲା। ରେଫ୍ରିଜରେସନ୍ ସିଷ୍ଟମ୍ ସମ୍ପୂର୍ଣ୍ଣ ଅବହେଳିତ ଅବସ୍ଥାରେ ଥିଲା। ମେସିନ୍‌ଗୁଡ଼ିକରେ ଲିକେଜ ସମସ୍ୟା ଥିଲା। ଅତ୍ୟଧିକ ବରଫ ଜମା ହୋଇଥିଲା, ଯାହା ସ୍ପଷ୍ଟ ଭାବେ ପରିଷ୍କାର ପରିଚ୍ଛନ୍ନତା କ୍ଷେତ୍ରରେ ଅବହେଳାକୁ ଦର୍ଶାଉଥିଲା। ମଇଳା ଯୋଗୁଁ ସମଗ୍ର ପରିସରରେ ଅସରପା ଉଡୁଥିବା ବି ନଜର ଆସିଥିଲା।

# 'ମା' କ୍ଷୀର ସବୁଠାରୁ ଭଲ' ଲେଖିବେ କମ୍ପାନୀ

## ବେବି ଫୁଡ୍ ପ୍ୟାକେଟ୍‌ରେ ଲାଗିବନି ମା'-ଶିଶୁ ଫଟୋ

ମୁମ୍ବାଇ,୩୦।୯: ମହାରାଷ୍ଟ୍ର ଫୁଡ୍ ଆଣ୍ଡ ଡ୍ରଗ୍ ଏଡମିନିଷ୍ଟ୍ରେସନ୍ (ଏଫ୍‌ଡିଏ) ଖାଦ୍ୟପାନୀୟରେ ଅନିୟମିତତାକୁ ରୋକିବା ପାଇଁ କଡ଼ା ପଦକ୍ଷେପ ଗ୍ରହଣ କରୁଛି। ଏହି କ୍ରମରେ ଏଫ୍‌ଡିଏ କମିଶନର ତୁକାରାମ ମୁଣ୍ଡେ ଏବଂ ତାଙ୍କ ଟିମ୍ ବେବି ଫୁଡ୍ ଅର୍ଥାତ୍ ଶିଶୁ ଖାଦ୍ୟ ବିକ୍ରି କରୁଥିବା ବ୍ରାଣ୍ଡଗୁଡ଼ିକ ପାଇଁ କଡ଼ା ନିର୍ଦ୍ଦେଶନାମା ଜାରି କରିଛନ୍ତି। ତୁକାରାମ ମୁଣ୍ଡେ ଶିଶୁ ଖାଦ୍ୟ ପ୍ୟାକେଟ୍ ଉପରେ ମା' ଓ ଶିଶୁଙ୍କ ଫଟୋ ଲଗାଇବାକୁ ସମ୍ପୂର୍ଣ୍ଣ ପ୍ରତିବନ୍ଧକ ଲଗାଇଛନ୍ତି। ଏହାସହ ଫର୍ମୁଲା ମିଲ୍କ ପ୍ରଡକ୍ଟଗୁଡ଼ିକ ମା'ଙ୍କ କ୍ଷୀର ପରି ସମାନ ଭଲ ବୋଲି ଦାବି କରିବା ଉପରେ ମଧ୍ୟ କଟକଣା ଜାରି କରାଯାଇଛି। ଏଫ୍‌ଡିଏ ପକ୍ଷରୁ ନିୟମଗୁଡ଼ିକୁ ଅଧିକ କଡ଼ାକଡ଼ି କରାଯାଇଛି, ଯାହା ଫଳରେ ଶିଶୁମାନଙ୍କ ପାଇଁ ମା'ଙ୍କ କ୍ଷୀର ସବୁଠାରୁ ଭଲ ବୋଲି ବ୍ୟାପକ ପ୍ରଚାର ହୋଇପାରିବ। ଶିଶୁ ଖାଦ୍ୟ ପ୍ରସ୍ତୁତ କରୁଥିବା କମ୍ପାନୀଗୁଡ଼ିକୁ ସେମାନଙ୍କର ସମସ୍ତ ପ୍ୟାକେଟ୍ ଉପରେ 'ମା'ର କ୍ଷୀର ସବୁଠାରୁ ଭଲ' ବୋଲି ବଡ଼ ବଡ଼ ଅକ୍ଷରରେ ଲେଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଏହି ନିର୍ଦ୍ଦେଶର ଅର୍ଥ ଫର୍ମୁଲା ମିଲ୍କ ଉପରେ ସମ୍ପୂର୍ଣ୍ଣ ପ୍ରତିବନ୍ଧକ ନୁହେଁ। ଫର୍ମୁଲା ପ୍ରଡକ୍ଟ ବିକ୍ରି ହୋଇପାରିବ, କିନ୍ତୁ କମ୍ପାନୀଗୁଡ଼ିକୁ ସମସ୍ତ ସରକାରୀ ଗାଇଡଲାଇନ୍ ମାନିବାକୁ ପଡ଼ିବ। ଏହି ନିୟମ ଦୁଇ ବର୍ଷରୁ କମ୍ ବୟସର ଶିଶୁଙ୍କ ପାଇଁ ତିଆରି ହେଉଥିବା ସମସ୍ତ ଶିଶୁ ଖାଦ୍ୟ, ଅନ୍‌ଆଜ୍ ଏବଂ ସପ୍ଲିମେଣ୍ଟାରୀ ଫୁଡ୍ ଉପରେ ଲାଗୁ ହେବ। ଏହାଛଡ଼ା କମ୍ପାନୀଗୁଡ଼ିକ କୌଣସି ପ୍ରକାରର ଫ୍ରି ସାମ୍ପଲ୍ କିମ୍ବା ଡିସକାଉଣ୍ଟ କୁପନ୍ ଦେଇ ପ୍ରମୋସନ କରିପାରିବେ ନାହିଁ ବୋଲି ସ୍ପଷ୍ଟ କରାଯାଇଛି। ପ୍ୟାକେଜିଂ ଉପରେ ଏହା ମଧ୍ୟ ସ୍ପଷ୍ଟ ଭାବେ ଲେଖାଯିବା ଜରୁରୀ ଯେ ଏହି ପ୍ରଡକ୍ଟ କେବଳ ୬ ମାସରୁ ଅଧିକ ବୟସର ଶିଶୁଙ୍କ ପାଇଁ ସପ୍ଲିମେଣ୍ଟାରୀ ଖାଦ୍ୟ ଭାବେ ଏବଂ ଡାକ୍ତରଙ୍କ ପରାମର୍ଶ କ୍ରମେ ଦିଆଯିବା ଉଚିତ୍। ଏହି ପଦକ୍ଷେପ ସମ୍ପର୍କରେ ସୂଚନା ଦେଇ ତୁକାରାମ ମୁଣ୍ଡେ କହିଛନ୍ତି ଯେ ସର୍ବେକ୍ଷଣ ସମୟରେ ଏଫ୍‌ଡିଏ



ନିୟମ ପାଳନରେ ବହୁତ ତ୍ରୁଟି ପାଇଛି। ମା'ଙ୍କ କ୍ଷୀରକୁ ପ୍ରୋତ୍ସାହିତ କରିବା ଏବଂ ଶିଶୁମାନେ ଯେପରି ସଠିକ୍ ପୋଷାକ ପାଇବେ, ତାହା ସୁନିଶ୍ଚିତ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି। ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ ଉଭୟ ସ୍ଥାନରେ ଜନ୍ମରୁ ୬ ମାସ ପର୍ଯ୍ୟନ୍ତ ମା'ଙ୍କ କ୍ଷୀର ପିଆଇବାର ହାର ଚିନ୍ତାଜନକ ରହିଛି, ଯାହା ସିଧାସଳଖ ଶିଶୁଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଉଛି ଏବଂ କମ୍ ବୟସରୁ ଉଚ୍ଚ ରକ୍ତଚାପ ଏବଂ ମଧୁମେହ ଭଳି ସମସ୍ୟା ଦେଖାଯାଉଛି। ତଥ୍ୟ ଦର୍ଶାଇ ମୁଣ୍ଡେ କହିଛନ୍ତି ଯେ ମହାରାଷ୍ଟ୍ରରେ ଜନ୍ମରୁ ୧ ଘଣ୍ଟା ମଧ୍ୟରେ ଓ ୬ ମାସ ପର୍ଯ୍ୟନ୍ତ ମା'ଙ୍କ କ୍ଷୀର ପିଆଇବାର ହାର ସହରାଞ୍ଚଳରେ ୫୨.୮ ପ୍ରତିଶତ ଏବଂ ଗ୍ରାମାଞ୍ଚଳରେ ୭୫.୨ ପ୍ରତିଶତ ଥିଲା। ଏହାଛଡ଼ା ସର୍ଭେ ତଥ୍ୟ ଅନୁଯାୟୀ, ୧୦-୧୨ ବର୍ଷ ବୟସର ପ୍ରାୟ ୨୫ ପ୍ରତିଶତ ପିଲାଙ୍କଠାରେ ଉଚ୍ଚ ରକ୍ତଚାପ ସମସ୍ୟା ଦେଖାଦେଇଛି, ଯାହା ମା'ଙ୍କ କ୍ଷୀର ନ ପିଇବାର ପରିଣାମ ବୋଲି ଦାବି କରାଯାଇଛି।

### ବନ୍ୟା ପ୍ରଭାବିତ ଅଞ୍ଚଳରେ କ୍ଷତିପୂରଣ ପ୍ରଦାନ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ

# ୭ ଜିଲ୍ଲାପାଳଙ୍କ ସହ ରାଜସ୍ୱ ମନ୍ତ୍ରୀଙ୍କ ସମୀକ୍ଷା



ଭୁବନେଶ୍ୱର,୩୦।୯(ସଂଚାର ବ୍ୟୁରୋ): ଲଗାଣ ବର୍ଷା ତଥା ବନ୍ୟାରେ ପ୍ରଭାବିତ ଜନସାଧାରଣଙ୍କ କ୍ଷତିପୂରଣ ପ୍ରଦାନ ତ୍ୱରାନ୍ୱିତ କରିବାକୁ ଆଜି ୭ ଜିଲ୍ଲାର ଜିଲ୍ଲାପାଳଙ୍କ ସହ ସମୀକ୍ଷା ବୈଠକରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ନିର୍ଦ୍ଦେଶ ଦେଇଛନ୍ତି। ଆଜି ରାଜସ୍ୱ ମନ୍ତ୍ରୀ ଗଜପତି, ନବରଙ୍ଗପୁର, କୋରାପୁଟ, ମାଲକାନଗିରି, ବାଲେଶ୍ୱର, ଭଦ୍ରକ, ଯାଜପୁର ଜିଲ୍ଲାର ଜିଲ୍ଲାପାଳଙ୍କ ସହ ବର୍ଷା ଓ ବନ୍ୟା କ୍ଷୟକ୍ଷତି ନେଇ ଆଲୋଚନା କରିଥିଲେ।

ବୈଠକରେ ରାଜସ୍ୱ ମନ୍ତ୍ରୀ ସୂଚନା ଦେଇଛନ୍ତି ଯେ ଚଳିତ ବର୍ଷ ଦୀର୍ଘ ସମୟ ଧରି ଲଗାଣ ବର୍ଷା ଏବଂ ବନ୍ୟା ଯୋଗୁଁ ରାଜ୍ୟର ପ୍ରାୟ ୨୮ଟି ଜିଲ୍ଲା ଊଣାଅଧିକେ ପ୍ରଭାବିତ ହୋଇଥିବା ବେଳେ ନିକଟରେ ଗଭୀର ଅବପାତଜନିତ ବର୍ଷା ପ୍ରଭାବରେ ଦକ୍ଷିଣ ଓଡ଼ିଶା ମଧ୍ୟ ବ୍ୟାପକ ଭାବେ ପ୍ରଭାବିତ ହୋଇଛି। ଚଳିତ ବର୍ଷ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ତଥା ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ପକ୍ଷରୁ ପ୍ରଭାବିତ ଅଞ୍ଚଳରେ ଜନସାଧାରଣଙ୍କୁ ଏପର୍ଯ୍ୟନ୍ତ କ୍ଷତିପୂରଣ ବାବଦକୁ ୨୪୧.୩୭ କୋଟି ଟଙ୍କା କ୍ଷତିପୂରଣ ପ୍ରଦାନ କରାଯାଇଥିବା ବେଳେ ନିକଟରେ ନବରଙ୍ଗପୁର ଜିଲ୍ଲାକୁ ୫ କୋଟି, ଗଞ୍ଜାମ ଓ ଗଜପତି ଜିଲ୍ଲା ପାଇଁ ୨ କୋଟି ଏବଂ ଝାରସୁଗୁଡ଼ା ଜିଲ୍ଲା ପାଇଁ ୧ କୋଟି ଟଙ୍କା ପ୍ରଦାନ କରାଯାଇଛି।

ରାଜସ୍ୱ ମନ୍ତ୍ରୀ କହିଛନ୍ତି ଯେ କେନ୍ଦ୍ରାପଡ଼ା ଜିଲ୍ଲା ପାଇଁ ୧୬.୦୪ କୋଟି ଟଙ୍କା ପ୍ରଦାନ କରାଯାଇଥିବା ବେଳେ ପ୍ରାୟ ୧୧.୨୧ କୋଟି ଟଙ୍କା ଆବଣ୍ଟନ ଶେଷ ହୋଇଛି। ଯାଜପୁର ଜିଲ୍ଲା ପାଇଁ ୫୨.୦୪ କୋଟି ଟଙ୍କା ପ୍ରଦାନ କରାଯାଇଥିବା ବେଳେ ପ୍ରାୟ ୩୩.୮୦ କୋଟି ଟଙ୍କା ବଣ୍ଟନ ସମାପ୍ତ ହୋଇଛି। ସେହିପରି ଭଦ୍ରକ ଜିଲ୍ଲାକୁ ୬୪.୫୪ କୋଟି ଟଙ୍କା କ୍ଷତିପୂରଣ ବାବଦକୁ ପ୍ରଦାନ କରାଯାଇଥିବା ବେଳେ ୪୩.୨୮ କୋଟି ଟଙ୍କା ବ୍ୟୟ ହୋଇ ସାରିଛି। ବାଲେଶ୍ୱର ଜିଲ୍ଲା ପାଇଁ ୨୬.୯୨ କୋଟି ଟଙ୍କା ପ୍ରଦାନ କରାଯାଇଥିବା ବେଳେ ପ୍ରାୟ ୫.୯୪ କୋଟି ଟଙ୍କା ଇତିମଧ୍ୟରେ କ୍ଷତିପୂରଣ ବାବଦକୁ ବ୍ୟୟ ହୋଇସାରିଛି। ବାରମ୍ବାର ବର୍ଷା ଯୋଗୁଁ କ୍ଷୟକ୍ଷତି ଆକଳନ ଓ ବାଧାପ୍ରାପ୍ତ ସୁଦ୍ଧା କ୍ଷତିପୂରଣ ପ୍ରଦାନ ତ୍ୱରାନ୍ୱିତ କରାଯାଉଛି ଏବଂ ଆଗାମୀ ଦଶହରା ପୂର୍ବରୁ ପର୍ଯ୍ୟାୟକ୍ରମେ ସମସ୍ତ ଜିଲ୍ଲାରେ କ୍ଷତିପୂରଣ ପ୍ରଦାନ ସମାପ୍ତ ହେବ ବୋଲି ସେ କହିଛନ୍ତି।

## ସମ୍ବଲପୁର ଫ୍ୟାକ୍ଟ୍ରି ଓ ବଏଲର୍ସ ସହକାରୀ ନିର୍ଦ୍ଦେଶକ ଗିରଫ



ସମ୍ବଲପୁର,୩୦।୯ (ସଂଚାର ବ୍ୟୁରୋ) : ସମ୍ବଲପୁରର ଫ୍ୟାକ୍ଟ୍ରି ଓ ବଏଲର୍ସ ଆସିଷ୍ଟାଣ୍ଟ ଡାଇରେକ୍ଟର ଉମାକାନ୍ତ ସାମନ୍ତରାୟଙ୍କୁ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଗିରଫ କରିଛି। ଶ୍ରୀ ସାମନ୍ତରାୟଙ୍କ ନିକଟରୁ ଆୟ ଠାରୁ ୨୪୮ ପ୍ରତିଶତ ଅଧିକ ସମ୍ପତ୍ତି ଜବତ ହୋଇଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଉମାକାନ୍ତଙ୍କ ବିଭିନ୍ନ ଠିକଣାରେ ଚଢ଼ାଉ କରାଯାଇଥିଲା। ସମ୍ବଲପୁର, ଭୁବନେଶ୍ୱର, ପୁରୀ ଏବଂ ଖୋର୍ଦ୍ଧା ଜିଲ୍ଲାର ମୋଟ ୭ଟି ସ୍ଥାନରେ ଚଢାଉ କରାଯାଇଥିଲା। ସମ୍ବଲପୁର ଧନକଉଡ଼ା ସ୍ଥିତ ସନ୍ ସିଟି ଆପାର୍ଟମେଣ୍ଟର ୩-ବିଏଚକେ ଫ୍ଲାଟ୍, ଭୁବନେଶ୍ୱର ନନ୍ଦନ ବିହାରରେ ଏକ ଡୁପ୍ଲେକ୍ସ ଏବଂ ଜଟଣୀ ବାରକୁଡ଼ାରେ ଥିବା କୋଠାରେ ଯାଞ୍ଚ କରିଥିଲେ । ଏହା ସହ ତାଙ୍କ ଘରୁ ୩୦୦ ଗ୍ରାମ ସୁନା, ୩୬.୭୮ ଲକ୍ଷ ଟଙ୍କାର ଜମା ଏବଂ ଗୋଟିଏ ଚାରିଚକିଆ ଯାନ ଆଦି ରହିଛି।

## ଗୁରୁଜୀ ମହେଶ୍ୱର ମଲ୍ଲଙ୍କ ପଞ୍ଚମ ଶ୍ରାଦ୍ଧବାର୍ଷିକୀ ପାଳିତ



ଭୁବନେଶ୍ୱର,୩୦।୯(ସଂଚାର ବ୍ୟୁରୋ): ନୀତିନିଷ୍ଠ ପ୍ରଧାନ ଶିକ୍ଷକ ମହେଶ୍ୱର ମଲ୍ଲଙ୍କ ପଞ୍ଚମ ଶ୍ରାଦ୍ଧବାର୍ଷିକ ଉତ୍ସବ ମହେଶ୍ୱର ମଲ୍ଲ ହାଇସ୍କୁଲ୍ ପରିସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ୧୯୪୨ ମସିହା ଭାରତ ଛାଡ ଆନ୍ଦୋଳନରେ ମହେଶ୍ୱର ଗୁରୁଜୀ ବାନର ସେନାରେ ଯୋଗଦାନ କରି ବରୀ ଅଞ୍ଚଳରେ ଆନ୍ଦୋଳନର ବାର୍ତ୍ତା ପ୍ରଦାନ କରୁଥିଲେ। ରାମଚନ୍ଦ୍ରପୁର ମୌଳିକ ବିଦ୍ୟାଳୟରୁ ପ୍ରାଥମିକ ଶିକ୍ଷା ସମାପ୍ତି ପରେ ୧୯୫୨ରେ ଦ୍ୱାଦଶ ଶ୍ରେଣୀ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇ ଏକ ସମାବର୍ତ୍ତନ ଉତ୍ସବରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହାରଲାଲ୍ ନେହରୁଙ୍କଠାରୁ ସମ୍ବର୍ଦ୍ଧିତ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ। ଢେଙ୍କାନାଳସ୍ଥିତ ବାଜି ରାଉତ ଛାତ୍ରାବାସରୁ ଶିକ୍ଷକତା ଜୀବନ ଆରମ୍ଭ କରି ଅବସର ପରେ ୯୨ ବର୍ଷ ବୟସରେ ସେ ଇହଲୀଳା ସମ୍ବରଣ କରିଥିଲେ। ଆଜିର ଏହି ଶ୍ରାଦ୍ଧବାର୍ଷିକୀରେ ମୁଖ୍ୟ ଅତିଥି ଦେବପ୍ରସାଦ ସାମଲ, ମୁଖ୍ୟବକ୍ତା ଡ. ନୃସିଂହ ଚରଣ ବେହେରା, ଗଗନ ବିହାରୀ ଜେନା, କର୍ଣ୍ଣଚନ୍ଦ୍ର ଘଡ଼ାଇ, ପ୍ରଭାସ ଚନ୍ଦ୍ର ଦାସ, କପିଳଚରଣ ସାମଲ, ଉତ୍ସବାନନ୍ଦ ରାଉତ, ହରିଶ୍ଚନ୍ଦ୍ର ଦାସ, ବାବାଜୀ ଚରଣ ଦାସ, ସିଆରସିସି ଅଜୟ ସାମଲ, କୈଳାସ ଦାସ, ପ୍ରଫୁଲ୍ଲ ଓଝା, ଖଗେଶ୍ୱର ନାୟକ, ମୂରଲୀ ଘଡ଼େଇ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପ୍ରମୋଦ କୁମାର ଦାସ ଅତିଥିଙ୍କ ପରିଚୟ, ସ୍ମୃତି କମିଟିର ସମ୍ପାଦକ ଅନିରୁଦ୍ଧ ମଲ୍ଲ ସ୍ୱାଗତ ଭାଷଣ ଓ ରାଜକିଶୋର ପରିଡ଼ା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ରାଜ୍ୟ କର୍ମଚାରୀ ସଂଘ ସଭାପତି ବିଜୟ ମଲ୍ଲ ପୁରସ୍କୃତ କରିଥିଲେ।

## ୮ ଶାନ୍ତିପୂର୍ଣ୍ଣ ବନ୍ଦକୁ ସମର୍ଥନ ପାଇଁ ଭକ୍ତଙ୍କ ନିବେଦନ



ଭୁବନେଶ୍ୱର,୩୦।୯(ସଂଚାର ବ୍ୟୁରୋ): କଂଗ୍ରେସ ଭବନଠାରେ ଇଣ୍ଡି ମେଣ୍ଟର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକ ସରିବା ପରେ ମେଣ୍ଟ ପକ୍ଷରୁ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ଏକ ପ୍ରେସ ବିବୃତ୍ତି ପ୍ରଦାନ କରିଥିଲେ । ସେ କହିଥିଲେ ଯେ ଆଜି କଂଗ୍ରେସ ଭବନଠାରେ ଇଣ୍ଡି ମେଣ୍ଟର ସମସ୍ତ ଦଳର ମୁଖ୍ୟଙ୍କ ସହ ଆଲୋଚନା କରାଯାଇଥିଲା ଓ ଆସନ୍ତା ୮ରେ ଓଡ଼ିଶା ବନ୍ଦ ରଖିବା ସକାଶେ ନିଷ୍ପତ୍ତି ହୋଇଥିଲା। ପାଠ୍ୟପୁସ୍ତକ ତ୍ରୁଟି ପାଇଁ ବିଗତ ମାସରେ ଅନେକ ରାଜନୈତିକ ଦଳ ସାମଜିକ ସଂଗଠନ ଆଦି ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ପାଇଁ ଆନ୍ଦୋଳନ ଚଳାଇ ଆସିଥିଲେ, କିନ୍ତୁ ସରକାର ଜନସାଧାରଣଙ୍କ ଭାବନା ବିଚାର କଲେ ନାହିଁ ଓ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ନେଲେ ନାହିଁ। ଦ୍ୱିତୀୟ ପ୍ରସଙ୍ଗ ଭୂମି ଉପରେ ସରକାରଙ୍କ ଅଧିକାର ରହିଲା ନାହିଁ, ଲୋକଙ୍କ ଅଧିକାର କ'ଣ ରହିବା ବିଜେପି ସରକାର ଆସିଲା ପରେ ଖଣିରୁ ମିଳିଥିବା ୧୨ ହଜାର କୋଟି ଟଙ୍କାର ରାଜସ୍ୱ ହରାଇବାକୁ ପଡିଲା ଏହା ସହ ବକେୟା ଲକ୍ଷେ କୋଟି ଟଙ୍କା ମଧ୍ୟ ମିଳିଲା ନାହିଁ। ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ନିର୍ବାଚନ କମିସନଙ୍କଠାରେ ନିଜର ବିରୋଧ ପ୍ରଦର୍ଶନ କରିଆସୁଥିଲେ ସୁଦ୍ଧା ଏହାକୁ କମିସନ କର୍ଣ୍ଣପାତ କରୁ ନ ଥିଲା କିନ୍ତୁ ଏବେ ଅନ୍ୟ ଦୁଇ ଜଣ କମିସନର ରାହୁଲ ଗାନ୍ଧିଙ୍କ ଅଭିଯୋଗକୁ ସତ୍ୟ ପ୍ରମାଣିତ କଲେ। ନିର୍ବାଚନ କମିସନଙ୍କ କୌଣସି ନିଷ୍ପତ୍ତି ସାମୂହିକ ଭାବେ ନିଆଯାଇ ନାହିଁ। ୧୪ ଥର ଲେଖି ଜଣାଇଥିଲେ ସୁଦ୍ଧା ଜ୍ଞାନେଶ କୁମାର ଭୃକ୍ଷେପ କରିନାହାନ୍ତି। ତେଣୁ ଆଜି ଇଣ୍ଡି ମେଣ୍ଟ ନିଷ୍ପତ୍ତି ନେଇଛି ଏହି ତିନୋଟି ମୁଖ୍ୟ ଘଟଣାକୁ ନେଇ ଆସନ୍ତା ୮ ତାରିଖରେ ଓଡ଼ିଶା ବନ୍ଦ ରହିବ ଓ ଏହି ବନ୍ଦ ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ହେବ।

### ଦ୍ୱିତୀୟ ଦିନିକିଆ: ତିନି ଶତକ ସତ୍ତ୍ୱେ ଇଣ୍ଡିଜ୍ ପରାସ୍ତ

## ସିରିଜ୍‌ରେ ଭାରତକୁ ଅପରାଜେୟ ଅଗ୍ରଣୀ

ଗୌହାଟୀ,୩୦।୯: ଚଳିତ ୱେଷ୍ଟଇଣ୍ଡିଜ୍ ବିପକ୍ଷ ଦିନିକିଆ ସିରିଜ୍‌ରେ ଆଜି ଭାରତ ୨-୦ର ଅପରାଜେୟ ଅଗ୍ରଣୀ ହାସଲ କରିଛି। ଆଜି ଏଠାରେ ଖେଳାଯାଇଥିବା ଦ୍ୱିତୀୟ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ୱେଷ୍ଟଇଣ୍ଡିଜ୍ ଓପନର ଜନ୍ କ୍ୟାମ୍ପବେଲ୍ (୧୦୧), ଶାଇ ହୋପ୍ (୧୦୪) ଓ ଆମୀର ଜାଙ୍ଗୁ (୧୧୪)ଙ୍କ ଶତକୀୟ ଇନିଂସ ଆଧାରରେ ୭ ୱିକେଟ୍‌ରେ ୪୦୫ ରନ୍ କରିଥିଲା। ଭାରତ ପକ୍ଷରୁ ଗୁର୍ନୁର୍ ବ୍ରାର୍, ରବୀନ୍ଦ୍ର ଜାଡେଜା ୨ଟି ଲେଖାଏଁ ୱିକେଟ୍ ନେଇଥିଲେ। ଜବାବରେ ଭାରତ ଦମ୍‌ଦାର ବ୍ୟାଟିଂ କରି ମାତ୍ର ୪୩.୩ ଓଭର୍‌ରେ ୨ଟି ୱିକେଟ୍ ବିନିମୟରେ ୪୦୬ ରନ୍ କରି ସିରିଜ୍ ବିଜୟୀ ହୋଇଛି। ଭାରତ ପକ୍ଷରୁ ଅଧିନାୟକ ଶୁବମାନ ଗିଲ୍ ତାଙ୍କ କ୍ୟାରିଅର୍‌ର ଦ୍ୱିତୀୟ ଦ୍ୱିଶତକ ହାସଲ କରିବା ସହ ୨୨୩ ରନ୍‌ରେ ଅପରାଜିତ ରହିଥିଲେ। ତାଙ୍କର ଏହି ମାରାଥନ୍ ଇନିଂସରେ ୨୬ଟି ଚୌକା ଓ ୮ଟି ଛକା ରହିଥିଲା। ଏହାଛଡ଼ା ସେ ତାଙ୍କ ଯୋଡ଼ିଦାର ରୋହିତ ଶର୍ମାଙ୍କ ସହ ୨୫୫ ରନ୍ ଯୋଡ଼ିଥିଲେ। ରୋହିତ ୧୦ଟି ଚୌକା ଓ ୬ଟି ଛକା ଜରିଆରେ ୧୦୧ ରନ୍ କରିଥିବା ବେଳେ ବିରାଟ କୋହଲି ୨୯ ଓ ଋତୁରାଜ ଗାଏକ୍ୱାଡ୍ ଅପରାଜିତ ୩୧ ରନ୍ କରିଥିଲେ।

## ନିଆଳି ଦୁଇ ନାବାଳିକାଙ୍କ ପରିବାରକୁ ଭେଟିଲା ବିଜେଡି ପ୍ରତିନିଧି

### ତ୍ୱରିତ କାର୍ଯ୍ୟାନୁଷ୍ଠାନ ଦାବିରେ କଟକ ଏସ୍‌ପିଙ୍କୁ ଦେଲେ ସ୍ମାରକପତ୍ର



ଭୁବନେଶ୍ୱର,୩୦।୯(ସଂଚାର ବ୍ୟୁରୋ): ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଏକ ପ୍ରତିନିଧିମଣ୍ଡଳୀ ଆଜି କଟକ ନିଆଳି ଅନ୍ତର୍ଗତ ବନାଳୀପୁର, ରତନପୁର ଅଞ୍ଚଳର ବାଘସାହି ଗ୍ରାମକୁ ଯାଇ ୧୩ ଓ ୧୪ ବର୍ଷ ବୟସର ଦୁଇ ନାବାଳିକାଙ୍କ ପରିବାର ସଦସ୍ୟଙ୍କୁ ଭେଟିଥିଲେ। ଦୁଇ ନାବାଳିକାଙ୍କ ସହ ଘଟିଥିବା ରିପୋର୍ଟେଡ୍ ଯୌନ ନିର୍ଯାତନା ଘଟଣା ସମ୍ପର୍କରେ ପ୍ରତିନିଧିମଣ୍ଡଳୀ ପରିବାର ସଦସ୍ୟଙ୍କ ସହ ଆଲୋଚନା କରି ସେମାନଙ୍କ ଅଭିଯୋଗ ଶୁଣିଥିଲେ ଏବଂ ଘଟଣା ସମ୍ପର୍କିତ ପରିସ୍ଥିତି ବିଷୟରେ ଜାଣିବାକୁ ଚେଷ୍ଟା କରିଥିଲେ। ନାବାଳିକାମାନଙ୍କ ସୁରକ୍ଷା, ସମ୍ମାନ ଓ କଲ୍ୟାଣକୁ ନେଇ ପ୍ରତିନିଧିମଣ୍ଡଳୀ ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହ ଏହି ମାମଲାକୁ ସମ୍ବେଦନଶୀଳତାର ସହିତ ଏବଂ ଆଇନ ଅନୁଯାୟୀ ପରିଚାଳନା କରିବାର ଆବଶ୍ୟକତା ଉପରେ ଜୋର ଦେଇଥିଲେ। ଘଟଣାସ୍ଥଳ ପରିଦର୍ଶନ ପରେ ବିଜେଡି ପ୍ରତିନିଧିମଣ୍ଡଳୀ କଟକ ଗ୍ରାମୀଣ ଏସ୍‌ପିଙ୍କ କାର୍ଯ୍ୟାଳୟରେ ତାଙ୍କୁ ଭେଟି ରିପୋର୍ଟେଡ୍ ଘଟଣାର ତୁରନ୍ତ, ନିରପେକ୍ଷ, ନ୍ୟାୟସଙ୍ଗତ ଓ ସମୟବଦ୍ଧ ତଦନ୍ତ ଦାବି କରି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଅଭିଯୁକ୍ତଙ୍କ ବିରୋଧରେ ଆଇନ ଓ ନ୍ୟାୟିକ ପ୍ରକ୍ରିୟା ଅନୁଯାୟୀ ତୁରନ୍ତ ଏବଂ ଉପଯୁକ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରତିନିଧିମଣ୍ଡଳୀ ପୁଲିସ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ। ଏଥିସହ ନାବାଳିକାମାନଙ୍କ ସୁରକ୍ଷା, ଗୋପନୀୟତା, ସମ୍ମାନ ଓ ପରିଚୟର ସୁରକ୍ଷା ସୁନିଶ୍ଚିତ କରିବା, ନାବାଳିକା ଓ ସେମାନଙ୍କ ପରିବାରକୁ ଆବଶ୍ୟକ ସମସ୍ତ ସୁରକ୍ଷା ଓ ସହାୟତା ଯୋଗାଇଦେବା ଏବଂ କୌଣସି ପ୍ରକାରର ଧମକ, ଚାପ କିମ୍ବା ହଇରାଣ ନକରିବାକୁ ମଧ୍ୟ ଅନୁରୋଧ କରାଯାଇଥିଲା। ବିଜେଡି ପ୍ରତିନିଧିମଣ୍ଡଳୀ କଟକ ଗ୍ରାମୀଣ ଏସ୍‌ପିଙ୍କୁ ଏହି ଘଟଣାକୁ ସର୍ବୋଚ୍ଚ ପ୍ରାଥମିକତା ଦେବାକୁ ଅନୁରୋଧ କରିଥିଲେ।

## ନି ଷ୍ଟ୍ରାଇକର ସଚିନ ବେହେରାଙ୍କୁ କ୍ରୀଡ଼ା ମନ୍ତ୍ରୀଙ୍କ ସମ୍ବର୍ଦ୍ଧନା

### ଆଉ ଦୁଇଟି ରେକର୍ଡ ହାସଲ କଲେ ଓଡ଼ିଆ ପୁଅ

ଭୁବନେଶ୍ୱର,୩୦।୯(ସଂଚାର ବ୍ୟୁରୋ): ଓଡ଼ିଶାର ଗର୍ବ ତଥା ୩ ଥର ଗିନିଜ୍ ୱାର୍ଲ୍ଡ ରେକର୍ଡ ବିଜେତା ନି ଷ୍ଟ୍ରାଇକର ଅଫ୍ ଇଣ୍ଡିଆ ସଚିନ ବେହେରା ପୁଣି ଥରେ ଦୁଇ-ଦୁଇଟି ରେକର୍ଡ ହାସଲ କରି ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍ ଏବଂ ଏସିଆ ବୁକ୍ ଅଫ୍ ରେକର୍ଡସରେ ନିଜ ନାଁ ସ୍ଥାପନ କରି ରାଜ୍ୟର ନାଁ ଗୌରବାନ୍ୱିତ କରିଛନ୍ତି। ସଚିନ ୨୦୧୯ରେ ପ୍ରଥମ ଗିନିଜ୍ ୱାର୍ଲ୍ଡ ରେକର୍ଡ ଏବଂ ୨୦୨୨ରେ ଦ୍ୱିତୀୟ ଓ ତୃତୀୟ ଗିନିଜ୍ ୱାର୍ଲ୍ଡ ରେକର୍ଡ ହାସଲ କରି ନୂଆପଡ଼ା ଜିଲ୍ଲାର ପ୍ରଥମ ଗିନିଜ୍ ହୋଲ୍ଡର ହୋଇଥିଲେ। ତାଙ୍କର ଏହି ନୂତନ ସଫଳତା ପାଇଁ ଆଜି କ୍ରୀଡ଼ା ଓ ଯୁବ ସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ନିଜ ବାସଭବନରେ ତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ପ୍ରଥମ ରେକର୍ଡ ୧ କେଜି ଆଙ୍କଲ ୱେଟ୍ ପିନ୍ଧି ଗୋଟିଏ ଗୋଡ଼ରେ ୧ ମିନିଟରେ ୧୦୩ ଥର



ଫୁଲ୍ କଣ୍ଟାକ୍ଟ ନି ଷ୍ଟ୍ରାଇକ୍ ରେକର୍ଡ ଓ ଦ୍ୱିତୀୟ ରେକର୍ଡ ୫ କେଜି ଆଙ୍କଲ ୱେଟ୍ ପିନ୍ଧି ଗୋଟିଏ ଗୋଡ଼ରେ ୧ ମିନିଟରେ ୮୮ ଥର ଫୁଲ୍ କଣ୍ଟାକ୍ଟ ନି ଷ୍ଟ୍ରାଇକ୍ ଉଭୟ ରେକର୍ଡ ପୁରୁଷ ବର୍ଗରେ ସ୍ଥାପିତ ହୋଇଛି। ଏହି ରେକର୍ଡ ପ୍ରଚେଷ୍ଟା ୧୦ ସେପ୍ଟେମ୍ବର ୨୦୨୬ରେ ଓଭରଅଲ୍ ସ୍ପୋର୍ଟସ୍ ଏକାଡେମୀ, ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଏକ୍ସପର୍ଟ ସାକ୍ଷୀ ଭାବେ ସୌମ୍ୟ ରଞ୍ଜନ ଦାସ, କିକ୍ ପ୍ୟାଡ୍ ଧାରକ ଭାବେ କୃପାସିନ୍ଧୁ ବାରିକ ଏବଂ ଟାଇମ୍ କିପର ସନ୍ଦୀପ ପଟ୍ଟନାୟକ ଉପସ୍ଥିତ ଥିଲେ। ଏହି ଗୌରବମୟ ସଫଳତା ପାଇଁ ଆଜି କ୍ରୀଡ଼ା ଓ ଯୁବ ସେବା ମନ୍ତ୍ରୀ ମାନ୍ୟବର ସୂର୍ଯ୍ୟବଂଶୀ ସୂରଜ ତାଙ୍କ ନିଜ ବାସଭବନ ଠାରେ ସଚିନ ବେହେରାଙ୍କୁ ଭେଟି ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି। ମନ୍ତ୍ରୀ କହିଛନ୍ତି, ସଚିନଙ୍କ ପରି ପ୍ରତିଭା ଓଡ଼ିଶାର ଗର୍ବ। ନୂଆପଡ଼ା ଭଳି ସୀମାନ୍ତ ଜିଲ୍ଲାରୁ ଆସି ସେ ବିଶ୍ୱ, ଏସିଆ ଓ ଭାରତ ସ୍ତରରେ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ତାଙ୍କର ଏହି ସଫଳତା ରାଜ୍ୟର ହଜାର ହଜାର ଯୁବକଙ୍କ ପାଇଁ ପ୍ରେରଣା ହେବ।

## ପୁରୁଣା କଟକ-ଚାରିଛକ ନୂତନ ରେଳ ଲାଇନ୍ କାର୍ଯ୍ୟ ନିରୀକ୍ଷଣ



ଭୁବନେଶ୍ୱର,୩୦।୯ (ସଂଚାର ବ୍ୟୁରୋ): ଦକ୍ଷିଣ ପୂର୍ବ ସର୍କଲର ରେଳ ସୁରକ୍ଷା କମିଶନର (ସିଆର୍‌ଏସ୍) ସୁମିତ ସିଂଘଲ ଆଜି ବୌଦ୍ଧ ଜିଲ୍ଲାର ଖୋର୍ଦ୍ଧା ରୋଡ୍- ବଲାଙ୍ଗୀର ରେଳପଥ ପ୍ରକଳ୍ପ ଅନ୍ତର୍ଗତ ନବନିର୍ମିତ ପୁରୁଣାକଟକ- ଚାରି ଛକ ସେକ୍ସନ ନିରୀକ୍ଷଣ କରିଛନ୍ତି। ଏହି ନିରୀକ୍ଷଣରେ ୧୩.୩୫ କିମି ନୂତନ ରେଳପଥ ସାମିଲ ଥିଲା ଏବଂ ଏହି ସେକ୍ସନରେ ନିର୍ମିତ ବିଭିନ୍ନ ନିରାପତ୍ତା ବ୍ୟବସ୍ଥା ଓ ଭିତ୍ତିଭୂମି ସୁବିଧାଗୁଡ଼ିକ ପୁଙ୍ଖାନୁପୁଙ୍ଖ ଯାଞ୍ଚ କରାଯାଇଥିଲା। ପୁରୁଣା କଟକ- ଚାରିଛକ ସେକ୍ସନକୁ କାର୍ଯ୍ୟକ୍ଷମ କରିବା ଦିଗରେ ଏହି ଯାଞ୍ଚ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହାଦ୍ୱାରା ଓଡ଼ିଶାର ଆଭ୍ୟନ୍ତରୀଣ ଅଞ୍ଚଳକୁ ରେଳ ସଂଯୋଗ ଆହୁରି ବିସ୍ତାରିତ ହେବ। ଯାଞ୍ଚ ସମୟରେ ରେଳ ସୁରକ୍ଷା କମିଶନର ରେଳପଥ, ସିଗନାଲିଂ ଓ ଟେଲି କମ୍ୟୁନିକେସନ୍ ବ୍ୟବସ୍ଥା, ସେତୁ, ଭାୟାଡକ୍ଟ, ସୁଡ଼ଙ୍ଗ ଓ ଅନ୍ୟାନ୍ୟ ନିରାପତ୍ତା ସମ୍ବନ୍ଧୀୟ ବ୍ୟବସ୍ଥା ଯାଞ୍ଚ କରିଥିଲେ। ନବନିର୍ମିତ ରେଳପଥର ପ୍ରସ୍ତୁତି ଓ ନିରାପତ୍ତା ଆକଳନ ପାଇଁ ସେ ଚାରି ଛକରୁ ପୁରୁଣାକଟକ ଷ୍ଟେସନ୍ ମଧ୍ୟରେ ସ୍ପିଡ୍ ଟ୍ରାଏଲ୍ ରନ୍ ମଧ୍ୟ କରିଥିଲେ। ଏହି ସେକ୍ସନର ଏକ ପ୍ରମୁଖ ଇଞ୍ଜିନିୟରିଂ ବୈଶିଷ୍ଟ୍ୟ ହେଉଛି ୧,୯୭୫ ମିଟର ଲମ୍ବର ଟି-୭ ସୁଡ଼ଙ୍ଗ, ଯାହା ଦୁର୍ଗମ ଭୂଭାଗ ଦେଇ ନିର୍ମାଣ କରାଯାଇଛି। ଏହି ସେକ୍ସନରେ ପ୍ରାୟ ୧.୯ କିମି ମୋଟ ଲମ୍ବର ଦୁଇଟି ପ୍ରମୁଖ ଭାୟାଡକ୍ଟ ମଧ୍ୟ ରହିଛି। ଏହାଛଡ଼ା ଏହି ସେକ୍ସନରେ ଗୋଟିଏ ପ୍ରମୁଖ ସେତୁ ରହିଛି, ଯାହା ଏକ ରୋଡ୍ ଓଭର ବ୍ରିଜ୍ (ଆର୍‌ଓବି)। ଟିମ୍ ଏହି ସେକ୍ସନର ବିଭିନ୍ନ ସ୍ଥାନରେ ଭିତ୍ତିଭୂମି ଓ ନିରାପତ୍ତା ବ୍ୟବସ୍ଥାର ଯାଞ୍ଚ କରିଥିଲେ। ଏହି ଟିମ୍ ସେକ୍ସନର ବିଭିନ୍ନ ସ୍ଥାନରେ ରେଳ ଭିତ୍ତିଭୂମି ଓ ନିରାପତ୍ତା ବ୍ୟବସ୍ଥାର ଯାଞ୍ଚ କରିଥିଲେ। ପ୍ରାୟ ୩୦୧ କିମି ଦୀର୍ଘ ଖୋର୍ଦ୍ଧା ରୋଡ୍- ବଲାଙ୍ଗୀର ରେଳପଥ ପ୍ରକଳ୍ପ ଓଡ଼ିଶାର ଆଭ୍ୟନ୍ତରୀଣ ଓ ରେଳ ସଂଯୋଗରୁ ବଞ୍ଚିତ ଅଞ୍ଚଳଗୁଡ଼ିକୁ ଉନ୍ନତ ରେଳ ସଂଯୋଗ ପ୍ରଦାନ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ। ଖୋର୍ଦ୍ଧା ରୋଡ୍ ଓ ବଲାଙ୍ଗୀର ଉଭୟ ପାର୍ଶ୍ୱରୁ ପର୍ଯ୍ୟାୟ କ୍ରମେ ରେଳ ଭିତ୍ତିଭୂମି ନିର୍ମାଣ ଓ କମିଶନିଂ କରାଯାଉଛି।

## ସୋନପୁର ଜିଲ୍ଲାପାଳ ହେଲେ ଦେବାଶିଷ ସିଂ

ଭୁବନେଶ୍ୱର,୩୦।୯(ସଂଚାର ବ୍ୟୁରୋ): ୨୦୧୫ ବ୍ୟାଚ ଆଇଏଏସ ଅଫିସର ଦେବାଶିଷ ସିଂଙ୍କୁ ସୋନପୁର ଜିଲ୍ଲାପାଳ ଭାବେ ଅବସ୍ଥାପିତ କରାଯାଇଛି। ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ୨୦୧୫ ବ୍ୟାଚର ଏହି ବରିଷ୍ଠ ପ୍ରଶାସନିକ ଅଧିକାରୀ ଏବେ ସାଧାରଣ ପ୍ରଶାସନ ଓ ପେନସନ ଅଭିଯୋଗ ବିଭାଗର



ଅତିରିକ୍ତ ସଚିବ ଭାବେ କାର୍ଯ୍ୟ କରୁଛନ୍ତି। ରାଜ୍ୟ ପ୍ରଶାସନିକ ସ୍ତରରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗରେ କାର୍ଯ୍ୟ କରିବାର ତାଙ୍କର ଦୀର୍ଘ ଅଭିଜ୍ଞତା ରହିଛି। ଗତ ଅଗଷ୍ଟ ୩୧ ତାରିଖରେ ତତ୍କାଳୀନ ଜିଲ୍ଲାପାଳ ନୃପରାଜ ସାହୁ ଚାକିରିରୁ ଅବସର ନେବା ପରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଭାବେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀଙ୍କୁ ଭାରପ୍ରାପ୍ତ ଜିଲ୍ଲାପାଳ ଦାୟିତ୍ୱ ନ୍ୟସ୍ତ ହୋଇଥିଲା। କେନ୍ଦ୍ରାପଡ଼ାରେ ଜନ୍ମିତ ଶ୍ରୀ ସିଂ ଜଣେ ଦକ୍ଷ ପ୍ରଶାସକ ଭାବେ ପରିଚିତ। ସେ ବିଭିନ୍ନ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭାବେ ମଧ୍ୟ ସଫଳତାର ସହ କାର୍ଯ୍ୟ ତୁଲାଇଛନ୍ତି। ସାଧାରଣ ପ୍ରଶାସନ ବିଭାଗର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ୱିଙ୍ଗ୍ ଦାୟିତ୍ୱରେ ଏବେ ସେ ରହିଛନ୍ତି।

## ଆଇଆଇଟି ଭୁବନେଶ୍ୱରରେ 'ଓଡ଼ିଆପ୍ରେନ୍ୟୁର୍ ୩.୦'

ଭୁବନେଶ୍ୱର,୩୦।୯(ସଂଚାର ବ୍ୟୁରୋ): ନିଜ ଅଞ୍ଚଳର ସମସ୍ୟାକୁ ଚିହ୍ନଟ କରି ନୂଆ ଚିନ୍ତାଧାରା ଓ ପ୍ରଯୁକ୍ତିର ସହାୟତାରେ ତାହାର ସମାଧାନ ଖୋଜିବେ ଓଡ଼ିଶାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀ। ଏହି ଲକ୍ଷ୍ୟ ନେଇ ଆୟୋଜିତ ରାଜ୍ୟସ୍ତରୀୟ ହାକାଥନ୍ 'ଓଡ଼ିଆପ୍ରେନ୍ୟୁର୍ ୩.୦' ଆଜି ଆଇଆଇଟି (ଆଇଆଇଟି) ଭୁବନେଶ୍ୱର ପରିସରରେ ଉଦ୍‌ଘାଟିତ ହୋଇଛି। ଏଥିରେ ରାଜ୍ୟର ୧୦୧ଟି ସ୍କୁଲର ୧୯୨ ଜଣ ଛାତ୍ରଛାତ୍ରୀ ନିଜର ଅଭିନବ ଚିନ୍ତାଧାରା ଓ ସମାଧାନ ଉପସ୍ଥାପନ




କରୁଛନ୍ତି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶିକା ନିୟତି ପଟ୍ଟନାୟକ, ଆଇଏଏସ୍, ଯୁଗ୍ମ ନିର୍ଦ୍ଦେଶିକା ସସ୍ମିତା ମାଳି, ଉପନିର୍ଦ୍ଦେଶିକା ସିଏଚ୍. ବିଜୟଲକ୍ଷ୍ମୀ, ୟୁନିସେଫ୍ ଓଡ଼ିଶାର ରାଜ୍ୟ ମୁଖ୍ୟ ଲଳିତା ପଟ୍ଟନାୟକ, ଆଇଆଇଟି ଭୁବନେଶ୍ୱର ରିସର୍ଚ୍ଚ ଆଣ୍ଡ ଏଣ୍ଟରପ୍ରିନ୍ୟୁରସିପ୍ ପାର୍କର ସିଇଓ ଶୁଭଙ୍କର ପତି ଓ ଆଇଆଇଟି ଭୁବନେଶ୍ୱରର ଡିନ୍, ଫାକଲ୍ଟି ଆଫେୟାର୍ସ ପ୍ରଫେସର ଉମାପ୍ରସନ୍ନ ଓଝା ଉପସ୍ଥିତ ଥିଲେ। ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ, ୟୁନିସେଫ୍ ଓ ଆଇଆଇଟି ଭୁବନେଶ୍ୱର ରିସର୍ଚ୍ଚ ଆଣ୍ଡ ଏଣ୍ଟରପ୍ରିନ୍ୟୁରସିପ୍ ପାର୍କର ମିଳିତ ଉଦ୍ୟମରେ ଏହି ପଦକ୍ଷେପ ଆୟୋଜିତ ହେଉଛି। ଉଚ୍ଚ ମାଧ୍ୟମିକ ସ୍ତରରେ ସୃଜନଶୀଳତା, ନୂଆ କିଛି କରିବାର ଆଗ୍ରହ, ସମସ୍ୟା ସମାଧାନର ଦକ୍ଷତା ଏବଂ ଉଦ୍ୟୋଗୀ ମନୋଭାବ ବିକଶିତ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ।

## ଗ୍ୟାସ ସିଲିଣ୍ଡର ଚାଲାଣ, ୨ ମିନି ଟ୍ରକ ଜବତ

ଭୁବନେଶ୍ୱର,୩୦।୯ (ସଂଚାର ବ୍ୟୁରୋ) : ମିନି ଟ୍ରକରେ ଚୋରାରେ ଗ୍ୟାସ ସିଲିଣ୍ଡର ଚାଲାଣ ସମୟରେ ଯୋଗାଣ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ପାହାଳରେ ଗ୍ୟାସ ସିଲିଣ୍ଡର ବୋଝେଇ ଦୁଇଟି ମିନି ଟ୍ରକ ଜବତ କରିଛନ୍ତି ଯୋଗାଣ ବିଭାଗ ଅଧିକାରୀ। ପାହାଳ ଥାନାଞ୍ଚଳରୁ ଜବତ କରାଯିବା ପରେ ଉକ୍ତ ଦୁଇ ମିନି ଟ୍ରକ୍‌କୁ ଥାନାରେ ଅଟକ ରଖାଯାଇଛି। ବିନା ଲାଇସେନ୍ସ ଓ ଡିଷ୍ଟ୍ରିବ୍ୟୁଟରଙ୍କ ବିନାନୁମତିରେ ଚାଲୁଥିଲା ସିଲିଣ୍ଡର ଚାଲାଣ। ଘରୋଇ ଗ୍ୟାସ ସିଲିଣ୍ଡର ଚାଲାଣର ଖବର ପାଇବା ପରେ ଯୋଗାଣ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଗ୍ୟାସ୍ ବୋଝେଇ ମିନି ଟ୍ରକ୍ ଦୁଇଟିକୁ ଜବତ କରାଯାଇଛି। ବିନା ଆବଶ୍ୟକ ଲାଇସେନ୍ସ ଓ ଅନୁମୋଦିତ ଡିଷ୍ଟ୍ରିବ୍ୟୁଟରଙ୍କ ଅନୁମତି ବିନା ଘରୋଇ ଗ୍ୟାସ ସିଲିଣ୍ଡର ପରିବହନ କରାଯାଉଥିବା ନେଇ ଯୋଗାଣ ବିଭାଗକୁ ଖବର ମିଳିଥିଲା। ଏହାପରେ ବିଭାଗୀୟ ଅଧିକାରୀମାନେ ପାହାଳ ଅଞ୍ଚଳରେ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ଦୁଇଟି ମିନି ଟ୍ରକରେ ଘରୋଇ ଗ୍ୟାସ ସିଲିଣ୍ଡର ରହିଥିବା ଦେଖି ଅଧିକାରୀମାନେ ଗାଡ଼ି ଦୁଇଟିକୁ ଜବତ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଶିଶୁ ଶ୍ରମିକ...

ଶ୍ରମିକ ମୁକ୍ତ ପାଇଁ ସାମୂହିକ ସଂକଳ୍ପ ନେବେ। ଏହି ଲିଖିତ ସଂକଳ୍ପ ପାରିତ ସହ ପଞ୍ଚାୟତରେ ଏକ ଜନସଚେତନତା ପଦଯାତ୍ରା ମଧ୍ୟ ଅନୁଷ୍ଠିତ ହେବ। ପ୍ରଶାସନିକ ପ୍ରକ୍ରିୟାକୁ କ୍ରମାନ୍ୱୟରେ ଆଗେଇ ନେବା ପାଇଁ ଅକ୍ଟୋବର ୨୦ ସୁଦ୍ଧା ସ୍ୱତନ୍ତ୍ର ଗ୍ରାମ ପଞ୍ଚାୟତ ବୈଠକ, ଅକ୍ଟୋବର ୩୧ ସୁଦ୍ଧା ବ୍ଲକ ସ୍ତରରେ ପଞ୍ଚାୟତ ସମିତି ବୈଠକ ଓ ନଭେମ୍ବର ୧୦ ତାରିଖ ସୁଦ୍ଧା ଜିଲ୍ଲା ପରିଷଦର ସ୍ୱତନ୍ତ୍ର ବୈଠକ ଆୟୋଜନ କରାଯାଇ ଗ୍ରାମସଭାରୁ ଉଠିଥିବା ସମସ୍ୟାଗୁଡ଼ିକର ଆନ୍ତଃ-ବିଭାଗୀୟ ସମାଧାନ କରାଯିବ। ଏଥିସହ ବିଡିଓ ବିଭିନ୍ନ ବିଭାଗ ମଧ୍ୟରେ ଏହି ସମନ୍ୱୟ ରକ୍ଷା କରିବାର ନେତୃତ୍ୱ ନେବେ। ଏହି ଅଭିଯାନରେ ସ୍କୁଲ ଓ ଗଣଶିକ୍ଷା ବିଭାଗର ଭୂମିକାକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ବିଭାଗ ନିଜର ୟୁ-ଡାଇସ୍ ପ୍ଲସ ଡ୍ରପ୍ ବକ୍ସ ତଥ୍ୟକୁ ଆଧାର କରି ସ୍କୁଲରୁ ବାଦ୍ ପଡ଼ିଥିବା, ଅଧାରୁ ପାଠ ଛାଡ଼ିଥିବା, ଅନିୟମିତ ଉପସ୍ଥାନ ଥିବା ତଥା ପ୍ରବାସୀ ଶ୍ରମିକଙ୍କ ପିଲାମାନଙ୍କୁ ଚିହ୍ନଟ କରିବେ। ଅକ୍ଟୋବର ୧୦ରୁ ୧୬ ମଧ୍ୟରେ ସ୍କୁଲ୍ ସ୍ତରରେ ସ୍ୱତନ୍ତ୍ର ପରିଚାଳନା କମିଟି ବୈଠକ ଡାକି ତଥ୍ୟ ଯାଞ୍ଚ କରାଯିବା ସହ ଅକ୍ଟୋବର ୨୬ରୁ ୩୧ ତାରିଖ ମଧ୍ୟରେ ଶିକ୍ଷକ ଓ କମିଟି ସଦସ୍ୟମାନେ ସମ୍ପୃକ୍ତ ପରିବାରଗୁଡ଼ିକୁ ଭେଟି ପିଲାଙ୍କ ପୁନଃ ନାମଲେଖା ସୁନିଶ୍ଚିତ କରିବାକୁ କାଉନ୍‌ସେଲିଂ କରିବେ। ଯଦି କୌଣସି ଶିଶୁ ଶ୍ରମରେ ନିୟୋଜିତ ଥିବାର ପ୍ରମାଣ ମିଳେ, ତେବେ ନଭେମ୍ବର ୧ରୁ ୬ ତାରିଖ ମଧ୍ୟରେ ସ୍ଥାନୀୟ ଶ୍ରମ ଅଧିକାରୀଙ୍କୁ ଖବର ଦିଆଯାଇ କ୍ଷେତ୍ର ଯାଞ୍ଚ ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଦିବ୍ୟାଙ୍ଗ ତଥା ଅନାଥ ଶିଶୁଙ୍କୁ ବିଭିନ୍ନ ସରକାରୀ ସହାୟତା ସହ ଯୋଡ଼ାଯିବ। ନଭେମ୍ବର ୭ରୁ ୧୩ ତାରିଖ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଏସଏମସି ବୈଠକ ମାଧ୍ୟମରେ କେତେ ପିଲା ସ୍କୁଲକୁ ଫେରିଲେ, ତା'ର ହିସାବ କରି ରିପୋର୍ଟ ଦେବେ। ଗ୍ରାମାଞ୍ଚଳରେ ଘରେ ଘରେ ସଚେତନତା ସୃଷ୍ଟି କରିବା ପାଇଁ ମିଶନ ଶକ୍ତି ଅଧୀନରେ ଥିବା ଏସଏଚଜି, କ୍ଲଷ୍ଟରସ୍ତରୀୟ ଫୋରମ, ଗ୍ରାମ ପଞ୍ଚାୟତସ୍ତରୀୟ ଫେଡେରେସନ ଓ ବ୍ଲକ ଫେଡେରେସନର ବିଶାଳ ନେଟୱର୍କକୁ ସାମିଲ କରାଯାଇଛି। ଅକ୍ଟୋବର ପ୍ରଥମ ସପ୍ତାହରୁ ଆରମ୍ଭ କରି ଏହି ମହିଳା ଗୋଷ୍ଠୀଗୁଡ଼ିକ ଘରକୁ ଘର ବୁଲି ସଚେତନତା ସୃଷ୍ଟି କରିବା ସହ ସମ୍ବେଦନଶୀଳ ପରିବାରଗୁଡ଼ିକୁ ଚିହ୍ନଟ କରି ସରକାରୀ ସୁବିଧା ସୁଯୋଗ ଯୋଗାଇ ଦେବାରେ ସହାୟକ ହେବେ।

### ୬ ରବି ଫସଲର...

ବଢ଼ି ୫,୯୫୮ ଟଙ୍କା ଏବଂ ମସୁର ଡାଲିର ଏମଏସପି ୩୧୦ ଟଙ୍କା ବଢ଼ି ୭,୩୧୦ ଟଙ୍କା ହୋଇଛି। ସେହିପରି ସୋରିଷର ଏମଏସପି ୪୧୩ ଟଙ୍କା ବଢ଼ି ୬,୬୧୩ ଟଙ୍କା ଏବଂ କୁସୁମର ଏମଏସପି ୬୭୫ ଟଙ୍କା ବଢ଼ି ୭,୨୧୫ ଟଙ୍କା ପ୍ରତି କ୍ୱିଣ୍ଟାଲ ହୋଇଛି। କୁସୁମରେ ସର୍ବାଧିକ ୬୭୫ ଟଙ୍କା ବୃଦ୍ଧି ହୋଇଛି। ସରକାର କହିଛନ୍ତି ଯେ ଏହି ଏମଏସପି ବୃଦ୍ଧି ଜାତୀୟ ସ୍ତରରେ ଓଜନଯୁକ୍ତ ହାରାହାରି ଉତ୍ପାଦନ ଖର୍ଚ୍ଚର ଅତି କମରେ ୧.୫ ଗୁଣା ଏମଏସପି ଦେବା ନୀତି ଆଧାରରେ କରାଯାଇଛି। ଉତ୍ପାଦନ ଖର୍ଚ୍ଚ ଉପରେ ଗହମରେ ୧୦୬ ପ୍ରତିଶତ, ସୋରିଷରେ ୯୬ ପ୍ରତିଶତ, ମସୁରରେ ୯୨ ପ୍ରତିଶତ, ଚଣାରେ ୫୯ ପ୍ରତିଶତ, ବାର୍ଲିରେ ୫୮ ପ୍ରତିଶତ ଓ କୁସୁମରେ ୫୦ ପ୍ରତିଶତ ମାର୍ଜିନ୍ ରହିବ ବୋଲି ସରକାର କହିଛନ୍ତି। ଏହା ମାଧ୍ୟମରେ ଡାଲି ଓ ତୈଳବୀଜ ଚାଷ ସହ ଫସଲ ବିବିଧତାକୁ ଉତ୍ସାହ ଦେବା ଲକ୍ଷ୍ୟ ରହିଛି। କ୍ରୟ ପରିମାଣକୁ ନେଇ ମଧ୍ୟ ସରକାର ତଥ୍ୟ ଦେଇଛନ୍ତି। ୨୦୧୪-୧୫ରୁ ୨୦୨୫-୨୬ ମଧ୍ୟରେ ୩,୭୧୫ ଲକ୍ଷ ମେଟ୍ରିକ୍ ଟନ୍ ଗହମ କିଣାଯାଇଥିବା ବେଳେ ୨୦୦୪-୦୫ରୁ ୨୦୧୩-୧୪ ମଧ୍ୟରେ ଏହା ୨,୨୫୪ ଲକ୍ଷ ମେଟ୍ରିକ୍ ଟନ୍ ଥିଲା। ୬ଟି ରବି ଫସଲକୁ ମିଶାଇ କ୍ରୟ ପରିମାଣ ମଧ୍ୟ ୩,୯୨୧ ଲକ୍ଷ ମେଟ୍ରିକ୍ ଟନ୍ ହୋଇଛି। ଏହି ସମୟରେ ଗହମ ଚାଷୀଙ୍କୁ ଏମଏସପି ବାବଦରେ ୭.୩୧ ଲକ୍ଷ କୋଟି ଟଙ୍କା ଏବଂ ୬ଟି ରବି ଫସଲ ପାଇଁ ମୋଟ ୮.୩୬ ଲକ୍ଷ କୋଟି ଟଙ୍କା ପ୍ରଦାନ କରାଯାଇଥିବା ସରକାର କହିଛନ୍ତି। ଏଥିସହ ଗ୍ରୀନ୍ ଏନର୍ଜି କରିଡର ଫେଜ୍-୩ ବା ଜିଇସି-୩କୁ ମଧ୍ୟ ମଞ୍ଜୁରୀ ମିଳିଛି। ଏହା ଅଧୀନରେ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ୧୩୫ ଗିଗା ୱାଟ ପର୍ଯ୍ୟନ୍ତ ଅକ୍ଷୟ ଶକ୍ତିକୁ ଗ୍ରୀଡ଼ରେ ଯୋଡ଼ିବା ଏବଂ ପରିବହନ କରିବା ପାଇଁ ଟ୍ରାନ୍ସମିସନ୍ ବ୍ୟବସ୍ଥା ବିକଶିତ କରାଯିବ। ଏଥିରେ ୫୦ ଗିଗାୱାଟ ବ୍ୟାଟେରୀ ଏନର୍ଜି ଷ୍ଟୋରେଜ୍ ସିଷ୍ଟମ୍ ମଧ୍ୟ ରହିବ।

### ଆଜି ତୁଟିବ...

ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ଯେ ବୈଠକକୁ ଯିବା ପୂର୍ବରୁ ମୁଖ୍ୟମନ୍ତ୍ରୀ ଆଗ କୁହନ୍ତୁ କ'ଣ ସର୍ତ୍ତ ରହିଛି। ଏହି ଆପୋଷ ବୁଝାମଣାରେ ଓଡ଼ିଶା ଲୋକଙ୍କ ସ୍ୱାର୍ଥ ହାନି ହେବନି ତ, ତାହା ଆଗ ସ୍ପଷ୍ଟ ହେବା ଆବଶ୍ୟକ। ମନମୋହନ ସାମଲ ଯେଉଁ କଥା କହିଛନ୍ତି ତାହା ତାଙ୍କର ରାଜନୈତିକ ବୟାନ। ଯେତେବେଳେ କେନ୍ଦ୍ର ସରକାର, ଛାତିଶଗଡ଼ ସରକାର ଓ ୱାଟର କମିଶନ କିଛି ଶୁଣଲେ ନାହିଁ ସେତେବେଳେ ସରକାର କୋର୍ଟକୁ ଯାଇଥିଲେ ବୋଲି କହିଛନ୍ତି ପ୍ରସନ୍ନ ଆଚାର୍ଯ୍ୟ। ସେହିଭଳି ଏହି ବୈଠକ ଫଳପ୍ରଦ ହେବନି ବୋଲି କହିଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ। କାରଣ ଛତିଶଗଡ ସରକାର ମହାନଦୀର ଉପରମୁଣ୍ଡରେ ବ୍ୟାରେଜ୍ ନିର୍ମାଣ କରିସାରିବା ପରେ ଏଯାଏ କିଛି ହୋଇପାରିଲାନି। ଆସନ୍ତାକାଲି ଯେଉଁ ବୈଠକ ହେବ ତା'ର ଆଧାର କଣ ବୋଲି ପ୍ରଶ୍ନ କରିଛନ୍ତି ଭକ୍ତ।

### ଫ୍ଲାଏ ଦୁବାଇ...

ହଜାର ଫୁଟ ତଳକୁ ଖସିପଡ଼ିଥିଲା, ଯାହା ସମସ୍ତ ଯାତ୍ରୀଙ୍କ ଜୀବନକୁ ବିପଦରେ ପକାଇଥିଲା। ତେବେ ଏହି ସମୟରେ ଜଣେ ଭାରତୀୟ ପାଇଲଟ୍ ସାହସ ଦେଖାଇ ଆକ୍ରମଣକାରୀ ଓମାନି ପାଇଲଟଙ୍କୁ ପରାସ୍ତ କରିବାରେ ସଫଳ ହୋଇଥିଲେ ଓ ବିମାନକୁ ସୁରକ୍ଷିତ ଭାବେ ଅବତରଣ କରାଇଥିଲେ। ସୂଚନାନୁସାରେ, ଫ୍ଲାଏ ଦୁବାଇ ବିମାନ ଏଫଜେଡ୍୧୦୭୩ର ସହ-ପାଇଲଟ୍ ଜଣେ ଓମାନି ଓ ପ୍ରାଥମିକ ପାଇଲଟ୍ ସଂଯୁକ୍ତ ଆରବ ଏମିରେଟ୍ସର ଥିଲେ। ତେବେ ଓମାନି ସହ-ପାଇଲଟ୍ ୟୁଏଇ ପାଇଲଟଙ୍କୁ ଛୁରି ଭୁସି ହତ୍ୟା କରିବାକୁ ଚେଷ୍ଟା କରିଥିଲେ ଓ ବିମାନର ନିୟନ୍ତ୍ରଣ ହାସଲ କରିବାକୁ [illegible]

### ସାଂସଦ ଓ ବିଧାୟକଙ୍କୁ...

[illegible]

### ଅତୁଆରେ...

[illegible]

### ଭିଆରଏସ ପାଇଁ...

[illegible]

### ଦ୍ୱିଶତକରେ...

[illegible]

## ଆଦିବାସୀ ବହୁଳ ଅଞ୍ଚଳର ବିକାଶ ପାଇଁ କଳାକାର ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର



**ସୁନ୍ଦରଗଡ଼,୩୦।୯ (ସଂଚାର ବ୍ୟୁରୋ):** ପଶ୍ଚିମ ଓଡିଶା କଳାକାର ମଞ୍ଚ ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ ଆମର ଭାଷା, ସଂସ୍କୃତି, ଐତିହ୍ୟ, ପରମ୍ପରା ତଥା ଆଦିବାସୀ କଳାକାରମାନଙ୍କ ବିକାଶ ସହ ୧୭ଟି ବ୍ଲକକୁ ନେଇ ଥିବା ସୁନ୍ଦରଗଡରେ ଜିଲ୍ଲା ସାଂସ୍କୃତିକ ଅଧିକାରୀଙ୍କ ପଦ ପୂରଣ ଓ ଆଦିବାସୀ ବହୁଳ ଅଞ୍ଚଳର ବିକାଶ ପାଇଁ ସୁନ୍ଦରଗଡ଼ର ପୂର୍ବତନ ବିଧାୟିକା ତଥା ସୁନ୍ଦରଗଡ଼ କଳାକାର ମଞ୍ଚର ଅଧ୍ୟକ୍ଷା କୁସୁମ ଟେଟେଙ୍କ ନେତୃତ୍ୱରେ ସୁନ୍ଦରଗଡ଼ କଳାକାର ମଞ୍ଚର ସମ୍ପାଦକ ରୋଶନ ସାହୁଙ୍କ ତତ୍ତ୍ୱାବଧାନରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯାଇଛି। ଏଥିସହିତ ମା' ସମଲେଶ୍ୱରୀଙ୍କ ଫଟୋ ଚିତ୍ର ଏବଂ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଖଣ୍ଡୁଆ ପାଟ ଦେଇ ସମ୍ମାନିତ ମଧ୍ୟ କରାଯାଇଥିଲା।

ଏଥିରେ ଉପସ୍ଥିତ ଥିଲେ ରେଙ୍ଗାଲି ପୂର୍ବତନ ବିଧାୟକ ତଥା ପଶ୍ଚିମାଞ୍ଚଳ ଏକତା ମଞ୍ଚର ଉପଦେଷ୍ଟା ନାଉରୀ ନାୟକ, ଅଭିନେତା ମନୋଜ ମିଶ୍ର, ଅଭିନେତ୍ରୀ ମମତା, ଅଞ୍ଜନା ପଟେଲ, ରାକେଶ ତ୍ରିପାଠୀ, ପ୍ରତିମା ଗହିର, ଏବଂ ଅନ୍ୟ ପଶ୍ଚିମ ଓଡିଶା ନେତୃ ମଣ୍ଡଳୀ ଏବଂ ଅନ୍ୟ ପଶ୍ଚିମ ଓଡିଶା କଳାକାର ମାନେ ଉପସ୍ଥିତ ଥିଲେ।

# କେ.ବାଲିପାଳ ପଞ୍ଚାୟତକୁ ନାହିଁ ରାସ୍ତା

### ପାହାଡ଼ ଓ ପଥର ଭରା ରାସ୍ତାରେ ଯାଉଛନ୍ତି ୯ଟି ୱାର୍ଡର ବାସିନ୍ଦା

### ଅଧା ରାସ୍ତାରେ ଅଟକୁଛି ଆମ୍ବୁଲାନ୍ସ, ଗର୍ଭବତୀଙ୍କ ପାଇଁ ବଡ଼ ବିପଦ



**ଆନନ୍ଦପୁର,୩୦।୯ (ସଂଚାର ବ୍ୟୁରୋ):** ମଣିଷ ଚନ୍ଦ୍ରପୃଷ୍ଠରେ ପହଞ୍ଚି ବିକାଶର ନୂଆ ଇତିହାସ ରଚୁଥିବା ବେଳେ ଆଜି ବି ଭଲ ରାସ୍ତା ଖଣ୍ଡିଏ ପାଇଁ ସଂଘର୍ଷ କରୁଛନ୍ତି କେନ୍ଦୁଝର ଜିଲ୍ଲାର ଏକ ପାହାଡ଼ିଆ ଅଞ୍ଚଳବାସୀ। ଆନନ୍ଦପୁର ଉପଖଣ୍ଡ ହାତଡିହି ବ୍ଲକର ଜଙ୍ଗଲ ଘେରା କେ. ବାଲିପାଳ ପଞ୍ଚାୟତର ୯ଟି ୱାର୍ଡର ବାସିନ୍ଦା ଆଜି ବି ପଥର ଭରା ଅସମତଳ ରାସ୍ତା ଓ ପାହାଡ଼ ଦେଇ ଯାତାୟାତ କରୁଛନ୍ତି।

କେ. ବାଲିପାଳ ପଞ୍ଚାୟତ ୧୧ଟି ୱାର୍ଡକୁ ନେଇ ଗଠିତ। ୧୦ ଓ ୧୧ ନମ୍ବର ୱାର୍ଡ ପାହାଡ଼ ତଳେ ଥିବା ବେଳେ ଅନ୍ୟ ୯ଟି ୱାର୍ଡର ଲୋକଙ୍କୁ ପଞ୍ଚାୟତ କାର୍ଯ୍ୟାଳୟ, ବ୍ଲକ କାର୍ଯ୍ୟାଳୟ, ମେଡିକାଲ, କଲେଜ ଓ ଅନ୍ୟାନ୍ୟ ଜରୁରୀ ସେବା ପାଇଁ ପାହାଡ଼ ଓ ପଥର ଭରା ରାସ୍ତା ଉପରେ ନିର୍ଭର କରିବାକୁ ପଡୁଛି। ପଞ୍ଚାୟତକୁ ଯିବା ପାଇଁ ଏଠାରେ ନାହିଁ ପକ୍କା ସଡ଼କ କିମ୍ବା ପିଚୁ ରାସ୍ତା। ରାସ୍ତାରେ ବଡ଼ ବଡ଼ ପଥର ପଡ଼ିଥିବା ସହ ଅନେକ ସ୍ଥାନରେ ରାସ୍ତା ଅସମତଳ ହୋଇପଡ଼ିଛି। ଫଳରେ ଦୈନନ୍ଦିନ ଯାତାୟାତଠାରୁ ଆରମ୍ଭ କରି ଜରୁରୀକାଳୀନ ସେବା ପର୍ଯ୍ୟନ୍ତ ସବୁକିଛି ପ୍ରଭାବିତ ହେଉଛି। ବିଶେଷକରି ଗୁରୁତର ରୋଗୀଙ୍କୁ ମେଡିକାଲ ନେବା ସମୟରେ ସମସ୍ୟା ଅଧିକ ବଢ଼ିଯାଉଛି। ଏଭଳି ରାସ୍ତାରେ ଆମ୍ବୁଲାନ୍ସ ପହଞ୍ଚିବା ମଧ୍ୟ କଷ୍ଟକର ହୋଇପଡୁଥିବା ଅଭିଯୋଗ ହୋଇଛି। ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ଭଳି ମୌଳିକ ସୁବିଧା ପାଇବାରେ ରାସ୍ତା ସମସ୍ୟା ବଡ଼ ପ୍ରତିବନ୍ଧକ ସାଜିଛି।

ଖଣିଜ ସମ୍ପଦରେ ସମୃଦ୍ଧ କେନ୍ଦୁଝର ଜିଲ୍ଲାର ବିକାଶକୁ ନେଇ ବଡ଼ ବଡ଼ ଦାବି ହେଉଥିବା ବେଳେ ଏହି ପାହାଡ଼ିଆ ଅଞ୍ଚଳ ଲୋକେ ରାସ୍ତା ଭଳି ମୌଳିକ ସୁବିଧାରୁ ବଞ୍ଚିତ ହେବା ଏବେ ପ୍ରଶ୍ନ ସୃଷ୍ଟି କରିଛି। କେବେ କେବେ ପଡ଼ିବ ପ୍ରଶାସନର ନଜର? କେବେ ନିର୍ମାଣ ହେବ ପକ୍କା ରାସ୍ତା? କେବେ ସହଜ ହେବ ଆମ୍ବୁଲାନ୍ସ ଓ ଅନ୍ୟ ଜରୁରୀ ସେବା? ଏଭଳି ଅନେକ ପ୍ରଶ୍ନ ଏବେ କେ. ବାଲିପାଳ ପଞ୍ଚାୟତର ୯ଟି ୱାର୍ଡବାସୀଙ୍କ ମନରେ। ଲୋକଙ୍କ ଏହି ମୌଳିକ ସମସ୍ୟା ପ୍ରତି ସରକାର ଓ ପ୍ରଶାସନ କେବେ ଦୃଷ୍ଟି ଦେଉଛି, ତାହାକୁ ଅପେକ୍ଷା କରିଛନ୍ତି ଅଞ୍ଚଳବାସୀ।

## ବନ୍ୟା ପରବର୍ତ୍ତୀ ସ୍ଥିତି ସମୀକ୍ଷା କଲେ ନବରଙ୍ଗପୁର ବିଜେଡିର ନେତୃବୃନ୍ଦ



**ନବରଙ୍ଗପୁର,୩୦।୯ (ସଂଚାର ବ୍ୟୁରୋ):** କୋଷଗୁମୁଡ଼ା ବ୍ଲକର ବିଭିନ୍ନ ଅଞ୍ଚଳରେ ବନ୍ୟା ପରବର୍ତ୍ତୀ ସ୍ଥିତି ନେଇ ସମୀକ୍ଷା କରାଯାଇଛି। ପୂର୍ବତନ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝୀ, ନବରଙ୍ଗପୁରର ପୂର୍ବତନ ବିଧାୟକ ସଦାଶିବ ପ୍ରଧାନୀ, ବିଜୁ ମହିଳା ସେବାନେତ୍ରୀ ମଞ୍ଜୁଲା ମାଝୀ, କୋଷଗୁମୁଡା ଭାଇସ୍ ଚେୟାରମ୍ୟାନ୍ ଯୋଗେନ୍ଦ୍ର ସ୍ୱାଇଁ, ଯୁବ ନେତା ଗଜକ ମାଝୀ, ସୁମିତ ପାଜଙ୍କ ସମେତ ବ୍ଲକର ନେତୃବୃନ୍ଦ ଏହି ଗସ୍ତରେ ସାମିଲ ହୋଇଥିଲେ। ନେତୃବୃନ୍ଦ କେ. ଦେମଲ ପଞ୍ଚାୟତର କଣ୍ଡସରଗୁଡା ଓ ଘାଟୁଆଲଗୁଡା, ଚିର୍ମା ପଞ୍ଚାୟତର ପଡେଇଗୁଡା, ଦୁର୍ଗୁଲାହାଣ୍ଡି, ଜଗିଗୁଡ଼ା, ଭଗାଗୁଡା ଓ ଖଣ୍ଡିଗାଦରୀ ଗ୍ରାମ ପରିଦର୍ଶନ କରିଥିଲେ।

ଏହି ଅବସରରେ ବନ୍ୟା ପରେ ଗ୍ରାମଗୁଡ଼ିକର ସ୍ଥିତି ଅନୁଧ୍ୟାନ କରିବା ସହ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରି ସେମାନଙ୍କର ସମସ୍ୟା ଓ ଆବଶ୍ୟକତା ସମ୍ପର୍କରେ ପଚାରି ବୁଝିଥିଲେ ଓ ଶୁଖିଲା ଖାଦ୍ୟ, ରାସନ୍ ସାମଗ୍ରୀ ବଣ୍ଟନ କରିଥିଲେ। ବିପଦ ସମୟରେ ପ୍ରଭାବିତ ଲୋକଙ୍କ ପାଖରେ ରହି ସେମାନଙ୍କ ସମସ୍ୟା ସମାଧାନ ପାଇଁ ସହଯୋଗର ଆଶ୍ୱାସନ ଦିଆଯାଇଥିଲା।

## ହିଞ୍ଜିଳିକାଟୁରେ ବନ୍ଦ ଡାକରା ପ୍ରଭାବଶୂନ୍ୟ

**ହିଞ୍ଜିଳିକାଟୁ,୩୦।୯ (ସଂଚାର ବ୍ୟୁରୋ):** ୬ ଦଫା ଦାବି ନେଇ ଓଡ଼ିଶାରେ ଆଜି ନବନିର୍ମାଣ କୃଷକ ସଂଗଠନ ବନ୍ଦ ଡାକରା ଦେଇଥିଲା ବେଳେ ହିଞ୍ଜିଳିକାଟୁରେ ଏହାର ପ୍ରଭାବ ଶୂନ୍ୟ ଭଳି ମନେ ହେଉଥିଲା | ଯାନବାହାନ ଚଳାଚଳ ଓ ବ୍ୟବସାୟିକ ପ୍ରତିଷ୍ଠାନ ଖୋଲା ରହିଥିଲା। ଆଜି ଯେଉଁ ବନ୍ଦ ଡାକରାର ଆଶଙ୍କା ଦେଖାଦେଇଥିଲା, ବ୍ୟାଙ୍କରେ ମଧ୍ୟ କୌଣସି ପ୍ରଭାବ ପଡ଼ିନାହିଁ | ପରିବା ବଜାର, ଲକ୍ଷ୍ମୀ ବଜାର ଓ ବ୍ଲକ ଛକ ଲୋକଙ୍କ ଗହଳି ଚହଳି ଲାଗି ରହିଥିଲା ବେଳେ ବସ, ଗାଡିମୋଟର ଯିବା ଆସିବା କରୁଥିବା ଦେଖିବାକୁ ମିଳିଥିଲା।

### ସିଡିପିଓଙ୍କ ନିର୍ଦ୍ଦେଶକୁ ଅଣଦେଖା

## କା ଭାଁ ପାଳିଲେ 'ଆଙ୍ଗନ କା ଉତ୍ସବ -୨୦୨୬'



**ହିଞ୍ଜିଳିକାଟୁ,୩୦।୯ (ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ ନିର୍ଦ୍ଦେଶକୁ ଅଙ୍ଗନବାଡି କର୍ମୀ ପାଳନ କରି ନ ଥିବା ଦେଖିବାକୁ ମିଳିଛି।

ହିଞ୍ଜିଳି ବ୍ଲକର ୧୮୪ ଅଙ୍ଗନବାଡି କେନ୍ଦ୍ର ଓ ମ୍ୟୁନିସିପାଲିଟିରେ ୨୯ଟି ଅଙ୍ଗନବାଡି କେନ୍ଦ୍ରରେ 'ଆଙ୍ଗନ କା ଉତ୍ସବ -୨୦୨୬' ଯାଥାକ୍ରମେ ୨୭, ୨୮ ଓ ୨୯ ତାରିଖ ପାଳନ ନିର୍ଦ୍ଦେଶ ଥିଲା। ଶେଷ ଦିନ ଅଙ୍ଗନବାଡି କେନ୍ଦ୍ରରେ ଶିଶୁମାନଙ୍କ ପିତାଙ୍କ ପାଇଁ ସ୍ୱତନ୍ତ୍ର ରନ୍ଧା ଖାଦ୍ୟ ପ୍ରତିଯୋଗିତା ପାଇଁ ପୂର୍ବରୁ ସୂଚନା ଥିଲା। ପୌଷ୍ଟିକ ତଥା ସ୍ୱାସ୍ଥ୍ୟକର ଖାଦ୍ୟ ପ୍ରସ୍ତୁତ କରିବାରେ ପିତାମାନେ ଅଂଶଗ୍ରହଣ କରିବେ ବୋଲି ଜଣାଯାଇଥିଲା। ଉଦ୍ଦେଶ୍ୟ ଥିଲା -ସୁସ୍ଥ ଶିଶୁ, ସୁସ୍ଥ ପରିବାର ଓ ସୁସ୍ଥ ସମାଜ ଗଠନର ବାର୍ତ୍ତା ସଭିଙ୍କ ନିକଟରେ ପହଞ୍ଚିବ। ପାଖାପାଖି ୫୦ ଜଣ ଅଭିଭାବକଙ୍କୁ ୬୦ ଟଙ୍କା ଦରରେ ୩ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି କୁହାଗଲା | ତଥାପି ଏହା ହିଞ୍ଜିଳିକାଟୁ ବ୍ଲକ ଓ ମ୍ୟୁନିସିପାଲିଟିରେ କାର୍ଯ୍ୟକାରୀ ସଠିକ ରୂପରେ ହୋଇପାରିଲାନାହିଁ।

ମହରଗ ଯୁଗରେ କମ ଦରରେ ତ୍ରିରଙ୍ଗା ଥାଳି ପ୍ରସ୍ତୁତି ଏତେ ବଡ ଆୟୋଜନ ସମ୍ଭବ ନୁହେଁ ବୋଲି ଅଙ୍ଗନବାଡି କର୍ମୀ ସୂଚନା ଦେଇଛନ୍ତି। ଅନ୍ୟପଟେ ହିଞ୍ଜିଳି ସିଡିପିଓ ବିଜୟ ଲକ୍ଷ୍ମୀ ପାଢ଼ୀ କହିଛନ୍ତି, ସମସ୍ତ କେନ୍ଦ୍ରରେ ଉକ୍ତ କାର୍ଯ୍ୟକ୍ରମର ଫଟୋ ସହ ଆୟୋଜନ ସଠିକ ରୂପେ ହୋଇଛି କି ନାହିଁ ସୁପରଭାଇଜରଙ୍କୁ ଚିଠି ମାଧ୍ୟମରେ ମାଗିଥିବା ଜଣେଇଛନ୍ତି।

## ଓଡ଼ିଶା ବନ୍ଦ ସତ୍ତ୍ୱେ ବସିଲା ସମିତି ବୈଠକ

### ମେଘା ଜଳଯୋଗାଣର ମନ୍ଥର ଗତିକୁ ନେଇ ଉଦ୍‌ବେଗ




**ନାରାୟଣପାଟଣା,୩୦।୯ (ସଂଚାର ବ୍ୟୁରୋ):** ଓଡ଼ିଶା ବନ୍ଦ ଡାକର ପ୍ରଭାବ ମଧ୍ୟରେ ନାରାୟଣପାଟଣା ବ୍ଲକ ପରିସରରେ ୭ମ ସମିତି ବୈଠକ ଅନୁଷ୍ଠିତ ହୋଇଛି। ବ୍ଲକ ଅଧ୍ୟକ୍ଷ ଗୋଲାଦି ତ୍ରିନାଥଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ଅଞ୍ଚଳର ବିଭିନ୍ନ ଜନସମସ୍ୟା ସହ ବିକାଶମୂଳକ କାର୍ଯ୍ୟର ଅଗ୍ରଗତି ନେଇ ତୀବ୍ର ଆଲୋଚନା ହୋଇଥିଲା। ବିଶେଷ କରି ବ୍ଲକରେ ଚାଲିଥିବା ମେଘା ଜଳଯୋଗାଣ ପ୍ରକଳ୍ପର ମନ୍ଥର ଗତିକୁ ନେଇ ଜନପ୍ରତିନିଧିମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରି ଲୋକଙ୍କୁ ଶୀଘ୍ର ନିୟମିତ ପାନୀୟଜଳ ଯୋଗାଇଦେବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସେହିପରି ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକ ଅଭାବ ଯୋଗୁଁ ଶିକ୍ଷାଦାନ ପ୍ରଭାବିତ ହେଉଥିବା ପ୍ରସଙ୍ଗ ଉଠିଥିଲା। ଶିକ୍ଷକ ଅଭାବ ଦୂର କରି ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ପଦକ୍ଷେପ ନେବାକୁ ଦାବି ହୋଇଥିଲା।

ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଘର ନିର୍ମାଣରେ ବିଳମ୍ବ ନେଇ ମଧ୍ୟ ଆଲୋଚନା ହୋଇଥିଲା। ଯୋଗ୍ୟ ହିତାଧିକାରୀଙ୍କ ଘର ନିର୍ମାଣ ଶୀଘ୍ର ସାରିବାକୁ ଗୁରୁତ୍ୱ ଦିଆଯାଇଥିଲା। ବାତ୍ୟା ପରେ ଅଞ୍ଚଳରେ ହୋଇଥିବା କ୍ଷୟକ୍ଷତିର ତୁରନ୍ତ ଆକଳନ କରି କ୍ଷତିଗ୍ରସ୍ତ ପରିବାରଙ୍କୁ ଆବଶ୍ୟକ ସହାୟତା ଯୋଗାଇଦେବା ପାଇଁ ମଧ୍ୟ ଜନପ୍ରତିନିଧିମାନେ ଦାବି ରଖିଥିଲେ।

## ମାଲକାନଗିରି ଜିଲ୍ଲାରେ ୭୩୭ ପରୀକ୍ଷାର୍ଥୀ ଦେଲେ ଓଏସଟିଇଟି




**ମାଲକାନଗିରି,୩୦।୯ (ସଂଚାର ବ୍ୟୁରୋ):** ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଓଡ଼ିଶା ମାଧ୍ୟମିକ ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଏସଟିଇଟି)-୨୦୨୬ ଆଜି ୩ ଟି କେନ୍ଦ୍ରରେ ଅନୁଷ୍ଠିତ ସୁରୁଖୁରୁରେ ହୋଇଯାଇଛି । ପରୀକ୍ଷା ସକାଳ ୯ ଟାରୁ ଆରମ୍ଭ ହୋଇ ମଧ୍ୟାହ୍ନ ୧୧ ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଚାଲିଲା ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀଙ୍କ ଅନୁସାରେ ୬୯୭ ପରୀକ୍ଷାର୍ଥୀ ୩ଟି କେନ୍ଦ୍ର ଯଥା ଜଗନ୍ନାଥପଲ୍ଲୀ ଉଚ୍ଚ ବିଦ୍ୟାଳୟ ଏମ୍ ଭି ୭, ପିଏମଶ୍ରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ଏବଂ ସରକାରୀ ଉଚ୍ଚ ବିଦ୍ୟାଳୟ ମାଲକାନଗିରିରେ ପରୀକ୍ଷା ଦେଇଥିବା ବେଳେ ୪୦ଜଣ ଅନୁପସ୍ଥିତି ଥିଲେ।

ପ୍ରଶାସନ ପକ୍ଷରୁ ପରୀକ୍ଷା କେନ୍ଦ୍ରର ସୁରକ୍ଷା ନିମନ୍ତେ ସିସିଟିଭି ସହ ପୁଲିସ ମୂତୟନ କରାଯିବା ସହିତ ପିଇବା ପାଣିର ବ୍ୟବସ୍ଥା କରାଯାଇଥିଲା । ପରୀକ୍ଷାରେ ଅନିୟମିତା ରୋକିବା ପାଇଁ ଆନ୍ତରିକ ଓ ବାହ୍ୟ ନିରୀକ୍ଷକ ସହ ପ୍ରତ୍ୟେକ ପରୀକ୍ଷାର୍ଥୀଙ୍କ ଉପରେ ସିସିଟିଭି ନଜରର ବ୍ୟବସ୍ଥା ବୋର୍ଡ କର୍ତ୍ତୃପକ୍ଷଙ୍କ ଦ୍ୱାରା ହୋଇଥିବା ସହ ପରୀକ୍ଷା କେନ୍ଦ୍ର ଭିତରକୁ ମୋବାଇଲ୍ ଆଦି ବର୍ଜିତ ହୋଇଥିଲା ।

## ନୀଳଗିରିରେ ବିଜେଡିର ମିଶ୍ରଣ ପର୍ବ



**ନୀଳଗିରି,୩୦।୯ (ସଂଚାର ବ୍ୟୁରୋ):** ଆଜି ସନ୍ଧ୍ୟା ୬,୩୦ମିନିଟ ସମୟରେ ରେ ନୀଳଗିରି ବିଜେଡି କାର୍ଯ୍ୟାଳୟ ପରିସରରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏହି ମିଶ୍ରଣ ପର୍ବରେ ଜଡିଦା ପଞ୍ଚାୟତ ର କମଳାକାନ୍ତ ରାଉଳ, ପୂର୍ଣ୍ଣପ୍ରଭା ରାଉଳ, ରମେଶ ଚନ୍ଦ୍ର ରାଉଳ, ନିରୁପମା ରାଉଳ ବିଜେଡ଼ି ସଭାପତି ନବୀନ ପଟ୍ଟନାୟକ ଙ୍କ ନୀତି ଆଦର୍ଶ ଏବଂ ନୀଳଗିରି ପୂର୍ବତନ ବିଧାୟକ ସୁକାନ୍ତ ନାୟକ ଙ୍କ କାର୍ଯ୍ୟଦକ୍ଷତା, ନିରବଛିନ୍ନ ସାଂଗଠନିକ ଦକ୍ଷତା ଉପରେ ଅନୁପ୍ରାଣିତ ହୋଇ ସ୍ୱତପ୍ରବୃତ୍ତ ଭାବେ ବିଜେପି ଛାଡି ବିଜେଡି ଦଳରେ ଯୋଗ ଦେଇଥିଲେ। ଏହି ମିଶ୍ରଣ ପର୍ବ ରେ ପୂର୍ବତନ ବିଧାୟକ ଶ୍ରୀଯୁକ୍ତ ନାୟକ ଦଳୀୟ ଉତ୍ତରୀୟ ଟୋପି ଓ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରିବା ସହିତ ଦଳରେ ସାମିଲ କରାଇଥିଲେ। ଏହି ମିଶ୍ରଣ ପର୍ବରେ ଜିଲ୍ଲା ଉପସଭାପତି ଗଙ୍ଗାଧର ମିଶ୍ର, ନଗର ସାଧାରଣ ସମ୍ପାଦକ ସୁନୀଲ ପ୍ରଧାନ,ସନ୍ତୋଷ କୁମାର ଲେଙ୍କା, ଯଡିଦା ପଞ୍ଚାୟତ ସଭାପତି ଭାସ୍କର ମିଶ୍ର ମଧ୍ୟ ଉପସ୍ଥିତ ଥିଲେ।

## କନ୍ଧମାଳରେ ବିନା ଲାଇସେନ୍ସରେ ଔଷଧ ଦୋକାନ ଚାଲୁଥିବା ଅଭିଯୋଗ

**ଫୁଲବାଣୀ,୩୦।୯ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲାର ଅଧିକାଂଶ ଦୁର୍ଗମ ଅଞ୍ଚଳରେ ବିନା ଲାଇସେନ୍ସରେ ବେଆଇନ ଔଷଧ ଦୋକାନ ଚାଲୁଥିବା ଅଭିଯୋଗ ହୋଇଛି। ସବୁଠୁ ଅପହଞ୍ଚ ଅଞ୍ଚଳ ଭାବେ ପରିଚିତ ଫିରିଙ୍ଗିଆ ବ୍ଲକର କୁଏରମାଣ୍ଡୁ ଗ୍ରାମରେ ଏଭଳି ଏକ ଔଷଧ ଦୋକାନ ବିନା ଡ୍ରଗ୍ ଲାଇସେନ୍ସରେ ଚାଲୁଛି। ଏ ନେଇ ସ୍ଥାନୀୟ ଜନସାଧାରଣ ଡ୍ରଗ୍ ଇନ୍ସପେକ୍ଟରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ସେ ସବୁ ଜାଣି ଚୁପ୍ ରହିଥିବା ଅଭିଯୋଗ ହୋଇଛି। ଫୁଲବାଣୀ ଡ୍ରଗ୍ ଇନ୍ସପେକ୍ଟରଙ୍କ ସନ୍ଦେହଜନକ ଭୂମିକା ନେଇ ସ୍ଥାନୀୟ ଲୋକେ ଜିଲ୍ଲାପାଳଙ୍କ ଦୃଷ୍ଟି ମଧ୍ୟ ଆକର୍ଷଣ କରିଛନ୍ତି।

କେବଳ ଏହି ଗୋଟିଏ ଔଷଧ ଦୋକାନ କାହିଁକି କନ୍ଧମାଳ ଜିଲ୍ଲାରେ ଏଭଳି ଶତାଧିକ ଔଷଧ ଦୋକାନ ବିନା ଡ୍ରଗ୍ ଲାଇସେନ୍ସ ବଳରେ ଚାଲୁଛି ଅନେକ ଔଷଧ ଦୋକାନ ଡ୍ରଗ୍ ଇନ୍ସପେକ୍ଟରଙ୍କୁ ମାସିକିଆ ଚାନ୍ଦା ଦେଇ ଏଭଳି ବେଆଇନ ଦୋକାନ ଚଳାଉଛନ୍ତି ବୋଲି ଅଭିଯୋଗ ହୋଇ ଆସୁଛି। ଏଭଳି ସଙ୍ଗୀନ ଅଭିଯୋଗ ସମ୍ପର୍କରେ କନ୍ଧମାଳ ଡ୍ରଗ୍ ଇନ୍ସପେକ୍ଟର ପ୍ରିୟଙ୍କା ଚକ୍ରବର୍ତ୍ତୀଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଏଭଳି ଅଭିଯୋଗ ଭିତ୍ତିହୀନ ଓ ମିଥ୍ୟା ବୋଲି କହିଛନ୍ତି। ଜିଲ୍ଲାରେ କେଉଁଠି ବିନା ଡ୍ରଗ୍ ଲାଇସେନ୍ସରେ ଔଷଧ ଦୋକାନ ଚାଲିଛି, ସେ ସମ୍ପର୍କରେ ତାଙ୍କ ନିକଟରେ ସୂଚନା ନାହିଁ ବୋଲି ସେ କହିଛନ୍ତି।

ଅନ୍ୟପଟେ, ଏଭଳି ଅଭିଯୋଗର ତଦନ୍ତ କରାଯାଇ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କନ୍ଧମାଳ ଜିଲ୍ଲାପାଳ ବେଦଭୂଷଣ ପ୍ରକାଶ କରିଛନ୍ତି।

ଜିଲ୍ଲାର ଦୁର୍ଗମ ଅଞ୍ଚଳରେ ନକଲି ଡାକ୍ତର ବୋଲାଉଥିବା କ୍ୱାକ୍‌ମାନଙ୍କ ସଂଖ୍ୟା ଏବେ ବଢ଼ି ଚାଲିଛି | ନିକଟରେ ଫିରିଙ୍ଗିଆ ବ୍ଲକରେ କ୍ୱାକର ଭୁଲ୍ ଔଷଧ ବଳରେ ଜଣେ ରୋଗୀଙ୍କର ମୃତ୍ୟୁ ହୋଇଥିଲା | ଗୋଟିଏ ପଟେ ସରକାରୀ ଡାକ୍ତରଖାନାରେ ଡାକ୍ତର ନ ରହିବା ଏବଂ ଜିଲ୍ଲାରେ ଡ୍ରଗ୍‌ସ ଇନସ୍ପେକ୍ଟରର କାର୍ଯ୍ୟାଳୟ ଠିକ୍ ଢଙ୍ଗରେ କାର୍ଯ୍ୟକ୍ଷମ ନ ହେବା କ୍ୱାକ୍‌ମାନଙ୍କୁ ବେଶ୍ ସହାୟକ ହେଉଛି। ଫାର୍ମାସ୍ୟୁଟିକାଲ୍ ସାର୍ଟିଫିକେଟ୍ ଭଡ଼ା ସୂତ୍ରରେ ଆଣି ଡ୍ରଗ୍‌ସ ଇନ୍ସପେକ୍ଟର କାର୍ଯ୍ୟାଳୟରେ ଦାଖଲ କରି ଡ୍ରଗ୍ ଲାଇସେନ୍ସ ପାଇ ଯାଉଛନ୍ତି। ଡ୍ରଗ୍‌ସ ଇନସ୍ପେକ୍ଟରଙ୍କୁ ହାତଗୁଞ୍ଜା ଦେଇ ଡ୍ରଗ୍ ଲାଇସେନ୍ସ ପାଇଯିବା ପରେ ମେଡିସିନ ଷ୍ଟୋର ଖୋଲି ପରେ ଏହାକୁ କ୍ଲିନିକ୍ କରିଦେଉଛନ୍ତି । ସେମାନଙ୍କ ତଥାକଥିତ କ୍ଲିନିକରେ ଚାରିପାଞ୍ଚଟି ବେଡ୍ ପକାଇ ଧୀରେ ଧୀରେ ରୋଗୀସେବା ଆରମ୍ଭ କରି ଦେଉଛନ୍ତି।

ବିଶେଷକରି ଦାରିଙ୍ଗିବାଡ଼ି ବ୍ଲକର ବ୍ରାହ୍ମଣୀଗାଁ, ଗଦାପୁର, ଦାସିଂବାଡ଼ି, କ.ନୂଆଗାଁ ବ୍ଲକର ସାରଙ୍ଗଗଡ଼, ବାଲିଗୁଡ଼ା ବ୍ଲକର ବାରଖମା, ଫିରିଙ୍ଗିଆ ବ୍ଲକର ବାଲନ୍ଦାପଡ଼ା, ଗୋଛାପଡ଼ା, କୁଏରମାଣ୍ଡୁ ଏବଂ କୋଟଗଡ଼ ବ୍ଲକର ଦୁର୍ଗାପାଙ୍ଗା ଆଦି ଅଞ୍ଚଳରେ ଏଭଳି କ୍ୱାକ୍ ଏବଂ ବେଆଇନ ଔଷଧ ଦୋକାନ ସଂଖ୍ୟା ସର୍ବାଧିକ ବୋଲି ଜଣାପଡ଼ିଛି।

## ନୂତନ ମହିଳା ସଭାପତିଙ୍କୁ ବିଜେଡି ପକ୍ଷରୁ ସମ୍ବର୍ଦ୍ଧନା



**ପାରାଦୀପ,୩୦।୯ (ସଂଚାର ବ୍ୟୁରୋ):** ପାରାଦୀପ ବିଜୁ ଜନତା ଦଳ ପକ୍ଷରୁ ନୂତନ ଭାବେ ମନୋନୀତ ହୋଇଥିବା ମହିଳା ସଭାପତି ଓ ଦଳୀୟ ନେତୃମଣ୍ଡଳୀଙ୍କୁ ନେଇ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ପାରାଦୀପ ନଗର ମହିଳା ସଭାପତି ଭାବେ ମନୋନୀତ ଶ୍ରୀମତୀ ଛବିଲତା ରାଉତ ଏବଂ କୁଜଙ୍ଗ ବ୍ଲକ ମହିଳା ସଭାପତି ଅବନ୍ତୀ ମାଝୀଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଜିଲ୍ଲା ସମ୍ପାଦିକା ନିରୁପମା ଦାସ ଓ ନନ୍ଦିନୀ ପଣ୍ଡାଙ୍କୁ ମଧ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ପାରାଦୀପ ପୌର ପରିଷଦ ଅଞ୍ଚଳର ବହୁ ମହିଳା କର୍ମୀଙ୍କ ପକ୍ଷରୁ ନୂତନ ଦାୟିତ୍ୱ ପାଇଥିବା ନେତୃମଣ୍ଡଳୀଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା।

ସଭାରେ ମୁଖ୍ୟ ଅତିଥି ଭାବେ ଦୀପା ସରଖେଲ ଯୋଗଦେଇଥିବା ବେଳେ ଯୁବନେତା କୈଳାଶ ଚନ୍ଦ୍ର ସାହୁ, ପାରିଷଦ ମନୋଜ ନାୟକ, କୁଜଙ୍ଗ ବ୍ଲକ ସଭାପତି ମନୀନ୍ଦ୍ର ଗୁରୁ, ଜିଲ୍ଲା ସଂଯୋଜକ ମାନସ ବିଶ୍ୱାଳ, କେ. ରାମ ବାବୁ,ବରିଷ୍ଠ ନେତା ସମୀର ବିଶ୍ୱାଳ,ଜିଲ୍ଲା ସମ୍ପାଦକ ଅନୁପ ସାହାଣୀ, ରାଜ କିଶୋର ନାୟକ,ଝଡ଼େଶ୍ୱର ମାନି ଲପନ ପରିଡ଼ା, ନରେନ୍ଦ୍ର ରାଉତ, ପ୍ରକାଶ ଲେଙ୍କା ଓ ଯୁବନେତା ଦୀପକ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।

## ରାୟଗଡ଼ା ଗଲା ବରିଷ୍ଠ ନାଗରିକ ତୀର୍ଥଯାତ୍ରା ବସ



**କୋରାପୁଟ,୩୦।୯ (ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ଚତୁର୍ଥ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଗୁରୁବାର ଦିନ ଆରମ୍ଭ ହେବାକୁ ଥିବାବେଳେ ବୁଧବାର ଅପରାହ୍ନରେ କୋରାପୁଟ ଜିଲ୍ଲାରୁ ୪ ଟି ବସ ବାହାରି ରାୟଗଡ଼ା ଅଭିମୁଖେ ଯାତ୍ରା କରିଛି।

ଜିଲ୍ଲା ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ସୌରବ ରଞ୍ଜନ ବାଗଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର ଯୋଗଦେଇ ପତାକା ଦେଖାଇ ବସ ଗୁଡ଼ିକର ଯାତ୍ରା ଶୁଭାରମ୍ଭ କରିଛନ୍ତି। ଜିଲ୍ଲାର ୧୪ଟି ବ୍ଲକ ଏବଂ ୪ ଟି ସହରାଞ୍ଚଳର ୧୬୮ ଜଣ ବରିଷ୍ଠ ନାଗରିକ ଯାଉଥିବା ଜଣାପଡ଼ିଛି। ବୁଧୁବାର ପୂର୍ବାହ୍ନରେ ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା ଏବଂ ଆବଶ୍ୟକ ମୁତାବକ ସେମାନଙ୍କୁ କିଛି ଜରୁରୀ ଔଷଧ ପ୍ରଦାନ କରାଯାଇଥିଲା। ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଶବର ତୀର୍ଥଯାତ୍ରୀ ମାନଙ୍କୁ ଉତ୍ସାହିତ କରି ସୁଖଦ ଯାତ୍ରା ପାଇଁ ଶୁଭ କାମନା ଜଣାଇଥିଲେ। ଗୁରୁବାର ପୂର୍ବାହ୍ନ ୧୧ ଟା ସମୟ ବରିଷ୍ଠ ତୀର୍ଥ ଯାତ୍ରୀ ମାନେ ରାୟଗଡାରୁ ଟ୍ରେନ ଯୋଗେ ଅଯୋଧ୍ୟା ଯାତ୍ରା କରିବେ ଏବଂ ଏହାପରେ ବାରାଣସୀ ଅଭିମୁଖେ ଯାତ୍ରା କରିବେ।ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟର କନିଷ୍ଠ ସହାୟକ ମନୋରଞ୍ଜନ ନାୟକ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସାଇକେଲରେ ୧୭ ଶକ୍ତିପୀଠ ଭ୍ରମଣରେ ବାହାରି ବୋରିଗୁମ୍ମାରେ ପହଞ୍ଚିଛନ୍ତି ସନ୍ଦେଶ ଗୁପ୍ତା



**ବୋରିଗୁମ୍ମା,୩୦।୯ (ସଂଚାର ବ୍ୟୁରୋ):** ପଶୁ, ପକ୍ଷୀ ଏବଂ ପ୍ରକୃତି ସଂରକ୍ଷଣର ବାର୍ତ୍ତା ଜନସାଧାରଣଙ୍କ ପର୍ଯ୍ୟନ୍ତ ପହଞ୍ଚାଇବାର ମହାନ ଉଦ୍ଦେଶ୍ୟରେ ତେଲେଙ୍ଗାନା ରାଜ୍ୟର ମଞ୍ଚେରିଆଲର ବାସିନ୍ଦା ସନ୍ଦେଶ ଗୁପ୍ତା ୧୭ ଶକ୍ତିପୀଠର ପ୍ରାୟ ୨୦ ହଜାର କିଲୋମିଟର ସାଇକେଲ ଯାତ୍ରା ଆରମ୍ଭ କରିଛନ୍ତି। ଏହି ଯାତ୍ରା ୨୦ ସେପ୍ଟେମ୍ବର ୨୦୨୫ରେ ମଞ୍ଚେରିଆଲରୁ ଆରମ୍ଭ ହୋଇଥିଲା ଏବଂ ପ୍ରାୟ ୩୬୫ ଦିନର କାଳାବଧିରେ ଦେଶର ବିଭିନ୍ନ ସ୍ଥାନ ଦେଇ ଏହି ଯାତ୍ରା ସମ୍ପୂର୍ଣ୍ଣ ହେବ। ଧାର୍ମିକ ଯାତ୍ରା ସହିତ ପ୍ରାଣୀ ସେବା ଏବଂ ପରିବେଶ ସଂରକ୍ଷଣର ବାର୍ତ୍ତା ସମାଜ ପର୍ଯ୍ୟନ୍ତ ପହଞ୍ଚାଇବା ଏହି ଉପକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ତା' ସହିତ ପ୍ଲାଷ୍ଟିକର ବଢ଼ୁଥିବା ବ୍ୟବହାର ଯୋଗୁଁ ପରିବେଶ ଉପରେ ହେଉଥିବା କୁପ୍ରଭାବକୁ ଦୃଷ୍ଟିରେ ରଖି ପ୍ଲାଷ୍ଟିକ ମୁକ୍ତ ଭାରତର ବାର୍ତ୍ତା ମଧ୍ୟ ଏହି ଯାତ୍ରା ମାଧ୍ୟମରେ ଦିଆଯାଉଛି।

ବିଶେଷ କଥା ହେଉଛି, ସନ୍ଦେଶ ଗୁପ୍ତା ଏହା ପୂର୍ବରୁ ୧୨ ଜ୍ୟୋତିର୍ଲିଙ୍ଗର ସାଇକେଲ ଯାତ୍ରା ପୂରା କରିଛନ୍ତି। ସେହି ଅନୁଭବରୁ ପ୍ରେରଣା ପାଇ ବର୍ତ୍ତମାନ ୧୭ ଶକ୍ତିପୀଠର ଏହି ଦୀର୍ଘ ସାଇକେଲ ଯାତ୍ରା ଧରି ବାହାରିଛନ୍ତି। ବୋରିଗୁମ୍ମା ଶ୍ରୀ ଜଗନ୍ନାଥ ମନ୍ଦିର ନିକଟରେ ସନ୍ଦେଶ ଗୁପ୍ତାଙ୍କୁ ବୋରିଗୁମ୍ମାର ଜି.ମୋହନ ଦୋରା, କମଳାକାନ୍ତ ବିଶ୍ୱାଳ, ପି.ରମେଶ, ମାନସ ରଥ ପ୍ରମୁଖ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ଦିନକୁ ସେ ସାଇକଲରେ ପ୍ରାୟ ୧୦୦ କିଲୋମିଟର ଯାତ୍ରା ଅତିକ୍ରମ କରୁଥିବା କଥା କହିଛନ୍ତି । ଆଜି ରାତି ସେ ବୋରିଗୁମ୍ମା ଶ୍ରୀ ଜଗନ୍ନାଥ ମନ୍ଦିର ର ଅତିଥି ଭବନ ରେ ରାତ୍ରି ରହଣି କରିବେ।

## ନୀଳଗିରିରେ ପୁଣି ଭାଲୁ ଆତଙ୍କ



**ନୀଳଗିରି,୩୦।୯ (ସଂଚାର ବ୍ୟୁରୋ):** ବେଳକୁ ବେଳ ନୀଳଗିରିରେ ଭାଲୁ ଆତଙ୍କ ଦେଖିବାକୁ ମିଳୁଛି। ଗତକାଲି ରାତ୍ରିରେ ସ୍ୱର୍ଣ୍ଣଚୂଡ଼ ଜଙ୍ଗଲରୁ ଏକ ଭାଲୁ ଖସି ଆସି ସହର ମୁହାଁ ହେବା ପରେ ଏନଏସି ୭ ନମ୍ବର ୱାଡ଼ ବାଲିଗୋହିରି ଗ୍ରାମର ଅନୁସୂୟା ବେହେରାଙ୍କ ଘର ରାସ୍ତା ଦେଇ ରାତ୍ରି ପ୍ରାୟ ୧୦,୩୦ମିନିଟ ସମୟରେ ବିଚରଣ କରୁଥିବାର ଦେଖିବାକୁ ମିଳିଥିଲା। ଏହାପୂର୍ବରୁ ଆଠନମ୍ବର ୱାର୍ଡ, ଦୁଇନମ୍ବର ୱାର୍ଡ ଓ ସାତ ନମ୍ବର ୱାର୍ଡରେ ମଧ୍ୟ ଭାଲୁ ଦ୍ୱାରା ଆଘାତ ପ୍ରାପ୍ତ ହୋଇଥିବାର ଘଟଣା ଦେଖିବାକୁ ମିଳିଛି । ଭାଲୁ ଦେଖିବା ପରେ ଅଞ୍ଚଳରେ ଆତଙ୍କ ଖେଳି ଯାଇଛି। ଏପରିକି ବଜାର କାମ ସାରି ରାତ୍ରିରେ ଫେରୁଥିବା ବାଟୋଇ ଅସୁରକ୍ଷିତ ମଣୁଥିବା ବେଳେ ସେମାନଙ୍କ ମନରେ ଭୟ ସଂଚାର ହୋଇଛି। ବନ ବିଭାଗ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଆଲୋଚନା ହେଉଛି ।

### ଅବହେଳିତ ମା' ମଙ୍ଗଳା ପୀଠ

## ସେପ୍ଟେମ୍ବର ଡେଡ ଲାଇନ୍ ଫେଲ, ଅଧାରେ ଉନ୍ନୟନ କାମ



**କାକଟପୁର/ଅସ୍ତରଙ୍ଗ,୩୦।୯ (ସଂଚାର ବ୍ୟୁରୋ):** ପୁଣ୍ୟତୋୟା ପ୍ରାଚୀ ନଦୀ କୂଳରେ ଅବସ୍ଥିତ ପୁରୀ ଜିଲ୍ଲା କାକଟପୁର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳା। ଯିଏ ମହାପ୍ରଭୁଙ୍କ ଦାରୁ ଖୋଜି ଦେଇଥିଲେ, ସେହି ଜଗତ ମଙ୍ଗଳକାରିଣୀ ମା'ଙ୍କ ପୀଠର ଉନ୍ନତି ଏବେ ଅଧାରେ। ଆଉ ମାତ୍ର କିଛି ଦିନ ପରେ ଅକ୍ଟୋବର ପ୍ରଥମ ସପ୍ତାହରୁ ମା'ଙ୍କ ପ୍ରସିଦ୍ଧ ଷୋଡଶ ଉପଚାର ପୂଜା ଓ ଶାରଦୀୟ ନବରାତ୍ର ଆରମ୍ଭ ହେବ। ହେଲେ ୨୦୨୩ରେ ଆରମ୍ଭ ହୋଇଥିବା ମନ୍ଦିର ବିକାଶ ପ୍ରକଳ୍ପ ୩ ବର୍ଷ ପରେ ବି ସରୁନି।

୨୦୨୩ରେ ୫ଟି ସଚିବଙ୍କ ଅନୁମୋଦନରେ ମା' ମଙ୍ଗଳା ପୀଠର କଳେବର ବିକାଶ ପାଇଁ ୧୦ କୋଟି ମଞ୍ଜୁର ହୋଇ ଓବିସିସିକୁ ଦିଆଯାଇଥିଲା। ନୂଆ ସରକାର ଆସିବା ପରେ ଦେବୋତ୍ତର ଓ ପର୍ଯ୍ୟଟନ ବିଭାଗ ପ୍ଲାନ ରିଭ୍ୟୁ କଲା। ଗତ ୪ ଅଗଷ୍ଟ ୨୦୨୬ରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ଓବିସିସି ଏମଡି ଅନୁପମ ଶାହା ଲୋକସେବା ଭବନରେ ବୈଠକ କରି ସେପ୍ଟେମ୍ବର ସୁଦ୍ଧା ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ପ୍ରଥମ ପର୍ଯ୍ୟାୟରେ ମୁଖ୍ୟ ମନ୍ଦିର ମରାମତି, ଖଣ୍ଡାଲାଇଟ ପଥର, ନୂଆ ରୋଷଘର, ବିଜେସ୍ଥଳୀ, ପାର୍କିଂ, ସେବାୟତ ଭବନ, ଯାତ୍ରୀନିବାସ, ଚନ୍ଦନ ଘାଟ, ଭୋଗ ଦୋକାନ, ହେରିଟେଜ୍ ଗେଟ୍ ଓ ଦ୍ୱିତୀୟ ପର୍ଯ୍ୟାୟ ଡିପିଆର ସର୍ଭେ ହେବାର ଥିଲା।

ପୂର୍ବ ସରକାରର ୫ଟି ମଡେଲକୁ ସମାଲୋଚନା କରି ନୂଆ ସରକାର କ୍ଷମତାକୁ ଆସିଲେ, କହିଲେ ଆମେ ଦ୍ରୁତ ଓ ସ୍ୱଚ୍ଛ କାମ କରିବୁ। ହେଲେ ବାସ୍ତବରେ ନୂଆ ସରକାର ୫ଟି ଠୁ ବି ମନ୍ଥର ପାଲଟିଛି। ଲୋକସେବା ଭବନରେ ଫାଇଲ ଗଡୁଛି, ମନ୍ଦିର ପରିସରରେ ପାଣି ଗଡୁଛି। ସରକାର ବଦଳିଲା, ଫାଇଲ ବଦଳିଲା, ହେଲେ ମା'ଙ୍କ ଭାଗ୍ୟ ବଦଳିଲାନି।

କୋଟି କୋଟି ଟଙ୍କାର କାମ ନିମ୍ନମାନର। ଗର୍ଭଗୃହ ଓ ପୂର୍ବ-ଉତ୍ତର ଗୁମୁଟରୁ ପାଣି ଝରୁଛି। ଛାତର ପୁରୁଣା କାଠ ବିମ୍ ସଢ଼ିଲାଣି, ରଡ୍ ବାହାରିଲାଣି। ମରାମତି ନାଁରେ ଲିପା ପୋଛା। ନୂଆ ରୋଷଘରେ ଚିମିନି ନାହିଁ, ଧୂଆଁ ବାହାରୁନି, ବର୍ଷା ପାଣି ପଶୁଛି, ଆଡଜଷ୍ଟ ଫ୍ୟାନ ଲାଗିଛି। ଖଣ୍ଡାଲାଇଟ ପଥର ଫାଟିଲାଣି, ଜଏଣ୍ଟରୁ ଘାସ। ପାର୍କିଂ କଚ୍ଚା, ଜଳ ନିଷ୍କାସନ ନାହିଁ, ଆଣ୍ଠୁଏ ପାଣି। ଭୋଗ ଦୋକାନ ଟିଣ ତଳେ, ସେବାୟତ ଭବନ ଅଧା, ବାଲି ଗଦା। ବିଜେସ୍ଥଳୀ ରଙ୍ଗ ଛାଡିଲାଣି। ସାଇଟରେ ଇଞ୍ଜିନିୟର ନାହାନ୍ତି, ଠିକାଦାର ମନମୁଖୀ କାର୍ଯ୍ୟ। ସମୟ ରେ କାର୍ଯ୍ୟ ନସାରୀ ମନ୍ତ୍ରୀଙ୍କ ବାକ୍ୟ କେବଳ ଗୋଟିଏ "ଖୁବ ଶୀଘ୍ର "।

ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ପରେ ମଙ୍ଗଳବାର ସନ୍ଧ୍ୟାରେ ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡା ଗସ୍ତ କରି କହିଛନ୍ତି, କାର୍ଯ୍ୟକୁ ଅନୁଧ୍ୟାନ କଲେ, ସେବାୟତ ମାନଙ୍କର ସହଯୋଗ ଆବଶ୍ୟକ ରହିଛି, ଯେଉଁ କାମ ମନ୍ଥର ଗତିରେ ଚାଲିଛି ମା'ଙ୍କ ପୂଜା ପୂର୍ବରୁ ସରିବାର ଥିଲା, ଅସ୍ଥାୟୀ ଭାବେ ସାରିବାକୁ ଓବିସିସିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ବୈଠକ କରି। ମା'ଙ୍କ ପୀଠରେ ଏଭଳି ଅବ୍ୟବସ୍ଥା ନୂଆ ସରକାରର ପର୍ଯ୍ୟଟନ ନୀତିକୁ ପ୍ରଶ୍ନ କରୁଛି।

## ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ଉନ୍ନୟନ ପ୍ରକଳ୍ପର ସମୀକ୍ଷା

# ମହାବିନାୟକ ଓ ଛତିଆବଟର ବିକାଶକୁ ଗୁରୁତ୍ୱ



ଭୁବନେଶ୍ୱର,୩୦।୯(ସଂଚାର ବ୍ୟୁରୋ): ପୂର୍ତ୍ତ ବିଭାଗ ଅଧୀନରେ ଚାରବାଟିଆ ଓ ବାଲେଶ୍ୱର ଡିଭିଜନ୍‌ରେ ଚାଲୁଥିବା ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଅଗ୍ରଗତି ଓ କାର୍ଯ୍ୟାନ୍ୱୟନ ନେଇ ଆଜି ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଚାରବାଟିଆ ଓ ବାଲେଶ୍ୱର ଡିଭିଜନ୍ ଅଧୀନରେ ଚାଲୁଥିବା ସଡ଼କ, ସେତୁ ଓ ଅନ୍ୟାନ୍ୟ ଭିତ୍ତିଭୂମି ପ୍ରକଳ୍ପର ବର୍ତ୍ତମାନର ସ୍ଥିତି, ବିଭିନ୍ନ ସମସ୍ୟା ଏବଂ ପ୍ରକଳ୍ପଗୁଡ଼ିକୁ ନିର୍ଦ୍ଧାରିତ ସମୟରେ ସମ୍ପନ୍ନ କରିବା ନେଇ ବିସ୍ତୃତ ଆଲୋଚନା ହୋଇଥିଲା।

ଏହି ଅବସରରେ ଯାଜପୁରର ପ୍ରସିଦ୍ଧ ମହାବିନାୟକ ମନ୍ଦିରର ପାରିପାର୍ଶ୍ୱିକ ବିକାଶ, ସୌନ୍ଦର୍ଯ୍ୟକରଣ ଓ ଆବଶ୍ୟକ ଭିତ୍ତିଭୂମି ସୁବିଧାର ଉନ୍ନତି ନେଇ ଆଲୋଚନା ହୋଇଥିଲା। ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ପାଇଁ ବିଭିନ୍ନ ସୁବିଧା ଯୋଗାଇବା ସହ ମନ୍ଦିର ପରିସରର ସାମଗ୍ରିକ ବିକାଶ ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ସେହିପରି ପ୍ରସିଦ୍ଧ ଛତିଆବଟ ମନ୍ଦିରର ବିକାଶମୂଳକ କାର୍ଯ୍ୟ, ମନ୍ଦିରକୁ ସଂଯୋଗ କରୁଥିବା ରାସ୍ତାଗୁଡ଼ିକର ପ୍ରଶସ୍ତିକରଣ, ଉନ୍ନତ ଯାତାୟାତ ବ୍ୟବସ୍ଥା ଏବଂ ଆବଶ୍ୟକ ଭିତ୍ତିଭୂମିର ବିକାଶ ନେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ସମୀକ୍ଷା କରିଥିଲେ। ଶ୍ରଦ୍ଧାଳୁ ଓ ସାଧାରଣ ଲୋକଙ୍କ ଯାତାୟାତକୁ ସୁଗମ କରିବା ସହ ଏହି ଧାର୍ମିକ ପୀଠର ପାରିପାର୍ଶ୍ୱିକ ଅଞ୍ଚଳର ସୌନ୍ଦର୍ଯ୍ୟକରଣ ଓ ଉନ୍ନତିକରଣ ଉପରେ ଆଲୋଚନା ହୋଇଥିଲା।

ସେହିପରି ବୈଠକରେ ବାଲେଶ୍ୱର ଡିଭିଜନ୍ ଅଧୀନରେ ଚାଲୁଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ନେଇ ଆଲୋଚନା ହୋଇଥିଲା। ଏଥିରେ ବାଲେଶ୍ୱର ରିଙ୍ଗ ରୋଡ୍, ଫକୀର ମୋହନ ଗୋଲେଇରୁ ଷ୍ଟେସନ ଛକ ରାସ୍ତାର ଉନ୍ନତିକରଣ, ଜୁଡିସିଆଲ ହବ୍ ନିର୍ମାଣ ସହ ବିଭିନ୍ନ ସଡ଼କ, ସେତୁ ଓ ଅନ୍ୟାନ୍ୟ ଭିତ୍ତିଭୂମି ପ୍ରକଳ୍ପକୁ ତ୍ୱରିତ ଗତିରେ ଆଗେଇ ନେବା ନେଇ ଆଲୋଚନା ହୋଇଥିଲା । ସମୀକ୍ଷା ବୈଠକ ସମୟରେ ବଡ଼ଚଣା ବିଧାୟକ ଅମର କୁମାର ନାୟକ, ବାଲେଶ୍ୱର ବିଧାୟକ ମାନସ କୁମାର ଦତ୍ତ, ସର୍ବୋଚ୍ଚ ଯନ୍ତ୍ରୀ (ସିଭିଲ) ଇଂ. ସତ୍ୟବ୍ରତ ବେହେରା, ମୁଖ୍ୟ ଯନ୍ତ୍ରୀ ଇଂ. ଶିବବ୍ରତ ତରିଆ, ମୁଖ୍ୟ ଯନ୍ତ୍ରୀ( ବ୍ରିଜ) ଇଂ. ପ୍ରଭାସ କୁମାର ମାଝୀଙ୍କ ସମେତ ଉଭୟ ଡିଭିଜନର ଅଧିକ୍ଷଣ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

# ୬ ବର୍ଷ ପରେ ଖୋଲିଲା ଗୁଣ୍ଡିଚା ମନ୍ଦିର



ପୁରୀ,୩୦।୯(ସଂଚାର ବ୍ୟୁରୋ): ପୂଜାର୍ଚ୍ଚନା ପରେ ଆଜି ସକାଳ ୭ଟା ୪୫ରେ ଖୋଲିଥିଲା ଗୁଣ୍ଡିଚା ମନ୍ଦିରର ସିଂହଦ୍ୱାର। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ, ପୁରୀ ଏସ୍‌ପି ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସମେତ ପରିଚାଳନା କମିଟି ସଦସ୍ୟଙ୍କ

## ୩ ଦିନ ମାଗଣା ପ୍ରବେଶ

ଉପସ୍ଥିତିରେ ଗୁଣ୍ଡିଚା ମନ୍ଦିରର ସିଂହଦ୍ୱାର ଖୋଲା ଯାଇଥିଲା। ଦୀର୍ଘ ୬ ବର୍ଷ ପରେ ଭକ୍ତଙ୍କ ପାଇଁ ଖୋଲିଛି ପୁରୀ ଗୁଣ୍ଡିଚା ମନ୍ଦିର। ଭକ୍ତମାନେ ଆଜିଠାରୁ ଚତୁର୍ଦ୍ଧା ମୂର୍ତ୍ତିଙ୍କ ଜନ୍ମ ବେଦୀ, ଯଜ୍ଞ ବେଦୀ ଓ ଆଡ଼ପ ମଣ୍ଡପ ଦର୍ଶନ କରୁଛନ୍ତି।

ଗୁଣ୍ଡିଚା ମନ୍ଦିରର ସିଂହଦ୍ୱାର ଖୋଲିବା ପରେ ଉପସ୍ଥିତ ଭକ୍ତଙ୍କ ସହ ବରିଷ୍ଠ ଅଧିକାରୀମାନେ ଗୁଣ୍ଡିଚା ମନ୍ଦିରରେ ପ୍ରବେଶ କରିଥିଲେ। ଗୁଣ୍ଡିଚା ମନ୍ଦିର ପରିସରରେ ଆଡ଼ପ ମଣ୍ଡପ, ତିନି ରଥ- ତାଳଧ୍ୱଜ, ନନ୍ଦିଘୋଷ ଓ ଦର୍ପଦଳନ ରଥର ଚକ ଓ କଣଗୁଜ, ଅଶୁଆରୀ, ପ୍ରଭା ଆଦି ଦେଖିବାର ସୁଯୋଗ ନେଇଥିଲେ ଭକ୍ତମାନେ। ୬ ବର୍ଷ ପରେ ପୁଣି ଥରେ ଗୁଣ୍ଡିଚା ମନ୍ଦିର ଭିତରେ ପ୍ରବେଶ କରି ବେଶ୍ ଆନନ୍ଦିତ ହୋଇଛନ୍ତି ଭକ୍ତ। କରୋନା ସମୟରୁ ଗୁଣ୍ଡିଚା ମନ୍ଦିର ପ୍ରବେଶ ଉପରେ ଲାଗିଥିଲା କଟକଣା। ନାଟମଣ୍ଡପ ମରାମତି, ମନ୍ଦିର ଭିତରର ଚଟାଣ, ରାମ୍ପ ବ୍ୟବସ୍ଥା, ଆନନ୍ଦ ବଜାର, ରୋଷଶାଳା ମରାମତି କାମ ଚାଲିଥିଲା। ତେଣୁ ଭିତରକୁ ଭକ୍ତଙ୍କ ପ୍ରବେଶ ଉପରେ ରୋକ୍ ଲାଗିଥିଲା। ତେଣୁ ଦୂରଦୂରାନ୍ତରୁ ଆସୁଥିବା ଭକ୍ତମାନେ ଶ୍ରୀଜିଉଙ୍କ ଜନ୍ମମାଟିକୁ ଦେଖି ନ ପାରି ଦୁଃଖ ପ୍ରକାଶ କରୁଥିଲେ। କିନ୍ତୁ ଆଜିଠାରୁ ଏହା ଭକ୍ତଙ୍କ ପାଇଁ ଖୋଲାଯାଇଛି। ଶ୍ରୀମନ୍ଦିର ପରିଚାଳନା କମିଟିର ନିଷ୍ପତ୍ତି ଅନୁସାରେ ପ୍ରଥମ ତିନି ଦିନ ଭକ୍ତମାନଙ୍କୁ ମାଗଣାରେ ଗୁଣ୍ଡିଚା ମନ୍ଦିର ଭିତରକୁ ଛଡ଼ାଯିବ। ତା'ପରଠାରୁ ଭକ୍ତମାନେ ୧୦ ଟଙ୍କା ପ୍ରବେଶ ଶୁଳ୍କ ଦେବେ। କିନ୍ତୁ ଦିବ୍ୟାଙ୍ଗ, ଶିଶୁ ଓ ୮୦ ବର୍ଷରୁ ଅଧିକ ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କୁ ପ୍ରବେଶ ଶୁଳ୍କ ଦେବାକୁ ପଡ଼ିବ ନାହିଁ। ସେମାନେ ମାଗଣାରେ ଗୁଣ୍ଡିଚା ମନ୍ଦିରରେ ପ୍ରବେଶ କରିପାରିବେ। ଶ୍ରଦ୍ଧାଳୁଙ୍କ ଜୋତା ଓ ମୋବାଇଲ୍ ଫୋନ୍ ରଖିବା ପାଇଁ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ଶ୍ରଦ୍ଧାଳୁମାନଙ୍କୁ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ। ଆଗକୁ ଗୁଣ୍ଡିଚା ମନ୍ଦିରରେ ଲାଇଟ୍ ଆଣ୍ଡ ସାଉଣ୍ଡ ବ୍ୟବସ୍ଥା କରାଯିବାର ପରିକଳ୍ପନା କରାଯାଉଛି।

# ନିକୋ ପାର୍କ ବିକାଶ କାର୍ଯ୍ୟର ସମୀକ୍ଷା କଲେ ନଗର ଉନ୍ନୟନ ମନ୍ତ୍ରୀ



ଭୁବନେଶ୍ୱର,୩୦।୯(ସଂଚାର ବ୍ୟୁରୋ): ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଆଜି ନିକୋ ପାର୍କ ଭାବେ ପରିଚିତ ବିଡିଏ ସିଟି ସେଣ୍ଟରର ପ୍ରସ୍ତାବିତ ରୂପାନ୍ତରଣ କାମର ପ୍ରଗତି ସମୀକ୍ଷା କରିଛନ୍ତି। ସମୀକ୍ଷା ବୈଠକରେ ଡା. ମହାପାତ୍ର ଅଧିକାରୀମାନଙ୍କୁ ଚାଲିଥିବା ପ୍ରକ୍ରିୟାକୁ ଶୀଘ୍ର ସମାପ୍ତ କରିବାକୁ କହିଛନ୍ତି। ସେ ପୁନଃବିକାଶ କାମ ଯେପରି ନିର୍ଦ୍ଧାରିତ ସମୟ ମଧ୍ୟରେ ଆଗକୁ ବଢ଼ିବ, ସେଥିପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ନିକୋ ପାର୍କର ରୂପାନ୍ତରଣ ସହର ପାଇଁ ଗୁରୁତ୍ୱପୂର୍ଣ୍ଣ। ତେଣୁ କାମରେ ବିଳମ୍ବ ହେବା ଉଚିତ ନୁହେଁ। ଅଧିକାରୀମାନେ ପ୍ରଗତି ସମ୍ପର୍କରେ ତାଙ୍କୁ ନିୟମିତ ସୂଚନା ଦେବାକୁ ମଧ୍ୟ କୁହାଯାଇଛି। ପୁରୁଣା ସୁବିଧାକୁ ଆଧୁନିକ ସହରୀ ମନୋରଞ୍ଜନ କେନ୍ଦ୍ରରେ ପରିଣତ କରିବା ଲକ୍ଷ୍ୟରେ ଏକ ପୁନଃବିକାଶ ଯୋଜନା ହାତକୁ ନିଆଯାଇଛି। ପ୍ରସ୍ତାବିତ ଉନ୍ନତ ସିଟି ସେଣ୍ଟରରେ ବିନୋଦନ, ମନୋରଞ୍ଜନ, ବ୍ୟାବସାୟିକ କାର୍ଯ୍ୟକଳାପ ଓ ବାହ୍ୟ ମନୋରଞ୍ଜନ ସୁବିଧା ଏକାଠି ରହିବ। ପୁନର୍ନିର୍ମିତ ପାର୍କରେ ସ୍ୱତନ୍ତ୍ର ଫୁଡ୍ କୋର୍ଟ, ମାର୍କେଟ୍ କମ୍ପ୍ଲେକ୍ସ, ଏକାଧିକ ମନୋରଞ୍ଜନ ଜୋନ୍ ଏବଂ ନୌକାବିହାର ସୁବିଧା ରହିବ। ଯୋଜନା ଅନୁଯାୟୀ ଏହା ଏକ ସାର୍ବଜନୀନ ସ୍ଥାନ ଭାବେ ଗଢ଼ି ଉଠିବ। ସହରବାସୀ ଓ ପର୍ଯ୍ୟଟକମାନେ ବିଭିନ୍ନ ପ୍ରକାରର ବିନୋଦନ ଓ ଅବସର ବିନୋଦନର ସୁଯୋଗ ପାଇବେବୋଲି ଯୋଜନାରେ ଉଲ୍ଲେଖ ରହିଛି। ଏହି ପ୍ରକଳ୍ପରେ ମୂଳ ଭିତ୍ତିଭୂମି, ବ୍ୟବସାୟିକ ଓ ମନୋରଞ୍ଜନ ଜୋନ୍ ସହ ଆଧୁନିକ ମନୋରଞ୍ଜନ ଓ କାର୍ଯ୍ୟକଳାପଭିତ୍ତିକ ସୁବିଧା ଉପରେ ଗୁରୁତ୍ୱ ଦିଆଯିବ।

## ତ୍ରିକୋଣୀୟ ପ୍ରେମରୁ ମରଣାନ୍ତକ ଆକ୍ରମଣ ଘଟଣା: ୨ ଗିରଫ



ଭୁବନେଶ୍ୱର,୩୦।୯(ସଂଚାର ବ୍ୟୁରୋ): ତ୍ରିକୋଣୀୟ ପ୍ରେମ ପାଇଁ ଶତ୍ରୁତାରୁ ମରଣାନ୍ତକ ଆକ୍ରମଣ ଘଟଣାରେ ଦୁଇ ଜଣଙ୍କୁ ଗିରଫ କରିଛି ଧଉଳି ଥାନା ପୁଲିସ। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ବିଶ୍ୱ ମୋହନ ପ୍ରଧାନ ଓ ସ୍ୱାଗତ ଶୁଭଙ୍କର ପ୍ରଧାନ। ଉଭୟଙ୍କୁ ଧଉଳି ଅଞ୍ଚଳରୁ ଗିରଫ କରାଯାଇଛି। ଗତ ୧୩ ତାରିଖରେ ନଖାଉର ଗାଁରେ ଜଣେ ଯୁବକଙ୍କୁ ସଂଘବଦ୍ଧ ମରଣାନ୍ତକ ଆକ୍ରମଣ ହୋଇଥିଲା। ଆକ୍ରମଣର ଶିକାର ଯୁବକଙ୍କ ବାଇକ ନେଇ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ସିସିଟିଭି ଫୁଟେଜରୁ ଅଭିଯୁକ୍ତଙ୍କୁ ପୁଲିସ ଚିହ୍ନଟ କରିଥିଲା। ପରେ ଧଉଳି ଥାନାଞ୍ଚଳରେ ଚଢ଼ାଉ କରି ପୁଲିସ ଉଭୟଙ୍କୁ ଗିରଫ କରିଛି।

## ଓରାଙ୍ଗଉଟାନଙ୍କୁ ସୁହାଉଛି ଓଡ଼ିଶା ଜଳବାୟୁ

● ବଢୁଛି ଓଜନ, ସୁଧୁରୁଛି ସ୍ୱାସ୍ଥ୍ୟ



ଭୁବନେଶ୍ୱର, ୩୦।୯ (ସଂଚାର ବ୍ୟୁରୋ): ନନ୍ଦନକାନନରେ ଥିବା ୫ଟି ଓରାଙ୍ଗଉଟାନଙ୍କୁ ସୁହାଉଛି ଓଡ଼ିଶା ଜଳବାୟୁ। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିବା ସହ ଓଜନ ମଧ୍ୟ ବଢୁଛି ବୋଲି କହିଛନ୍ତି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ। ବିଶେଷଜ୍ଞ ଡାକ୍ତରୀ ଦଳ ନିୟମିତ ଭାବେ ଓରାଙ୍ଗଉଟାନମାନଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରୁଛନ୍ତି। ଆଗାମୀ ଦିନରେ ସେମାନଙ୍କ ଡିଏନଏ ଟେଷ୍ଟ ବି କରାଯିବ। ଅନ୍ୟପଟେ ବାଣୀ ବିହାର ଓଭରବ୍ରିଜ ଉପରୁ ଅଜଗର ଉଦ୍ଧାର ଘଟଣାରେ ମଧ୍ୟ ପ୍ରତିକ୍ରିୟା ରଖିଛନ୍ତି ମନ୍ତ୍ରୀ। ସେ କହିଛନ୍ତି ଯେ ପିସିସିଏଫ ୱାଇଲ୍ଡ ଲାଇଫଙ୍କୁ ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଅଜଗରଟି କେଉଁ ପରିସ୍ଥିତିରେ ଓଭରବ୍ରିଜ ଉପରକୁ ଆସିଲା ଓ ଘଟଣା ପଛରେ କୌଣସି କାରଣ ରହିଛି କି ନାହିଁ, ତାହା ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ କହିଛନ୍ତି।

## ଭାଲୁ ଆକ୍ରମଣରେ ବୃଦ୍ଧ ଗୁରୁତର



ପାଟଣା,୩୦।୯(ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ଅନ୍ତର୍ଗତ ପୋଇପାଣି ଗ୍ରାମ ନିକଟରେ ଆଜି ଭୋର୍ ସମୟରେ ଭାଲୁ ଆକ୍ରମଣରେ ଜଣେ ବୃଦ୍ଧ ଗୁରୁତର ଭାବେ ଆହତ ହୋଇଛନ୍ତି। ଆହତ ଜଣଙ୍କ ହେଲେ ଗୋବର୍ଦ୍ଧନ ମହାନ୍ତ। ମିଳିଥିବା ସୂଚନାନୁଯାୟୀ, ଗୋବର୍ଦ୍ଧନ ଗ୍ରାମ ନିକଟସ୍ଥ ପୋଖରୀକୁ ଶୌଚ ହେବା ପାଇଁ ଯାଇଥିବା ବେଳେ ହଠାତ୍ ଏକ ବଣୁଆ ଭାଲୁ ତାଙ୍କୁ ଆକ୍ରମଣ କରିଥିଲା। ଭାଲୁ ଆକ୍ରମଣରେ ତାଙ୍କ ପେଟ ଓ ହାତରେ ଗଭୀର ଆଘାତ ଲାଗିଛି। ଗୁରୁତର ଅବସ୍ଥାରେ ତାଙ୍କୁ କେନ୍ଦୁଝର ଧରଣୀଧର ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି।

## ଫ୍ଲାଇଟ୍‌ରେ ଆସି ଟ୍ରେନ୍‌ରେ ଗଞ୍ଜେଇ ଚାଲାଣ ଯୋଜନା, ୫ ଗିରଫ



କଟକ,୩୦।୯(ସଂଚାର ବ୍ୟୁରୋ): ଫ୍ଲାଇଟରେ ଆସି ଟ୍ରେନରେ ଗଞ୍ଜେଇ ଚାଲାଣ ପାଇଁ ଯୋଜନା କରୁଥିବା ବେଳେ ଆର୍‌ପିଏଫ୍ ଓ ଜିଆର୍‌ପି ସତର୍କ ଥିବାରୁ ଏହା ଭଣ୍ଡୁର ହୋଇଛି। ଆର୍‌ପିଏଫ୍ ଓ ଜିଆର୍‌ପି ଚଢ଼ାଉ କରି ଏକ କ୍ୱିଣ୍ଟାଲ ୧୬ କେଜି ଓଜନର ଗଞ୍ଜେଇ ଜବତ କରିଛନ୍ତି, ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୫୮ ଲକ୍ଷ ଟଙ୍କା ହେବ। ଏଥିସହ ଏହି ମାମଲାରେ ୫ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ମଧ୍ୟରୁ ୪ ଜଣ ମହାରାଷ୍ଟ୍ରର ହୋଇଥିବା ବେଳେ ଅନ୍ୟ ଜଣେ ବିହାରୀ ବୋଲି ଜଣାପଡ଼ିଛି। ଭୁବନେଶ୍ୱରରୁ ମୁମ୍ବାଇକୁ ଚାଲାଣ ହେବା ସକାଶେ ଏହି ଗଞ୍ଜେଇ ରଖାଯାଇଥିଲା। କିନ୍ତୁ ଏହା ପୂର୍ବରୁ ବିଶେଷ ସୂତ୍ରରୁ ଖବର ପାଇ ମାଡ଼ି ବସିଥିଲା ଆରପିଏଫ୍ ଓ ଜିଆରପି। ସେହିଭଳି ସେମାନଙ୍କ ନିକଟରୁ ୭ଟି ଟ୍ରଲି ବ୍ୟାଗ୍, ଗୋଟିଏ ଏୟାର ବ୍ୟାଗ୍ ଓ ମୋବାଇଲ ଫୋନ୍ ଜବତ କରାଯାଇଛି। ମିଳିଥିବା ସୂଚନାନୁସାରେ, ଅଭିଯୁକ୍ତମାନେ ଫ୍ଲାଇଟ୍‌ରେ ଭୁବନେଶ୍ୱର ଆସିବା ପରେ ଟ୍ରେନ୍ ଯୋଗେ ଗଞ୍ଜେଇକୁ ମୁମ୍ବାଇ ଚାଲାଣ କରିବା ସକାଶେ ଯୋଜନା କରିଥିଲେ। କିନ୍ତୁ ଆର୍‌ପିଏଫ୍ ଓ ଜିଆର୍‌ପି ସୂଚନା ପାଇ କଟକ ରେଳ ଷ୍ଟେସନ୍‌ରେ ଚଢ଼ାଉ କରି ସେମାନଙ୍କ ଯୋଜନାକୁ ଭଣ୍ଡୁର କରିଦେଇଥିଲେ। ଏଥିସହ ଅଭିଯୁକ୍ତମାନଙ୍କୁ ମଧ୍ୟ ମିଳିତ ଟିମ୍ ଗିରଫ କରିଥିଲା।

## କୁସୁନପୁରରେ ବାରହା ଶିକାର ଅଭିଯୋଗ

# ଫାଶରେ ପଡ଼ିଲେ ୨୨ ବାରହା, ଦୁଇ ଶିକାରୀ ଅଟକ



ମାର୍ଶାଘାଇ, ୩୦।୯ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ଥାନା ଅଧୀନ କୁସୁନପୁର ଅଞ୍ଚଳରେ ବ୍ୟାପକ ଭାବେ ଜଙ୍ଗଲି ବାରହା ଶିକାର ହୋଇଥିବା ନେଇ ଚର୍ଚ୍ଚା ଜୋର ଧରିଛି। ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଫାଶ ବସାଇ ୨୨ଟି ଜଙ୍ଗଲି ବାରହା ଧରାଯାଇଥିବା ଜଣାପଡ଼ିଛି। ତେବେ ଏହି ଘଟଣାର ସରକାରୀ ତଥ୍ୟ ମିଳି ନଥିବା ବେଳେ ବନ ବିଭାଗ ପକ୍ଷରୁ ମଧ୍ୟ କୌଣସି ସ୍ପଷ୍ଟ ସୂଚନା ଦିଆଯାଇନାହିଁ। ସ୍ଥାନୀୟ ଅଞ୍ଚଳରେ ନିକଟରେ ଆସିଥିବା ବନ୍ୟା ପରେ ନଦୀ ପ୍ରବାହ ସହିତ ଏହି ଜଙ୍ଗଲି ବାରହାମାନେ ଭାସି ଆସିଥିବା ଅନୁମାନ କରାଯାଉଛି। ବନ୍ୟା ପରିସ୍ଥିତିର ସୁଯୋଗ ନେଇ କିଛି ଶିକାରୀ ଫାଶ ବସାଇ ସେମାନଙ୍କୁ ଧରିଥିବା ଅଭିଯୋଗ ହେଉଛି। ଖବର ପାଇ ବନ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଚଢ଼ାଉ କରିଥିବା ବେଳେ ଦୁଇ ସନ୍ଦିଗ୍ଧ ଶିକାରୀଙ୍କୁ ଅଟକ ରଖିଛି। ଯଦି ୨୨ଟି ଜଙ୍ଗଲି ବାରହା ଶିକାର ହୋଇଥିବା ଅଭିଯୋଗ ସତ୍ୟ ହୁଏ, ତେବେ ଏହା ଅଞ୍ଚଳର ସବୁଠାରୁ ବଡ଼ ବନ୍ୟପ୍ରାଣୀ ଶିକାର ଘଟଣା ମଧ୍ୟରୁ ଗୋଟିଏ। ଘଟଣା ସମ୍ପର୍କରେ ବନ ବିଭାଗ ଅଧିକାରୀଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ ଓ ଘଟଣାର ପ୍ରକୃତ ସତ୍ୟତା, ଜବତ ସାମଗ୍ରୀ ଏବଂ ଅଟକ ବ୍ୟକ୍ତିଙ୍କ ସମ୍ପର୍କରେ ଅଧିକାରିକ ସୂଚନାକୁ ନେଇ ଅପେକ୍ଷା ଜାରି ରହିଛି।

● ଡକାୟତି ଯୋଜନା ପଣ୍ଡ

# ଦୁଇ ଆନ୍ତଃରାଜ୍ୟ ଡକାୟତ ଗିରଫ



ରାଇରଙ୍ଗପୁର,୩୦।୯(ସଂଚାର ବ୍ୟୁରୋ): ପାର୍ବଣ ଋତୁ ପୂର୍ବରୁ ରାଇରଙ୍ଗପୁର ଜିଲ୍ଲା ପୁଲିସକୁ ବଡ଼ ସଫଳତା ମିଳିଛି। ଏକ ବଡ଼ ଡକାୟତି ଯୋଜନାକୁ ପଣ୍ଡ କରିଛି ବହଳଦା ପୁଲିସ। ଦୁଇ ଆନ୍ତଃରାଜ୍ୟ ଡକାୟତଙ୍କୁ ଗିରଫ କରିଛି। ଏଥିସହ ସେମାନଙ୍କ ନିକଟରୁ ୨ଟି ଗାଡ଼ି ଓ ଗୁଳି ଜବତ କରାଯାଇଛି। ଗିରଫ ହୋଇଥିବା ଦୁଇ ଆନ୍ତଃରାଜ୍ୟ ଡକାୟତ ହେଲେ ଝାଡ଼ଖଣ୍ଡ ସଢ଼େଇକଳା-ଖରସୁଆଁର ଜିଲ୍ଲାର ଫରହାନ ରଶିଦ ଓ ଜାମସେଦପୁରର ମହମ୍ମଦ ହାଇଦର।

ମିଳିଥିବା ସୂଚନାନୁସାରେ, ବହଳଦା ଥାନା ଖେଜୁରିଟାଣ୍ଡି-ବାସିଙ୍ଗି ଛକ ନିକଟରେ ସନ୍ଧ୍ୟା ସମୟରେ ୫ରୁ ଅଧିକ ସଶସ୍ତ୍ର ଦୁର୍ବୃତ୍ତ ଏକତ୍ରିତ ହୋଇ ବହଳଦା ଓ ବାସିଙ୍ଗି ଅଞ୍ଚଳରେ ଡକାୟତି ପାଇଁ ଯୋଜନା କରୁଥିଲେ। ଖବର ପାଇ ପୁଲିସ ଟିମ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିବା ପରେ କିଛି ଦୁର୍ବୃତ୍ତ ଖସି ପଳାଇବାରେ ସଫଳ ହୋଇଥିବା ବେଳେ ଦୁଇ ଜଣ ଅଭିଯୁକ୍ତଙ୍କୁ ପୁଲିସ କାବୁ କରିଥିଲା। ଅଭିଯୁକ୍ତମାନଙ୍କ ନିକଟରୁ ଗୋଟିଏ ୮ ଏମ୍‌ଏମ୍ ଗୁଳି, ଖଣ୍ଡା, ଲଙ୍କା ଗୁଣ୍ଡ, ଦଉଡ଼ି ଓ ନଗଦ ୧ ଲକ୍ଷ ୮୫ ହଜାର ୭୦୦ ଟଙ୍କା, ଦୁଇଟି କାର୍ ଜବତ କରିଛି ପୁଲିସ। ଗିରଫ ଫରହାନ ରଶିଦ ନାମରେ ପୂର୍ବରୁ ଝାଡ଼ଖଣ୍ଡର ଚାଣ୍ଡିଲ ଥାନାରେ ହତ୍ୟା, ଗୋ-ଚାଲାଣ ଓ ଆର୍ମ୍ସ ଆକ୍ଟ ଭଳି ୪ଟି ସଙ୍ଗୀନ ମାମଲା ରହିଛି। ଘଟଣାରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ବେଳେ ଫେରାର ହୋଇଯାଇଥିବା ଅନ୍ୟ ଅଭିଯୁକ୍ତଙ୍କୁ ଖୋଜୁଛି।

## ଏସିଏଫ୍ ସୌମ୍ୟରଞ୍ଜନ ମୃତ୍ୟୁ ମାମଲା

# ରୋଷେୟା ଗିରଫ, ବିଦ୍ୟାଭାରତୀଙ୍କ ପିଟିସନ୍ ଖାରଜ



ଗଜପତି,୩୦।୯(ସଂଚାର ବ୍ୟୁରୋ): ବହୁଚର୍ଚ୍ଚିତ ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ର ମୃତ୍ୟୁ ମାମଲାରେ ଅନ୍ୟତମ ଅଭିଯୁକ୍ତ ରୋଷେୟା ମନ୍ମଥ କୁମ୍ଭଙ୍କୁ ପାରଳାଖେମୁଣ୍ଡି ପୁଲିସ ଗିରଫ କରିଛି। ଏସ୍‌ଡିଜେଏମ୍ ପାରଳାଖେମୁଣ୍ଡିଙ୍କ ଅଦାଲତରୁ ଜାରି ଜାମିନବିହୀନ ଗିରଫ ପରୱାନା ବଳରେ ପୁଲିସ ଆଜି ଭୋର ସମୟରେ ତାଙ୍କ ନିଜ ଗ୍ରାମ କରଡ଼ାସିଂରେ ଚଢ଼ାଉ କରି ତାଙ୍କୁ କାବୁ କରିଥିଲା। ପରେ ତାଙ୍କୁ ଅଦାଲତରେ ହାଜର କରାଯାଇଛି। ଭାରତୀୟ ଦଣ୍ଡ ସଂହିତାର ଦଫା ୩୦୨/୧୨୦-ବି ସମ୍ପର୍କିତ ମାମଲାରେ ମନ୍ମଥଙ୍କ ବିରୋଧରେ ଅଦାଲତ ଜାମିନବିହୀନ ପରୱାନା ଜାରି କରିଥିଲେ।

ସୂଚନାଯୋଗ୍ୟ ଯେ ପାରଳାଖେମୁଣ୍ଡିରେ ଏସିଏଫ୍ ଭାବେ କାର୍ଯ୍ୟରତ ସୌମ୍ୟ ରଞ୍ଜନ ଗତ ୨୦୨୧ ଜୁଲାଇ ୧୨ରେ ତାଙ୍କ ସରକାରୀ ବାସଭବନରେ ପୋଡ଼ି ଯାଇ ଗୁରୁତର ହୋଇଥିଲେ। ଚିକିତ୍ସା ପାଇଁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ତେବେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସୌମ୍ୟଙ୍କ ମୃତ୍ୟୁ ଘଟିଥିଲା। ଘଟଣାକୁ ନେଇ ସୌମ୍ୟଙ୍କ ପରିବାର ପକ୍ଷରୁ ହତ୍ୟା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ସୌମ୍ୟଙ୍କ ପତ୍ନୀ ବିଦ୍ୟାଭାରତୀ, ତତ୍କାଳୀନ ଡିଏଫଓ ସଂଗ୍ରାମ କେଶରୀ ବେହେରା ଓ ରୋଷେୟା ମନ୍ମଥ କୁମ୍ଭ ଅଭିଯୁକ୍ତ ଥିଲେ। ପରେ ମାମଲାର ତଦନ୍ତ ଭାର କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଥିଲା। ତଦନ୍ତରେ ସୌମ୍ୟଙ୍କ ମୃତ୍ୟୁ ଆତ୍ମହତ୍ୟାଜନିତ ବୋଲି ଦର୍ଶାଯାଇଥିବାରୁ ଏନେଇ ସୌମ୍ୟଙ୍କ ବାପା ଅଭିରାମ ମହାପାତ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ତଦନ୍ତର ଦିଗ ନେଇ ଅଭିଯୋଗ ଉଠାଇ ସେ ୨୦୨୨ରେ ପାରଳାଖେମୁଣ୍ଡି ଏସ୍‌ଡିଜେଏମ୍ ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ଅଭିରାମଙ୍କ ପକ୍ଷରୁ ଦାଖଲ ଅଭିଯୋଗ ଓ ଉପସ୍ଥାପିତ ତଥ୍ୟକୁ ଆଧାର କରି ଏସ୍‌ଡିଜେଏମ୍ ଅଦାଲତ ମାମଲାକୁ ଗ୍ରହଣ କରିଥିଲେ। ପରେ ହତ୍ୟା ମାମଲା ରୁଜୁ ହୋଇ ୨୦୨୩ରେ ତିନି ଅଭିଯୁକ୍ତଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା ଜାରି କରାଯାଇଥିଲା। ଅନ୍ୟପକ୍ଷରେ ଆଜି ଏସିଏଫ୍ ସୌମ୍ୟଙ୍କ ସ୍ତ୍ରୀ ବିଦ୍ୟାଭାରତୀ ମହାପାତ୍ରଙ୍କୁ ସୁପ୍ରିମକୋର୍ଟରୁ ବଡ଼ ଝଟ୍‌କା ଲାଗିଛି। ବିଦ୍ୟାଭାରତୀଙ୍କ ପକ୍ଷରୁ ଦାଖଲ ହୋଇଥିବା ସ୍ପେଶାଲ ଲିଭ ପିଟିସନ ଆବେଦନକୁ ସର୍ବୋଚ୍ଚ ନ୍ୟାୟାଳୟ ଖାରଜ କରିଛନ୍ତି। ଏଥିସହ ହାଇକୋର୍ଟଙ୍କ ପୂର୍ବ ଆଦେଶକୁ ବଳବତ୍ତର ରଖିଛନ୍ତି ସୁପ୍ରିମକୋର୍ଟ।

# ଏସ୍‌ସିବିରେ ଆଟେଣ୍ଡାଣ୍ଟ ମାଡ଼ରେ ରୋଗୀଙ୍କ ମୃତ୍ୟୁ!

## ପରିବାର ଲୋକେ ଆଣିଲେ ସଙ୍ଗୀନ ଅଭିଯୋଗ



କଟକ,୩୦।୯(ସଂଚାର ବ୍ୟୁରୋ): କଟକ ଏସ୍‌ସିବିରେ ରୋଗୀଙ୍କ ମୃତ୍ୟୁ ନେଇ ମାଡ଼ ହୋଇଥିବା ଅଭିଯୋଗ ହୋଇଛି। ଏସ୍‌ସିବି ମାନସିକ ରୋଗ ବିଭାଗରେ ସୁରକ୍ଷାକର୍ମୀ ଓ ଆଟେଣ୍ଡାଣ୍ଟଙ୍କ ମାଡ଼ରେ ଜଣେ ରୋଗୀଙ୍କ ମୃତ୍ୟୁ ହୋଇଥିବା ପରିବାର ଅଭିଯୋଗ କରିଛନ୍ତି। ଏନେଇ ମଙ୍ଗଳାବାଗ ଥାନାରେ ଏତଲା ଦିଆଯାଇଛି। ଅଭିଯୋଗ ଅନୁଯାୟୀ, ଯାଜପୁର ରୋଡ୍ ଅଞ୍ଚଳର ମାନସିକ ରୋଗୀ ଶ୍ରୀକାନ୍ତ ଦାସ କଟକ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲକୁ ଚିକିତ୍ସା ପାଇଁ ଆସିଥିଲେ। ଗତ ୨୮ ତାରିଖରେ ଶ୍ରୀକାନ୍ତଙ୍କୁ ମାନସିକ ରୋଗ ବିଭାଗରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ତେବେ ଚିକିତ୍ସାଧୀନ ଥିବା ସମୟରେ ସୁରକ୍ଷାକର୍ମୀ ଓ ଆଟେଣ୍ଡାଣ୍ଟଙ୍କ ମାଡ଼ରେ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ, ଗତକାଲି ରାତିରେ ବିଭାଗର କେତେକ ସୁରକ୍ଷାକର୍ମୀ ଓ ଆଟେଣ୍ଡାଣ୍ଟ ମିଶି ଶ୍ରୀକାନ୍ତଙ୍କୁ ମାଡ଼ ମାରିଥିଲେ। ସେହି ସମୟରେ ବାହାରେ ଥିବା ପରିବାର ଲୋକେ ବାରମ୍ବାର ଅନୁରୋଧ କରିଥିଲେ ମଧ୍ୟ ସେମାନେ କିଛି ବି ଶୁଣି ନ ଥିଲେ। ପରେ ପରିବାର ଲୋକେ ଶ୍ରୀକାନ୍ତଙ୍କ ନିକଟକୁ ଯାଇ ଦେଖିବା ବେଳକୁ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଥିଲା। ସେହିପରି ମୃତ ଶ୍ରୀକାନ୍ତଙ୍କ ଦେହରେ ମାଡ଼ ଚିହ୍ନ ଥିବା ପରିବାର ଲୋକେ ଦାବି କରିଛନ୍ତି। ଘଟଣା ପରେ ମୃତକଙ୍କ ପରିବାର ପକ୍ଷରୁ ମଙ୍ଗଳାବାଗ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ପ୍ରକ୍ରିୟାର ଭିଡିଓଗ୍ରାଫି କରାଯିବ। ତେବେ ଶ୍ରୀକାନ୍ତଙ୍କ ମୃତ୍ୟୁ ପ୍ରକୃତରେ କିପରି ହେଲା, ତାଙ୍କୁ ମାଡ଼ ମରାଯାଇଥିଲା କି ନାହିଁ ଏବଂ ଘଟଣାରେ କାହାର ଭୂମିକା ରହିଛି, ସେସବୁ ପୁଲିସ ତଦନ୍ତ ଓ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପରେ ସ୍ପଷ୍ଟ ହେବ। ଏପଟେ ଏସସିବି ମେଡିକାଲ କଲେଜ ଅଧୀକ୍ଷକ ପ୍ରଫେସର ଡାକ୍ତର ଜ୍ୟୋତିଷ ଚୌଧୁରୀ କହିଛନ୍ତି ଯେ ଘଟଣା ସମ୍ପର୍କରେ ଖବର ମିଳିଛି।

## ତାମିଲନାଡୁରେ ଟ୍ରେନ ଦୁର୍ଘଟଣାରେ ଦାଦନ ଶ୍ରମିକଙ୍କ ମୃତ୍ୟୁ

### ମୃତଦେହ ଫେରିବା ନେଇ ଚିନ୍ତାରେ ପରିବାର



ଫୁଲବାଣୀ,୩୦।୯(ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲାରେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ମୃତ୍ୟୁ ଘଟିବା ଘଟଣା ଥମୁନାହିଁ। ପୁଣି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଗୋଛାପଦା ଥାନା ଅଧୀନରେ ଜଣେ ୨୫ ବର୍ଷୀୟ ଯୁବକଙ୍କର ତାମିଲନାଡୁରେ ଟ୍ରେନ ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ତେବେ ଗୋଛାପଦା ପୁଲିସର ସୂଚନାନୁସାରେ, କନ୍ଧମାଳ ଜିଲ୍ଲା ଗୋଛାପଡ଼ା ଥାନା କଟ୍ରିଙ୍ଗିଆ ପଞ୍ଚାୟତ କଦମପଦର ଗାଁର ଅନାମ ପାତ୍ରଙ୍କ ପୁଅ ହେମନ୍ତ ପାତ୍ର ତାମିଲନାଡୁର ଏକ ଟେକ୍ସଟାଇଲ କମ୍ପାନୀରେ କାମ କରିବାକୁ ଯାଇଥିଲେ। ତେବେ ତାମିଲନାଡୁର ଜୋରାପେଟାଇ ରେଳ ଷ୍ଟେସନରେ ଟ୍ରେନ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ଘଟିଥିବା ବେଳେ ରେଳବାଇ ପୁଲିସ ହେମନ୍ତଙ୍କ ପକେଟରେ ଥିବା ଆଧାର କାର୍ଡ ଦେଖି ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ହେମନ୍ତଙ୍କ ପରିବାର ଲୋକେ ଗତକାଲି ଗୋଛାପଡ଼ା ଥାନାରେ ଲିଖିତ ଭାବେ ଏତଲା ଦେଇଛନ୍ତି।

# ହାଣ୍ଡି ମାଠିଆ ଧରି ରାସ୍ତାରେ ବସିଲେ ମହିଳା



ପୁରୁଷୋତ୍ତମପୁର, ୩୦।୯ (ସଂଚାର ବ୍ୟୁରୋ): ପାଣି ପାଇଁ ଫୁଟିଲା ଅସନ୍ତୋଷ। ହାଣ୍ଡି ମାଠିଆ ଧରି ରାଜରାସ୍ତାକୁ ଓହ୍ଲାଇଲେ ମହିଳା। ଦୁଇ ମାସ ଧରି ପାନୀୟ ଜଳ ମିଳୁ ନ ଥିବା ଅଭିଯୋଗରେ ଗଞ୍ଜାମ ଜିଲ୍ଲାର ପୁରୁଷୋତ୍ତମପୁର ବ୍ଲକ୍ ଅନ୍ତର୍ଗତ ଭୂତସରସିଙ୍ଗି ପଞ୍ଚାୟତର ରାଜପୁର, ଦାସିଆମାରିପଲ୍ଲୀର ମହିଳାମାନେ କବିସୂର୍ଯ୍ୟନଗର-ପୁରୁଷୋତ୍ତମପୁର ମୁଖ୍ୟରାସ୍ତା ଅବରୋଧ କରି ଧାରଣାରେ ବସିଛନ୍ତି। ଫଳରେ ସକାଳ ୭ଟାରୁ ଅପରାହ୍ନ ୧୨ଟା ପର୍ଯ୍ୟନ୍ତ ଯାନବାହନ ଚଳାଚଳ ଠପ୍ ହୋଇଯାଇଥିଲା। ଆନ୍ଦୋଳନକାରୀମାନେ ଅଭିଯୋଗ କରିଛନ୍ତି ଯେ ଦୀର୍ଘଦିନ ଧରି ଗ୍ରାମରେ ନିୟମିତ ପାଣି ମିଳୁନାହିଁ। ପାଣିଯୋଗାଣ ଦାୟିତ୍ୱରେ ଥିବା କର୍ମଚାରୀ ତାଙ୍କ ଇଚ୍ଛାନୁସାରେ ପାଣି ଯୋଗାଣ କରୁଛନ୍ତି। ଏଣୁ ବାଧ୍ୟ ହୋଇ ଲୋକେ ପୋଖରୀ ଓ ବିଲରେ ଜମିଥିବା ଦୂଷିତ ପାଣିକୁ ପିଇବା ଓ ରୋଷେଇ ପାଇଁ ବ୍ୟବହାର କରୁଛନ୍ତି। ପୂର୍ବରୁ ମଧ୍ୟ ଏପରି ଆନ୍ଦୋଳନ କରି ସେମାନେ ପ୍ରତିଶ୍ରୁତି ପାଇଥିଲେ ମଧ୍ୟ ସମସ୍ୟାର ସ୍ଥାୟୀ ସମାଧାନ ହୋଇ ନ ଥିବାର ସେମାନେ ଅଭିଯୋଗ କରିଛନ୍ତି। ତେଣୁ ଏବେ କଥାରେ ନୁହେଁ, କାମରେ ଦରକାର ବୋଲି ସେମାନେ ଅଡ଼ି ବସିଛନ୍ତି। ପାଣି ନ ମିଳିଲେ ରାସ୍ତାରୁ ଉଠିବେ ନାହିଁ ବୋଲି କହିବା ସହ ମହିଳାମାନେ ଜିଦ୍‌ରେ ଅଟଳ ରହିଥିଲେ। ଗତ ଲଗାଣ ବର୍ଷା ସମୟରେ ମୋଟରର କେବୁଲ ପୋଡ଼ିଯାଇଥିଲା। ମରାମତି ପରେ ମଧ୍ୟ ଜଳଯୋଗାଣ ସ୍ୱାଭାବିକ ହୋଇ ନ ଥିଲା ବୋଲି ସେମାନେ ଅଭିଯୋଗ କରିଥିଲେ।

ଅନ୍ୟପକ୍ଷରେ, ଜଳଯୋଗାଣ ଦାୟିତ୍ୱରେ ଥିବା କର୍ମଚାରୀ ଲକ୍ଷ୍ମଣ ନାହାକ କହିଛନ୍ତି ଯେ ୪ ବର୍ଷ ହେଲା ପଞ୍ଚାୟତ କିମ୍ବା ଗ୍ରାମ୍ୟ କମିଟି ପକ୍ଷରୁ ତାଙ୍କୁ ପାରିଶ୍ରମିକ ମିଳି ନ ଥିବାରୁ ସେ ଜଳଯୋଗାଣ ବନ୍ଦ କରିଛନ୍ତି। ଖବର ପାଇ ଅତିରିକ୍ତ ତହସିଲଦାର ଦେବାଶିଷ ମହାପାତ୍ର, ସଙ୍ଗୀତା ସେଠୀ, ଏସ୍‌ଡିପିଓ ସୁଜିତ କୁମାର ନାୟକ, ଆଇଆଇସି କୁଳମଣି ସେଠୀ ଓ ପୁଲିସ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ମହିଳାମାନଙ୍କୁ ବୁଝାଶୁଝା କରିଥିଲେ। ଏଥିସହ ଗ୍ରାମ୍ୟ ଜଳଯୋଗାଣ କନିଷ୍ଠ ଯନ୍ତ୍ରୀ ନର୍ମଦା ପାତ୍ରଙ୍କୁ ଡକାଇ ସମସ୍ୟାର ସମାଧାନ ନେଇ ଆଲୋଚନା କରି ତୁରନ୍ତ ଟ୍ୟାଙ୍କର ମାଧ୍ୟମରେ ପାଣି ଯୋଗାଇଦେବା ସହ ସନ୍ଧ୍ୟାରେ ପୂର୍ବଭଳି ମୋଟର ମାଧ୍ୟମରେ ପାଇପ୍ ଲାଇନରେ ପାଣି ଯୋଗାଣ କରିବାକୁ ପ୍ରତିଶ୍ରୁତି ଦେବା ପରେ ମହିଳାମାନେ ଆନ୍ଦୋଳନରୁ ଓହରିଥିଲେ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର

Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ



## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୩,୩୨୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୦,୫୪୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୩,୩୨୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୪୦,୫୪୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୩,୩୨୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୪୦,୫୪୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୫୩,୩୨୦ ଟଙ୍କା ଓ ୨୨ କ୍ୟାରଟେ ୧,୪୦,୫୪୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୫୩,୩୨୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୦,୫୪୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୩,୩୨୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୪୦,୫୪୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୪୯,୯୦୦ ଟଙ୍କା ହୋଇଛି ।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ବି ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୯୭ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୬୮ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ଟଙ୍କା ୨୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩. ୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୬ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା ୫୫ ପଇସା ରହିଛି ।

# ଭାରତରେ ଲଞ୍ଚହେଲା ଗୁଗଲ୍ ଫିଟ୍‌ବିଟ୍ ଏୟାର୍



ନୂଆଦିଲ୍ଲୀ, ୩୦।୯: ଗୁଗୁଲ୍ ଭାରତରେ ନୂଆ ଫିଟ୍‌ବିଟ୍ ଏୟାର୍ ଲଞ୍ଚ କରିଛି। ଏହା ଏକ ବିନା ସ୍କ୍ରିନ୍‌ର ସ୍ୱାସ୍ଥ୍ୟ ଓ ଫିଟନେସ୍ ଟ୍ରାକର୍। ଛୋଟ ଓ ହାଲୁକା ଏହି ଡିଭାଇସ୍‌କୁ ହାତରେ ପିନ୍ଧି ଦିନସାରା ନିଜର ସ୍ୱାସ୍ଥ୍ୟ ସମ୍ପର୍କିତ ତଥ୍ୟ ଜାଣିହେବ। ସ୍କ୍ରିନ୍ ନଥିବାରୁ ମୋବାଇଲ୍ ନୋଟିଫିକେସନ୍ ଭଳି ଜିନିଷରୁ ମଧ୍ୟ ଦୂରେ ରହିହେବ। ଫିଟ୍‌ବିଟ୍ ଏୟାର୍‌ରେ ହାର୍ଟ ରେଟ୍ ମନିଟରିଂ, ନିଦ ଟ୍ରାକିଂ ଓ ଶାରୀରିକ କାର୍ଯ୍ୟକଳାପ ଚିହ୍ନଟ ଭଳି ସୁବିଧା ରହିଛି। ଏଥିସହ ଗୁଗୁଲ୍‌ର ହେଲ୍‌ଥ କୋଚ୍ ମଧ୍ୟ ରହିଛି, ଯାହା ବ୍ୟବହାରକାରୀଙ୍କ ସ୍ୱାସ୍ଥ୍ୟ ତଥ୍ୟ ଆଧାରରେ ବ୍ୟକ୍ତିଗତ ପରାମର୍ଶ ଦେଇଥାଏ। ଭାରତରେ ଫିଟ୍‌ବିଟ୍ ଏୟାର୍‌ର ଦାମ ୧୩,୯୯୯ ଟଙ୍କା ରଖାଯାଇଛି। ଏହା ଅବ୍‌ସିଡିଆନ୍, ବେରି, ଲାଭେଣ୍ଡର୍ ଓ ଫଗ୍ ଭଳି ୪ଟି ରଙ୍ଗରେ ଉପଲବ୍ଧ ହେବ। ଏହାସହ ଗୁଗୁଲ୍ ପକ୍ଷରୁ ଗୁଗୁଲ୍ ହେଲ୍‌ଥ ପ୍ରିମିୟମ୍‌ର ୩ ମାସର ମାଗଣା ପରୀକ୍ଷା ସୁବିଧା ମଧ୍ୟ ଦିଆଯାଉଛି। ଏହା ମାଧ୍ୟମରେ ବ୍ୟବହାରକାରୀ ହେଲ୍‌ଥ କୋଚ୍‌ର ସୁବିଧା ପାଇପାରିବେ। ଲଞ୍ଚ୍ ଅଫରରେ ନିର୍ଦ୍ଦିଷ୍ଟ ଭାବେ ଟଙ୍କା ପୈଠ କଲେ ୧,୦୦୦ ଟଙ୍କା ପର୍ଯ୍ୟନ୍ତ କ୍ୟାସବ୍ୟାକ୍ ମିଳିପାରେ। ଏଥିସହ ଚୟନିତ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଓ ଆଇସିଆଇସିଆଇ ବ୍ୟାଙ୍କ କାର୍ଡରେ ୬ ମାସର ସୁଧମୁକ୍ତ କିସ୍ତି ସୁବିଧା ସହ ୧,୦୦୦ ଟଙ୍କା କ୍ୟାସବ୍ୟାକ୍ ମିଳିବ। ଗ୍ରାହକ ଋଣ ମାଧ୍ୟମରେ ୧୨ ମାସ ପର୍ଯ୍ୟନ୍ତ ସୁଧମୁକ୍ତ କିସ୍ତିରେ ମଧ୍ୟ ଏହା କିଣିହେବ। ଫିଟ୍‌ବିଟ୍ ଏୟାର୍‌ରେ ସ୍କ୍ରିନ୍ ନାହିଁ। ଏହା ମୋବାଇଲ୍‌ରେ ଥିବା ଗୁଗୁଲ୍ ହେଲ୍‌ଥ ଆପ୍‌କୁ ସ୍ୱାସ୍ଥ୍ୟ ଓ ଫିଟନେସ୍ ସମ୍ପର୍କିତ ତଥ୍ୟ ପଠାଇଥାଏ। ଏଥିରେ ଦିନରାତି ହାର୍ଟ ରେଟ୍, ବିଶ୍ରାମ ସମୟର ହାର୍ଟ ରେଟ୍ ଓ ଏଚ୍‌ଆର୍‌ଭି ଟ୍ରାକ୍ କରିବାର ସୁବିଧା ରହିଛି। ହାର୍ଟ ରିଦମ୍‌ରେ ଅନିୟମିତତା ଦେଖାଦେଲେ ଏହା ନୋଟିଫିକେସନ୍ ଦେଇପାରେ।

ନିଦ ସମୟରେ ଏହା ନିଦର ଅବଧି ଓ ବିଭିନ୍ନ ପର୍ଯ୍ୟାୟର ତଥ୍ୟ ରେକର୍ଡ କରେ। ଏଥିରେ ରକ୍ତରେ ଅମ୍ଳଜାନ ମାତ୍ରା ମାପିବା ଓ ନିଜେ ନିଜେ ଶାରୀରିକ କାର୍ଯ୍ୟକଳାପ ଚିହ୍ନଟ କରିବାର ସୁବିଧା ମଧ୍ୟ ରହିଛି। କମ୍ପାନିର ସୂଚନା ଅନୁସାରେ, ଫିଟ୍‌ବିଟ୍ ଏୟାର୍‌କୁ ଥରେ ପୂରା ଚାର୍ଜ କଲେ ୭ ଦିନ ପର୍ଯ୍ୟନ୍ତ ବ୍ୟବହାର କରିହେବ। ମାତ୍ର ୫ ମିନିଟ୍ ଚାର୍ଜ କଲେ ଏହା ପ୍ରାୟ ଗୋଟିଏ ଦିନ ଚାଲିପାରିବ। ଫିଟ୍‌ବିଟ୍ ଏୟାର୍ ସହ ଥିବା ହେଲ୍‌ଥ କୋଚ୍ ବ୍ୟବହାରକାରୀଙ୍କ ସ୍ୱାସ୍ଥ୍ୟ ତଥ୍ୟକୁ ବିଶ୍ଳେଷଣ କରି ବ୍ୟକ୍ତିଗତ ପରାମର୍ଶ ଦେଇଥାଏ। ଏହା ମାଧ୍ୟମରେ ବ୍ୟାୟାମକୁ ସ୍ୱୟଂଚାଳିତ ଭାବେ ରେକର୍ଡ କରିହେବ। ଏଥିସହ ବିଭିନ୍ନ ବ୍ୟାୟାମ ଅଧିବେଶନ ଅନୁସରଣ କରିବା ଓ ନିଜର କାର୍ଯ୍ୟକଳାପ ରେକର୍ଡ କରିବାର ସୁବିଧା ମଧ୍ୟ ମିଳିବ।

# କାର୍ ପାଇଁ ୨୦୨୭ରୁ ଲାଗୁ ହେବ ନୂଆ ନିୟମ

ନୂଆଦିଲ୍ଲୀ,୩୦।୯: ଭାରତରେ ବୃଦ୍ଧି ପାଉଥିବା ପ୍ରଦୂଷଣକୁ ରୋକିବା ପାଇଁ ସରକାର ସମସ୍ତ ସମ୍ଭାବ୍ୟ ପ୍ରୟାସ କରୁଛନ୍ତି। ତଥାପି, ଦେଶରେ ପ୍ରଦୂଷଣର ମାତ୍ରା ବର୍ଷକୁ ବର୍ଷ ବୃଦ୍ଧି ପାଇବାରେ ଲାଗିଛି। ଏହାର ମୁକାବିଲା ପାଇଁ, କେନ୍ଦ୍ର ସରକାର ବର୍ତ୍ତମାନ ଯାତ୍ରୀବାହୀ ଗାଡ଼ିଗୁଡ଼ିକ ପାଇଁ 'କର୍ପୋରେଟ୍ ଆଭରେଜ୍ ଫୁଏଲ୍ ଇକୋନୋମି'(ଗାଡ଼ିଗୁଡ଼ିକରୁ ନିର୍ଗତ ହେଉଥିବା କାର୍ବନ ଡାଇଅକ୍ସାଇଡ୍ ପରିମାଣକୁ କମାଇବା ଏବଂ ଜାଳେଣିର ଦକ୍ଷତା ବୃଦ୍ଧି କରିବା ପାଇଁ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଏକ ନିୟମ) ନିୟମାବଳୀର ତୃତୀୟ ପର୍ଯ୍ୟାୟ ସମ୍ପର୍କରେ ଏକ ସରକାରୀ ବିଜ୍ଞପ୍ତି ଜାରି କରି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହି ନୂତନ ଓ କଠୋର ନିୟମାବଳୀ ୨୦୨୭ ଏପ୍ରିଲ ୧ ଲାଗୁ ହେବ ଏବଂ ୨୦୩୨ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ବଳବତ୍ତର ରହିବ। ଏହି ନିୟମାବଳୀର ଲକ୍ଷ୍ୟ ହେଉଛି ଗାଡ଼ି ନିର୍ମାତା କମ୍ପାନିର ସମସ୍ତ ଗାଡ଼ି ଦ୍ୱାରା ହେଉଥିବା ହାରାହାରି କାର୍ବନ ଡାଇଅକ୍ସାଇଡ୍ ନିର୍ଗମନକୁ ହ୍ରାସ କରିବା ଏବଂ ଗାଡ଼ିର ଇନ୍ଧନ ଦକ୍ଷତା ବୃଦ୍ଧି କରିବା। ଏହା ବ୍ୟତୀତ, ସରକାରଙ୍କ ଏହି ନିଷ୍ପତ୍ତି ଯୋଗୁଁ ନିକଟ ଭବିଷ୍ୟତରେ ଭାରତୀୟ ଅଟୋମୋବାଇଲ୍ କ୍ଷେତ୍ରରେ ଇଲେକ୍ଟ୍ରିକ୍ ଏବଂ ହାଇବ୍ରିଡ୍ ଗାଡ଼ିର ବଜାର ଦ୍ରୁତ ଗତିରେ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି।



# ଏନ୍‌ଏଲ୍‌ସି ଇଣ୍ଡିଆର ରେକର୍ଡ ୩୬୭୯ କୋଟି ଲାଭ

ନୂଆଦିଲ୍ଲୀ,୩୦।୯: ନବରତ୍ନ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଏନ୍‌ଏଲ୍‌ସି ଇଣ୍ଡିଆ ଲିମିଟେଡ୍‌ର ୭୦ତମ ବାର୍ଷିକ ସାଧାରଣ ବୈଠକ କମ୍ପାନିର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଡକ୍ଟର ପ୍ରସନ୍ନ କୁମାର ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ଆଚାର୍ଯ୍ୟଙ୍କ ସୂଚନା ଅନୁସାରେ କମ୍ପାନିର ଟିକସ ପରବର୍ତ୍ତୀ ଲାଭ ପୂର୍ବବର୍ଷ ତୁଳନାରେ ୩୮.୯୧% ବୃଦ୍ଧି ପାଇ ୩୬୭୯ କୋଟି ଟଙ୍କା ହୋଇଛି। ଟିକସ ପୂର୍ବବର୍ତ୍ତୀ ଲାଭ ୪.୮୪% ବଢ଼ି ୩୮୭୫ କୋଟି ଟଙ୍କା ଥିଲା। ପରିଚାଳନାରୁ ରାଜସ୍ୱ ୧୭,୪୯୦ କୋଟି ଟଙ୍କା ଓ ସର୍ବକାଳୀନ ସର୍ବାଧିକ ୭୪୭୫ କୋଟି ଟଙ୍କାର ଏବିଟ୍‌ଡା ହାସଲ ହୋଇଥିଲା। ଆଲୋଚ୍ୟ ବର୍ଷରେ କମ୍ପାନିର ପୁଞ୍ଜି ବ୍ୟୟ ପରିମାଣ ୯,୧୩୧ କୋଟି ଟଙ୍କା ଓ କାରବାର ୧୪.୯୬% ବୃଦ୍ଧି ପାଇ ୨୧,୫୨୫ କୋଟି ଟଙ୍କା ହୋଇଥିଲା। କମ୍ପାନି ୩୮.୫%ର ଲାଭାଂଶ ଘୋଷଣା କରିଛି। ଏନ୍‌ଏଲ୍‌ସି ଇଣ୍ଡିଆ ତଲାବୀରା ୨ ଓ ୩ ଖଣିରୁ ୧୯.୧୪ ଏମ୍‌ଟି କୋଇଲା ଉତ୍ପାଦନ ଓ ୧୭.୬୯ ଏମ୍‌ଟି ନିଷ୍କାସନ କରିଥିଲା ଓ ୨.୨୬ ବିଲିଅନ ୟୁନିଟ୍‌ର ସବୁଜ ଶକ୍ତି ଉତ୍ପାଦନ କରିଥିଲା। ଏହି ଅବସରରେ କମ୍ପାନିର ନିର୍ଦ୍ଦେଶକ (ଖଣି) ଡ. ସୁରେଶ ଚନ୍ଦ୍ର ସୁମନ, ନିର୍ଦ୍ଦେଶକ (ମାନବ ସମ୍ବଳ ଓ ଶକ୍ତି) ସମିର ସ୍ୱରୂପ, ନିର୍ଦ୍ଦେଶକ (ଯୋଜନା ଓ ପ୍ରକଳ୍ପ) ରାଜେଶ ପ୍ରତାପ ସିଂହ ସିସୋଦିଆ, ମନୋନୀତ ନିର୍ଦ୍ଦେଶକ ନିଲ ମେଶ୍ରମ, ଗୋପାଳ ସିଂହ, ପ୍ରଦୀପ ନୟନ, ପୁନମ ଚନ୍ଦ୍ରକର ଓ କମ୍ପାନି ସେକ୍ରେଟାରି ସୁଶାନ୍ତ କୁମାର ପଣ୍ଡା ସାମିଲ ହୋଇଥିଲେ।




# ଭାରତରେ ବଟଲିଂ ବ୍ୟବସାୟର ଆଇପିଓ ଆଣିବ କୋକାକୋଲା

ନୂଆଦିଲ୍ଲୀ,୩୦।୯:ଭାରତରେ ନିଜ ବଟଲିଂ ବ୍ୟବସାୟର ପ୍ରାରମ୍ଭିକ ସାର୍ବଜନୀନ ଅଫର ବା ଆଇପିଓ ଆଣିବାକୁ ପ୍ରସ୍ତୁତି କରୁଛି କୋକାକୋଲା। କମ୍ପାନିର ଭାରତୀୟ ବଟଲିଂ ୟୁନିଟ୍ ହିନ୍ଦୁସ୍ତାନ କୋକାକୋଲା ବେଭରେଜେସ୍ (ଏଚ୍‌ସିସିବି)ର ଆଇପିଓ ଆସିପାରେ। ରିପୋର୍ଟ ଅନୁସାରେ, ଡିସେମ୍ବରରେ ଆଇପିଓ ପାଇଁ ଡ୍ରାଫ୍ଟ ପ୍ରସ୍ପେକ୍ଟସ୍ ଦାଖଲ କରିବା ନେଇ କମ୍ପାନି ବିଚାର କରୁଛି। ରିପୋର୍ଟ ଅନୁସାରେ, ଆଇପିଓ ପ୍ରସ୍ତୁତିରେ କୋକାକୋଲା ଆକ୍ସିସ୍ କ୍ୟାପିଟାଲ ଓ ଆଇଆଇଏଫ୍‌ଏଲ୍ କ୍ୟାପିଟାଲ ସର୍ଭିସେସ୍‌କୁ ମଧ୍ୟ ସାମିଲ କରିଛି। ଏହା ପୂର୍ବରୁ କୋଟକ ମହିନ୍ଦ୍ରା କ୍ୟାପିଟାଲ, ସିଟିଗ୍ରୁପ୍, ଜେପି ମର୍ଗାନ ଚେଜ୍ ଓ ମୋର୍ଗାନ ଷ୍ଟାନଲି ଭଳି ସଂସ୍ଥା ମଧ୍ୟ ଏହି ଆଇପିଓ ପ୍ରକ୍ରିୟାରେ ଜଡ଼ିତ ଥିବା କୁହାଯାଇଛି। ଏଚ୍‌ସିସିବିର ଆଇପିଓ ରେ ବର୍ତ୍ତମାନର ନିବେଶକମାନେ ନିଜ ଅଂଶର ଏକ ବଡ଼ ଭାଗ ବିକ୍ରି କରିପାରନ୍ତି। କମ୍ପାନିର ମୂଲ୍ୟାୟନ ପ୍ରାୟ ୧୦ ବିଲିୟନ ଡଲାର ରଖିବାକୁ ଯୋଜନା ଥିବା ରିପୋର୍ଟରେ କୁହାଯାଇଛି। ପୂର୍ବରୁ ଆଇପିଓ ମାଧ୍ୟମରେ ପ୍ରାୟ ୧ ବିଲିୟନ ଡଲାର ଟଙ୍କା ଉଠାଯାଇପାରେ ବୋଲି ଖବର ଆସିଥିଲା। ତେବେ ଏନେଇ ଆଲୋଚନା ଏବେ ବି ଚାଲିଥିବାରୁ ଆଇପିଓର ସମୟ, ମୂଲ୍ୟାୟନ ଓ ଗଠନରେ ପରିବର୍ତ୍ତନ ହୋଇପାରେ। ଭାରତୀୟ ସେୟାର ବଜାରରେ ଆଇପିଓ ପ୍ରତି ନିବେଶକଙ୍କ ଆଗ୍ରହ ବଢ଼ିଛି। ଜୁଲାଇରୁ ସେପ୍ଟେମ୍ବର ମଧ୍ୟରେ ଭାରତରେ ଆଇପିଓ ଜରିଆରେ ପ୍ରାୟ ୧୦ ବିଲିୟନ ଡଲାର ସଂଗ୍ରହ ହୋଇଥିଲା। ଗୋଟିଏ ତ୍ରୈମାସିକରେ ଏହା ସର୍ବାଧିକ ରାଶି ବୋଲି ରିପୋର୍ଟରେ ଦର୍ଶାଯାଇଛି। ଚଳିତ ବର୍ଷ ଏପର୍ଯ୍ୟନ୍ତ ଭାରତରେ ପ୍ରାୟ ୨୫୦ଟି ଆଇପିଓ ଜରିଆରେ ୧୩ ବିଲିୟନ ଡଲାରରୁ ଅଧିକ ଟଙ୍କା ସଂଗ୍ରହ ହୋଇଥିବା କୁହାଯାଇଛି। ହିନ୍ଦୁସ୍ତାନ କୋକାକୋଲା ବେଭରେଜେସ୍ (ଏଚ୍‌ସିସିବି) ଭାରତରେ କୋକାକୋଲାର ବିଭିନ୍ନ ପାନୀୟର ବୋତଲ ପ୍ରସ୍ତୁତି ଓ ବଣ୍ଟନ କାମ କରେ। ଏହାର ଅନ୍ତର୍ଗତରେ କୋକାକୋଲା, ଥମ୍ସ ଅପ୍, ସ୍ପ୍ରାଇଟ୍, ଫାଣ୍ଟା, ଲିମ୍କା ଓ ମାଜା ଭଳି ଲୋକପ୍ରିୟ ପାନୀୟ ରହିଛି।




# ଘର ତିଆରି କରିବା ହୋଇପାରେ ମହଙ୍ଗା।

ନୂଆଦିଲ୍ଲୀ,୩୦।୯:ଆପଣ ଘର ତିଆରି କିମ୍ବା ମରାମତି କରିବାକୁ ଯୋଜନା କରୁଛନ୍ତି କି? ଯଦି ହଁ, ତେବେ ଆପଣଙ୍କୁ ଅଧିକ ଟଙ୍କା ଖର୍ଚ୍ଚ କରିବାକୁ ପଡିପାରେ । ବାସ୍ତବରେ ଆଗାମୀ ଦିନରେ ଘର ନିର୍ମାଣ ଖର୍ଚ୍ଚ ଆହୁରି ବୃଦ୍ଧି ପାଇବାକୁ ଯାଉଛି। ବ୍ରୋକରେଜ୍ ଫର୍ମ 'ସେଣ୍ଟ୍ରମ୍ ବ୍ରୋକିଂ'ର ନୂତନ ରିପୋର୍ଟ ଅନୁଯାୟୀ, ଚଳିତ ସେପ୍ଟେମ୍ବର ମାସରେ ସିମେଣ୍ଟ ଦର ବ୍ୟାଗ୍ ପିଛା ହାରାହାରି ୭ ଟଙ୍କା ବୃଦ୍ଧି ପାଇଥିବା ବେଳେ ଅକ୍ଟୋବର ମାସରେ ଏହା ଆହୁରି ୫ରୁ ୨୦ ଟଙ୍କା ପର୍ଯ୍ୟନ୍ତ ବଢ଼ିପାରେ। ରିପୋର୍ଟ ଅନୁସାରେ, ସେପ୍ଟେମ୍ବର ମାସରେ ସାରା ଦେଶରେ ସିମେଣ୍ଟର ହାରାହାରି ଟ୍ରେଡ୍ ମୂଲ୍ୟ ବ୍ୟାଗ୍ ପିଛା ୭ ଟଙ୍କା ବଢ଼ି ପ୍ରାୟ ୩୫୬ ଟଙ୍କାରେ ପହଞ୍ଚିଛି। ଜୁଲାଇ ଓ ଅଗଷ୍ଟ ମାସରେ ଦରରେ କୌଣସି ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିନଥିଲା। ତେବେ ସେପ୍ଟେମ୍ବରରେ ଦକ୍ଷିଣ ଭାରତରେ ସବୁଠାରୁ ଅଧିକ ବ୍ୟାଗ୍ ପିଛା ୧୧ ଟଙ୍କା ବୃଦ୍ଧି ପାଇଛି। ସେହିପରି ପଶ୍ଚିମ ଭାରତରେ ୯ ଟଙ୍କା ଏବଂ ମଧ୍ୟ, ପୂର୍ବ ଓ ଉତ୍ତର ଭାରତରେ ବ୍ୟାଗ୍ ପିଛା ପ୍ରାୟ ୫ ଟଙ୍କା ଲେଖାଏଁ ଦର ବଢ଼ିଛି। ଅକ୍ଟୋବର ମାସରେ ସିମେଣ୍ଟ କମ୍ପାନୀଗୁଡ଼ିକ ଦେଶର ବିଭିନ୍ନ ବଜାରରେ ସିମେଣ୍ଟ ଦର ପୁନର୍ବାର ବୃଦ୍ଧି କରିବାକୁ ପ୍ରୟାସ କରିପାରନ୍ତି। ନିକଟ ସପ୍ତାହଗୁଡ଼ିକରେ ଇନ୍ଧନ ଦରରେ ତୀବ୍ର ବୃଦ୍ଧି ଘଟିଥିବାରୁ କମ୍ପାନୀଗୁଡ଼ିକର ଉତ୍ପାଦନ ଓ ପରିବହନ ଖର୍ଚ୍ଚ ବଢ଼ିଛି, ଯାହା ଦର ବୃଦ୍ଧିର ମୁଖ୍ୟ କାରଣ ପାଲଟିଛି। ତେବେ ଏହି ବର୍ଦ୍ଧିତ ଦର ବଜାରରେ କେତେ ଦିନ ପର୍ଯ୍ୟନ୍ତ ତିଷ୍ଠି ରହିବ, ତାହା ନିର୍ମାଣ କାର୍ଯ୍ୟର ଚାହିଦା ଏବଂ ଡିଲରମାନଙ୍କ ସମ୍ମତି ଉପରେ ନିର୍ଭର କରିବ। ନିକଟରେ ଅଧିକ ବର୍ଷା ଯୋଗୁଁ କେତେକ ଅଞ୍ଚଳରେ ନିର୍ମାଣ କାର୍ଯ୍ୟ ମାନ୍ଦା ରହିଥିବା ବେଳେ ଅନ୍ୟ ଅଞ୍ଚଳଗୁଡ଼ିକରେ କାମ ସୁଚାରୁରୂପେ ଚାଲିଛି।



# ରେଡ୍ ବୁଲ୍‌କୁ ବଡ଼ ଆଶ୍ୱସ୍ତି ଲେଖିପାରିବ 'ଏନର୍ଜି ଡ୍ରିଙ୍କ'

ନୂଆଦିଲ୍ଲୀ,୩୦।୯:ବିଶ୍ୱପ୍ରସିଦ୍ଧ ପାନୀୟ କମ୍ପାନୀ 'ରେଡ୍ ବୁଲ୍'କୁ ଦିଲ୍ଲୀ ହାଇକୋର୍ଟରୁ ଏକ ବଡ଼ ଆଶ୍ୱସ୍ତି ମିଳିଛି। ଉତ୍ପାଦରୁ "Energy Drink" (ଏନର୍ଜି ଡ୍ରିଙ୍କ) ଶବ୍ଦ ହଟାଇବା ପାଇଁ ଭାରତୀୟ ଖାଦ୍ୟ ସୁରକ୍ଷା ଏବଂ ମାନକ ପ୍ରାଧିକରଣ ଦେଇଥିବା ନିର୍ଦ୍ଦେଶକୁ ହାଇକୋର୍ଟ ରଦ୍ଦ କରିଦେଇଛନ୍ତି। ଜଷ୍ଟିସ୍ ଅମିତ ମହାଜନଙ୍କ ଖଣ୍ଡପୀଠ ରେଡ୍ ବୁଲ୍‌ର ଆବେଦନ ଉପରେ ଶୁଣାଣି କରି FSSAIର ଗତ ଜୁନ୍ ୩୦ ତାରିଖର ନିର୍ଦ୍ଦେଶକୁ ଖାରଜ କରିଛନ୍ତି। କୋର୍ଟ ନିଜ ରାୟରେ କହିଛନ୍ତି ଯେ, ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପୂର୍ବରୁ କମ୍ପାନୀକୁ ନିଜର ପକ୍ଷ ରଖିବା ପାଇଁ କୌଣସି କାରଣ ଦର୍ଶାଅ ନୋଟିସ୍ ଦିଆଯାଇ ନଥିଲା। ଏହା ନିୟମର ଉଲ୍ଲଂଘନ ଅଟେ। କମ୍ପାନୀ ପକ୍ଷରୁ କୋର୍ଟରେ ଯୁକ୍ତି ଦର୍ଶାଯାଇଥିଲା ଯେ, ସେମାନେ ୨୦୦୨ ମସିହାରୁ ଭାରତରେ 'ଏନର୍ଜି ଡ୍ରିଙ୍କ' ଶବ୍ଦ ବ୍ୟବହାର କରିଆସୁଛନ୍ତି ଏବଂ ଏଫଏସଏସଏଆଇ ନିକଟରୁ ଏଥିପାଇଁ ଆବଶ୍ୟକୀୟ ଲାଇସେନ୍ସ ଓ ଅନୁମୋଦନ ମଧ୍ୟ ରହିଛି। ମାତ୍ର ଏଫଏସଏସଏଆଇ ବିନା କୌଣସି ପୂର୍ବ ସୂଚନାରେ ସିଧାସଳଖ ନିର୍ଦ୍ଦେଶ ଜାରି କରିଥିଲା। ତେବେ ହାଇକୋର୍ଟ ସ୍ପଷ୍ଟ କରିଛନ୍ତି ଯେ, କେବଳ ଆଇନଗତ ପ୍ରକ୍ରିୟାକୁ ନେଇ ଏହି ଆଦେଶ ରଦ୍ଦ କରାଯାଇଛି। 'ଏନର୍ଜି ଡ୍ରିଙ୍କ' ଶବ୍ଦର ବ୍ୟବହାର ଉପରେ କୌଣସି ଅନ୍ତିମ ନିଷ୍ପତ୍ତି ଦିଆଯାଇ ନାହିଁ। ଏଫଏସଏସଏଆଇ ଚାହିଁଲେ ନିୟମାନୁସାରେ ରେଡ୍ ବୁଲ୍‌କୁ କାରଣ ଦର୍ଶାଅ ନୋଟିସ୍ ଜାରି କରି, କମ୍ପାନୀର ପକ୍ଷ ଶୁଣିବା ପରେ ପୁନର୍ବାର ନୂଆ ନିଷ୍ପତ୍ତି ନେଇପାରିବ।



## ମ୍ଭି-୫୩ରୁ ବଜ୍ରକାପ୍ତା ଉଦ୍ଧାର

### ସୁସ୍ଥ ହେଲେ ପ୍ରାକୃତିକ ପରିବେଶରେ ଛଡ଼ାଯିବ



**ମାଲକାନଗିରି,୩୦।୯ (ସଂଚାର ବ୍ୟୁରୋ)**:ମାଲକାନଗିରି ଜିଲ୍ଲା ବାଲିମେଳା ବନାଞ୍ଚଳ ଅଧୀନ ଏମ୍ଭି-୫୩ ଗାଁରୁ ଏକ ବଜ୍ରକାପ୍ତା ଉଦ୍ଧାର କରାଯାଇଛି। ବୁଧବାର, ୩୦ ସେପ୍ଟେମ୍ବର ୨୦୨୬ରେ ସୋମନାଥପୁର ସେକ୍ସନ୍ ଅଧୀନ ପୁଷପାଲି ବିଟ୍‌ର ବନ କର୍ମଚାରୀମାନେ ସ୍ଥାନୀୟ ଲୋକଙ୍କ ସୂଚନା ଆଧାରରେ ଏହି ବଜ୍ରକାପ୍ତାକୁ ସୁରକ୍ଷିତ ଉଦ୍ଧାର କରିଛନ୍ତି।

ସୂଚନା ଅନୁଯାୟୀ, ଏମ୍ଭି-୫୩ ଗ୍ରାମର ବାସିନ୍ଦା ରବି ରାୟ ନିଜ ଘର ବାରିପଟେ କୁକୁର ଦୀର୍ଘ ସମୟ ଧରି ଭୁକୁଥିବା ଦେଖି ସେଠାକୁ ଯାଇଥିଲେ। ଏହି ସମୟରେ ସେ ଏକ ବଜ୍ରକାପ୍ତାକୁ ଦେଖି ବନ ବିଭାଗକୁ ଖବର ଦେଇଥିଲେ। ଘର ପଛପଟେ ଜଙ୍ଗଲ ଥିବାରୁ ବଜ୍ରକାପ୍ତାଟି ବାଟବଣା ହୋଇ ଗାଁ ଅଞ୍ଚଳକୁ ଆସିଥାଇପାରେ ବୋଲି ରବି ରାୟ କହିଛନ୍ତି।

ଖବର ପାଇବା ପରେ ପୁଷପାଲି ବିଟ୍‌ର ବନ କର୍ମଚାରୀମାନେ ଗାଁରେ ପହଞ୍ଚି ବଜ୍ରକାପ୍ତାଟିକୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ବର୍ତ୍ତମାନ ଏହାକୁ ଚିକିତ୍ସା ନିରୀକ୍ଷଣରେ ରଖାଯାଇଛି। ସମ୍ପୂର୍ଣ୍ଣ ସୁସ୍ଥ ଓ ମୁକ୍ତି ପାଇଁ ଉପଯୁକ୍ତ ବୋଲି ନିଶ୍ଚିତ ହେବା ପରେ ବନ ବିଭାଗର ନିୟମାନୁସାରେ ଏହାକୁ ପୁଣି ପ୍ରାକୃତିକ ଆବାସସ୍ଥଳୀରେ ଛାଡ଼ି ଦିଆଯିବ।

## ଗଣଦୁଷ୍କର୍ମ ମାମଲାରେ ଦୋଷୀଙ୍କୁ ଆଜୀବନ କାରାଦଣ୍ଡ

### *୩୦ ହଜାର ଟଙ୍କା ଲେଖାଏଁ ଜରିମାନା, ପୀଡ଼ିତାଙ୍କୁ ୧୦ ଲକ୍ଷ ଟଙ୍କା ସହାୟତା ନିର୍ଦ୍ଦେଶ*

**ସୁନ୍ଦରଗଡ଼,୩୦।୯ (ସଂଚାର ବ୍ୟୁରୋ)**: ଗଣଦୁଷ୍କର୍ମ ମାମଲାରେ ଦୁଇ ଜଣ ଦୋଷୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ ସହ ୩୦ ହଜାର ଟଙ୍କା ଲେଖାଏଁ ଜୋରିମାନା ଦେବାକୁ ରାୟ ପ୍ରକାଶ।ପୀଡ଼ିତାଙ୍କୁ ୧୦ ଲକ୍ଷ ଟଙ୍କା ସହାୟତା ପାଇଁ ନିର୍ଦ୍ଦେଶ।

୨୦୨୫ ମସିହାରେ ତଳସରା ଥାନା ଅଞ୍ଚଳରେ ଘଟିଥିବା ଏକ ନାବାଳିକା ଗଣଦୁଷ୍କର୍ମ ମାମଲାର ରାୟ ଆଜି ପ୍ରକାଶ ପାଇଛି। ମାମଲାର ଶୁଣାଣି କରି ସୁନ୍ଦରଗଡ଼ ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଦୁଇ ଅଭିଯୁକ୍ତ ଅଙ୍କିତ ଆପଟ ଓ ଲୁଲେନ୍ଦୁ ନାଏକଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି।

ମାମଲା ଅନୁଯାୟୀ, ଦୁଇ ଅଭିଯୁକ୍ତ ଜଣେ ନାବାଳିକାଙ୍କୁ ରାସ୍ତାରୁ ଜୋରଜବରଦସ୍ତ ଉଠାଇ ନେଇ ନିକଟସ୍ଥ ଜଙ୍ଗଲକୁ ନେଇଥିଲେ। ସେଠାରେ ତାଙ୍କ ସହ ଗଣଦୁଷ୍କର୍ମ କରିଥିବା ନେଇ ତଳସରା ଥାନାରେ ମାମଲା ରୁଜୁ ହୋଇଥିଲା।

ମାମଲାରେ ଉପସ୍ଥାପିତ ତଥ୍ୟ ଓ ସାକ୍ଷ୍ୟକୁ ବିଚାର କରି ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ଦୁଇ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡ ଦେଇଛନ୍ତି। ଏଥିସହ ଉଭୟଙ୍କୁ ୩୦ ହଜାର ଟଙ୍କା ଲେଖାଏଁ ଜୋରିମାନା ଦେବାକୁ ମଧ୍ୟ ନିର୍ଦ୍ଦେଶ ହୋଇଛି। ଜୋରିମାନା ଅନାଦାୟ ହେଲେ ଅତିରିକ୍ତ ଏକ ବର୍ଷ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ଅଦାଲତ ରାୟରେ ଉଲ୍ଲେଖ କରିଛନ୍ତି।

ଏହା ସହିତ ପୀଡ଼ିତା ନାବାଳିକାଙ୍କୁ ଆଇନ ସେବା ପ୍ରାଧିକରଣ ଜରିଆରେ ୧୦ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ପ୍ରଦାନ ପାଇଁ ମଧ୍ୟ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

## ଚାନ୍ଦୁଲି ଗ୍ରାମରେ ଯୁବତୀଙ୍କ ଆତ୍ମହତ୍ୟା ଅଭିଯୋଗ

**ହିଞ୍ଜିଳିକାଟୁ,୩୦।୯ (ସଂଚାର ବ୍ୟୁରୋ)**: ହିଞ୍ଜିଳି ଥାନା ଅନ୍ତର୍ଗତ ଚାନ୍ଦୁଲି ଗ୍ରାମ ବଡ଼ ସାହିରେ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି ।ଘରେ କେହି ନ ଥିବାର ସୁଯୋଗ ନେଇ ଜନୈକ ଯୁବତୀଜଣକ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି । ପରେ ରକ୍ତ ଜୁଡୁବୁଡୁ ମୃତଦେହକୁ ପରିବାର ବର୍ଗ ପ୍ରଥମେ ହିଞ୍ଜିଳି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ କିନ୍ତୁ ଡ଼ାକ୍ତର ମୃତ ଘୋଷଣା କରିଥିଲେ ।ମୃତ ଯୁବତୀ ହେଲେ ନର୍ମଦା ମହାରଣା (୨୧) ।

ସୂଚନା ଥାଉ କି, ତିନି ଭାଇଙ୍କ ମଧ୍ୟରୁ ମୃତ ନର୍ମଦାଙ୍କ ବାପା ଲକ୍ଷ୍ମଣ ମହାରଣା ପରିବାର ସହ ଉପର ଘରେ ରହୁଥିଲେ ।ତଳ ଘରେ ଦୁଇ ଭାଇ ରହୁଥିଲେ ।ଖରାବେଳେ ବାପା ମା ' ମନ୍ଦିରକୁ ଯାଇ ଘରକୁ ଫେରି ଖାଇ ଶୋଇପଡ଼ିଥିଲେ ।ଅପରାହ୍ନ ସମୟରେ ଝିଅକୁ ଡାକିବାରୁ ଶୁଣି ନ ଥିଲେ । ଝିଅର ବେକ ନିକଟରେ ଗଭୀର କ୍ଷତ ଚିହ୍ନ ରହିଛି ।ଘଟଣା ନେଇ ବାପା ହିଞ୍ଜିଳି ଥାନାରେ ଅଭିଯୋଗ କରିଛନ୍ତି ।ହିଞ୍ଜିଳି ଥାନାରେ ୨୬ /୨୦୨୬ରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଥାନାଧିକାରୀ ଶ୍ରୀନିବାସ ସେଠୀ ସୂଚନା ଦେଇଛନ୍ତି ।

### ନାବାଳିକା ଅପହରଣ ଓ ଦୁଷ୍କର୍ମ ଅଭିଯୋଗ

## ଅଭିଯୁକ୍ତକୁ ୨୩ ବର୍ଷ ସଶ୍ରମ କାରାଦଣ୍ଡ ସମେତ ୧୦ ହଜାର ଜୋରିମାନା

**ବାରିପଦା,୩୦।୯ (ସଂଚାର ବ୍ୟୁରୋ)**: ଏକ ନାବାଳିକା ଅପହରଣ ଓ ଦୁଷ୍କର୍ମ ଅଭିଯୋଗ ସଂକ୍ରାନ୍ତ ମାମଲାର ବିଚାର କରି ମାନ୍ୟବର ଆଡ଼ ହକ ଆଡିସନାଲ ଜିଲ୍ଲା ଓ ଦୌରାଜଜ ଫାଷ୍ଟଟ୍ରାକ ସ୍ପେଶାଲ କୋର୍ଟ ଅଣ୍ଡାର ପୋକ୍ସ ଆକ୍ଟ ସନ୍ତୋଷ କୁମାର ନାୟକ ଅଭିଯୁକ୍ତକୁ ଦଫା ୬ ଅଫ ଦା ପୋକ୍ସ ଆକ୍ଟ ୨୦୧୨ ଅନୁଯାୟୀ କୋଡିଏ ବର୍ଷ ସଶ୍ରମ କାରାଦଣ୍ଡ ସମେତ କୋଡିଏ ହଜାର ଟଙ୍କା ଅନାଦେୟ ଅଧିକ ଏକ ବର୍ଷ ସଶ୍ରମ କାରାଦଣ୍ଡ ରେ ଦଣ୍ଡିତ କରିଛନ୍ତି । ସେହିପରି ଦଫା ୧୩୭(୨)ଅଫ ଦା ବିଏନଏସ ୨୦୨୩ରେ ତିନି ବର୍ଷ ସଶ୍ରମ କରାଦଣ୍ଡ ସମେତ ଦଶ ହଜାର ଟଙ୍କା ଜୋରିମାନା ଅନାଦେୟ ଅଧିକ ଛଅ ମାସ ସଶ୍ରମ କାରାଦଣ୍ଡ ରେ ଦଣ୍ଡିତ କରିଛନ୍ତି । ଅଭିଯୁକ୍ତ ଜଣକ ହେଲା ମୟୁରଭଞ୍ଜ ଜିଲ୍ଲା କରଞ୍ଜିଆ ଥାନା ଅନ୍ତର୍ଗତ କରଞ୍ଜିଆ ପୌରାଞ୍ଚଳ ୱାର୍ଡ ନମ୍ବର ୯ ବାସିନ୍ଦା ଅଶୋକ କୁମାର ରାଉଳ ଏଲିଏସ ବାବୁଲା (୩୦) ।

ମାମଲାର ବିବରାଣୀ ରୁ ପ୍ରକାଶ ଯେ ଗତ ୨୦୨୫ ଅକ୍ଟୋବର ୧୯ତାରିଖ ସନ୍ଧ୍ୟା ସମୟରେ ଅଭିଯୁକ୍ତ ଷୋହଳ ବର୍ଷ ଜନୈକ ନାବାଳିକା କୁ ତାଙ୍କ ଘରୁ ଅପହରଣ କରିନେଇ ତାର ଜଣେ ସମ୍ପର୍କୀୟ ଙ୍କ ଘରେ ରଖି ତା ସହିତ ଦୁଷ୍କର୍ମ କରିଥିଲା । ପୀଡିତା ନାବାଳିକା ର ପିତା ମାତା ନିଜର ଦୋକାନ କୁ ଯାଇଥିବା ସମୟରେ ଏହାର ସୁଯୋଗ ନେଇ ଅଭିଯୁକ୍ତ ନାବାଳିକା କୁ ଘରୁ ନେଇ ପଳାଇଥିଲା । ଏ ବାବଦରେ ସାନ ଝିଅ ପାଖରୁ ଖବର ପାଇ ପିତା ମାତା ଘରକୁ ଆସିବା ପରେ ସବୁଆଡ଼େ ଖୋଜା ଖୋଜି କରି ଖବର ପାଇଲେ ଅଭିଯୁକ୍ତ ବାବୁଲା ତାଙ୍କ ଝିଅ କୁ ନେଇ ପଳାଇଛି । ଏ ବାବଦରେ ପୀଡ଼ିତା ଙ୍କ ପିତା ଙ୍କ ଅଭିଯୋଗ କ୍ରମେ କରଞ୍ଜିଆ ଥାନାରେ କେସ ନମ୍ବର ୩୫୬/୨୦-୧୦-୨୦୨୫ ରେ ଏକ ଦୁଷ୍କର୍ମ ମାମଲା ରୁଜୁ କରିବା ସହ ଅଭିଯୁକ୍ତ କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା । ମାନ୍ୟବର ଅଦଲତ ପକ୍ଷରୁ ସମସ୍ତ ସାକ୍ଷୀ ଏବଂ ଆବଶ୍ୟକୀୟ ପ୍ରମାଣପତ୍ର କୁ ଭିତ୍ତି କରି ଚୂଡାନ୍ତ ରାୟ ପ୍ରକାଶ ପାଇଅଛି। ଉକ୍ତ କେସକୁ ସରକାରୀ ଅଭିଯୋଗକ ପ୍ରଭାତ କୁମାର ବେହେରା ପରିଚାଳନା କରୁଥିବାବେଳେ ଜିଲ୍ଲା ଅଭିଯୋଗକ ନିର୍ଦ୍ଦେଶାଳୟ ତରଫରୁ କେସକୁ ନିରୀକ୍ଷଣ କରାଯାଉଥିଲା ।

## ଅଜଣା ମହିଳାଙ୍କ ମୃତଦେହ ଉଦ୍ଧାର

**ବାରିପଦା,୩୦।୯ (ସଂଚାର ବ୍ୟୁରୋ)**: ରାଇରଙ୍ଗପୁର ପୋଲିସ ଜିଲ୍ଲା ଅଧିନସ୍ଥ ବହଳଦା ଥାନା ଅଞ୍ଚଳର କାଦୁଆଣି ବଜାର ରୁ ଆଜି ସକାଳେ ଜନୈକ ଅଜଣା ମହିଳା ମୃତ ଦେହ ପଡ଼ିଥିବା ଖବର ପାଇ ବହଳଦା ଥାନାଧିକାରୀ ଭାସ୍କର ପ୍ରଧାନ ଙ୍କ ସମେତ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତ ମହିଳାକୁ ଉଦ୍ଧାର କରିଛନ୍ତି। ମୃତ ମହିଳା ଙ୍କ ବୟସ ପାଖା ପାଖି ୪୫ ବର୍ଷ ହେବ। ଏକ ଅପମୃତ୍ୟୁ ମାମଲା ରୁଜୁ ୭/୨୬ କରି ଶବ ବ୍ୟବଚ୍ଛେଦ ପାଇଁ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇବା ସହ ତଦନ୍ତ ଜାରି ରଖିଛନ୍ତି ।

# ଲକ୍ଷାଧିକ ଟଙ୍କାରେ ନିର୍ମିତ ଶୀତଳଭଣ୍ଡାର କୋମାରେ

### ବର୍ଷବର୍ଷ ଧରି ଅଚଳ ଯନ୍ତ୍ରାଂଶ



**ଫୁଲବାଣୀ,୩୦।୯ (ସଂଚାର ବ୍ୟୁରୋ)**: ଚାଷୀଙ୍କ ଅମଳ ଫସଲକୁ ସୁରକ୍ଷିତ ରଖି ଉଚିତ ମୂଲ୍ୟ ଦେବାର ଲକ୍ଷ୍ୟ ନେଇ ନିର୍ମିତ ଶୀତଳଭଣ୍ଡାର ଏବେ ନିଜେ ଜରାଜୀର୍ଣ୍ଣ। ଲକ୍ଷଲକ୍ଷ ଟଙ୍କା ବ୍ୟୟରେ ତିଆରି ହୋଇଥିବା ଏହି ସରକାରୀ ଭିତ୍ତିଭୂମି ବର୍ଷବର୍ଷ ଧରି ଅଚଳ ହୋଇ ପଡ଼ିରହିଛି। ମୂଲ୍ୟବାନ ଯନ୍ତ୍ରାଂଶ ପଡ଼ିପଡ଼ି ନଷ୍ଟ ହେଉଥିବା ବେଳେ ଚାଷୀଙ୍କ ଫସଲ ସଂରକ୍ଷଣର ସ୍ୱପ୍ନ ମଧ୍ୟ ଧୂଳିସାତ୍ ହେବାକୁ ବସିଛି।

ବାଲିଗୁଡ଼ା ତଥା ଏହାର ଆଖ ପାଖ ଅଞ୍ଚଳ ପନିପରିବା, ଅଦା, ହଳଦୀ ସମେତ ବିଭିନ୍ନ ଉଦ୍ୟାନଭିତ୍ତିକ ଫସଲ ଉତ୍ପାଦନର ଏକ ପ୍ରମୁଖ ଅଞ୍ଚଳ। ଚାଷୀଙ୍କ ଅମଳ ସାମଗ୍ରୀ ସଂରକ୍ଷଣ କରି ଅଭାବୀ ବିକ୍ରି ରୋକିବା ସହ ଉଚିତ ଦର ପାଇବାର ସୁଯୋଗ ସୃଷ୍ଟି ଉଦ୍ଦେଶ୍ୟରେ ୨୦୧୪ ମସିହାରେ ୩୬ ଲକ୍ଷ ୭୦ ହଜାର ଟଙ୍କା ବ୍ୟୟରେ ବାଲିଗୁଡ଼ା ଆଇଟିଡିଏ ଓ ଜାତୀୟ ଉଦ୍ୟାନ ମିଶନ ଯୋଜନା ଅଧୀନରେ ଉଦ୍ୟାନ ବିଭାଗର ମିଳିତ ଉଦ୍ୟମରେ ଏହି ଶୀତଳଭଣ୍ଡାର ନିର୍ମାଣ ହୋଇଥିଲା। ନିର୍ମାଣ ପରେ ଏହା ବ୍ଲକ କୃଷକ ସଂଗଠନକୁ ହସ୍ତାନ୍ତର ହୋଇଥିଲା। ପ୍ରାରମ୍ଭିକ ସମୟରେ ଚାଷୀମାନେ ଏହାର ସୁବିଧା ପାଇଥିଲେ। ହେଲେ ପରବର୍ତ୍ତୀ ସମୟରେ ରକ୍ଷଣାବେକ୍ଷଣ ଓ ପରିଚାଳନାର ଅଭାବରୁ ଏହା ଧୀରେଧୀରେ ଅଚଳ ହୋଇଗଲା। ଏବେ ଦୀର୍ଘ ସମୟ ଧରି ବ୍ୟବହାର ନ ହୋଇ ଯନ୍ତ୍ରାଂଶଗୁଡ଼ିକ ନଷ୍ଟ ହେବାକୁ ବସିଛି।

ସରକାରୀ ଅର୍ଥରେ ନିର୍ମିତ ସମ୍ପତ୍ତି ଏଭଳି ଅବ୍ୟବହୃତ ହୋଇ ନଷ୍ଟ ହେଉଥିବା ବେଳେ ଦାୟିତ୍ୱ କାହାର— ଏହାକୁ ନେଇ ଏବେ ପ୍ରଶ୍ନ ଉଠିଛି। ଗୋଟିଏ ପଟେ ଚାଷୀ ହାଡ଼ଭଙ୍ଗା ପରିଶ୍ରମ କରି ଅମଳ କରୁଛନ୍ତି, ଅନ୍ୟପଟେ ଉଚିତ ସଂରକ୍ଷଣ ବ୍ୟବସ୍ଥା ନଥିବାରୁ ଅନେକ ସମୟରେ ଅମଳ ସାମଗ୍ରୀକୁ କମ୍ ଦରରେ ବିକ୍ରି କରିବାକୁ ପଡୁଛି। ଏହାର ସିଧାସଳଖ ପ୍ରଭାବ ଚାଷୀଙ୍କ ଆୟ ଉପରେ ପଡୁଛି। ଏପରି ସ୍ଥିତିରେ ଶୀତଳଭଣ୍ଡାରର ଅବସ୍ଥା ଯାଞ୍ଚ କରି ନଷ୍ଟ ହୋଇଥିବା ଯନ୍ତ୍ରାଂଶ ବଦଳାଇବା, ଆବଶ୍ୟକ ମରାମତି କରିବା ଏବଂ ଏହାକୁ ଶୀଘ୍ର ପୁନଃ କାର୍ଯ୍ୟକ୍ଷମ କରିବାକୁ ଚାଷୀମାନେ ଉଦ୍ୟାନ ବିଭାଗ ନିକଟରେ ଦାବି ଜଣାଇଛନ୍ତି।

ଏନେଇ ଉଦ୍ୟାନ ବିଭାଗ ଅଧିକାରୀ ନିରଞ୍ଜନ ଦ୍ୱିବେଦୀ କହିଛନ୍ତି, ଶୀତଳଭଣ୍ଡାରକୁ ପୁନର୍ବାର କାର୍ଯ୍ୟକ୍ଷମ କରିବା ନେଇ ଚାଷୀମାନେ ତାଙ୍କୁ ଭେଟିଛନ୍ତି। ଏହାକୁ କିପରି ପୁନଃକାର୍ଯ୍ୟକ୍ଷମ କରାଯାଇ ପାରିବ, ସେନେଇ ପଦକ୍ଷେପ ନେବାକୁ ଚେଷ୍ଟା କରିବେ ବୋଲି ସେ କହିଛନ୍ତି। ୩୬ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଭିତ୍ତିଭୂମି ଯଦି ଚାଷୀଙ୍କ କାମରେ ନ ଆସି ଯନ୍ତ୍ରାଂଶ ସହ ନଷ୍ଟ ହୋଇଯାଏ, ତେବେ ଏହା କେବଳ ଏକ ଅଚଳ ଶୀତଳଭଣ୍ଡାର ନୁହେଁ, ସରକାରୀ ଯୋଜନାର ଉଦ୍ଦେଶ୍ୟ ଓ ରକ୍ଷଣାବେକ୍ଷଣ ବ୍ୟବସ୍ଥା ଉପରେ ମଧ୍ୟ ବଡ଼ ପ୍ରଶ୍ନଚିହ୍ନ।

## ବେଟି ବଚାଓ ବେଟି ପଢ଼ାଓ ବ୍ଲକସ୍ତରୀୟ ଯୁବ ସମାବେଶ



**ଭୁବନେଶ୍ୱର,୩୦।୯ (ସଂଚାର ବ୍ୟୁରୋ)**: ବେଟି ବଚାଓ ବେଟି ପଢ଼ାଓ (ବିବିବିପି) କାର୍ଯ୍ୟକ୍ରମ ଅଧୀନରେ ବାଲିଅନ୍ତା ବ୍ଲକସ୍ତରୀୟ ଯୁବ ସମାବେଶ ଆଜି ପ୍ରତାପଶାସନ ଡିଗ୍ରୀ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଯୁବପିଢ଼ିଙ୍କ ମଧ୍ୟରେ ଲିଙ୍ଗ ସମାନତା, ବାଳିକା ଶିକ୍ଷା, ସୁରକ୍ଷା ଏବଂ ବାଳିକାଙ୍କ ଅଧିକାର ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏହି ସମାବେଶର ମୁଖ୍ୟ ଉଦ୍ଦେଶ୍ୟ ଥିଲା।

କାର୍ଯ୍ୟକ୍ରମରେ ବାଲିଅନ୍ତା ବିଡିଓ ରଶ୍ମିତା ନାଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୁବଗୋଷ୍ଠୀ ସ୍ୱାବଲମ୍ବୀ ହେବାକୁ ସ୍ୱପ୍ନ ଦେଖିବା ଆବଶ୍ୟକ ବୋଲି କହିଥିଲେ | ଯୁବପିଢ଼ିଙ୍କୁ ବାଲ୍ୟବିବାହ ଭଳି ସାମାଜିକ କୁପ୍ରଥା ବିରୋଧରେ ସ୍ୱର ଉତ୍ତୋଳନ କରିବା ସହିତ ବାଳିକାଙ୍କ ଶିକ୍ଷା ଓ ସୁରକ୍ଷା ପାଇଁ ସକ୍ରିୟ ଭୂମିକା ନେବାକୁ ଆହ୍ୱାନ ଦେଇଥିଲେ ।

ମୁଖ୍ୟବକ୍ତା ଭାବେ ପ୍ରତାପଶାସନ ଡିଗ୍ରୀ କଲେଜର ଅଧ୍ୟକ୍ଷ ଶ୍ରୀ ଗଙ୍ଗାଧର ରାଉତ ଯୁବ ଗୋଷ୍ଠୀ ଏବେଠାରୁ ସମୟର ସଦୁପଯୋଗ କଲେ ସେମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ ବୋଲି କହିଥିଲେ। ଆଇସିଡିଏସ୍ ସୁପର ଭାଇଜର ସୌମ୍ୟା ସୁଚରିତା ସ୍ୱାଗତ ଭାଷଣ ଦେଇଥିବା ବେଳେ ଜିଲ୍ଲାସ୍ତରୀୟ ଅଧିକାରୀ ସମିତା ମହାନ୍ତି, ଶଶୀଭୂଷଣ ନାୟକ ଓ ଶୁଭଲକ୍ଷ୍ମୀ ନାୟକ ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିସହିତ ସମନ୍ୱିତ ଶିଶୁ ବିକାଶ ପକ୍ଷରୁ ସରୋଜିନୀ ବାରିକ, ନିବେଦିତା ପଟ୍ଟନାୟକ, ମିନତୀ ଦାଶ ଓ ସବିତା ସୋରେନ ଉପସ୍ଥିତ ରହିଥିଲେ।

ଏହି ଅବସରରେ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ସମାନ ସୁଯୋଗ ଓ ଅଧିକାର, ଲିଙ୍ଗ ସମାନତା, ବାଳିକାଙ୍କ ଶିକ୍ଷା ଓ ସୁରକ୍ଷା, ଲିଙ୍ଗଭିତ୍ତିକ ଭେଦଭାବ ଏବଂ ବାଲ୍ୟବିବାହର କୁପରିଣାମ ଉପରେ ଆଲୋଚନା କରାଯାଇଥିଲା। ବାଳିକାଙ୍କୁ ଶିକ୍ଷିତ, ସଶକ୍ତ ଓ ସୁରକ୍ଷିତ କରିବା ସହିତ ସମାଜରେ ସମାନତାର ଭାବନା ସୃଷ୍ଟି କରିବାରେ ଯୁବପିଢ଼ିଙ୍କ ଭୂମିକା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା।

## ଶରତର ଆଗମନରେ ମନ ମୋହୁଛି କାଶତଣ୍ଡୀ



**ହିଞ୍ଜିଳିକାଟୁ,୩୦।୯ (ସଂଚାର ବ୍ୟୁରୋ)**: ନା ସେ ବଗିଚାରେ ଫୁଟେ, ନା ସେ ଘର ଅଗଣାରେ ଫୁଟେ , ବିଲ, ମାଳ, ନଈକୂଳ ଅପନ୍ତରା ଇଲାକାରେ ଫୁଟେ ଆଉ ଆକର୍ଷଣର ପେଣ୍ଠସ୍ଥଳ ପାଲଟେ। ସୁଲୁସୁଲିଆ ପବନରେ ଦୋଳି ଖେଳିଖେଳି ବାଟୋଇଙ୍କୁ ଆନମନା କରେ କାଶତଣ୍ଡୀ। ଏମିତି କିଛି ସୁନ୍ଦର ଦୃଶ୍ୟପଟ୍ଟ ଦେଖିବାକୁ ମିଳିଛି ହିଞ୍ଜିଳିକାଟୁ -ସାରୁ ରାସ୍ତାର ଦୁଇ ପାଶ୍ୱରେ | ଧରାକୁ ଛୁଇଁଛି ପାର୍ବଣ । ସଜେଇ ହୋଇଛି ପ୍ରକୃତି ରାଣୀ । ମାଆ ଦୁର୍ଗାଙ୍କ ଆଗମନର ବାର୍ତ୍ତା ଦେଉଛି କାଶତଣ୍ଡୀ । ସତେ ଯେମିତି ମାଆଙ୍କ ସ୍ୱାଗତ ପାଇଁ ବାହୁମେଲାଇ ବସିଛି କାଶତଣ୍ଡୀ ଫୁଲ । ଏହି ଅପୂର୍ବ ଦୃଶ୍ୟ ବାଟୋଇଙ୍କୁ ଅଟକାଇ ଘଡିଏ ଚାହିଁ ରହିବାକୁ ବାଧ୍ୟ କରୁଛି । କାଶତଣ୍ଡୀ ମାଆ ଦୁର୍ଗାଙ୍କ ଆବାହନର ସଂକେତ ଦିଏ । ପାର୍ବଣ ଋତୁର ବନ୍ଦନା ଗାଇବା ପାଇଁ ସତେ ଯେମିତି ଆନମନା ହୋଇଉଠଛି ପ୍ରକୃତିରାଣୀ ।

## ଯୋଡ଼ା ବ୍ଲକରେ ତିନିଦିନିଆ ‘ଆଙ୍ଗନ କା ଉତ୍ସବ’

### ପୋଷଣ ସଚେତନତା ସହ ଅଙ୍ଗନବାଡ଼ି କେନ୍ଦ୍ର ସହ ସମୁଦାୟର ସଂପୃକ୍ତି ବୃଦ୍ଧି ଉପରେ ଗୁରୁତ୍ୱ



**ଯୋଡ଼ା,୩୦।୯ (ସଂଚାର ବ୍ୟୁରୋ)**: ମହିଳା ଓ ଶିଶୁଙ୍କ ପୋଷଣ, ସଚେତନତା ବୃଦ୍ଧି ଏବଂ ଅଙ୍ଗନୱାଡ଼ି କେନ୍ଦ୍ର ସହ ସମୁଦାୟର ସଂପୃକ୍ତି ବଢ଼ାଇବା ଉଦ୍ଦେଶ୍ୟରେ ଯୋଡ଼ା ବ୍ଲକରେ ତିନିଦିନିଆ ‘ଆଙ୍ଗନ କା ଉତ୍ସବ’ ପାଳିତ ହୋଇଛି। ସେପ୍ଟେମ୍ବର ୨୭ରୁ ୨୯ ତାରିଖ ପର୍ଯ୍ୟନ୍ତ ବ୍ଲକର ୧୨ଟି ଜୋନ୍ ଅନ୍ତର୍ଗତ ୨୯୧ଟି ଅଙ୍ଗନୱାଡ଼ି କେନ୍ଦ୍ରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

ଉତ୍ସବର ପ୍ରଥମ ଦିନ ୨୭ ସେପ୍ଟେମ୍ବରରେ ପରିବାର ସଦସ୍ୟଙ୍କ ଦ୍ୱାରା ପୋଷଣ ପିଠା ଓ ବିଭିନ୍ନ ପୁଷ୍ଟିକର ଖାଦ୍ୟ ପ୍ରସ୍ତୁତିର ପ୍ରଦର୍ଶନୀ କରାଯାଇଥିଲା। ସ୍ଥାନୀୟ ଭାବେ ଉପଲବ୍ଧ ଖାଦ୍ୟ ସାମଗ୍ରୀକୁ ନେଇ ବାପାମାନଙ୍କ ପାଇଁ ରେସିପି ପ୍ରତିଯୋଗିତା ମଧ୍ୟ ଆୟୋଜିତ ହୋଇଥିଲା। ପ୍ରତିଯୋଗିତାର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

୨୮ ସେପ୍ଟେମ୍ବରରେ ଶିଶୁ ଓ ସମୁଦାୟକୁ ନେଇ ବିଭିନ୍ନ ମନୋରଞ୍ଜନମୂଳକ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଖେଳ, ଚିତ୍ରାଙ୍କନ, ଜେଜେବାପା-ଜେଜେମା’ଙ୍କ ଦ୍ୱାରା କାହାଣୀ କହିବା, ଗୀତ ଓ ନୃତ୍ୟ ସହିତ ଅଙ୍ଗନୱାଡ଼ି ଶିଶୁଙ୍କ ପଢ଼ାଶୁଣା ସାମଗ୍ରୀ ପ୍ରଦର୍ଶନ କରାଯାଇଥିଲା। ଶିଶୁମାନଙ୍କୁ ପ୍ୟାକେଟ୍ ଲସି, ସ୍ଥାନୀୟ ଫଳ ଓ ମିଲେଟ୍ କୁକି ଭଳି ପୁଷ୍ଟିକର ଖାଦ୍ୟ ଦିଆଯାଇଥିଲା।

୨୯ ସେପ୍ଟେମ୍ବରରେ ଉତ୍ସବର ମୁଖ୍ୟ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ମହିଳା ଓ ଶିଶୁଙ୍କ ପାଇଁ ରହିଥିବା ବିଭିନ୍ନ ସରକାରୀ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ସଚେତନ କରାଯାଇଥିଲା। ପୋଷଣ, ସୁଭଦ୍ରା, ମମତା-ପିଏମ୍‌ଏମ୍‌ଭିୱାଇ, ପିଏମ୍-ଆବାସ ଓ ଆଦିକା ଭଳି ଯୋଜନାର ହିତାଧିକାରୀଙ୍କ ସହ ଆଲୋଚନା କରାଯାଇଥିଲା।

ଏହି ଅବସରରେ ଅଙ୍ଗନୱାଡ଼ି କର୍ମୀ, ସହାୟିକା ଓ ଆଶାକର୍ମୀଙ୍କୁ ସମ୍ମାନିତ କରାଯାଇଥିଲା। ରେସିପି ପ୍ରତିଯୋଗିତାର ବିଜେତାଙ୍କୁ ପୁରସ୍କାର ପ୍ରଦାନ ସହ ‘ତ୍ରିରଙ୍ଗା ପ୍ଲେଟ୍’ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରାଯାଇଥିଲା। ଏଥିରେ ଭାତ, ଡାଲମା, ଅଣ୍ଡା ତରକାରୀ, ଶାଗ, ଖଟା ଓ ସାଲାଡ୍ ଆଦି ସାମିଲ ଥିଲା।

## ପାରାଦୀପ ବେଳାଭୂମିରେ ଏଏମ୍/ଏନ୍ଏସ୍ ପୋର୍ଟସର ସ୍ୱଚ୍ଛତା ଅଭିଯାନ



**ପାରାଦୀପ,୩୦।୯ (ସଂଚାର ବ୍ୟୁରୋ)**:ଏଏମ୍/ଏନ୍ଏସ୍ ପୋର୍ଟସ୍ ପକ୍ଷରୁ ସିଏସ୍ଆର୍ କାର୍ଯ୍ୟକ୍ରମ ‘ପ୍ରୋଜେକ୍ଟ ଗ୍ରୀନ୍’ ଅଧୀନରେ ପାରାଦୀପ ସମୁଦ୍ର ବେଳାଭୂମିରେ ଏକ ବ୍ୟାପକ ସ୍ୱଚ୍ଛତା ଅଭିଯାନ ଆୟୋଜିତ ହୋଇଯାଇଛି। ଉପକୂଳ ପରିବେଶର ସୁରକ୍ଷା ସହ ସ୍ୱଚ୍ଛତା ପ୍ରତି ସାମାଜିକ ଦାୟିତ୍ୱବୋଧ ସୃଷ୍ଟି କରିବା ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ ଥିଲା।

ଏହି ଅଭିଯାନରେ ପାରାଦୀପ ପୌରପାଳିକା ଅଧ୍ୟକ୍ଷ ବସନ୍ତ ବିଶ୍ୱାଳ ଏବଂ ଏଏମ୍/ଏନ୍ଏସ୍ ଇଣ୍ଡିଆ ପାରାଦୀପ ପେଲେଟ୍ ପ୍ଲାଣ୍ଟ ମୁଖ୍ୟ ଭାବେଶ ଝା ପ୍ରମୁଖ ଉପସ୍ଥିତ ଥିଲେ। ଏଏମ୍/ଏନ୍ଏସ୍ ପୋର୍ଟସ୍ କର୍ମଚାରୀ, ପୌରପାଳିକା ଅଧିକାରୀ, ବିଦ୍ୟାଳୟ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ସମେତ ପ୍ରାୟ ୭୫ ଜଣ ଅଂଶଗ୍ରହଣ କରିଥିଲେ।

ଅଭିଯାନ ସମୟରେ ଅଂଶଗ୍ରହଣକାରୀମାନେ ବେଳାଭୂମିରୁ ବିଭିନ୍ନ ପ୍ରକାରର ଆବର୍ଜନା ସଂଗ୍ରହ କରିଥିଲେ। ଏହି ଅଭିଯାନରେ ୧୭୦ କିଲୋଗ୍ରାମରୁ ଅଧିକ ଆବର୍ଜନା ସଂଗ୍ରହ କରାଯାଇ ପୌର କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯାଇଥିଲା।

## ଭଏସ ଅଫ ମିଡ଼ିଆ କନ୍ଧମାଳ ୟୁନିଟ ପକ୍ଷରୁ ସାଧାରଣ ବୈଠକ



**ଫୁଲବାଣୀ,୩୦।୯ (ସଂଚାର ବ୍ୟୁରୋ)**: କନ୍ଧମାଳ ଜିଲ୍ଲା ସ୍ଥାନୀୟ ମେଗା ନର୍ସରୀ ଠାରେ ଭଏସ ଅଫ ମିଡ଼ିଆ କନ୍ଧମାଳ ୟୁନିଟ ପକ୍ଷରୁ ସାଧାରଣ ବୈଠକ ଜିଲ୍ଲା ସଭାପତି ତଥା ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଶିବାନନ୍ଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକ ମୁଖ୍ୟ ଅତିଥି ଭାବେ ସଙ୍ଗଠନର ରାଜ୍ୟ ସଭାପତି ପ୍ରଭାତ ମିଶ୍ର ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ପ୍ରେସ କ୍ଲବ ଫାଉଣ୍ଡର ମେମ୍ବର ସୁବାସ ଚନ୍ଦ୍ର ପ୍ରଧାନ, ଜିଲ୍ଲା କମିଟି ଉପଦେଷ୍ଟା ତଥା ପ୍ରେସ କ୍ଲବ ଫାଉଣ୍ଡର ମେମ୍ବର ଗୋପାଳ କୃଷ୍ଣ ପଟ୍ଟନାୟକ, ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ସନ୍ତୋଷ କୁମାର ଦିଗାଲ, ରାଜ୍ୟ ଉପ ସଭାପତି ବି ଭି ଶଙ୍କର, ସେହିପରି ସଂମ୍ମାନିତ ଅତିଥି ଭାବେ କନ୍ଧମାଳ ଜିଲ୍ଲା ମିଡ଼ିଆ ଫୋରମ ସଭାପତି ସୁନୀଲ କୁମାର ବିଶ୍ୱାଳ, ଓଡିଶା ସାମ୍ବାଦିକ ସଙ୍ଘ ସଭାପତି ରାଧାମୋହନ ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଫାଉଣ୍ଡର ମେମ୍ବର ଫିଲି ମୋହନ ନାୟକ,ଆଇନ ଉପଦେଷ୍ଟା ଆଦିତ୍ୟ ପ୍ରସାଦ ତ୍ରିପାଠୀ ପ୍ରମୁଖ ଯୋଗ ଦେଇ ସାମ୍ବାଦିକ ଓ ସାମ୍ବାଦିକଙ୍କ ସ୍ୱାର୍ଥ ସଂଗଠନର ଭବିଷ୍ୟତ କାର୍ଯ୍ୟଧାରା ସମ୍ପର୍କରେ ନିଜର ସୁଚିନ୍ତିତ ମତାମତ ପ୍ରକାଶ କରିଥିଲେ ।

## ଗାନ୍ଧୀ ଜୟନ୍ତୀଠାରୁ ଗୋପବନ୍ଧୁ ଜୟନ୍ତୀ ପର୍ଯ୍ୟନ୍ତ ପଦଯାତ୍ରା ନେଇ ପ୍ରସ୍ତୁତି ବୈଠକ

### *ବିଭିନ୍ନ ପଞ୍ଚାୟତରେ ହୋଇଥିବା ଦୁର୍ନୀତିକୁ ନେଇ ୭ରେ ନୀଳଗିରି ବ୍ଲକ ଘେରାଉ*



**ନୀଳଗିରି,୩୦।୯ (ସଂଚାର ବ୍ୟୁରୋ)**: ସାମ୍ପ୍ରତିକ ପରିସ୍ଥିତି ରେ ନୀଳଗିରି ବ୍ଲକରେ ବିଭିନ୍ନ କାର୍ଯ୍ୟରେ ଦୁର୍ନୀତି ଏବଂ ଅନ୍ୟାନ୍ୟ ସମସ୍ୟାକୁ ନେଇ ଆଜି ପୂର୍ବାହ୍ନ ୧୧ଘଟିକା ସମୟରେ ସ୍ଥାନୀୟ ବିଜେଡ଼ି କାର୍ଯ୍ୟାଳୟ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ବିଧାୟକ ଇଂ ସୁକାନ୍ତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ରେ ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା। ସାମ୍ପ୍ରତିକ ପରିସ୍ଥିତିରେ ନୀଳଗିରି ବ୍ଲକରେ ବିଭିନ୍ନ କାର୍ଯ୍ୟରେ ଦୁର୍ନୀତି, ଭତ୍ତା ବଣ୍ଟନରେ ବ୍ୟାପକ ପାତର ଅନ୍ତର ଦୁର୍ନୀତି , ପାଠ୍ୟ ପୁସ୍ତକ ରେ ମୁଦ୍ରଣ ଜନିତ ତ୍ରୁଟି ପ୍ରମୁଖ ଦାବୀ ନେଇ ବିଜେଡ଼ି ପକ୍ଷରୁ ପ୍ରତିବାଦ ସଭା ଅନୁଷ୍ଠିତ ହେବ। ଦଳର ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ଅକ୍ଟୋବର ୨ରୁ ନଭେମ୍ବର ୨ ପର୍ଯ୍ୟନ୍ତ ବିଜେଡ଼ି ପକ୍ଷରୁ ପ୍ରତି ଗ୍ରାମରେ ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହେବାକୁ ସ୍ଥିର ହୋଇ ଥିବାବେଳେ ଆସନ୍ତା ୬ତାରିଖରେ ଔପଦା ବ୍ଲକ ରେ ଜନସମ୍ପର୍କ ପଦଯାତ୍ରା ଏବଂ ଆସନ୍ତା ୭ ତାରିଖରେ ନୀଳଗିରି ବ୍ଲକ ଘେରାଉ ହେବା ନେଇ ନିଷ୍ପତ୍ତି ନିଆଯାଇଥିଲା।

ଆସନ୍ତା ୧୬ତାରିଖରେ ବିଜେଡ଼ି ସଭାପତି ନବୀନ ପଟ୍ଟନାୟକଙ୍କ ୮୦ ତମ ଜନ୍ମ ଦିବସ ପୂର୍ତ୍ତି ଅବସରରେ ନୀଳଗିରି ଠାରେ ଏକ ବିଶାଳ ରକ୍ତଦାନ ଶିବିରବିଜେଡି କାର୍ଯ୍ୟାଳୟ, ନୀଳଗିରି ଠାରେ ଅନୁଷ୍ଠିତ ହେବା ନେଇ ନିଷ୍ପତ୍ତି ନିଆଯାଇଥିଲା। କାର୍ଯ୍ୟକ୍ରମ ରେ ଅନ୍ୟ ମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ, ଜିଲ୍ଲା ବିଜେଡ଼ି ଉପସଭାପତି ଗଙ୍ଗାଧର ମିଶ୍ର, ସାଧାରଣ ସମ୍ପାଦକ ରବୀନ୍ଦ୍ର ପରିଡ଼ା, ନୀଳଗିରି ବ୍ଲକ ସଭାପତି ରାଜୀବ ଦାସବାବୁ, ଯୁବ ବିଜେଡ଼ି ନେତା ରାମକୃଷ୍ଣ ମହାପାତ୍ର, ନୀଳଗିରି ନଗର କମିଟି ସାଧାରଣ ସମ୍ପାଦକ ସୁନୀଲ ପ୍ରଧାନ, ପୂର୍ବତନ ନଗରପାଳ ଓ ଜିଲ୍ଲା ସାଧାରଣ ସମ୍ପାଦକ ରାଧା ଗୋବିନ୍ଦ ଖଟୁଆ, ଆରବନ୍ଧ ଗ୍ରାଃ ପ ସରପଞ୍ଚ କୁଳମଣି ନାୟକ, ପିଠାହଟା ଗ୍ରାଃ ପ ପୂର୍ବତନ ସରପଞ୍ଚ ଭଜମନ ନାୟକ,ନରଣପୁର ଗ୍ରାଃ ପ ପୂର୍ବତନ ସରପଞ୍ଚ ସୁରେନ୍ଦ୍ର ସିଂ,

କେଶିପୁର ସରପଞ୍ଚ ବାସନ୍ତି ହେମ୍ବ୍ରମ, ପଞ୍ଚାୟତ ଯୁବ ନେତା

ଶ୍ରୀନିବାସ ବାଗ, ଛତ୍ରପୁର ସରପଞ୍ଚ ମାଳତୀ ମାରାଣ୍ଡି, ଛତ୍ରପୁର ପଞ୍ଚାୟତ ସଭାପତି ବିଦ୍ୟାଧର ଦଳେଇ,ନାଏବ ସରପଞ୍ଚ ହରେକୃଷ୍ଣ ମାଝୀ,

ଧିରେନ୍ଦ୍ର ମୁଦୁଲି, ଡିଏନପୁର ଗ୍ରାଃ ପ ଯୁବନେତା ଶ୍ରୀକାନ୍ତ ପରିଡ଼ା, ପ୍ରହ୍ଲାଦ ବିନ୍ଧାଣୀ, ମାନସ ରାଉତ, ମହେଶ୍ୱର ଗୋଛାୟତ ପ୍ରମୁଖ ଶତାଧିକ ଦଳୀୟ ନେତା ଓ କର୍ମୀ ଉପସ୍ଥିତ ଥିଲେ।

# ପିଲାଙ୍କ ପାଟିରୁ ଲଡୁ ଛଡ଼ାଇ ଟଙ୍କା ହଡ଼ପ



**କାକଟପୁର /ଅସ୍ତରଙ୍ଗ,୩୦।୯ (ସଂଚାର ବ୍ୟୁରୋ)**: ରାଜ୍ୟ ସରକାର ଶିଶୁଙ୍କ ପୁଷ୍ଟିସାର ବୃଦ୍ଧି, ରକ୍ତହୀନତା ଦୂର, ସ୍କୁଲରେ ନାମ ଲେଖା ଓ ଉପସ୍ଥାନ ବଢ଼ାଇବା ପାଇଁ ଆରମ୍ଭ କରିଥିବା ଅତି ମହତ୍ୱାକାଂକ୍ଷୀ ମାଣ୍ଡିଆ ଲଡୁ ଯୋଜନା ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ସମ୍ପୂର୍ଣ୍ଣ ବାଟବଣା ହେଉଛି ବୋଲି ସଙ୍ଗୀନ ଅଭିଯୋଗ ହୋଇଛି। ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନରେ ଥିବା ୧୩୧ଟି ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସହ ୨୨ଟି ଉଚ୍ଚ ବିଦ୍ୟାଳୟ, ମୋଟ ୧୫୩ଟି ସରକାରୀ ବିଦ୍ୟାଳୟରେ ସରକାରୀ ଗାଇଡଲାଇନ ଅନୁଯାୟୀ ଲଡୁ ବଣ୍ଟନ ହେଉନାହିଁ। ଏହାକୁ ନେଇ ବିଭିନ୍ନ ଗ୍ରାମରେ ଅଭିଭାବକ, ଛାତ୍ରଛାତ୍ରୀ ଓ ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ଓ ଉତ୍ତେଜନା ପ୍ରକାଶ ପାଇଛି। ଲୋକେ ଏହାକୁ ପିଲାଙ୍କ ମୁହଁରୁ ପୋଷଣ ଛଡାଇବା ବୋଲି କହିଛନ୍ତି।

ସରକାରୀ ନିର୍ଦ୍ଦେଶ ଅନୁଯାୟୀ ୧ ଏପ୍ରିଲ ୨୦୨୫ ରୁ ପିଏମ ପୋଷଣ (ପ୍ରଧାନମନ୍ତ୍ରୀ ପୋଷଣ ଯୋଜନା) ଏବଂ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା ଅଧୀନରେ ସପ୍ତାହକୁ ୩ ଦିନ ମଙ୍ଗଳବାର, ଗୁରୁବାର ଏବଂ ଶନିବାର ସକାଳ ପ୍ରାର୍ଥନା ପରେ ପ୍ରତି ପିଲାକୁ ୩.୫୦ ଟଙ୍କା ମୂଲ୍ୟର ୩୪ ଗ୍ରାମ ଓଜନର ମାଣ୍ଡିଆ, ବାଦାମ, ରାଶି, ଗୁଡ ଓ ଘିଅ ମିଶ୍ରିତ ପୁଷ୍ଟିକର ଲଡୁ ଦେବା କଥା। ଏହା ୩୦୬ କିଲୋ କ୍ୟାଲୋରୀ ଶକ୍ତି ଓ ଆଇରନ ଦେବ। ସ୍କୁଲର କୁକ୍ କମ୍ ହେଲ୍ପର ଏହା ପ୍ରସ୍ତୁତ କରିବେ ବୋଲି ଏସଓପି ଜାରି ହୋଇଛି। ହେଲେ ଅସ୍ତରଙ୍ଗରେ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଓଲଟା। ଅନେକ ସ୍କୁଲରେ ମାସ ମାସ ଲଡୁ ମିଳୁନି।

ଅଭିଭାବକମାନେ ଅଭିଯୋଗ କରିଛନ୍ତି ଯେ ଗଣମାଧ୍ୟମରେ ଖବର ପ୍ରକାଶିତ ହେଲେ କାଁ ଭାଁ ସ୍କୁଲରେ ବଜାରରୁ ମାତ୍ର ୧ ଟଙ୍କିଆ ଶସ୍ତା ଓ ନିମ୍ନମାନର ରଙ୍ଗ ମିଶା ଲଡୁ କିଣି କିଛି ପିଲାଙ୍କୁ ଦେଇ ଫଟୋ ଉଠାଇ ରିପୋର୍ଟ ପଠାଉଛନ୍ତି। ପ୍ରକୃତ ମାଣ୍ଡିଆ ଲଡୁ ପାଇଁ ଆସୁଥିବା ଅର୍ଥ ଆତ୍ମସାତ ହେଉଥିବା ଆଶଙ୍କା ଘନୀଭୂତ। ପ୍ରଧାନଶିକ୍ଷକ କୁକ୍ କମ୍ ହେଲ୍ପରଙ୍କୁ ହାତ କରି କେବଳ କାଗଜରେ ହିସାବ ଦେଖାଉଛନ୍ତି। ଉପସ୍ଥିତ ପିଲା ସଂଖ୍ୟା କମ ଦେଖାଇ ବିଲ ଉଠାଣ ହେଉଛି।

ଏହା ପଛର ମୁଖ୍ୟ କାରଣ ହେଉଛି ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀକାନ୍ତ ସ୍ୱାଇଁଙ୍କ ମୁଣ୍ଡରେ ୩ ମୁକୁଟ। ସେ କାକଟପୁର ମଣ୍ଡଳ ଶିକ୍ଷାଅଧିକାରୀ , ଅସ୍ତରଙ୍ଗ ମଣ୍ଡଳ ଶିକ୍ଷା ଅଧିକାରୀ ଏବଂ ପିଏମ ଶ୍ରୀ କାକଟପୁର ହାଇସ୍କୁଲ ପ୍ରଧାନଶିକ୍ଷକ। ଜଣେ ଲୋକ ୩ ଦାୟିତ୍ୱ ସମ୍ଭାଳିବା ଅସମ୍ଭବ। ତେଣୁ ୧୫୩ ସ୍କୁଲ ଯାଞ୍ଚ, ଲଡୁର ମାନ ପରୀକ୍ଷା ଓ ସ୍ଥିତି ଅନୁଧ୍ୟାନ ପାଇଁ ତାଙ୍କ ପାଖରେ ସମୟ ନାହିଁ। ତାଙ୍କ ଅଧୀନ ୧୩ଟି କ୍ଲଷ୍ଟରର ସିଆରସିସି ଅଫିସ ସମୟ ପରେ ମନମୁଖୀ କାମ କରୁଛନ୍ତି। ଯାଞ୍ଚ ଅଭାବରୁ ପିଲା ପୋଷଣରୁ ବଞ୍ଚିତ।

ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବା ଜରୁରୀ ବୋଲି ଅଭିଭାବକ କହିଛନ୍ତି।




# ଜୁସ୍‌ରୁ ମିଳିଥାଏ ନ୍ୟାଚୁରାଲ ଗ୍ଲୋଇଂ ସ୍କିନ୍



**ଯଦି ଆପଣ ନିଜର ସ୍କିନରେ ଗ୍ଲୋ ଆଣିବାକୁ ଚାହୁଁଛନ୍ତି, ତେବେ ଆପଣଙ୍କୁ ଆମେ ଏକ ସହଜ ଉପାୟ ବତାଇବୁ । ଏପରି କିଛି ଡ୍ରିଙ୍କସ ରହିଛି ଯାହା ଆମ ସ୍ୱାସ୍ଥ୍ୟ ଏବଂ ସ୍କିନ୍ ଉଭୟ ପାଇଁ ଫଳପ୍ରଦ ହୋଇଥାଏ। ଆମେ ଆପଣଙ୍କୁ ଏପରି ହେଲ୍ଦି ଡ୍ରିଂକ୍ସ ବିଷୟରେ କହିବୁ ଯାହା ଆପଣଙ୍କ ସ୍ୱାସ୍ଥ୍ୟ ତଥା ତ୍ୱଚା ପାଇଁ ଖୁବ ଲାଭଦାୟକ ହେବ। ପ୍ରତିଦିନ ଏହାକୁ ପିଇଲେ ଆପଣଙ୍କ ତ୍ୱଚାରେ ନ୍ୟାଚୁରାଲ ଗ୍ଲୋ ଆସିବ। ତେବେ ଆସନ୍ତୁ ଏହି ସବୁ ଜୁସ ବିଷୟରେ ଜାଣିବା।**

**ବିଟରୁଟ ଜୁସ୍:** ବିଟ୍ ଶୀତଦିନେ ଆସୁଥିବା ହେଲ୍ଦି ପନିପରିବା ମଧ୍ୟରେ ଅନ୍ୟତମ। ସ୍ୱାସ୍ଥ୍ୟ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ମଧ୍ୟ ଏହାର ଅନେକ ଲାଭ ମଧ୍ୟ ରହିଛି। ଏହି ଜୁସ ବ୍ଲଡ ପ୍ରେସର କମ କରିବା ସହିତ ଷ୍ଟାମିନା ଏବଂ ମସଲ୍ସ ମାସ ମଧ୍ୟ ବଢ଼ାଇଥାଏ। ଏହା ବ୍ୟତୀତ ଏହି ଜୁସ ଆପଣଙ୍କ ଓଜନକୁ ନିୟନ୍ତ୍ରଣରେ ରଖିବ। ଏହା ତ୍ୱଚାକୁ ପ୍ରାକୃତିକ ଭାବରେ ଚମକାଇଥାଏ ଏବଂ ପ୍ରତିଦିନ ଏହାର ରସ ପିଇବା ଦ୍ୱାରା ତ୍ୱଚାର ରଙ୍ଗ ମଧ୍ୟ ଉନ୍ନତ ହୋଇଥାଏ।

**ଗାଜର ଜୁସ୍ଃ** ଗାଜର ମଧ୍ୟ ଏକ ହେଲ୍ଦି ଶୀତକାଳୀନ ପରିବା, ପ୍ରତିଦିନ ଏହାର ରସ ପିଇବା ଦ୍ୱାରା ତ୍ୱଚା ପ୍ରାକୃତିକ ଭାବରେ ସୁସ୍ଥ ରହିଥାଏ। ଗାଜରରେ ଆଣ୍ଟିଅକ୍ସିଡାଣ୍ଟ, ଭିଟାମିନ୍ ସି ଏବଂ ବିଟା-କାରୋଟିନ୍ ଭରପୂର ମାତ୍ରାରେ ଥାଏ ଏବଂ ଆପଣମାନେ ତ ଜାଣିଥିବେ ଭିଟାମିନ୍ ସି ଆମ ତ୍ୱଚା ପାଇଁ କେତେ ଲାଭଦାୟକ। ଏହା ଆମ ତ୍ୱଚାରେ ନ୍ୟାଚୁରାଲ ଗ୍ଲୋ ଆଣିଥାଏ ଏବଂ ଚର୍ମକୁ ବାହ୍ୟ ଡ୍ୟାମେଜରୁ ମଧ୍ୟ ରକ୍ଷା କରିଥାଏ। ଏଥିସହ ଏହାର ଦୈନନ୍ଦିନ ବ୍ୟବହାର ହଜମ ପ୍ରକ୍ରିୟାକୁ ଉନ୍ନତ କରିଥାଏ ଏବଂ ଆପଣଙ୍କ ୱେଟ ମେଣ୍ଟେନ ରହିଥାଏ।

**କାକୁଡି ଜୁସ୍:** କାକୁଡି ପ୍ରତ୍ୟେକ ଋତୁରେ ଖୁବ୍ ସହଜରେ ମିଳିଯାଇଥାଏ। ଏଥିରେ ପ୍ରଚୁର ପରିମାଣର ଜଳ ରହିଛି। ଯାହା ଆପଣଙ୍କ ତ୍ୱଚାକୁ ହାଇଡ୍ରେଟ୍ କରିଥାଏ। ଏହାର ଜୁସ ପିଇବା ଦ୍ୱାରା ଏହା ତ୍ୱଚାର ଡ୍ରାଏନେସ ଦୂର କରିଥାଏ ଏବଂ ସ୍କିନରେ ଏକ୍ସଟ୍ରା ଅଏଲ ରହେନାହିଁ ଯାହା ଦ୍ୱାରା ପିମ୍ପଲ୍ସ ହୋଇନଥାଏ। ଏହା ପେଟ ମଧ୍ୟ ସଫା ରଖିଥାଏ ଏବଂ ସ୍କିନ ନ୍ୟାଚୁରାଲ ଭାବରେ ଗ୍ଲୋ କରେ।

**ପାଳଙ୍ଗ ଜୁସ୍ଃ** ପାଳଙ୍ଗ ଆଣ୍ଟିଅକ୍ସିଡାଣ୍ଟରେ ଭରପୂର। ଏହି ପରିବା ଆମ ତ୍ୱଚା ପାଇଁ ମଧ୍ୟ ବହୁତ ଲାଭଦାୟକ। ଏହାର ରସ ପିଇବା ଦ୍ୱାରା ସ୍କିନ ଡ୍ୟାମେଜ ହୁଏ ନାହିଁ, ଏଥିରେ ପ୍ରଚୁର ପରିମାଣରେ ଭିଟାମିନ୍ ସି ରହିଥାଏ ଯାହା ଆମ ତ୍ୱଚାରେ ପ୍ରାକୃତିକ ଚମକ ଆଣିଥାଏ।

**ଟମାଟୋ ଜୁସ୍ଃ** ଟମାଟୋରେ ଭିଟାମିନ୍ ସି ପ୍ରଚୁର ପରିମାଣରେ ମିଳିଥାଏ। ଏଥିରେ ଥିବା ଭିଟାମିନ୍ ସି ଆମ ସ୍କିନ ପାଇଁ ଅତ୍ୟନ୍ତ ଲାଭଦାୟକ ହୋଇଥାଏ। ଏହା ଦ୍ୱାରା ଆମ ତ୍ୱଚା ଡ୍ରାଏ ହୋଇନଥାଏ ଏବଂ ଏହା ଆମ ଚର୍ମକୁ ସୂର୍ଯ୍ୟର କ୍ଷତିକାରକ କିରଣରୁ ମଧ୍ୟ ରକ୍ଷା କରିଥାଏ। ଯାହାଦ୍ୱାରା ସ୍କିନ ନ୍ୟାଚୁରାଲ ଗ୍ଲୋ କରିଥାଏ।

**ପୁଦିନା ଏବଂ ଲେମ୍ବୁ ରସଃ** ପୁଦିନା ଗ୍ୟାସ୍ ଏବଂ ଏସିଡିଟି ଭଳି ସମସ୍ୟାରୁ ମୁକ୍ତି ଦେଇଥାଏ। ଲେମ୍ବୁ ଭିଟାମିନ୍ ସିର ଏକ ଉତ୍ସ ହୋଇଥିବାରୁ ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରି ରକ୍ତକୁ ପରିଷ୍କାର କରିବାରେ ସାହାଯ୍ୟ କରେ। ଏହି ସବୁ ଜୁସ ଆମ ଶରୀର ପାଇଁ ବରଦାନ ସଦୃଶ ହୋଇଥାଏ।

# କେଉଁ କାରଣରୁ ହୃଦଘାତର ଆଶଙ୍କା ବଢ଼ିଥାଏ



ତାପମାତ୍ରା ହ୍ରାସ ହୃଦରୋଗ ଉପରେ ଅତିରିକ୍ତ ଚାପ ପକାଇପାରେ। ହୃଦ ରୋଗୀ ଏବଂ ଅନ୍ୟ ଲୋକଙ୍କ ପାଇଁ ସତର୍କ ରହିବା ଗୁରୁତ୍ୱପୂର୍ଣ୍ଣ। ଡାକ୍ତରମାନେ ସତର୍କ କରାଇ ଦେଇଛନ୍ତି ଯେ, ଶୀତଦିନେ ଶାରୀରିକ ଚାପ ଏବଂ ଥଣ୍ଡା ପାଗ ଯୋଗୁଁ ଜୀବନଶୈଳୀରେ ପରିବର୍ତ୍ତନ ଆସିବା ହେତୁ ହୃଦଘାତର ଆଶଙ୍କା ବହୁତ ବଢ଼ିଯାଏ। ବିଶେଷଜ୍ଞମାନେ କହିଛନ୍ତି ଯେ, ତାପମାତ୍ରା ହ୍ରାସ ହାର୍ଟ ଉପରେ ଅତିରିକ୍ତ ଚାପ ପକାଇଥାଏ। ବିଶେଷକରି ବୟସ୍କ ଏବଂ ଉଚ୍ଚ ରକ୍ତଚାପ, ମଧୁମେହ ଏବଂ କରୋନାରୀ ରୋଗ ଥିବା ଲୋକଙ୍କୁ ବେଶୀ କ୍ଷତି କରେ। ହୃଦଘାତ କାହିଁକି ବୃଦ୍ଧି ପାଏ, ତାର କାରଣ ସଂପର୍କରେ ବିଏମ୍ ବିର୍ଲା ହସ୍ପିଟାଲର ବରିଷ୍ଠ ହୃଦରୋଗ ବିଶେଷଜ୍ଞ ଜୟ ଶୋମ କହିଛନ୍ତି, ଥଣ୍ଡା ପାଗ ଶରୀରରେ ଅନେକ ଚାପ ସୃଷ୍ଟି କରେ। କମ ତାପମାତ୍ରା ରକ୍ତବାହୀ ନଳୀଗୁଡ଼ିକୁ ସଙ୍କୁଚିତ କରିଦିଏ, ଯାହା ରକ୍ତଚାପ ବୃଦ୍ଧି କରେ ଏବଂ ହାର୍ଟର କାର୍ଯ୍ୟଭାରକୁ ବୃଦ୍ଧି କରେ। ସେହି ସମୟରେ, ରକ୍ତ ସାମାନ୍ୟ ଘନ ହୋଇଯାଏ, ଯାହା ଜମାଟ ବାନ୍ଧିବାର ସମ୍ଭାବନାକୁ ଅଧିକ କରିଥାଏ। ଏହି ମିଶ୍ରଣ ହୃଦଘାତକୁ ତ୍ୱରାନ୍ୱିତ କରିପାରେ, ବିଶେଷକରି ଉଚ୍ଚ ରକ୍ତଚାପ, ମଧୁମେହ, କରୋନାରୀ ଅବରୋଧ ଥିବା ଲୋକଙ୍କଠାରେ ବେଶୀ ବିପଦ ଥାଏ। ପ୍ରଚୁର ଖାଦ୍ୟ, ଅତ୍ୟଧିକ ଲୁଣ ଏବଂ ମଦ୍ୟପାନ, ଶାରୀରିକ କାର୍ଯ୍ୟକଳାପ ହ୍ରାସ, ଖରାପ ନିଦ୍ରା ଏବଂ ଭାବପ୍ରବଣ ଚାପ ବିପଦକୁ ଆହୁରି ବୃଦ୍ଧି କରେ। ବିଶେଷକରି ସକାଳେ ଚାଲିବା କିମ୍ବା ଗାଧୋଇବା ସମୟରେ ହଠାତ୍ ଥଣ୍ଡା ସଂସ୍ପର୍ଶରେ ଆସିବା ଫଳରେ ହୃଦ ସମସ୍ୟା ବଢ଼ିପାରେ।

ଜୟପୁରର ସିକେ ବିର୍ଲା ହସ୍ପିଟାଲର ହୃଦରୋଗ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଡାକ୍ତର ରାହୁଲ ଶର୍ମା କହିଛନ୍ତି, 'ଥଣ୍ଡା ଯୋଗୁଁ ହେଉଥିବା ଅନେକ ଶାରୀରିକ ଏବଂ ଜୀବନଶୈଳୀ କାରଣରୁ ଶୀତଦିନେ ହୃଦଘାତ ବୃଦ୍ଧି ପାଏ। କମ୍ ତାପମାତ୍ରା ଯୋଗୁଁ ରକ୍ତବାହୀ ନଳୀ ସଂକୁଚିତ ହେବା ରକ୍ତଚାପ ବୃଦ୍ଧି କରେ ଏବଂ ହୃତପିଣ୍ଡକୁ ଅଧିକ କାମ କରିବାକୁ ବାଧ୍ୟ କରେ। ଏହା ସହିତ, ଥଣ୍ଡାର ସଂସ୍ପର୍ଶରେ ଆସିବା ଦ୍ୱାରା ଚାପ ହରମୋନ ବୃଦ୍ଧି ପାଏ, ଯାହା ରକ୍ତ ଜମାଟ ବାନ୍ଧିବାର ବିପଦ ବଢ଼ାଇପାରେ। ଏହା ହୃଦଘାତର ମୁଖ୍ୟ କାରଣ ମଧ୍ୟରୁ ଗୋଟିଏ। ଶୀତଦିନେ ପ୍ରାୟତଃ ଓଜନ ବୃଦ୍ଧି, ଖରାପ ଖାଦ୍ୟପେୟ, ଶାରୀରିକ କାର୍ଯ୍ୟକଳାପ ହ୍ରାସ ଏବଂ ଶ୍ୱାସକ୍ରିୟା ସଂକ୍ରମଣ ବୃଦ୍ଧି ପାଏ, ଯାହା ହାର୍ଟ ଉପରେ ଚାପ ପକାଇଥାଏ। ବୟସ୍କ ବ୍ୟକ୍ତି ଏବଂ ପୂର୍ବରୁ ହୃଦରୋଗ ଥିବା ବ୍ୟକ୍ତିମାନେ ଉଷ୍ମ ରହିବା, ବାରମ୍ବାର ବ୍ୟାୟାମ କରିବା, ରକ୍ତଚାପ ଏବଂ କୋଲେଷ୍ଟ୍ରଲକୁ ନିୟନ୍ତ୍ରଣ କରିବା ଦରକାର। ଯଦି ସେମାନଙ୍କର ଛାତି ଯନ୍ତ୍ରଣା ଭଳି ଲକ୍ଷଣ ଦେଖାଯାଏ ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ।'

# ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ଗରମ ମସଲା

ଖାଦ୍ୟ ଆମ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଜରୁରୀ ହୋଇଥାଏ। କିନ୍ତୁ କେବେ ଆପଣଙ୍କ ମନରେ ପ୍ରଶ୍ନ ଉଠିଛି କି ଆମେ କେଉଁ ପ୍ରକାରର ଖାଦ୍ୟ ଖାଇବା ଆମ ସ୍ୱାସ୍ଥ୍ୟ ପାଇଁ ଠିକ୍ ହୋଇଥାଏ। ତେବେ ଆମ ରୋଷେଇ ଘରେ ବିଭିନ୍ନ ପ୍ରକାରର ମସଲା ରହିଥାଏ। ତାମଧ୍ୟରୁ ଗରମ ମସଲା ଏକ ଭିନ୍ନ ମସଲା ହୋଇଥାଏ। କିନ୍ତୁ ଗରମ ମସଲା ଖାଇବା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ କି ? ସେଥିପାଇଁ ଆମେ ଆଜି ଆପଣଙ୍କୁ ଏହି ବିଷୟରେ କିଛି ବିଶେଷ କଥା ଜଣାଇବୁ। ଯେପରି ଶୀତଦିନେ ଆମେ କିପରି ଗରମ ମସଲା ବ୍ୟବହାର କରିପାରିବା ? ଶୀତଦିନେ ଗରମ ମସଲା ଖାଇବାର ଅନେକ ଲାଭ ମିଳିଥାଏ। ଗରମ ମସଲାକୁ ଅନେକ ପ୍ରକାରର ଔଷଧ ତିଆରି କରିବାରେ ବ୍ୟବହାର କରାଯାଏ। ଏହା ସ୍ୱାସ୍ଥ୍ୟ ପାଇଁ ବହୁତ ଲାଭଦାୟକ ହୋଇଥାଏ। ଗରମ ମସଲା ଶରୀରର ବିଭିନ୍ନ ଅଙ୍ଗରେ ଭିନ୍ନ ଭାବରେ କାମ କରେ। ଏଥିରେ ଉଭୟ ଆଣ୍ଟିବ୍ୟାକ୍ଟେରିଆଲ୍ ଏବଂ ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଉପାଦାନ ମିଳିଥାଏ। ଯାହା ଶରୀରର ଯନ୍ତ୍ରଣାକୁ କମ୍ କରିଥାଏ। ତେବେ ଶୀତଦିନେ ଆପଣ ଅନେକ ଉପାୟରେ ଗରମ ମସଲା ଖାଇପାରିବେ। ଏହାର ଲାଭ ଜାଣିବା ପୂର୍ବରୁ, ଆମେ ଆଜି ଆପଣଙ୍କୁ ଏହି ବିଷୟରେ କିଛି ବିଶେଷ କଥା ଜଣାଇବୁ ଯେ ଏହି ଗରମ ମସଲା କିପରି ତିଆରି କରାଯାଏ। ତେବେ ବିଭିନ୍ନ ପ୍ରକାରର ମିଶ୍ରଣରେ ଗରମ ମସଲା ତିଆରି କରାଯାଏ।



ଯେପରି ଗୋଟା ଧନିଆ, ଜିରା, ଗୁଜୁରାତି, ଅଳେଇଚ, ଚିନାବାଦାମ, ଲବଙ୍ଗ, ପାନମଧୁରୀ, ବିରିୟନି ଫୁଲ, ଜାଇଫଳ, ଜାୟତ୍ରୀ ଫୁଲ ଏବଂ ତେଜପତ୍ର ଏହି ସବୁ ଜିନିଷକୁ ମିଶାଇ ଗରମ ମସଲା ତିଆରି କରାଯାଏ।

ଇମ୍ୟୁନିଟି ବୁଷ୍ଟର୍ଃ ଗରମ ମସଲା ଏକ ପ୍ରକାର ଇମ୍ୟୁନିଟି ବୃଦ୍ଧିକାରୀ ମସଲା। ଏହା ଅନେକ ରୋଗରୁ ରକ୍ଷା କରିବା ପାଇଁ କାମ କରେ। ଏହାକୁ ଖାଇବା ଦ୍ୱାରା, ଥଣ୍ଡା ଏବଂ କାଶର ସମସ୍ୟାରୁ ମୁକ୍ତି ମିଳିଥାଏ। କାଶ ସମସ୍ୟାରୁ ମୁକ୍ତି ପାଇବାରେ ଏହା ଅତ୍ୟନ୍ତ ପ୍ରଭାବଶାଳୀ ହୋଇଥାଏ।

ଫୁଲାକୁ କମ୍ କରେଃ ଶରୀରରେ ଯନ୍ତ୍ରଣା ଏବଂ ଫୁଲା କମାଇବା ପାଇଁ ଗରାମ ମସଲା ଭଲ କାମ କରେ। ଏଥିରେ ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଗୁଣ ରହିଛି ଯାହା ଅନେକ ପ୍ରକାରର ସମସ୍ୟାରୁ ମୁକ୍ତି ଦେଇଥାଏ। ଏହା ହାଡକୁ ସୁସ୍ଥ କରିଥାଏ ଏବଂ ଗଣ୍ଠି ଯନ୍ତ୍ରଣାକୁ ଭଲ କରିଥାଏ। ଏଥି ସହିତ ଏହା ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ ମଧ୍ୟ ହୋଇଥାଏ।

ହଜମ ପ୍ରକ୍ରିୟା ପାଇଁ ଲାଭଦାୟକଃ ଗରମ ମସଲା ହଜମ ପ୍ରକ୍ରିୟା ପାଇଁ ଅତ୍ୟନ୍ତ ଲାଭଦାୟକ ହୋଇଥାଏ। ଏହି ମସଲା ପେଟକୁ ସୁସ୍ଥ ରଖିବା ସହିତ ମେଟାବୋଲିକ୍ କାର୍ଯ୍ୟକଳାପକୁ ଭଲ କରିଥାଏ। ଶୀତଦିନେ ଗରମ ମସଲା ଖାଇବା ଶରୀରକୁ ଗରମ କରିଥାଏ। ଏହା ଦ୍ୱାରା ଆପଣ ବହୁତ ସୁସ୍ଥ ମଧ୍ୟ ରହିଥାନ୍ତି। ସେଥିପାଇଁ ଆପଣ ନିଜ ଖାଦ୍ୟରେ ପ୍ରତିଦିନ ଗରମ ମସଲା ସାମିଲ କରିପାରିବେ।

# ଲେମ୍ବୁ ଗ୍ଲିସେରିନ ଓ ଗୋଲାପ ଜଳ ଆଣେ ମୁହଁର ସୌନ୍ଦର୍ଯ୍ୟ

ଆଜିକାଲି ସମସ୍ତେ ମେକଅପ୍ ବିନା ମଧ୍ୟ ଚମକଦାର ଏବଂ କୋମଳ ତ୍ୱଚା ପାଇବାକୁ ଚାହିଁଥାଆନ୍ତି। ତଥାପି ପ୍ରଦୂଷଣ, ଏବଂ ସୂର୍ଯ୍ୟର ପ୍ରଖର କିରଣ ତ୍ୱଚାରେ ମଳିନତା ସୃଷ୍ଟି କରିଥାଏ। ଏପରି ସ୍ଥିତିରେ ଘରୋଇ ଉପଚାର ହେଉଛି ସବୁଠାରୁ ସୁରକ୍ଷିତ ବିକଳ୍ପ। ଯଦି ଆପଣ ଲେମ୍ବୁ, ଗ୍ଲିସେରିନ୍ ଏବଂ ଗୋଲାପ ଜଳକୁ ନିଜ ତ୍ୱଚାରେ ସଠିକ ଭାବରେ ବ୍ୟବହାର କରନ୍ତି, ତେବେ ଆପଣଙ୍କୁ କୌଣସି କ୍ରିମ୍ କିମ୍ବା ଲୋସନର ଆବଶ୍ୟକତା ପଡ଼ିବ ନାହିଁ। ଏହା ବ୍ୟତୀତ ଏହି ମିଶ୍ରଣ ଆପଣଙ୍କ ତ୍ୱଚାକୁ ଭିତରୁ ପୋଷଣ ଯୋଗାଇବାରେ ସାହାଯ୍ୟ କରିଥାଏ। ନିୟମିତ ଏହାକୁ ବ୍ୟବହାର କରିବା ଦ୍ୱାରା ବିନା ମେକଅପରେ ଆପଣଙ୍କ ତ୍ୱଚା କୋମଳ ସହ ଉଜ୍ଜଳ ମଧ୍ୟ ଦେଖାଯାଇଥାଏ।

**ଆବଶ୍ୟକୀୟ ଉପକରଣଃ** ଲେମ୍ବୁ ରସଃ ୧ରୁ ୨ଚାମଚ, ଗ୍ଲିସେରିନ୍ଃ ୧ଚାମଚ, ଗୋଲାପ ଜଳଃ ୨ ଚାମଚ, ଛୋଟ ପାତ୍ର ଏବଂ ଚାମଚଃ ମିଶ୍ରଣ ତିଆରି କରିବା ପାଇଁ।

**ପ୍ରସ୍ତୁତି ପ୍ରଣାଳୀଃ** ଏହି ମିଶ୍ରଣକୁ ତିଆରି କରିବା ପାଇଁ ପ୍ରଥମେ ଏକ ଛୋଟ ପାତ୍ରରେ ଅଧ ଚାମଚ ଲେମ୍ବୁ ରସ ଢାଳନ୍ତୁ। ତାପରେ ଏଥିରେ ଗୋଟିଏ ଚାମଚ ଗ୍ଲିସେରିନ୍ ମିଶାନ୍ତୁ। ପରେ ଦୁଇ ଚାମଚ ଗୋଲାପ ଜଳ ମିଶାଇ ସବୁକିଛି କୁ ଭଲ ଭାବରେ ଫେଣ୍ଟି ଦିଅନ୍ତୁ। ଏହାପରେ ଆପଣଙ୍କ ଘରୋଇ ଫେସପ୍ୟାକ ପ୍ରସ୍ତୁତ ହୋଇଯିବ।

**କିପରି କରିବେ ବ୍ୟବହାରଃ** ଏହି ଘରୋଇ ଫେସପ୍ୟାକକୁ ବ୍ୟବହାର କରିବା ଆଗରୁ ପ୍ରଥମେ ଆପଣଙ୍କ ମୁହଁକୁ ଉଷୁମ ପାଣିରେ ଭଲ ଭାବରେ ଧୋଇ ଦିଅନ୍ତୁ। ତା'ପରେ, ଲେମ୍ବୁ, ଗ୍ଲିସେରିନ୍ ଏବଂ ଗୋଲାପ ଜଳର ମିଶ୍ରଣକୁ ଆପଣଙ୍କ ମୁହଁ ଏବଂ ବେକରେ ଧୀରେ ଧୀରେ ଲଗାନ୍ତୁ। ଏହାକୁ ୧୦ ରୁ ୧୫ ମିନିଟ୍ ପାଇଁ ମୁହଁରେ ଲଗାଇ ଶୁଖିବା ପାଇଁ ଛାଡି ଦିଅନ୍ତୁ। ଏହି ସମୟ ଭିତରେ ପ୍ୟାକଟି ଆପଣଙ୍କ ମୁହଁକୁ ପୋଷଣ ଯୋଗାଇବା ସହ ଆର୍ଦ୍ରତା ଦୂର କରିବାର କାର୍ଯ୍ୟ କରିଥାଏ। ମିଶ୍ରଣ ବା ପ୍ୟାକଟି ଶୁଖିଗଲା ପରେ ଉଷୁମ ପାଣିରେ ଆପଣଙ୍କ ମୁହଁ ଏବଂ ବେକକୁ ଭଲ ଭାବରେ ଧୋଇ ଦିଅନ୍ତୁ।ଏହାପରେ ସଫା ତଉଲିଆ ବା ରୁମାଲ ସାହାଯ୍ୟରେ ମୁହଁକୁ ଭଲଭାବରେ ପୋଛନ୍ତୁ। ଏହି ପ୍ରକ୍ରିୟାକୁ ସପ୍ତାହରେ ୨ରୁ ୩ ଥର କରନ୍ତୁ ଯାହାଫଳରେ ବିନା ମେକଅପରେ ମଧ୍ୟ ଆପଣଙ୍କ ମୁହଁ ଉଜ୍ଜ୍ୱଳ ଦେଖାଯିବ। ଏହି ପ୍ରାକୃତିକ ଉପଚାର ଗ୍ରହଣ କରି ଆପଣ ମହଙ୍ଗା ମେକଅପ୍ ଉପରେ ନିର୍ଭର ନକରି ମୁହଁରେ କୋମଳତା ଏବଂ ଚମକ ହାସଲ କରିପାରିବେ। ସନ୍ତୁଳିତ ଖାଦ୍ୟ, ପର୍ଯ୍ୟାପ୍ତ ପାଣି ଏବଂ ସୂର୍ଯ୍ୟ କିରଣରୁ ରକ୍ଷା ପାଇଲେ ଆପଣ ଆପଣଙ୍କ ମୁହଁରେ ଭଲ ଫଳାଫଳ ପାଇପାରିବେ।



# ଶୀତରେ କାହିଁକି ବଢ଼େ ଆଳସ୍ୟପଣ



ଆପଣଙ୍କୁ ଶୀତଦିନେ ସାରାଦିନ ଅଳସୁଆ ଅନୁଭବ ହେଉଛି କି ? ଅବଶ୍ୟ ପ୍ରାୟ ଲୋକ ଏହି ଋତୁରେ ଅଳସୁଆ ଅନୁଭବ କରିଥାନ୍ତି। କିଛି ଲୋକ ରେଜେଇ ବା କମ୍ବଳ ଭିତରୁ ବାହାରିବାକୁ ଇଚ୍ଛା କରି ନଥାନ୍ତି। ଯଦିଓ ବାହାରକୁ ଯିବାକୁ ବାଧ୍ୟ ହୋଇଥାନ୍ତି, ତେବେ ଗରମ ଚା' କିମ୍ବା ସୁପ୍ ପିଇବାକୁ ଆଗ୍ରହ ପ୍ରକାଶ କରିଥାନ୍ତି। କିନ୍ତୁ କେବେ ଭାବିଛନ୍ତି କି କେବଳ ଶୀତ ଋତୁରେ ଏପରି କାହିଁକି ହୁଏ ? ଚାଲନ୍ତୁ ଜାଣିବା ଏହାର କାରଣ ଓ ଦୂର କରିବାର ଉପାୟ। ଶୀତଦିନେ ଅଳସ ଅନୁଭବ ହେବାର ଅନେକ କାରଣ ରହିଛି। ପ୍ରାୟତଃ ଶୀତ ଋତୁରେ ଦିନ ଛୋଟ ଓ ରାତି ବଡ଼ ହୋଇଥାଏ। ଫଳରେ ସୂର୍ଯ୍ୟକିରଣ କମ୍ ମିଳିଥାଏ। ଯେପରିକି-

**ଭିଟାମିନ୍-ଡି'ର ଅଭାବଃ** ସୂର୍ଯ୍ୟକିରଣ ଅଭାବରୁ ଶରୀରରକୁ କମ୍ ଭିଟାମିନ୍-ଡି' ମିଳିଥାଏ। ଭିଟାମିନ୍-ଡି'ର ଅଭାବ ଶରୀରକୁ ପ୍ରଭାବିତ କରିଥାଏ। ଏହାଦ୍ୱାରା ହର୍‌ମୋନଜନିତ ଅସନ୍ତୁଳନ ଦେଖିବାକୁ ମିଳିଥାଏ। ଶରୀରରେ ମେଲାଟୋନିନ୍ ହର୍‌ମୋନ୍ ବଢ଼ିଚାଲେ। ଫଳରେ ଶରୀରରେ ଅସ୍ୱସ୍ଥି ଅନୁଭବ ହୋଇଥାଏ। ମେଲାଟୋନିନ୍ ନିଦ ପାଇଁ ଏକ ଜରୁରି ହର୍‌ମୋନ୍। ଶରୀରରେ ଏହାର ମାତ୍ରା ବଢ଼ିବା ଦ୍ୱାରା ନିଦ, ଥକ୍କାପଣ ଓ ଅଳସ ଆଦି ବଢ଼ିଥାଏ। ଏହା କେବଳ ମାଂସ ହାଡ଼କୁ ମଜବୁତ୍ କରିନଥାଏ ବରଂ ଶରୀରକୁ ଭରପୂର ଶକ୍ତି ମଧ୍ୟ ଦେଇଥାଏ। ତେଣୁ ଭିଟାମିନ୍-ଡି'ର ଅଭାବ ଯୋଗୁ ମଧ୍ୟ ଅସ୍ୱସ୍ଥି ଅନୁଭବ ହୋଇଥାଇପାରେ।

**କଫ ବଢ଼ିଲେଃ** ଆୟୁର୍ବେଦ ଅନୁସାରେ ଶୀତଦିନେ ଶରୀରରେ କଫର ମାତ୍ରା ବଢ଼ିଯାଇଥାଏ। କଫ ବଢ଼ିବା ଦ୍ୱାରା ଶରୀର ଓଜନିଆ ଓ ଅଳସୁଆ ଲାଗିଥାଏ। ଅଳସପଣ କ୍ରମଶଃ ମାନ୍ଦାରେ ପରିଣତ ହୋଇଥାଏ। ତେଣୁ କୌଣସି କାମ କରିବାକୁ ଇଚ୍ଛା ହୋଇନଥାଏ।

**କେମିତି ଦୂର କରିପାରିବେ ଅଳସପଣଃ** ଶୀତଦିନେ ହାଲ୍‌କା ଉଷୁମ ପାଣି ପିଇବାକୁ ଚେଷ୍ଟାକରନ୍ତୁ। ଏହା ଶରୀରକୁ ଜଳାଭାବରୁ ଦୂରେଇ ରଖିବ। ଏହା ସହିତ ନଡ଼ିଆ ପାଣି, ସୁପ୍ ଓ ଜୁସ୍ ଆଦ ପିଇବାକୁ ଭୁଲନ୍ତୁ ନାହିଁ। କମ୍ ସମୟ ପାଇଁ ହେଲେ ମଧ୍ୟ ସୂର୍ଯ୍ୟକିରଣରେ ନିଶ୍ଚୟ ବସନ୍ତୁ। ସତେଜ ଅନୁଭବ କରିବେ। ଡାଏଟ୍‌ରେ ଅଧିକରୁ ଅଧିକ ଶାଗ, ସବୁଜ ପନିପରିବା ଓ ଫଳମୂଳକୁ ସାମିଲ୍ କରନ୍ତୁ। ମଇଦା ଓ ବେସନ୍‌ଠାରୁ ଯଥାସମ୍ଭବ ଦୂରେଇ ରୁହନ୍ତୁ। ତ୍ୱଚାକୁ ମଧ୍ୟ ପ୍ରାକୃତିକ ଉପାୟରେ ସ୍କ୍ରବ୍ କରନ୍ତୁ। ଏହାଦ୍ୱାରା ତ୍ୱଚାରେ ରକ୍ତ ସଞ୍ଚାଳନ ବଢ଼ିବା ସହ ସତେଜ ଅନୁଭବ ହୋଇଥାଏ। ଏହି ଋତୁରେ ଅଧିକ ଖାଇବାଠାରୁ ଦୂରେଇ ରୁହନ୍ତୁ। ନଚେତ୍ ଅଳସୁଆ ଲାଗିବା ସ୍ୱାଭାବିକ୍। ଅଟା,ଚାଉଳ ଓ ବାଜରା କମ୍ ଖାଇବା ସହ ପନିପରିବାର ମାତ୍ରା ବଢ଼ାନ୍ତୁ। ଶୀତରେ ମିଠା କମ୍ ଖାଇବା ଓ କଫି କମ୍ ପିଇବାକୁ ଚେଷ୍ଟା କରନ୍ତୁ। ଏହା ପରିବର୍ତ୍ତେ ହର୍ବାଲ ଟି'ଓ ସୁପ୍ ଆଦି ପିଇବା ଉଚିତ୍।

### ଖଣିଜ ସମ୍ପଦରେ ଭରପୂର ସୁନ୍ଦରଗଡ଼ର ବିକଳ ଚିତ୍ର

# ଖାଲଖମାରେ ଭର୍ତ୍ତି ମୁଖ୍ୟ ରାସ୍ତା

**ସୁନ୍ଦରଗଡ଼,୩୦।୯ (ସଂଚାର ବ୍ୟୁରୋ):** ଖଣି ଖାଦାନରେ ଭରପୂର ସୁନ୍ଦରଗଡ଼ ଜିଲ୍ଲା । ରାଜ୍ୟକୁ ବିପୁଳ ରାଜସ୍ୱ ଦେଉଥିବା ଏହି ଜିଲ୍ଲା ମୁଖ୍ୟାଳୟ ସହରର ବର୍ତ୍ତମାନ ଚିତ୍ର କିନ୍ତୁ ବିକଳ । ସହରର ମୁଖ୍ୟ ରାସ୍ତା ଏବେ ଖାଲଖମାରେ ଭର୍ତ୍ତି ହୋଇଥିବା ବେଳେ ଅନେକ ସ୍ଥାନରେ ପିଚୁ ଉଠିଯାଇଛି । ରାସ୍ତାର ଏଭଳି ଅବସ୍ଥା ଯୋଗୁଁ ଦୁର୍ଘଟଣାର ଆଶଙ୍କା ବଢ଼ିଛି । ଏହା କୌଣସି ଉପାନ୍ତ ଅଞ୍ଚଳର ଚିତ୍ର ନୁହେଁ, ବରଂ ସୁନ୍ଦରଗଡ଼ ସହରର ମୁଖ୍ୟ ରାସ୍ତାର ଦୃଶ୍ୟ । ୨୦୨୨ ମସିହାରେ ଏହି ରାସ୍ତା ପୌରପାଳିକାଠାରୁ ପୂର୍ତ୍ତ



ବିଭାଗକୁ ହସ୍ତାନ୍ତର ହୋଇଥିଲା । ହେଲେ ରାସ୍ତାର ଅବସ୍ଥାରେ ସୁଧାର ଆସିନଥିବା ଅଭିଯୋଗ ହୋଇଛି । ଗୋଟିଏ କି ଦୁଇଟି ରାସ୍ତା ନୁହେଁ, ସହରର ଅନେକ ରାସ୍ତାର ସ୍ଥିତି ଏଭଳି ଥିବା ସ୍ଥାନୀୟ ଲୋକେ କହିଛନ୍ତି । ଖଣି ଖାଦାନ ପାଇଁ ପରିଚିତ ସୁନ୍ଦରଗଡ଼ ଜିଲ୍ଲାରେ ଡିଏମ୍‌ଏଫ୍ ଫଣ୍ଡରେ ବାର୍ଷିକ ପ୍ରାୟ ୧୨୫୦ କୋଟି ଟଙ୍କା ଆସୁଥିବା ଦାବି କରାଯାଉଛି । ଏତେ ପରିମାଣର ଅର୍ଥ ଥିବା ସତ୍ତ୍ୱେ ଜିଲ୍ଲା ମୁଖ୍ୟାଳୟର ରାସ୍ତାର ଏଭଳି ସ୍ଥିତିକୁ ନେଇ ପ୍ରଶ୍ନ ଉଠିଛି । ସ୍ଥାନୀୟ ଲୋକେ ବାରମ୍ବାର ପ୍ରଶାସନ ନିକଟରେ ଦାବି ଜଣାଇଥିଲେ ମଧ୍ୟ ସମସ୍ୟାର ସ୍ଥାୟୀ ସମାଧାନ ହୋଇନଥିବା ଅଭିଯୋଗ କରିଛନ୍ତି । ରାସ୍ତାର ତୁରନ୍ତ ମରାମତି ସହ ଦାବି ପୂରଣ ନହେଲେ ଆଗାମୀ ଦିନରେ ବଡ଼ ଧରଣର ଆନ୍ଦୋଳନ କରାଯିବ ବୋଲି ସୁନ୍ଦରଗଡ଼ବାସୀ ଚେତାବନୀ ଦେଇଛନ୍ତି । ଏହାରି ଭିତରେ ବିଭାଗୀୟ ଅଧିକାରୀଙ୍କ ପ୍ରତିକ୍ରିୟା ନେବାକୁ ଚେଷ୍ଟା କରାଯାଇଥିବା ବେଳେ କ୍ୟାମେରା ସମ୍ମୁଖରେ କିଛି କହିବାକୁ ଅଧିକାରୀମାନେ ମନା କରିଛନ୍ତି। ରାସ୍ତା ସମସ୍ୟାକୁ ନେଇ ଏବେ ସୁନ୍ଦରଗଡ଼ବାସୀଙ୍କ ମନରେ ଅନେକ ପ୍ରଶ୍ନ କେବେ ମିଳିବ ନିଜ ହକ୍ ? କାହିଁକି ଜିଲ୍ଲାର ବିକାଶକୁ ମିଳୁନାହିଁ ଗୁରୁତ୍ୱ ? ରାଜ୍ୟକୁ ବିପୁଳ ରାଜସ୍ୱ ଦେଉଥିବା ଜିଲ୍ଲାର ରାସ୍ତାର ଏଭଳି ସ୍ଥିତି କାହିଁକି ?

## ମା’ ପାଇଁ ଗଛଟିଏ କାର୍ଯ୍ୟକ୍ରମ, ଖେଳ ପଡ଼ିଆ ପାର୍ଶ୍ୱରେ ଚାରାରୋପଣ

**ବୈଶିଙ୍ଗା,୩୦।୯ (ସଂଚାର ବ୍ୟୁରୋ):** ଆଜି ରାଇକମା ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଜତ କୁମାର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଇକୋ କ୍ଲବର ସମସ୍ତ ସଦସ୍ୟମାନଙ୍କର ଉଦ୍ୟମ ତଥା ମାରାଂ ବୁରୁ ବାଛରା ସେମଲେଦ୍ କ୍ଲବ, ବଡଗୁମାଙ୍କ ମିଳିତ ସହଯୋଗରେ ବଡଗୁମା ଖେଳପଡ଼ିଆ ପାର୍ଶ୍ୱରେ ଦଶଗୋଟି ବଉଳ ଚାରା ରୋପଣ କରାଯାଇ ବାଡବନ୍ଦୀ କରାଯାଇଛି। ବିଦ୍ୟାଳୟର ପିଲାମାନେ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ‘ମା ପାଇଁ ଗଛଟିଏ’ ସ୍ଲୋଗାନ ଦେଇ ବଡ଼ଗୁମା ଗ୍ରାମ ପରିକ୍ରମା କରି ଖେଳ ପଡ଼ିଆରେ ପହଞ୍ଚିଥିଲେ। ମୁଖ୍ୟ ଅତିଥିଭାବେ ରଘୁନାଥ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଜିତ କୁମାର ଜେନା, ସ୍ଥାନୀୟ କ୍ଲବର ସଭାପତି ସୁନାରାମ ହେମ୍ବ୍ରମ୍, ସମ୍ପାଦକ ଭଗବାନ ଟୁଡୁ, ଖଡ଼ିକାପଦାର ସମସ୍ତ ଶିକ୍ଷକ, ଶିକ୍ଷିକା ଏବଂ ଉଭୟ ବିଦ୍ୟାଳୟର କମିଟି



ସଭାପତି, ସଦସ୍ୟମାନେ ଉପସ୍ଥିତ ରହି ବୃକ୍ଷରୋପଣର ଉପକାରିତା ବଖାଣିବା ସହିତ ପିଲାମାନଙ୍କୁ ଏ ଦିଗରେ ଉତ୍ସାହିତ କରିଥିଲେ। ବିଗତ ଦଶ ବର୍ଷ ଧରି ବିଭିନ୍ନ ମନ୍ଦିର, ଅନୁଷ୍ଠାନ, ଦୋକାନ ବଜାର, ରାସ୍ତା ପାର୍ଶ୍ୱ, ପଡ଼ିଆପାର୍ଶ୍ୱରେ ରାଇକମା ଆଶ୍ରମ ବିଦ୍ୟାଳୟର ବୃକ୍ଷ ରୋପଣ କାର୍ଯ୍ୟକ୍ରମକୁ ଅଞ୍ଚଳବାସୀ ସ୍ୱାଗତ ଜଣାଇଥିଲେ।

## ଶିଶୁଅନନ୍ତ ମହାବିଦ୍ୟାଳୟ ଶାଖା ଗଠିତ



**ବାଲିପାଟଣା,୩୦।୯ (ସଂଚାର ବ୍ୟୁରୋ):** ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ, ବାଲିପାଟଣା ନଗର ଅନ୍ତର୍ଗତ ଶିଶୁଅନନ୍ତ ମହାବିଦ୍ୟାଳୟରେ ମଙ୍ଗଳବାର ଦିନ ପରିଷଦର ଶାଖା ଗଠନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ଏହି କାର୍ଯ୍ୟକ୍ରମରେ ନୂତନ ଦାୟିତ୍ୱ ଘୋଷଣା କରାଯାଇଛି। ଶିଶୁଅନନ୍ତ ମହାବିଦ୍ୟାଳୟ ପରିଷଦ ସଭାପତି ଭାବେ ଶୁଭ୍ରାଂଶୁ ପ୍ରଧାନ, ଉପ-ସଭାପତି ଭାବେ ଦୀପାଳି ସ୍ୱାଇଁ ଓ ଆଦ୍ୟାଶା ମିଶ୍ର, ସମ୍ପାଦକ ଭାବେ ଆଦିତ୍ୟ ସ୍ୱାଇଁ ଏବଂ ସହ-ସମ୍ପାଦକ ଭାବେ ଅଙ୍କିତା ଜେନା ଓ ପୃଥ୍ୱୀରାଜ ସ୍ୱାଇଁ ମନୋନୀତ ହୋଇଛନ୍ତି।ଏହି ଅବସରରେ ୫୦ ରୁ ଉର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବାଲିପାଟଣା ନଗର ସମ୍ପାଦକ ସୌମ୍ୟ ରଞ୍ଜନ ବିଶ୍ୱାଳ ଏବଂ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶାଶ୍ୱତ କୁମାର ରଥ ଯୋଗଦେଇ ଥିଲେ।

## ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଭାଗର କିରାଣୀଙ୍କ ଅବସର

**ସୁବର୍ଣ୍ଣପୁର,୩୦।୯ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାର ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଭାଗର ବରିଷ୍ଠ କିରାଣୀ ଶ୍ରୀ ମାନଭଞ୍ଜନ ପଟ୍ଟନାୟକ ୩୦ ବର୍ଷ ୯ ମାସର ଦୀର୍ଘ ସରକାରୀ ସେବା ସମାପ୍ତ କରି ଆଜି ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ତାଙ୍କୁ



ବିଦାୟ ଦେବା ନିମନ୍ତେ ଏକ ଅବସରକାଳୀନ ସମ୍ମାନ ସଭା ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳୀନା ପ୍ରଧାନ ସଭାରେ ଅଧ୍ୟକ୍ଷତା କରି ଶ୍ରୀ ପଟ୍ଟନାୟକଙ୍କ ଦୀର୍ଘ ସରକାରୀ ସେବା ପାଇଁ ଶୁଭେଚ୍ଛା ଜଣାଇବା ସହ ତାଙ୍କ ଅବସର ଜୀବନ ସୁଖମୟ ଓ ଶାନ୍ତିପୂର୍ଣ୍ଣ ହେଉ ବୋଲି କାମନା କରିଥିଲେ। ଏହି ବିଦାୟ ସଭାରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରୀତି ସୁନା, ଜିଲ୍ଲା କ୍ରୀଡ଼ା ଅଧିକାରୀ ଚିତ୍ରଞ୍ଜନ ମିଶ୍ର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାସ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବୀଣାପାଣି ମିଶ୍ର, ଡେପୁଟି କଲେକ୍ଟର (ନିର୍ବାଚନ) କ୍ଲିଷ୍ଟନ ସାହୁ, ଡେପୁଟି କଲେକ୍ଟର ମନୋରଞ୍ଜନ ବଘାର, ସହକାରୀ କଲେକ୍ଟର ପ୍ରିୟଦର୍ଶିନୀ ସାହୁ, ସହକାରୀ କଲେକ୍ଟର ଜ୍ୟୋତି ମଲ୍ଲିକ ଏବଂ ସହକାରୀ କଲେକ୍ଟର ସତ୍ୟବ୍ରତ ସାହୁଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ଶ୍ରୀ ପଟ୍ଟନାୟକଙ୍କୁ ବିଦାୟ ଜଣାଇବା ସହ ଅବସର ଜୀବନ ପାଇଁ ଶୁଭକାମନା ଜଣାଇଥିଲେ। ସଭା ପରେ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ତାଙ୍କୁ ସାଦର ସହ ତାଙ୍କ ବାସଭବନ ପର୍ଯ୍ୟନ୍ତ ନେଇଯାଇ ବିଦାୟ ଜଣାଇଥିଲେ। ଦୀର୍ଘ ସରକାରୀ ସେବା ପାଇଁ ତାଙ୍କ ପ୍ରତି କୃତଜ୍ଞତା ଜଣାଇବା ସହ ସମସ୍ତେ ତାଙ୍କ ଅବସର ଜୀବନ ସୁଖମୟ, ସୁସ୍ଥ ଓ ଆନନ୍ଦମୟ ହେଉ ବୋଲି ଶୁଭେଚ୍ଛା ଜଣାଇଥିଲେ।

### କେଗାଁ ଦିବ୍ୟ ଗଡ଼କୁ ଭାଙ୍ଗିଲା ବିଜେପି

## ବିଜେଡି ଛାଡ଼ି ବିଜେପିରେ ଯୋଗଦାନ ଦେଲେ କେଗାଁ ସରପଞ୍ଚ

**ଧର୍ମଗଡ଼,୩୦।୯ (ସଂଚାର ବ୍ୟୁରୋ):** ଗୋଲାମୁଣ୍ଡା ବ୍ଲକ ବିଜେଡି ତଥା ପୂର୍ବତନ ମନ୍ତ୍ରୀ ତଥା ଜୁନାଗଡ଼ ବିଧାୟକ ଦିବ୍ୟ ଶଙ୍କର ମିଶ୍ର ଙ୍କ ଗଡ଼ ଥିବା ବେଳେ ଧିରେ ଧିରେ ବିଜେପି



ମୟ ହୋଇ ଚାଲିଛି। ଗତ ବର୍ଷ ଗୋଲାମୁଣ୍ଡା ବ୍ଲକ ର ପ୍ରାୟ ସରପଞ୍ଚ ଓ ସମିତି ସଭ୍ୟ/ସଭ୍ୟା ଶଙ୍ଖ ଦଳ ପରିତ୍ୟାଗ କରି ପଦ୍ମ ଦଳ ରେ ଯୋଗଦାନ ଦେଇଥିବା ବେଳେ ଗୋଲାମୁଣ୍ଡା ବ୍ଲକ ରେ ତିନି ଟି ମଣ୍ଡଳ ରେ ଜିଲ୍ଲା ପରିଷଦ ବିଜେଡି ପ୍ରାର୍ଥୀ/ପ୍ରାର୍ଥୀନି ଜିତି ଥିବା ବେଳେ ଗତ ଦୁଇ ମାସ ପୂର୍ବେ ତିନି ଜଣ ରୁ ଦୁଇ ଜଣ ଭୁବନେଶ୍ୱର ରାଜ୍ୟ ବିଜେପି କାର୍ଯ୍ୟାଳୟ ଠାରେ ବିଜେପି ରେ ଯୋଗଦାନ କରିଥିଲେ। ଗତ ସୋମବାର ଦିନ ରାଜ୍ୟ ସଭା ସାଂସଦ ସୁଜିତ କୁମାର ଓ ଗତ ଜୁନାଗଡ଼ ବିଜେପି ବିଧାୟକ ପ୍ରାର୍ଥୀ ମନୋଜ କୁମାର ମେହେର ଙ୍କ ଉପସ୍ଥିତି ରେ ରାଜ୍ୟ ଯୁବ ବିଜେପି କାର୍ଯ୍ୟ କାରିଣୀ ସଦସ୍ୟ ତଥା ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ଙ୍କ ନେତୃତ୍ୱ ରେ ଦୁଇ ଜଣ ସରପଞ୍ଚ ସମେତ ୨୮ ଗୋଟି ଗ୍ରାମ ପଞ୍ଚାୟତ ରୁ ପାଞ୍ଚ ଶହ ରୁ ଉର୍ଦ୍ଧ୍ୱ ବିଜେଡି ଓ କଂଗ୍ରେସ କର୍ମୀ ବିଜେପି ରେ ସାମିଲ ହୋଇଥିଲେ। ଆଜି ପୁଣି ଦିବ୍ୟ ଶଙ୍କର ମିଶ୍ର ଙ୍କ ଗଡ଼ କୁହା ଯାଉଥିବା କେଗାଁ ଅଞ୍ଚଳ ର ବର୍ତ୍ତମାନ ସରପଞ୍ଚ ୨୫ ବର୍ଷ ରୁ ବିଜେଡି ପାଇଁ କାମ କରୁଥିବା ଅମୃତ ବଛା ଓ ପୂର୍ବତନ କେଗାଁ ନାଏବ ସରପଞ୍ଚ ଜେନା ପୁଟେଲ ଦୁଇ ଜଣ ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ଙ୍କ ନେତୃତ୍ୱ ରେ ବିଜେଡି ଦଳ ତ୍ୟାଗ କରି ବିଜେପି ରେ ସାମିଲ ହୋଇଛନ୍ତି। ମୋ କେଗାଁ ଗ୍ରାମ ପଞ୍ଚାୟତ ର ଉନ୍ନତି ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜୀ ଙ୍କ ବିଭିନ୍ନ ପ୍ରକାର ଲୋକାଭିମୁଖୀ ଯୋଜନାରେ ଅନୁପ୍ରାଣିତ ହୋଇ ମୁଁ ଆଜି ବିଜେପି ରେ ସାମିଲ ହେଲି ବୋଲି କେଗାଁ ସରପଞ୍ଚ ପ୍ରତିକ୍ରିୟା ରଖିଛନ୍ତି।

## କଲେଜରେ ବିଶୁଦ୍ଧ ପାନୀୟଜଳ ଓ ଶୌଚାଳୟ ସମସ୍ୟା ନେଇ ଏସ୍‌ଏଫ୍‌ଆଇର ବିକ୍ଷୋଭ



**ବାଲିଆପାଳ,୩୦।୯ (ସଂଚାର ବ୍ୟୁରୋ):** ଶିକ୍ଷା ସମସ୍ୟାର ପ୍ରତିକାର ପାଇଁ ନବନିର୍ମାଣ କୃଷକ ସଂଘର ଡ଼ାକରାରେ ଓଡ଼ିଶା ବନ୍ଦ କାର୍ଯ୍ୟକ୍ରମକୁ ଏସ୍.ଏଫ୍.ଆଇ. ଦୀନକୃଷ୍ଣ କଲେଜ ଶାଖା ପକ୍ଷରୁ ନୈତିକ ସମର୍ଥନ କରି କଲେଜ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଅଛି। କଲେଜରେ ସାଧାରଣ ଗରିବ ଘରର ପିଲା ଅର୍ଥ ଅଭାବ ରୁ ଘରୋଇ ବିଦ୍ୟାଳୟରେ ପାଠ ପଢ଼ି ନ ପାରି ବାଧ୍ୟ ହୋଇ ଶିକ୍ଷା ଅର୍ଜନ କରିବା ପାଇଁ ଦୀନକୃଷ୍ଣ କଲେଜରେ ପାଠ ପଢୁଅଛନ୍ତି।ମାତ୍ର, ଉତ୍ତର ବାଲେଶ୍ୱରର ଏକ ପୁରୁଣା ସରକାରୀ କଲେଜ ହୋଇଥିଲେ ମଧ୍ୟ କର୍ତ୍ତୃପକ୍ଷ ମନଇଚ୍ଛା ଆଡ଼ମିସନ, ରି-ଆଡ଼ମିସନ ଓ ପରୀକ୍ଷା ଫିସ୍ ବୋଝ ଛାତ୍ରଛାତ୍ରୀମାନଙ୍କ କାନ୍ଧରେ ଲଦି ଦେଉଛନ୍ତି। ଏହା ସତ୍ତ୍ୱେ କଲେଜରେ ବିଶୁଦ୍ଧ ପାନୀୟ ଜଳ ଓ ବ୍ୟବହାର ଉପଯୋଗୀ ଶୌଚାଳୟର ସୁବିଧା ନାହିଁ। ଲାଇବ୍ରେରୀ ବହି ୭ ଦିନ ବଦଳରେ ବର୍ଷତମାମ ଛାତ୍ରଛାତ୍ରୀଙ୍କୁ ଦିଆଯାଉ। ଖେଳ ଉପକରଣ ଯୋଗାଇବା ସହିତ ଖେଳପଡ଼ିଆର ମରାମତି କରାଯାଉ, ଆବଶ୍ୟକ ସମସ୍ତ ଅଧ୍ୟାପକ ପଦବୀ ପୂରଣ କରିବା, ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକକୁ ସଂଶୋଧନ କରି କରିବା, କଲେଜରେ ଛାତ୍ରସଂସଦ ନିର୍ବାଚନ ଚାଲୁକରିବା, ଶିକ୍ଷା ଓ ନିଯୁକ୍ତି ଗ୍ୟାରେଣ୍ଟି ଇତ୍ୟାଦି ଦାବିରେ ସ୍ଲୋଗାନ୍ ଦିଆଯାଇ ଥିଲା। ଶିକ୍ଷାବିଭାଗର ଗୁରୁତ୍ୱର ବିଫଳତା ପାଇଁ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କର ଇସ୍ତଫା ଦାବି କରାଯିବା ସହିତ କୁଶପୁତ୍ତଳିକା ଦାହ କରା ଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅଚ୍ୟୁତାନନ୍ଦ ଜେନା, ରୋହିତ ବାରିକ, ସଞ୍ଜୟ ଜେନା, ବରୁଣ ଜେନା, ଭବତୋଷ ଦାସ, ରୋହିତସାହୁ, ଗୌତମ ମାହାଲି ପ୍ରମୁଖ ନେତୃତ୍ୱ ନେଇଥିଲେ।

## ବାଲିଆପାଳରେ ଅଙ୍ଗନୱାଡ଼ି ଆଙ୍ଗନ କା ଉତ୍ସବ ଉଦଯାପିତ



**ବାଲିଆପାଳ,୩୦।୯ (ସଂଚାର ବ୍ୟୁରୋ):** ସରକାରଙ୍କ ପକ୍ଷରୁ ତିନି ଦିନ ଧରି ଆୟୋଜିତ ହୋଇଆସୁଥିବା ଅଙ୍ଗନୱାଡ଼ି ଆଙ୍ଗନ କା ଉତ୍ସବ ଗୁରୁବାର ଉଦଯାପିତ ହୋଇଯାଇଛି। ଏହି ଉତ୍ସବ ବାଲିଆପାଳ ବ୍ଲକରେ ଥିବା ୩୮୭ ଟି ଅଙ୍ଗନବାଡ଼ି କେନ୍ଦ୍ରରେ ପାଳିତ ହୋଇଯାଇଛି। ଏହି କ୍ରମରେ ଶ୍ରୀରାମ ପଞ୍ଚାୟତରେ ଥିବା ରେମୁ ଅଙ୍ଗନବାଡ଼ି ୩ ରେ ମହାସମାରୋହରେ ପାଳିତ ହୋଇଛି। ମୁଖ୍ୟ ଅତିଥି ଭାବେ ବାଲିଆପାଳ ସିଡ଼ିପିଓ ସୁନିତା ନାୟକ, ସମ୍ମାନୀତ ଅତିଥି ଭାବେ ମମତା ପିଏ ଗୋପାଳ ଚନ୍ଦ୍ର ଗିରି, ସୁପରଭାଇଜର ଉର୍ମିଳା ସେନାପତି, ସୁମିତ୍ରା ପାତ୍ର, ସ୍ଥାନୀୟ ୱାର୍ଡମେମ୍ବର ଗୋପିନାଥ ରାଉତ ପ୍ରମୁଖ ଯୋଗଦେଇ ଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକାରର ପୋଷଣ ଯୁକ୍ତ ଖାଦ୍ୟ ପ୍ରସ୍ତୁତ କରି କୁନି ପିଲାଙ୍କୁ ପ୍ରଦାନ କରାଯାଇଥିଲା ଓ ପ୍ରଥମ ଦିନରେ ଅଭିଭାବକ ମାନଙ୍କ ଦ୍ୱାରା ତ୍ରୀରଙ୍ଗା ଥାଳି ସୋପାନରେ ପୋଷଣ ପିଠା, ଚୁଡା ଉପମା, ମାଣ୍ଡିଆ ପିଠା, କ୍ଷୀରି ପ୍ରଭୃତିର ଖାଦ୍ୟର ପ୍ରତିଯୋଗିତା, ଦ୍ୱିତୀୟ ଦିନରେ ପିଲାଙ୍କ ପ୍ରତିଭା ଅନେଷ୍ୱଣ କାର୍ଯ୍ୟକ୍ରମ, ତୃତୀୟ ଦିନରେ ସରକାରଙ୍କ ବିଭିନ୍ନ ଯୋଜନାର ବିସ୍ତୃତ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ପୁରସ୍କାର ବିତରଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅଙ୍ଗନବାଡ଼ି କର୍ମୀ ସ୍ନେହଲତା ଦେ ଏବଂ ପରିଚାଳନା କମିଟିର ସଦସ୍ୟ ସଦସ୍ୟା ମାନେ ପରିଚାଳନା କରିଥିଲେ।

### ଆଦର୍ଶ ବିଦ୍ୟାଳୟ ୧୦ମ ଶ୍ରେଣୀ ମୃତ୍ୟୁ ଘଟଣା

## ୨ ଶିକ୍ଷକ ନିଲମ୍ବିତ, ଜଣଙ୍କୁ କାରଣ ଦର୍ଶାଅ ନୋଟିସ୍

**ବାଲିପାଟଣା,୩୦।୯ (ସଂଚାର ବ୍ୟୁରୋ):** ଭାକରସାହି ଆଦର୍ଶ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ଅର୍ଣ୍ଣବ ସାହୁଙ୍କ ମୃତ୍ୟୁ ଘଟଣାରେ ଶିକ୍ଷା ବିଭାଗ ପକ୍ଷରୁ ୨ ଜଣ ଶିକ୍ଷକଙ୍କୁ ନିଲମ୍ବନ କରାଯାଇଛି। ବାଲିପାଟଣା ବାଳିକା ବିଦ୍ୟାଳୟର ଖେଳ ଶିକ୍ଷକ ଓ ନରଣଗଡ଼ ଡିଗ୍ରାମଣି ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟୀ ପ୍ରତାପ ପାତ୍ରଙ୍କୁ ନିଲମ୍ବନ ପାଇଁ ସୁପାରିସ କରାଯାଇଛି। ଅନ୍ୟ ଜଣେ ଶିକ୍ଷକ ସୁନିଲ ପଣ୍ଡାଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଥିବା ଜିଲ୍ଲା ଶିକ୍ଷାଧିକାରୀ ସୋନମିକା ରାୟ କହିଛନ୍ତି।ସୂଚନାଯୋଗ୍ୟ ସୋମବାର ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେବାକୁ ଅର୍ଣ୍ଣବଙ୍କ ସମେତ ଭାକରସାହି ଆଦର୍ଶ ବିଦ୍ୟାଳୟର ୧୫ ଜଣ ଛାତ୍ରଛାତ୍ରୀ ନରଣଗଡ଼ ଯାଇଥିଲେ। କିଛି ଇଭେଣ୍ଟ ମଙ୍ଗଳବାରକୁ ବାକି ରହିବାରୁ ସେମାନେ ସେଠାରେ ରାତ୍ରିଯାପନ କରିଥିଲେ। ମଙ୍ଗଳବାର ସକାଳେ ଅର୍ଣ୍ଣବଙ୍କ ସମେତ ୪ ଜଣ ଛାତ୍ର ନିକଟସ୍ଥ ଏକ ପୋଖରୀ ନିକଟକୁ ଯାଇଥିଲେ। ଅର୍ଣ୍ଣବ ଓ ଅନ୍ୟ ଜଣେ ଛାତ୍ର ପାଣିକୁ ଯାଇଥିବା ବେଳେ ଗଭୀର ପାଣିରେ ବୁଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନେଇଥିଲେ। ସେଠାରେ ଅର୍ଣ୍ଣବଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଘଟଣା ପରେ ଛାତ୍ରମାନେ ଶିକ୍ଷକଙ୍କ ତଦାରଖରେ ଥିବା ସତ୍ତ୍ୱେ କିପରି ବିଦ୍ୟାଳୟ ପରିସରରୁ ବାହାରି ପୋଖରୀ ନିକଟକୁ ଗଲେ, ରାତ୍ରିଯାପନ ସମୟରେ କାହା ଦାୟିତ୍ୱରେ ଥିଲେ ଏବଂ ଘଟଣା ସମୟରେ ଗାଇଡ୍ ଶିକ୍ଷକମାନେ କେଉଁଠି ଥିଲେ, ତାହାକୁ ନେଇ ପ୍ରଶ୍ନ ଉଠିଛି ଅନ୍ୟପକ୍ଷରେ, ଅର୍ଣ୍ଣବଙ୍କ ମାଆ ତରୁଲତାଙ୍କ ଅଭିଯୋଗ ଆଧାରରେ ଜଙ୍କିଆ ଥାନା ପୁଲିସ ୫୯୪/୨୬ରେ ମାମଲା ରୁଜୁ କରି ତଦନ୍ତ କରୁଛି। ବୁଧବାର ଅଭିଭାବକ ଓ ସମ୍ପର୍କୀୟମାନେ ବାଲିପାଟଣା ଥାନାରେ ଲିଖିତ ଅଭିଯୋଗ କରିବା ସହ ଭାକରସାହି ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ଅର୍ଣ୍ଣବଙ୍କ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବା ପାଇଁ ଉଚ୍ଚସ୍ତରୀୟ ତଦନ୍ତ ସେମାନେ ଦାବି କରିଥିଲେ। ଘଟଣା ପୂର୍ବରାତିରେ ଛାତ୍ରମାନଙ୍କ ମଧ୍ୟରେ ଝଗଡ଼ା ଓ ହାତାହାତି ହୋଇଥିବା ନେଇ ମଧ୍ୟ ଅଭିଭାବକମାନେ ଅଭିଯୋଗ କରିଛନ୍ତି।

## ଦୁଇଟି ମାମଲାରେ ୨ ଗିରଫ

**ବୈଶିଙ୍ଗା,୩୦।୯ (ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅନ୍ତର୍ଗତ ବୈଶିଙ୍ଗା ପଞ୍ଚାୟତର ମହୁରୀ ଗ୍ରାମରେ ଗୋଟିଏ ଘଟଣାକୁ ନେଇ ଏକ ମାମଲା ରୁଜୁ ହେବା ସହିତ ପାଲଟା ଅଭିଯୋଗ ମୂଳେ ଆଉ ଏକ ମାମଲାରେ ବୈଶିଙ୍ଗା ପୁଲିସ ଦୁଇ ଜଣ ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଘଟଣାରୁ ପ୍ରକାଶ ମହୁରୀ ଗ୍ରାମର ବିଦ୍ୟାଧର ରାଉତ ଙ୍କ ପୁଅ ସତ୍ୟଜିତ୍ / ଚେପା (୨୩) ରାତି ୮ ଘ.ସମୟରେ ଘରକୁ ଫେରୁଥିବା ବେଳେ ସେହି ଗ୍ରାମର ସୁରେନ୍ଦ୍ର ଦଳେଇଙ୍କ ପୁଅ ବିଜୟ /ବିଜୁ (୨୫) ଚେପା କୁ ଅଟକାଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାର ଧମକ ଦେଇଥିଲା। ଏନେଇ ସତ୍ୟଜିତ ର ଅଭିଯୋଗ କ୍ରମେ ୫୦୫/୨୬ ମୂଳେ ଏକ ମାମଲା ରୁଜୁ ହୋଇଥିଲା। ଏହାର ପାଲଟା ଜବାବରେ ବିଜୟ ଦଳେଇ ଏକ ଅଭିଯୋଗ କରିଥିଲଯେ ସତ୍ୟଜିତ୍ ଓ ତାର ବାପା ବିଦ୍ୟାଧର ଉଭୟେ ତାକୁ ମାଡ ମାରିବା ସହିତ ଜୀବନରୁ ମାରିଦେବାର ଧମକ ଦେଇଥିବାର ଏକ ଅଭିଯୋଗ କରିଥିଲା।

## ଦୁଷ୍କର୍ମ ମାମଲାରେ ଜଣେ ଗିରଫ, କୋର୍ଟ ଚାଲାଣ

**ବୈଶିଙ୍ଗ,୩୦।୯ (ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅନ୍ତର୍ଗତ ନିମଡିହା ଗ୍ରାମରେ ଗତ କାଲି ମଙ୍ଗଳବାର ଅପରାହ୍ନରେ ଏକ ଦୁଷ୍କର୍ମ ମାମଲାରେ ଜଣେ ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିବା ଜଣାଯାଇଛି। ଘଟଣାରୁ ପ୍ରକାଶ ନିମଡିହା ଗ୍ରାମର ଜଗବନ୍ଧୁ ହେମ୍ବ୍ରମ ଙ୍କ ସ୍ତ୍ରୀ ସେହାଗୀ (୪୫) ଗ୍ରାମର ଆଶା ଦିଦିଙ୍କ ଠାରୁ ଘରକୁ ଫେରୁଥିବା ବେଳେ ସେହି ଗ୍ରାମର ଚାନ୍ଦୁ ମୁର୍ମୁର ପୁତ୍ର କୁସୁ ମୁର୍ମୁ (୩୫) ସେହାଗୀ କୁ ଏକ ପରିତ୍ୟକ୍ତ ଘରକୁ ଡାକି ନେଇ ଦୁଷ୍କର୍ମ କରିଥିଲା। ଏହି ସମୟରେ ସେହାଗୀର ସ୍ୱାମୀ ଜଗବନ୍ଧୁ ପହଞ୍ଚି ଯିବା ପରେ ଘଟଣା ଗ୍ରାମରେ ବିଚାର ହୋଇଥିଲା। ସମାଧାନ ନି ହେବାକୁ ମାମଲା ଥାନାକୁ ଆସିଥିଲା। ପୋଲିସ ୫୦୩/୨୬ ମୂଳେ ଏକ ମାମଲା ରୁଜୁ କରିବା ସହିତ କୁସୁ ମୁର୍ମୁ କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଆଇ ଆଇ ସି ବାବା ଶଙ୍କର ସରାଫ୍ ନିଜେ ଘଟଣା ତଦନ୍ତ କରୁଛନ୍ତି।

● ମହଙ୍ଗା ପଡିଲା ମୋଡିଫାଏଡ୍ ସାଇଲେନ୍ସର ଲଗାଇବା!

## ଟାଉନ୍ ଥାନା ପୁଲିସର ଚଢ଼ାଉ, ୭ ବାଇକ୍ ଜବତ

**ଭବାନୀପାଟଣା,୨୯।୯ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା ଭବାନୀପାଟଣା ସହରରେ ବଢ଼ୁଥିବା ଶବ୍ଦ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ଏବଂ ମୋଟର ଯାନ ଆଇନର କଡ଼ାକଡ଼ି ପାଳନ ଲକ୍ଷ୍ୟରେ ସ୍ଥାନୀୟ ଟାଉନ୍ ଥାନା ପୋଲିସ ପକ୍ଷରୁ ଏକ ବିଶେଷ ଚେକିଂ ଅଭିଯାନ କରାଯାଇଛି । ଗାଡ଼ିରେ କମ୍ପାନୀ ସାଇଲେନ୍ସର କାଢ଼ି ବେଆଇନ ଭାବେ ମୋଡିଫାଏଡ୍ ସାଇଲେନ୍ସର ଲଗାଇ ବିକଟାଳ ଶବ୍ଦ ସୃଷ୍ଟି କରୁଥିବା ବାହନ ଚାଳକଙ୍କ ଉପରେ ପୋଲିସ କଡ଼ା ନଜର ରଖିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ବୁଧବାର ଏହି ସ୍ୱତନ୍ତ୍ର ଜାଞ୍ଚ ଅଭିଯାନ ସମୟରେ ଟାଉନ୍ ଥାନା ପୋଲିସ ଟିମ୍ ସହରର ବିଭିନ୍ନ ପ୍ରମୁଖ ଛକରେ ଯାଞ୍ଚ କ୍ରିୟା କଡ଼ାକଡ଼ି କରିଥିଲେ। ପ୍ରଚଣ୍ଡ ଓ କାନଫଟା ଶବ୍ଦ ସୃଷ୍ଟି କରୁଥିବା ୭ଟି ଦୁଇଚକିଆ ଯାନ (ବିଶେଷ କରି ବୁଲେଟ୍ ଓ ସ୍ପୋର୍ଟସ୍ ବାଇକ୍) କୁ ପୋଲିସ ଜବତ କରିଛି। ଏହାସହ ନିୟମ ଭଙ୍ଗକାରୀଙ୍କ ବିରୋଧରେ ମୋଟର ଯାନ ଆଇନ୍ ଅନୁଯାୟୀ ଚାଲାଣ କାଟି ମୋଟ ୮୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି ।

## ମଧ୍ୟାହ୍ନ ଭୋଜନ ଦେବାରେ ବିଳମ୍ବ, ପ୍ରତିବାଦରେ ସ୍କୁଲ ଗେଟରେ ତାଲା



**ବାଲିଆପାଳ,୩୦।୯ (ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକ ଜାମକୁଣ୍ଡା ପଞ୍ଚାୟତର ଥିବା ବଡ ତାଳପଦା ପ୍ରାଥମିକ ବିଦ୍ୟାଳୟରେ ପିଲାମାନଙ୍କୁ ମଧ୍ୟାହ୍ନ ଭୋଜନ ସମୟ ଅନୁଯାୟୀ ନିୟମିତ ଭାବରେ ମିଳୁନଥିବାରୁ ଛାତ୍ର ଅଭିଭାବକ ଏବଂ ପରିଚାଳନା କମିଟିର ସଦସ୍ୟ ମାନେ ବୁଧବାର ବିଦ୍ୟାଳୟର ଗେଟରେ ତାଲା ପକାଇ ପ୍ରତିବାଦ କରିଛନ୍ତି। ସୁଚନା ଅନୁସାରେ ସ୍ଥାନୀୟ ଅଞ୍ଚଳର ମା ମଙ୍ଗଳା ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ବିଦ୍ୟାଳୟର ମଧ୍ୟାହ୍ନ ଭୋଜନ ଦାୟିତ୍ୱ ଦିଆଯାଇଥିଲା। ମାତ୍ର ଗୋଷ୍ଠୀରେ ଥିବା ମହିଳା ମାନଙ୍କ ମଧ୍ୟରେ ଟାଳଟୁଳ ନୀତି ପାଇଁ ବିଳମ୍ବରେ ରୋଷେଇ ହେବା, ପିଲାଙ୍କୁ ଦୁଇଟା ପରେ ଖାଇବା ପାଇଁ ଦେବା ଯୋଗୁଁ ପାଠ ପଢାରେ ବିଳମ୍ବ ହେବା ସହିତ ବିଭିନ୍ନ ସମୟରେ ପିଲାମାନେ ଭୋକରେ ରହୁଛନ୍ତି। ଏହି ଘଟଣା ବାରମ୍ବାର ହେଉଥିବାରୁ ତିନି ମାସ ପୂର୍ବରୁ ବାଲିଆପାଳ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିଲା ନାହିଁ। ଅଭିଭାବକ ଏବଂ ପରିଚାଳନା କମିଟିର ସଦସ୍ୟ ମାନେ ଏନେଇ ବୁଧବାର ଏହାର ପ୍ରତିବାଦରେ ସ୍କୁଲ ଗେଟରେ ତାଲା ପକାଇବା ସହିତ ମଧ୍ୟାହ୍ନ ଭୋଜନ ଦେଉଥିବା ଗୋଷ୍ଠୀଙ୍କୁ ଏଥିରୁ ବାଦ ଦେବା ପାଇଁ ଦାବି କରିଥିଲେ। ପରେ ଘଟଣା ସ୍ଥଳରେ ବାଲିଆପାଳ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବଂଶଧର ନାୟକ ପହଞ୍ଚି ଉକ୍ତ ଗୋଷ୍ଠୀଙ୍କୁ ଏଥିରୁ ନିବୃତ୍ତ କରାଯିବ କହିବା ପରେ ବିଦ୍ୟାଳୟ ଗେଟରେ ତାଲା ଖୋଲାଯାଇଥିଲା।

## ୩ ଦିନ ଧରି ‘ଆଙ୍ଗନ କା ଉତ୍ସବ’ ପାଳିତ



**ଧାମନଗର,୨୯।୯ (ସଂଚାର ବ୍ୟୁରୋ):** ଧାମନଗର ବ୍ଲକ ଏବଂ ଏନ୍‌ଏସିଅଞ୍ଚଳରେ ରାଜ୍ୟ ସରକାରଙ୍କ ‘ସେବା ସଙ୍କଳ୍ପ ଅଭିଯାନ’ ଏବଂ ‘ନବମ ପୋଷଣ ମାସ’ ଅବସରରେ ୩ ଦିନ ଧରି ‘ଆଙ୍ଗନ କା ଉତ୍ସବ’ ବିଭିନ୍ନ ଅଙ୍ଗନବାଡ଼ି କେନ୍ଦ୍ର ଗୁଡ଼ିକରେ ଗର୍ଭବତୀ ମହିଳା, କିଶୋରୀ ଓ ଶିଶୁମାନଙ୍କ ସହ ଅଭିଭାବକମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏହି ଅବସରରେ ପୋଷଣ, ସ୍ୱାସ୍ଥ୍ୟ, ପରିଷ୍କାର - ପରିଚ୍ଛନ୍ନତା ଓ ଶିଶୁମାନଙ୍କ ଯତ୍ନ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା। ଏହି ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ପଞ୍ଚାୟତ ଅଧିନ କୋରୁଆ ସମେତ ବିଭିନ୍ନ କେନ୍ଦ୍ରରେ ଅଙ୍ଗନବାଡ଼ି କର୍ମୀ ସୁମିତ୍ରା ଜେନା, ଲୀଳାବତୀ ଦାସ, ପୁଷ୍ପଲତା ସ୍ୱାଇଁ, ସନ୍ଧ୍ୟାରାଣୀ ରାଉତ ଓ ପ୍ରଣତି ପଣ୍ଡାଙ୍କ ସହଯୋଗ ରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଧାମନଗର ଏନ୍‌ଏସିଅନ୍ତର୍ଗତ ଶାମପୁରଙ୍କ ସମେତ ବିଭିନ୍ନ ଅଙ୍ଗନବାଡ଼ି କେନ୍ଦ୍ରରେ ଏଭଳି ଆୟୋଜନ ମାଧ୍ୟମରେ ମହିଳା ଓ ଶିଶୁଙ୍କ ପୋଷଣ ଓ ସ୍ୱାସ୍ଥ୍ୟ ଅଙ୍ଗନବାଡ଼ି ଦିଦି ଓ ଅତିଥି ମାନଙ୍କ ମଧ୍ୟରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### କେନାଲ ଯାଗାରେ ବାର୍ ମହଙ୍ଗା ପଡ଼ିଲା

# ଉଚ୍ଛେଦ ପାଇଁ ପ୍ରଶାସନର ମାପଚୁପ ଶେଷ

**ମୁନିଗୁଡା,୩୦।୯ (ସଂଚାର ବ୍ୟୁରୋ):** ରାୟଗଡ଼ା ଜିଲ୍ଲା ମୁନିଗୁଡା ସଦର ମହକୁମା ସ୍ଥିତ ପାଇକ ସାହି ଦେଇ ଯାଇଥିବା ସକଟା କେନାଲକୁ ଅବରୋଧ କରି ପ୍ରଶାସନର ସଲାସୁତରାରେ ଦୀର୍ଘଦିନ ହେବ ବେଆଇନ ମଦ ବାର କାର୍ଯ୍ୟକାରୀ ହୋଇ ଆସୁଥିଲା।



କ୍ଷୁଦ୍ର ଜଳସେଚନ ବିଭାଗ ର ଅଧୀକାରୀମାନେ କେନାଲକୁ ଅବରୋଧ କରିଥିବା ଏହି ମଦବାର ବିଷୟରେ ଅବଗତ ଥିଲେ ମଧ୍ୟ ମାଲିକ ସହ ମଧୁ ଚନ୍ଦ୍ରିକାରେ ଆଖିବୁଜି ଦେଇଥିଲେ।ଏତେ ବର୍ଷ ଚାଷୀଙ୍କ ଚାଷରେ ବ୍ୟାଘତ ସୃଷ୍ଟି ହୋଇଆସୁଥିଲେ ବି ବାର ମାଲିକର ଅର୍ଥ ପ୍ରଶାସନୀକ ଅଧିକାରୀଙ୍କୁ ଅନ୍ଧକରି ଦେଇଥିଲା। ନିଜର ସ୍ୱାର୍ଥ ପାଇଁ ଚାଷୀଙ୍କ ଚାଷ ଉଜାଡି ଦେଇ ଏମ୍ ଆଇ ଅଧିକାରୀ ସ୍ଥାଣୁ ପାଲଟି ଯାଇଥିଲେ। ଏପଟେ ଏହି ମଦବାର କେନାଲକୁ ଅବରୋଧ କରିବା ସହ ଅନ୍ୟମାନେ ମଧ୍ୟ କେନାଲ ଅବରୋଧ କରି ରାସ୍ତା ଗୃହ ମଧ୍ୟ କରିବାକୁ ପଛାଇଲେ ନାହିଁ। ଯାହାଫଳରେ ହଜାରହଜାର ଏକର ଜମିକୁ ପାଣି ଯିବା ବନ୍ଦ ହେଇଯାଇଛି। ଏଥିପାଇଁ ଚାଷୀ ଚାଷ ହରାଇ ମୁଣ୍ଡରେ ହାତ ଦେଇ ଭାଗ୍ୟକୁ ଆଦରୀ ରହୁଥିଲେ। ଏମ ଆଇ ଅଫିସରେ ଗୁହାରି କରୁଥିଲେ ମଧ୍ୟ ସେମାନେ କର୍ଣ୍ଣ ପାତ କରୁନଥିଲେ। ଚାଷୀମାନଙ୍କର କେନାଲରୁ ପାଣି ଜମିକୁ ଯାଇ ପାରୁନଥିବାରୁ ମୁନିଗୁଡାର କେତେକ ଚାଷୀଙ୍କ ସମେତ ବାଦଲ ବେହେରା କେନାଲ ଜମିରୁ ମଦ ବାର ଉଚ୍ଛେଦ କରି ସ୍ୱାଭାବିକ କେନାଲରେ ପାଣି ଛାଡିବାକୁ ମୁଖ୍ୟମନ୍ତ୍ରୀ ଓ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଥିଲେ। ପ୍ରଶାସନର ନିର୍ଦ୍ଦେଶ ପ୍ରକାରେ ଆଜି ରାଜସ୍ୱ ନିରୀକ୍ଷକ, ଅବକାରୀ ବିଭାଗ ଇନିସ୍ପେକ୍ଟର ଏବଂ କ୍ଷୁଦ୍ର ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀଙ୍କ ମିଳିତ ସହଯୋଗରେ ମାପ କରାଯାଇଥିଲା। ସରକାରୀ କେନାଲ ଜାଗା ଖାତାନଂ୮୦ଓ ପ୍ଲଟନଂ ୩୦ ରେ ଦୀର୍ଘ ଦୀନ ହେବ ବେନୀୟମ ମଦ ବାର ନିର୍ମାଣ ହୋଇଛି ବୋଲି ମିଳିତ ମାପ ସମୟରେ ରାଜସ୍ୱ ନୀରୀକ୍ଷକ ପ୍ରକାଶ କରିଛନ୍ତି। ଏହି ବେନୀୟମ ମଦବାରକୁ ନେଇ ସାଧାରଣରେ ପ୍ରଶ୍ନ ଉଠୁଛି, ଟିକରପଡା ମୌଜାର ଖାତାନଂ ୭୭/୧୧୧୬ ଓପ୍ଲଟ ନଂ ୩୪ ଯାହାକି ମଦ ବାର ହେଉଥିବା କେନାଲ ର ବିପରିତ ପଡ଼ିଆ, ଏହି ଜାଗାରେ ମଦ ବାର ହେବାକୁ ଲାଇସେନ୍ସ ମିଳିଛି, ହେଲେ ମଦବାର ମାଲିକ ରାମ ଚନ୍ଦ୍ର ମହାନ୍ତି ଚତୁରତା ସହିତ ନିଜର ପଟ୍ଟା ଜାଗାରେ ବାର ନିର୍ମାଣ ନକରି ଜନସାଧାରଣଙ୍କୁ ଭୁତେଇ କେନାଲକୁ ଅବରୋଧ କରି ବାର ଚଳାଇଥିଲେ।